ଧରିତ୍ରୀ
DHARITRI
ଶନିବାର, ଜୁନ୍ ୬/୨୦୨୦ (୨୦ ପୃଷ୍ଠା)
Saturday, June 6/2020
୪୬ଶ ଭାଗ ୧୯୧ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada
ମୂଲ୍ୟ ₹ ୪/-



## ଟପ୍ ୧୦ରେ କୋହଲି

ଲକ୍‌ଡାଉନ୍ ସମୟରେ 'ଇନ୍‌ଷ୍ଟାଗ୍ରାମ୍'ରେ ପୋଷ୍ଟ କରି ବିରାଟ କୋହଲି ବିଶ୍ୱରେ ଶ୍ରେଷ୍ଠ ଆୟକାରୀ ଆଥଲେଟଙ୍କ ତାଲିକାରେ ଟପ୍ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

୨୦ ୧୦

## ସହଯୋଗର ହାତ ବଢ଼ାଇଲେ ନୋରା

ବଲିଉଡ୍ ଅଭିନେତ୍ରୀ ନୋରା ଫତେହି କରୋନା ରୋଗୀଙ୍କ ଚିକିତ୍ସା କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ପିପିଇ କିଟ୍ ଡୋନେଟ୍ କରିଛନ୍ତି।





ପୁରୀ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଶୁକ୍ରବାର ସେବାୟତମାନେ ମହାପ୍ରଭୁଙ୍କୁ ସ୍ନାନ କରାଉଛନ୍ତି।

# ବିନା ଭକ୍ତରେ ସ୍ନାନଯାତ୍ରା

**ଶ୍ରୀମନ୍ଦିର ଇତିହାସରେ ପ୍ରଥମ**

- ୧୦୮ ଗଡ଼ୁ ଜଳରେ ପ୍ରତ୍ୟକ୍ଷ ସ୍ନାନକଲେ ଦାରୁଦିଅଁ
- ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ
- ଅଣସର ପିଣ୍ଡିରେ ଚତୁର୍ଦ୍ଧାବିଗ୍ରହ

**ପୁରୀ ଅଫିସ, ୫।୬**

ଶ୍ରୀମନ୍ଦିର ଇତିହାସରେ ଯାହା ହୋଇ ନ ଥିଲା ତାହା ହିଁ ହେଲା। ପ୍ରଥମଥର ପାଇଁ ବିନା ଭକ୍ତରେ ହେଲା ସ୍ନାନଯାତ୍ରା। ଶୁକ୍ରବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବିଧି ମୁତାବକ ସ୍ନାନବେଦିକୁ ଆସିଲେ ଚତୁର୍ଦ୍ଧାବିଗ୍ରହ, କଲେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀବେଶରେ ସଜେଇ ହେଲେ। ମାତ୍ର ମହାପ୍ରଭୁଙ୍କ ଏହି ଦିବ୍ୟ ସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ କରିବାକୁ ଶ୍ରୀମନ୍ଦିର କି ସିଂହଦ୍ୱାରରେ ନ ଥିଲେ ଶ୍ରଦ୍ଧାଳୁ। ବଡ଼ଦାଣ୍ଡରେ ବି ନ ଥିଲା ଗହଳିଚହଳି। ପ୍ରଶାସନପକ୍ଷରୁ ୧୪୪ ଧାରା ଜାରିଯୋଗୁ ମାର୍କେଟ ଛକରୁ କାକୁଡ଼ିଖାଇ ଛକ ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ସମ୍ପୂର୍ଣ୍ଣ ନୀରବତା ଛାଇଯାଇଥିଲା। ୧୦୮ ଗଡ଼ୁ ଜଳରେ ସ୍ନାନକରି ଜ୍ୱରରେ ପଡ଼ିବା ପରେ ଏବେ ଅଣସର ଘରେ ଚତୁର୍ଦ୍ଧାବିଗ୍ରହ। ଜ୍ୱର ଉପଶମ ପାଇଁ ଉପଚାର ଆରମ୍ଭ କରିଛନ୍ତି ଦଇତାପତି ସେବକ। ଏଥର ୧୫ ଦିନ ଧରି ଅଣସର ପିଣ୍ଡିରେ ଚାଲିବ ମହାପ୍ରଭୁଙ୍କ ଏହି ଗୁପ୍ତସେବା।

କରୋନା ପାଇଁ ଏଥର ବିନା ଭକ୍ତରେ ସ୍ନାନଯାତ୍ରା ଲାଗି ନିଷ୍ପତ୍ତି ହୋଇଥିଲା। ସାହାଣ ମେଲା ଦର୍ଶନ ମଧ୍ୟ ବନ୍ଦ କରାଯାଇଥିଲା। ତେଣୁ ଏଥର ନୀତିକାନ୍ତି ସଅଳ ସାରି ୧୫ ଦିନିଆ (ଦୀର୍ଘବର୍ଷ ଧରି ୧୪ଦିନିଆ ଅଣସର ହୋଇଆସୁଥିଲା) ଅଣସର କରିବା ଲାଗି ପ୍ରସ୍ତୁତ ଥିଲେ ସେବାୟତ ଏବଂ ପ୍ରଶାସନ। ନୀତି ନିର୍ଘଣ୍ଟଠାରୁ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ଗୁରୁବାର ରାତି ୧ଟା ୨୫ରେ ମଙ୍ଗଳାର୍ପଣ ନୀତି ପରେ ୧ଟା ୪୦ରେ ବାଜିଥିଲା ବିଜେ କାହାଳୀ। ଏହାପରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ ତା' ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ☞ପୃଷ୍ଠା-୪

## ଛେରା ପହଁରା କଲେ ମୁଦିରଥ



**ଗାଇଡ୍‌ଲାଇନ ମାନି ଶ୍ରୀନଅରରେ ରହିଲେ ଗଜପତି**

**ପୁରୀ ଅଫିସ,୫।୬**

ଶୁକ୍ରବାର ସ୍ନାନଯାତ୍ରାରେ ସ୍ନାନମଣ୍ଡପକୁ ଆସି ନ ଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ତାଙ୍କ ପ୍ରତିନିଧି ଭାବେ ଛେରାପହଁରା କରିଛନ୍ତି ମୁଦିରଥ। ତେବେ ଗଜପତି ମହାରାଜା ଛେରାପହଁରା କରିବାକୁ ଆସିବେ ନାହିଁ ବୋଲି ଜଣାପଡ଼ିବା ପରେ ଏହାକୁ ନେଇ ନାନ ପ୍ରକାର ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷେ ଏ ନେଇ ଗଜପତି ମହାରାଜା ଗଣମାଧ୍ୟମ ସମ୍ମୁଖରେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସରକାରଙ୍କ କୋଭିଡ୍ ଗାଇଡ଼ ଲାଇନ ମାନି ସେ ଶ୍ରୀନଅରରେ ରହିଛନ୍ତି। ଦୁଇଟି କାରଣ ପାଇଁ ☞ପୃଷ୍ଠା-୪

## ହେମନ୍ତ ଶର୍ମାଙ୍କୁ କ୍ରୟ କମିଟିରୁ ଅବ୍ୟାହତି

**କୋଭିଡ୍-୧୯ ଉପକରଣ କିଣା ବିବାଦ**

- ପରିଚାଳନାରୁ ହଟିଲେ ୯ ବରିଷ୍ଠ ଆଇଏଏସ୍ ଅଫିସର

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମାଙ୍କୁ ରାଜ୍ୟ ସରକାର କୋଭିଡ୍-୧୯ ପାଇଁ ଆବଶ୍ୟକ ସାମଗ୍ରୀ କ୍ରୟ କମିଟିର ମୁଖ୍ୟ ପଦବୀରୁ ଅବ୍ୟାହତି ଦେଇଛନ୍ତି। ଏଥିସହିତ ଆହୁରି ୯ ଜଣ ଆଇଏଏସ୍ ଅଫିସରଙ୍କୁ ମଧ୍ୟ କୋଭିଡ୍ ପରିଚାଳନା ଅତିରିକ୍ତ ଦାୟିତ୍ୱରୁ ହଟାଇ ଦେଇଛନ୍ତି। ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଶର୍ମା ଶିଳ୍ପ ବିଭାଗର ପ୍ରମୁଖ ସଚିବ ଥିବା ବେଳେ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। କୋଭିଡ୍ ସଂକ୍ରମଣକୁ ଦେଖି ସରକାର ତାଙ୍କୁ ଚିକିତ୍ସା ସାମଗ୍ରୀ କ୍ରୟ କମିଟିର ମୁଖ୍ୟ ପଦବୀରେ ଅତିରିକ୍ତ ଦାୟିତ୍ୱ ଦେଇଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଇସ୍ତଫା ଧମକ

# ବର୍ଷେ ପାଇଁ ନୂଆ ଯୋଜନା ନାହିଁ

- କୋଭିଡ୍ ଯୋଗୁ କେନ୍ଦ୍ରର ଖର୍ଚ୍ଚ କାଟ୍
- କେବଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ, ଆତ୍ମନିର୍ଭର ଭାରତ ଅଭିଯାନରେ ବ୍ୟୟ ହେବ

**ନୂଆଦିଲ୍ଲୀ,୫।୬(ପି.ଟି.)**

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଖର୍ଚ୍ଚ ନିୟନ୍ତ୍ରଣ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବର୍ଷେ ପାଇଁ କୌଣସି ନୂଆ ସରକାରୀ ଯୋଜନା ଆରମ୍ଭ ହେବନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ନୂଆ ଯୋଜନା ପାଇଁ ଅନୁରୋଧ ନ କରିବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ମନ୍ତ୍ରଣାଳୟ ଓ ବିଭାଗକୁ ଜଣାଇଦିଆଯାଇଛି। କେବଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ୍ ଏବଂ ଆତ୍ମନିର୍ଭର ଭାରତ ପ୍ୟାକେଜ୍‌ରେ ଘୋଷଣା ହୋଇଥିବା ଯୋଜନାରେ ଅର୍ଥ ବ୍ୟୟ ହେବ। ଏହା ବ୍ୟତୀତ ଅନ୍ୟ କୌଣସି ଯୋଜନାକୁ ଚଳିତ ଆର୍ଥିକ ବର୍ଷରେ ଅନୁମୋଦନ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଏପରିକି ବଜେଟରେ ଅନୁମୋଦିତ ହୋଇଥିବା ଯୋଜନା ମଧ୍ୟ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ନୂଆ ନିୟମରେ କୌଣସି ପରିବର୍ତ୍ତନ ଲାଗି ବ୍ୟୟ ବିଭାଗର ଅନୁମୋଦନ ଆବଶ୍ୟକ ହେବ।

କୋଭିଡ୍-୧୯ ମହାମାରୀ ଯୋଗୁ ସରକାରୀ ଆର୍ଥିକ ସମ୍ବଳ ଚାହିଦା ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ତେବେ ପରିବର୍ତ୍ତନକୁ ପ୍ରାଥମିକତା ଦେଇ ଓ ଆଗାମୀ ଦିନକୁ ଦୃଷ୍ଟିରେ ରଖି ସମ୍ବଳକୁ ବୁଦ୍ଧିମତ୍ତାର ସହ ବିନିଯୋଗ କରିବାକୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ନୋଟ୍‌ରେ କୁହାଯାଇଛି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଗତ ୧୧ ବର୍ଷ ମଧ୍ୟରେ ସବୁଠୁ ଧିମା ହୋଇଛି। ଚାରି ଦଶନ୍ଧି ମଧ୍ୟରେ ଭାରତୀୟ ☞ପୃଷ୍ଠା-୪




# ଅଦାଲତରେ ଅଚଳାବସ୍ଥା

**ଆଇନ ସେବାକୁ କେନ୍ଦ୍ର ସରକାର ଜରୁରୀ ସେବା ଭାବେ ବର୍ଗୀକୃତ କରି ନ ଥିବାରୁ ଲକ୍‌ଡାଉନ୍ ବେଳେ ଜାମିନ ଦିଆଯିବା ଅଥବା ଉପଯୁକ୍ତ ତଦନ୍ତ କରାଯିବା ଏକପ୍ରକାର ଅସମ୍ଭବ ହୋଇଯାଇଛି।**



**ଲକ୍‌ଡାଉନ୍ ଯୋଗୁ ଭାରତର ଫୌଜଦାରି ନ୍ୟାୟ ବ୍ୟବସ୍ଥା ପଙ୍ଗୁ ହୋଇଯାଇଛି**

**ନୂଆଦିଲ୍ଲୀ,୫।୬**

ମେ ୨୫ ତାରିଖରେ ଭାରତରେ ଇଦ୍-ଉଲ୍-ଫିତର ପାଳନ କରାଯାଉଥିବାବେଳେ ୧୨ ବର୍ଷୀୟା ତଲ୍‌ହା ଓ ୫ ବର୍ଷୀୟା ମରିଅମ୍ ରାତିରେ ସେମାନଙ୍କ ମା'ଙ୍କ ମୋବାଇଲ୍ ଫୋନ୍ ସହ ଶୋଇଥିଲେ। କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ମାର୍ଚ୍ଚ ୨୫ରୁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଦୁହେଁ ସେମାନଙ୍କ ବାପା ଖାଲିଦ୍ ସୈଫିଙ୍କ ସହ କଥା ହୋଇପାରି ନ ଥିଲେ। ଇଦ୍ ଥିବାରୁ ବାପା ସେମାନଙ୍କ ପାଖକୁ କଲ୍ କରିବେ ବୋଲି ଦୁହେଁ ଭାବିଥିବା ନେଇ ମା' ନର୍ଗିସ ସୈଫି କହିଛନ୍ତି। ଖାଲିଦ୍ ଗତ ଫେବୃୟାରୀରୁ ନୂଆଦିଲ୍ଲୀସ୍ଥିତ ଏକ ଜେଲ୍‌ରେ ଅଛନ୍ତି। ଅନ୍ୟ ହଜାର ହଜାର କଏଦୀଙ୍କ ଭଳି ଖାଲିଦ୍ ମଧ୍ୟ ଶୁଣାଣିକୁ ଅପେକ୍ଷା କରିଥିଲେ। ହେଲେ ଭାରତର ଫୌଜଦାରି ନ୍ୟାୟ ବ୍ୟବସ୍ଥା ଏହି ମହାମାରୀ ବେଳେ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଛି। ଲକ୍‌ଡାଉନ୍ ବେଳେ ନ୍ୟାୟ ସେବାକୁ ସରକାର ଜରୁରୀ ସେବା ଭାବେ ବର୍ଗୀକୃତ କରିନାହାନ୍ତି। କେବଳ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଳ୍ପ କେତେକ କୋର୍ଟ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ଏଭଳି ନ୍ୟାୟାଳୟକୁ ଭର୍ଚୁଆଲ କୋର୍ଟ ବୋଲି କୁହାଯାଉଛି। ଭର୍ଚୁଆଲ କୋର୍ଟଗୁଡ଼ିକରେ କେବଳ 'ଜରୁରୀ' ମାମଲାଗୁଡ଼ିକର ଶୁଣାଣି ହେଉଛି। କିନ୍ତୁ କେଉଁଟାକୁ 'ଜରୁରୀ' ମାମଲା କୁହାଯିବ ତାହା ମଧ୍ୟ ସ୍ପଷ୍ଟ ଭାବେ ପରିଭାଷିତ ହୋଇନାହିଁ। ଫଳରେ ଆଇନଗତ ପ୍ରତିନିଧିତ୍ୱ, ଜାମିନ ବା ଉପଯୁକ୍ତ ତଦନ୍ତ ବସ୍ତୁତଃ ଅସମ୍ଭବ ହୋଇଯାଇଛି।

ମହାମାରୀ ଯୋଗୁ ଜେଲଗୁଡ଼ିକୁ ଆଇନଜୀବୀ ଓ ବନ୍ଦୀଙ୍କ ପରିବାରମାନେ ଯାଇପାରୁ ନାହାନ୍ତି। କାରଣ ଏହା ଉପରେ ମଧ୍ୟ ରୋକ ଲଗାଯାଇଛି। କଏଦୀମାନେ ସେମାନଙ୍କ ପରିବାର ସହ ଯୋଗାଯୋଗ କରିବାର ଏକମାତ୍ର ମାଧ୍ୟମ ହେଉଛି ଲ୍ୟାଣ୍ଡଫୋନ୍। କିନ୍ତୁ ଏଥିପାଇଁ ସେମାନଙ୍କୁ ଲମ୍ବାଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏଭଳି ସ୍ଥିତିରେ ଘରକୁ ଫୋନ୍ କରିବା ପାଇଁ ଖାଲିଦ୍‌ଙ୍କ ପାଳି ଆସିନାହିଁ।

ଗତ ସପ୍ତାହରେ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ) ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପତ୍ର ଲେଖିଥିଲା। ଜୁନ୍ ୧ରୁ ଦେଶବ୍ୟାପୀ ସମସ୍ତ କୋର୍ଟ ପୂର୍ବଭଳି ଚାଲୁ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ସକାଶେ ଏଥିରେ ଅନୁରୋଧ କରାଯାଇଥିଲା। ୯୫% ଓକିଲ ଓ ଆଇନଜୀବୀ ଟେକ୍ନୋଲୋଜି ସମ୍ପର୍କରେ ଅଜ୍ଞ ହୋଇଥିବାବେଳେ ଭର୍ଚୁଆଲ୍ କୋର୍ଟ ଜରିଆରେ ମାତ୍ର ଅଳ୍ପ ☞ପୃଷ୍ଠା-୪

# ଶଟ୍‌ଡାଉନ୍ ପାଇଁ ନୂଆ ଗାଇଡ୍‌ଲାଇନ

- ଜରୁରୀ ସେବା ପ୍ରଦାନକାରୀ ଦେଖାଇବେ ପରିଚୟପତ୍ର
- ସବୁ ଛକରେ ବ୍ଲକିଂ, ଚେକିଂ କଡ଼ାକଡ଼ି ହେବ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ୧୧ ଜିଲାରେ ପ୍ରତି ଶନିବାର ଓ ରବିବାରକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ମଧ୍ୟରେ କଟକ ଓ ଭୁବନେଶ୍ୱର ରହୁଥିବାରୁ କମିଶନରେଟ ପୋଲିସ ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହି ସମୟରେ କେଉଁମାନେ ଯିବାଆସିବା କରିପାରିବେ ସେସମ୍ପର୍କରେ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀ ପରିଚୟପତ୍ର ଓ ଗାଡି ପାସ୍ ଦେଖାଇ ଯାଇପାରିବେ। ଫାର୍ମାସିଷ୍ଟ ଓ ଔଷଧ ଦୋକାନ ପାଇଁ ଟ୍ରେଡ୍ ଲାଇସେନ୍ସ ଓ ପୁରୁଣା ପାସ୍ କାର୍ଯ୍ୟ କରିବ। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ ବିଭାଗୀୟ ପରିଚୟ ପତ୍ର ଦେଖାଇ ଯାଇପାରିବେ। ଟେଲିକମ୍, ପେଟ୍ରୋଲ ପମ୍ପ, ହୋମ୍ ଡେଲିଭରି କରୁଥିବା ସଂସ୍ଥାର କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି,କର୍ମଚାରୀ ଓ ହକର ସେମାନଙ୍କ ସଂସ୍ଥାର ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ଜଳ ଯୋଗାଣ, ପରିମଳ ଓ ସ୍ୱେରେଜ କର୍ମଚାରୀ ମ୍ୟୁନିସିପାଲିଟି ପ୍ରଦତ୍ତ ପରିଚୟପତ୍ର ଦେଖାଇବେ। ବିଦ୍ୟୁତ୍ କର୍ମଚାରୀ, କାରଖାନା ଓ ନିର୍ମାଣ ସଂସ୍ଥାର କର୍ମଚାରୀ ଏବଂ ଶ୍ରମିକ କମ୍ପାନୀ ପରିଚୟପତ୍ର ଦେଖାଇ ଯାଇପାରିବେ। ସେହିପରି ଆଇଟି ଶିଳ୍ପ, ହୋଟେଲ ଓ ଅନ୍ୟ ସଂସ୍ଥାର କର୍ମଚାରୀ ପରିଚୟପତ୍ର ଦେଖାଇ ଯାତ୍ରା କରିପାରିବେ। ଟ୍ୟାକ୍ସି, ଅଟୋ, ଓଲା ଏବଂ ଉବର କ୍ୟାବ ଚାଳକ ପୋଲିସ ପ୍ରଦତ୍ତ ପାସ୍ ଦେଖାଇ ଯାଇପାରିବେ। ବିବାହ ଏବଂ ଶବଦାହ ପାଇଁ ପୋଲିସ ପ୍ରଦତ୍ତ ପାସ୍ କାର୍ଯ୍ୟ କରିବ। ଭୁବନେଶ୍ୱରରୁ କଟକକୁ ଯିବାକୁ ଚାହୁଁଥିଲେ ଏବଂ ଅନ୍ୟ ଜରୁରୀ କାର୍ଯ୍ୟ ପାଇଁ ୧୦୦କୁ ଫୋନ୍ କରିବାକୁ ହେବ। ଅନୁମୋଦିତ ମେସେଜ ମିଳିବା ପରେ ତାହାକୁ ଦେଖାଇ ଯାଇପାରିବେ। ଅନ୍ୟପକ୍ଷରେ ଶଟ୍‌ଡାଉନ୍‌ରେ ସବୁ ଛକରେ ପୋଲିସ କଡାକଡି ଯାଞ୍ଚ କରାଯିବ। ଯେଉଁମାନେ ବିନା କାର୍ଯ୍ୟରେ କୋଭିଡ୍ ନିୟମ ଓ କଟକଣା ଉଲ୍ଲଂଘନ କରି ବାହାରେ ବୁଲୁଥିବା ନଜରକୁ ଆସିବ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

**କେରଳରେ ହାତୀ ହତ୍ୟା ଘଟଣା: ଜଣେ ଗିରଫ**

କେରଳରେ ବାଣଭର୍ତ୍ତି ସପୁରି ଖୁଆଇ ଗର୍ଭିଣୀ ହାତୀକୁ ହତ୍ୟା କରାଯିବା ଘଟଣାରେ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। କେରଳ ପୋଲିସ ଓ ବନ ବିଭାଗ ଘଟଣାର ତଦନ୍ତ ଚଳାଇଥିବାବେଳେ ୩ ଜଣଙ୍କ ଉପରେ ସନ୍ଦେହ କେନ୍ଦ୍ରୀଭୂତ ହୋଇଥିଲା। କେରଳରେ ଏହି ବର୍ବରୋଚିତ ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିଲା।



ମିନିଆପଲିସରେ ପୋଲିସ ବର୍ବରତା ଯୋଗୁ କୃଷ୍ଣକାୟ ଜର୍ଜ ଫ୍ଲୋୟଡଙ୍କ ମୃତ୍ୟୁ ପରେ ଆମେରିକାର ବିଭିନ୍ନ ସହରରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଛି। ସୁରକ୍ଷା ବଳକୁ ସହାୟତା ଦେବା ପାଇଁ ସ୍ମିର୍ନା ସେନାଘାଟିରୁ ଏକ ବିମାନରେ ଟେନେସି ନ୍ୟାଶନାଲ ଗାର୍ଡର ୧,୦୦୦ ସୈନ୍ୟଙ୍କୁ ୱାଶିଂଟନ ଡିସିକୁ ପଠାଯାଉଛି।

# ମାସ୍କ ନ ପିନ୍ଧିବାରୁ ପୋଲିସର ଥାର୍ଡ ଡିଗ୍ରୀ

**ଯୋଧପୁର କନ୍‌ଷ୍ଟେବଳଙ୍କ ବର୍ବରତା**

ଜୟପୁର,୫।୬

କୃଷ୍ଣକାୟ ବ୍ୟକ୍ତି ଜର୍ଜ ଫ୍ଲୋୟଡଙ୍କ ବେକକୁ ଜଣେ ପୋଲିସ ଆଣ୍ଠୁରେ ଚାପି ମାରିଦେବା ଘଟଣାକୁ ନେଇ ସାରା ଆମେରିକା ଜଳୁଥିବାବେଳେ ରାଜସ୍ଥାନ ପୋଲିସର ଅନୁରୂପ ବର୍ବରତା ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ ବ୍ୟକ୍ତି ମାସ୍କ ପିନ୍ଧି ନ ଥିବାରୁ ରାଜସ୍ଥାନ ଯୋଧପୁରର ଜଣେ କନ୍‌ଷ୍ଟେବଳ ତାଙ୍କ ବେକକୁ ଆଣ୍ଠୁରେ ଚାପିଧରିଥିବା ଦେଖାଯାଇଛି। ତେବେ ଯୋଧପୁର (ପଶ୍ଚିମ) ଡିସିପି ପ୍ରୀତି ଚନ୍ଦ୍ର ସଫେଇ ଦେଇ କହିଛନ୍ତି, ଉକ୍ତ ବ୍ୟକ୍ତି ଆକ୍ରମଣ କରିବାରୁ ନିଜକୁ ବଞ୍ଚାଇବା ପାଇଁ କନ୍‌ଷ୍ଟେବଳ ଆତ୍ମରକ୍ଷା କୌଶଳ ଆପଣାଇଥିଲେ।

କରୋନା ସଂକ୍ରମଣ ରୋକିବା ଲାଗି ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଗୁରୁବାର ମୁକେଶ କୁମାର ପ୍ରଜାପତ ନାମକ ବ୍ୟକ୍ତି ବିନା ମାସ୍କରେ ବୁଲୁଥିବାବେଳେ ଦୁଇଜଣ କନଷ୍ଟେବଲ ତାଙ୍କୁ ଅଟକାଇଥିଲେ। ପ୍ରଜାପତ ମୁଖା ପିନ୍ଧି ନ ଥିବାର ଜଣେ କନ୍‌ଷ୍ଟେବଳ ତାଙ୍କ ଫଟୋ ଉଠାଇବା ସହ ଏହାର କାରଣ ପଚାରିଥିଲେ। ଏଥିରେ ଉତ୍ତେଜିତ ହୋଇ ପ୍ରଜାପତ କନ୍‌ଷ୍ଟେବଳଙ୍କୁ ଚାପୁଡ଼ା ମାରିବା ସହ ଆକ୍ରମଣ କରିବାରୁ ଉଭୟେ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଜଣେ କନ୍‌ଷ୍ଟେବଳ ପ୍ରଜାପତଙ୍କ ବେକକୁ ଆଣ୍ଠୁରେ ଚାପିଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି।



ଜଣେ ବ୍ୟକ୍ତି ମାସ୍କ ପିନ୍ଧି ନ ଥିବାରୁ ରାଜସ୍ଥାନ ଯୋଧପୁରର ଜଣେ କନ୍‌ଷ୍ଟେବଳ ତାଙ୍କ ବେକକୁ ଆଣ୍ଠୁରେ ଚାପିଧରିଛନ୍ତି।

## ଦାଉଦ୍‌ଙ୍କୁ କରୋନା



ଦାଉଦ୍ ଇବ୍ରାହିମ୍ ମେହାଜବିନ

ନୂଆଦିଲ୍ଲୀ, ୫।୬: ଅଣ୍ଡରୱାର୍ଲ୍ଡ ଡନ୍ ତଥା ୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍ ଓ ତାଙ୍କ ସ୍ତ୍ରୀ ମେହାଜବିନ୍ କରେନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟ ପରେ ସେମାନଙ୍କ କରୋନା ପଜିଟିଭ୍ ବାହାରିଥିବା ଜଣାପଡ଼ିଛି। କରାଚୀର ଆର୍ମି ହସ୍ପିଟାଲରେ ସେମାନଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଦାଉଦ୍‌ଙ୍କ କେତେଜଣ ବ୍ୟକ୍ତିଗତ କର୍ମଚାରୀ ଓ ଗାର୍ଡଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଦାଉଦ୍ ସପରିବାରେ ପାକିସ୍ତାନରେ ରହିଆସୁଥିବା ବେଳେ ଏହାକୁ ପଡ଼ୋଶୀ ଦେଶ ପକ୍ଷରୁ ଖଣ୍ଡନ କରାଯାଇଆସୁଛି। ପାକିସ୍ତାନରେ ଥିବା ଆମେରିକା ଦୂତାବାସର ଜଣେ ବରିଷ୍ଠ କୂଟନୀତିଜ୍ଞ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବା ପରେ ଦାଉଦ୍ ଓ ତାଙ୍କ ସ୍ତ୍ରୀ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ମିଳିଛି। ପ୍ରକାଶଥାଉ କି, ପାକିସ୍ତାନରେ ଏବେ ୮୯ ହଜାରରୁ ଊର୍ଦ୍ଧ୍ୱ ଭୂତାଣୁ ଆକ୍ରାନ୍ତ ଥିବାବେଳେ ୧,୮୩୮ ଲୋକଙ୍କ ଜୀବନ ଗଲାଣି।

# ୧୫ ଦିନରେ ଦାଦନଙ୍କୁ ଘରେ ପହଞ୍ଚାଅ

**ସରକାରଙ୍କ ପାଇଁ ସମୟ ଧାର୍ଯ୍ୟ କଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୫।୬(ପି.ଟି.)

କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ବିଭିନ୍ନ ସହରରେ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ୧୫ ଦିନ ମଧ୍ୟରେ ସେମାନଙ୍କ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କହିଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରିବେ। ଲକ୍‌ଡାଉନ ଯୋଗୁ ସାରା ଦେଶରେ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ମାଗଣାରେ ଘରେ ପହଞ୍ଚାଇବା ଲାଗି ମେ’ ୨୮ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଦାଦନମାନଙ୍କୁ ତୁରନ୍ତ ଘରେ ପହଞ୍ଚାଇବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଥିବାରୁ କ୍ୱାରାଣ୍ଟାଇନ ଲାଗି ଅଦାଲତ ନୂଆ ଗାଇଡ୍‌ଲାଇନ ଜାରି ନ କରିବାକୁ କେନ୍ଦ୍ର ସରକାର ଅନୁରୋଧ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଉପସ୍ଥିତ ରହି କହିଥିଲେ ପ୍ରବାସୀ ଶ୍ରମିକମାନଙ୍କ ପରିବହନ ଲାଗି ରେଲୱେ ମେ’ ୧ରୁ ଜୁନ୍ ୩ ସୁଦ୍ଧା ୪,୨୨୮ଟି ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଇଲାଣି।



ଏଥିରେ ୫୭ ଲକ୍ଷ ଲୋକଙ୍କୁ ସେମାନଙ୍କ ଘରେ ପହଞ୍ଚାଯାଇଛି। ଅନ୍ୟ ୪୧ ଲକ୍ଷ ଲୋକ ସଡ଼କ ପଥରେ ଘରେ ପହଞ୍ଚିଛନ୍ତି। ଏହିପରି ଲକ୍‌ଡାଉନ ମଧ୍ୟରେ ପାଖାପାଖି ୧ କୋଟି ପ୍ରବାସୀ ସହର ଛାଡ଼ି ନିଜ ଜନ୍ମସ୍ଥାନରେ ପହଞ୍ଚିପାରିଛନ୍ତି। ସର୍ବାଧିକ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଉତ୍ତରପ୍ରଦେଶ ଓ ବିହାରକୁ ଯାଇଛି। ଫେରିବା ପାଇଁ ଆଉ କେତେଜଣ ଶ୍ରମିକ ଅଛନ୍ତି ଓ ସେଥିପାଇଁ କେତେ ଟ୍ରେନ୍ ଆବଶ୍ୟକ ତା’ର ଚାର୍ଟ ପ୍ରସ୍ତୁତ କରାଯାଉଛି ବୋଲି ମେହେଟ୍ଟା କହିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣ, ସଞ୍ଜୟ କିଷନ କୌଲ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଅବଶିଷ୍ଟ ଶ୍ରମିକଙ୍କୁ ୧୫ ଦିନ ମଧ୍ୟରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଅ। ଫେରୁଥିବା ଶ୍ରମିକମାନଙ୍କୁ କିପରି ନିଯୁକ୍ତି ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯିବାର ଯୋଜନା ହୋଇଛି, ତା’ର ରେକର୍ଡ ସବୁ ରାଜ୍ୟ ଉପସ୍ଥାପନ କରିବା ଲାଗି ଖଣ୍ଡପୀଠ କହିଥିଲେ। ଏଥିସହିତ ଦାଦନ ଶ୍ରମିକମାନଙ୍କର ପଞ୍ଜୀକରଣ ହେବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦାଦନଙ୍କ ପକ୍ଷରୁ ଆଇନଜୀବୀ କୋଲିନ ଗୋନ୍‌ସାଲଭେସ୍ ଉପସ୍ଥିତ ରହି କହିଥିଲେ, ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟ କରୁନାହିଁ। ଫଳରେ ହଜାର ହଜାର ଦାଦନ ଶ୍ରମିକ ପଞ୍ଜୀକୃତ ହେବାରୁ ବଞ୍ଚିତ ହେଉଥିବା ସେ କହିଥିଲେ।

### ‘ସ୍ୱାସ୍ଥ୍ୟଠାରୁ ଆର୍ଥିକ ପ୍ରସଙ୍ଗ ବଡ଼ ନୁହେଁ’

ଲୋକଙ୍କ ସ୍ୱାସ୍ଥ୍ୟଠାରୁ ଆର୍ଥିକ ପ୍ରସଙ୍ଗ ବଡ଼ ନୁହେଁ। ଲକ୍‌ଡାଉନ ସମୟରେ ଘୋଷଣା ହୋଇଥିବା ଲୋନ ମୋରାଟୋରିୟମ ମାମଲା ଉପରେ ଶୁଣାଣିବେଳେ ସୁପ୍ରିମକୋର୍ଟ ଗୁରୁବାର ଏହା କହିଛନ୍ତି। ମହାମାରୀ ସମୟରେ ଲୋକଙ୍କ ଋଣ ଉପରେ ସୁଧ ଛାଡ କରିବା ଲାଗି ଆର୍‌ବିଆଇ ସଫାସଫା ମନା କରି ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏଭଳି ବ୍ୟବହାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦବେଗ ପ୍ରକାଶ କରିଛନ୍ତି। ଋଣ ଉପରେ ସୁଧଛାଡ ହେଲେ ବ୍ୟାଙ୍କଗୁଡ଼ିକ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଉତ୍ତରରେ ନ୍ୟାୟାଳୟଙ୍କୁ କହିଛି। ବର୍ତ୍ତମାନ ଅଗଷ୍ଟ ୩୧ ଯାଏ ଲୋକଙ୍କୁ ଲୋନ ମୋରାଟୋରିୟମ ପ୍ରଦାନ କରାଯାଇଛି। ମାମଲା ଉପରେ ଜଷ୍ଟିସ ଅଶୋକ ଭୂଷଣ, ଜଷ୍ଟିସ ସଞ୍ଜୟ କିଶାନ କୌଲ, ଜଷ୍ଟିସ ଏମ୍.ଆର୍. ଶାହ ଶୁଣାଣି କରୁଛନ୍ତି। ଏହି ପ୍ରସଙ୍ଗ ଉପରେ ଅର୍ଥ ମନ୍ତ୍ରଣାଳୟର କ’ଣ ପ୍ରସ୍ତୁତି ରହିଛି ସେ ନେଇ ସର୍ବୋଚ୍ଚ ନ୍ୟାୟଳୟ ଜାଣିବାକୁ ଚାହିଁଥିଲେ। ଜୁନ୍ ୧୨ରେ ଏହି ମାମଲା ଉପରେ ପୁଣି ଶୁଣାଣି ହେବ। ଗୋଟିଏ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ଅର୍ଥ ମନ୍ତ୍ରଣାଳୟକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

## ଅକ୍ଟୋବର ୪ରେ ସିଭିଲ ସର୍ଭିସ ପ୍ରିଲିମ୍

**ଗତବର୍ଷ ପରୀକ୍ଷା ଦେଇଥିବା ପ୍ରାର୍ଥୀଙ୍କ ପାଇଁ ଜୁଲାଇ ୨୦ରୁ ବ୍ୟକ୍ତିତ୍ୱ ପରୀକ୍ଷା**

ନୂଆଦିଲ୍ଲୀ,୫।୬(ପି.ଟି.)

ଚଳିତ ବର୍ଷର ସିଭିଲ୍ ସର୍ଭିସ୍ ପ୍ରାରମ୍ଭିକ ପରୀକ୍ଷା (ପ୍ରିଲିମ୍) ଅକ୍ଟୋବର ୪ରେ ଅନୁଷ୍ଠିତ ହେବ। କେନ୍ଦ୍ର ଜନସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ସିଭିଲ୍ ସର୍ଭିସ୍‌ର ମୁଖ୍ୟ ପରୀକ୍ଷା ୨୦୨୧ ଜାନୁୟାରୀ ୮ରୁ ଆରମ୍ଭ ହୋଇ ୫ ଦିନ ଚାଲିବ। ଏହାବ୍ୟତୀତ ଗତବର୍ଷ ସିଭିଲ୍ ସର୍ଭିସ ପ୍ରିଲିମ୍ ଏବଂ ମୁଖ୍ୟ ପରୀକ୍ଷା ମାଧ୍ୟମରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କର ବ୍ୟକ୍ତିତ୍ୱ ପରୀକ୍ଷା (ଭାଏଭା) ଜୁଲାଇ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଅବଶିଷ୍ଟ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ପରୀକ୍ଷା ସମ୍ପର୍କରେ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯିବ ବୋଲି କମିଶନ ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ପ୍ରିଲିମ୍ ପରୀକ୍ଷା ମେ’ ୩୧ରେ କରାଇବା ଲାଗି କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା। ତେବେ କରୋନା ମହାମାରୀ ସଂକ୍ରମଣକୁ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା ହେବାରୁ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସାନି ତାରିଖ ଘୋଷଣା ହୋଇଥିବାରୁ ଏହା ବାତିଲ ହୋଇଯିବ ବୋଲି ପୂର୍ବରୁ କେତେକ ମହଲରେ ଯେଉଁ ଆଶଙ୍କା କରାଯାଉଥିଲା ତାହା ଦୂର ହୋଇଛି ବୋଲି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି।

ପ୍ରତିବର୍ଷ ତିନୋଟି ପର୍ଯ୍ୟାୟରେ ସିଭିଲ ସର୍ଭିସ୍ ପରୀକ୍ଷା ହୋଇଥାଏ। ତାହା ହେଲା ପ୍ରିଲିମ୍, ମୁଖ୍ୟ ପରୀକ୍ଷା ଓ ସାକ୍ଷାତ୍କାର। ଏହି ପରୀକ୍ଷା ମାଧ୍ୟମରେ ୟୁପିଏସ୍‌ସି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଏବଂ ଭାରତୀୟ ପୋଲିସ ସେବା (ଆଇପିଏସ୍) ଆଦି ଲାଗି ପ୍ରାର୍ଥୀ ଚୟନ କରିଥାଏ। ପ୍ରତିବର୍ଷ ଲକ୍ଷାଧିକ ଆଶାୟୀ ଏହି ପରୀକ୍ଷା ଦେଇଥାନ୍ତି।

## କରୋନାରେ ଅନିଲ ସୁରିଙ୍କ ମୃତ୍ୟୁ



ମୁମ୍ବାଇ, ୫।୬: ବଲିଉଡ୍‌ର ଭେଟେରାନ୍ ପ୍ରଯୋଜକ ଅନିଲ ସୁରିଙ୍କ କରୋନାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଅଭିନେତା ରାଜ୍ କୁମାର, ଅଭିନେତ୍ରୀ ରେଖା ଅଭିନୀତ ‘କର୍ମଯୋଗୀ’ ଓ ‘ରାଜ୍ ତିଲକ’ ଫିଲ୍ମରେ ସେ ପ୍ରଯୋଜନା ଦେଇଥିଲେ। ଏନେଇ ଅନିଲଙ୍କ ଭାଇ ରାଜୀବ କହିଛନ୍ତି, ଜୁନ୍ ୨ରେ ଜ୍ୱର ଆସିବା ପରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଲୀଳାବତୀ ଓ ହିନ୍ଦୁଜା ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ବେଳେ କେହି ବେଡ୍ ଯୋଗାଇଦେବାକୁ ରାଜିହୋଇ ନ ଥିଲେ। ପରେ ତାଙ୍କୁ ଆଡ୍‌ଭାନ୍ସ ମଲ୍ଟିସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭେଣ୍ଟିଲେଟରରେ ରହିବା ପରେ ଗୁରୁବାର ତାଙ୍କର ପରଲୋକ ହୋଇଥିବା ରାଜୀବ କହିଛନ୍ତି। ଶୁକ୍ରବାର ଅନିଲଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ପୁଅ ଆଗରେ ମା’ଙ୍କୁ ଗଣବଳାତ୍କାର

**ସ୍ୱାମୀଙ୍କ ସମେତ ୫ ଗିରଫ**

ଥିରୁବନନ୍ତପୁରମ୍, ୫।୬

କେରଳର ଥିରୁବନନ୍ତପୁରମ୍‌ରେ ଜଣେ ୨୫ ବର୍ଷୀୟା ବିବାହିତ ମହିଳାଙ୍କୁ ବଳପୂର୍ବକ ମଦ ପିଆଇ ନିଜ ପୁଅ ଆଗରେ ଗଣବଳାତ୍କାର କରାଯାଇଛି। ଏନେଇ ପୀଡ଼ିତା ଜଣକ ପୋଲିସରେ ଅଭିଯୋଗ କରିବା ପରେ ସ୍ୱାମୀ ଓ ତାଙ୍କ ୪ ବନ୍ଧୁଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସ୍ୱାମୀଙ୍କ ସହ ଦୁଇ ପିଲାଙ୍କୁ ଧରି ମହିଳା ପୁଥୁରୁରିଚି ସମୁଦ୍ର କୂଳକୁ ବୁଲି ଯାଇଥିଲେ। ସେଠାରୁ ସ୍ୱାମୀ ସେମାନଙ୍କୁ ନିକଟରେ ଥିବା ଜଣେ ବନ୍ଧୁଙ୍କ ଘରକୁ ନେଇଥିଲେ। ସେଠାରେ ପହଞ୍ଚିବା ପରେ ମହିଳାଙ୍କୁ ବଳପୂର୍ବକ ମଦ ପିଆଯାଇ ପୁଅ ଆଗରେ ଗଣବଳାତ୍କାର କରାଯାଇଥିଲା। ସ୍ୱାମୀଙ୍କ ବନ୍ଧୁମାନେ ସେଠାରେ ତାଙ୍କୁ ସିଗାରେଟ୍ ଚେଙ୍କ ଦେଇଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା କାହାକୁ ନ ଜଣାଇବା ଲାଗି ସ୍ୱାମୀ ସତର୍କ କରାଇଥିବା ଅଭିଯୋଗ ହୋଇଛି। ସଂଜ୍ଞାହିନ ଅବସ୍ଥାରେ ରାସ୍ତାକଡ଼ରୁ ତାଙ୍କୁ ଜଣେ ଯୁବକ ଉଦ୍ଧାର କରି ଥାନାକୁ ଆଣିବାରେ ସାହାଯ୍ୟ କରିଥିବା ପୀଡ଼ିତା ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ପୀଡ଼ିତା ଓ ତାଙ୍କ ପୁଅଙ୍କୁ ନିସ୍ଠୁର ମାଡ଼ ମାରିଥିବା ପୋଲିସ କହିଛି। ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ତାଙ୍କୁ ଚିକିତ୍ସା ଲାଗି ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## କମାଣ୍ଡର ନିଯୁକ୍ତ କଲା ଚାଇନା

ବେଜିଂ,୫।୬(ପି.ଟି.)

ସୀମାବିବାଦକୁ ନେଇ ଭାରତ ଓ ଚାଇନା ସେନା ମଧ୍ୟରେ ପାଖାପାଖି ୨ ସପ୍ତାହ ହେଲା ଅଚଳାବସ୍ଥା ଲାଗି ରହିଛି। ଏହାର ସମାଧାନ ଲାଗି ଶନିବାର ଦୁଇଦେଶର ସେନା ଅଧିକାରୀ ସ୍ତରୀୟ ଆଲୋଚନା ହେବାକୁ ଯାଉଥିବାବେଳେ ଏହାର ଦିନକ ପୂର୍ବରୁ ବେଜିଂ ୱେଷ୍ଟର୍ନ ଥିଏଟର କମାଣ୍ଡ ଗ୍ରାଉଣ୍ଡ ଫୋର୍ସ ପାଇଁ ନୂଆ କମାଣ୍ଡର ନିଯୁକ୍ତ କରିଛି। ସେ ଭାରତ-ଚାଇନା ସୀମା ଉପରେ ନଜର ରଖିବେ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜୁ କିଲିଙ୍ଗ୍ ଗ୍ରାଉଣ୍ଡ ଫୋର୍ସର ନୂଆ କମାଣ୍ଡର ନିଯୁକ୍ତ ହୋଇଥିବା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ୱେଷ୍ଟର୍ନ ଥିଏଟର କମାଣ୍ଡ ୱେବ୍‌ସାଇଟରେ ଘୋଷଣା କରାଯାଇଛି। ଭାରତ ସହ ରହିଥିବା ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ପିଏଲ୍‌ଏର ୱେଷ୍ଟର୍ନ ଥିଏଟର କମାଣ୍ଡ ଜଗିଥାଏ।



ଗୁଜରାଟର ସୁରଟସ୍ଥିତ ଇସ୍କନ ମନ୍ଦିରରେ ମହା ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ସ୍ନାନ ନୀତି କରାଯାଉଛି।

## ଦୁର୍ଘଟଣାରେ ୯ ମୃତ



ପ୍ରତାପଗଡ଼, ୫।୬: ଉତ୍ତରପ୍ରଦେଶର ଲକ୍ଷ୍ନୌ-ପ୍ରୟାଗରାଜ ରାଜପଥ ଉପରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ପ୍ରାଣହାନି ଘଟିଛି। ଏକ ଏସ୍‌ୟୁଭି ସହ କଣ୍ଟେନର ଟ୍ରକ୍ ମୁହାଁମୁହିଁ ଧକ୍କା ଖାଇବାରୁ ଏଭଳି ଦୁର୍ଘଟଣା ଘଟିଛି। ଏସ୍‌ୟୁଭିଟି ରାଜସ୍ଥାନରୁ ବିହାରର ଭୋଜପୁର ଅଭିମୁଖେ ଯାଉଥିଲା। ନୱାବ୍‌ଗଞ୍ଜ ନିକଟ ୱାଜିଦ୍‌ପୁର ନିକଟରେ ଏହା ଏକ କଣ୍ଟେନର ଟ୍ରକ ସହ ଧକ୍କା ହୋଇଥିଲା। ମୃତକଙ୍କ ମଧ୍ୟରେ ୩ ମହିଳା, ୨ ଶିଶୁ ଓ ୪ ପୁରୁଷ ଅଛନ୍ତି।

# ‘ଏଚ୍‌ସିକ୍ୟୁ ଅସୁରକ୍ଷିତ’ ଦାବିରୁ ଓହରିଲେ ଅଧ୍ୟୟନକାରୀ

ୱାଶିଂଟନ,୫।୬

କରୋନା ରୋଗୀଙ୍କୁ ଦିଆଯାଉଥିବା ମ୍ୟାଲେରିଆ ନିରୋଧୀ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ (ଏଚ୍‌ସିକ୍ୟୁ) ବିରୋଧରେ ଏକପ୍ରକାର ଷଡ଼ଯନ୍ତ୍ର କରାଯାଇଥିବା ମନେହେଉଛି। କାରଣ ଏହି ଔଷଧ କରୋନା ରୋଗୀଙ୍କ ପାଇଁ ନିରାପଦ ନୁହେଁ ବୋଲି ମେଡିକାଲ ଜର୍ନାଲ ‘ଦ ଲାନ୍‌ସେଟ୍’ ପକ୍ଷରୁ ଏକ ଅଧ୍ୟୟନ ପ୍ରକାଶ ପାଇଥିଲ। ହେଲେ ଉକ୍ତ ଅଧ୍ୟୟନରେ ସାମିଲ ଥିବା ୪ଜଣଙ୍କ ମଧ୍ୟରୁ ୩ଜଣ ଗୁରୁବାର ସେମାନଙ୍କ ଦାବିକୁ ପ୍ରତ୍ୟାହାର କରିନେଇଛନ୍ତି। ଏକ ହେଲ୍‌ଥ କେୟାର କମ୍ପାନୀକୁ ସେମାନେ ଦାୟୀ କରିବା ସହ ଅଧ୍ୟୟନ ପାଇଁ କମ୍ପାନୀ ଡାଟା ଯୋଗାଇଥିବା ଦର୍ଶାଇଛନ୍ତି।

କରୋନାର ଉପଚାର ପାଇଁ ଠିକ୍ ଔଷଧ ଓ ପ୍ରତିଷେଧକ ଟିକା ସନ୍ଧାନ ଏବେ ବି ଜାରି ରହିଛି। ହେଲେ ରୋଗକୁ ସୀମିତ କରିବାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବିଶେଷ ଭାବେ ସହାୟକ ହେଉଥିବା ବହୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁଭବ କରୁଛନ୍ତି। ଫଳରେ ଏହି ଔଷଧର ଚାହିଦା ସାରା ବିଶ୍ୱରେ ବୃଦ୍ଧି ପାଇଛି। ବିଶ୍ୱର ୭୦% ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଉତ୍ପାଦନ କରୁଥିବା ଭାରତ ଉପରେ ରପ୍ତାନି ପାଇଁ ଗତ ମାର୍ଚ୍ଚରେ ଚାପ ପଡ଼ିଥିଲା। ଏହାସହିତ ଦେଖିବାକୁ ମିଳିଥିଲା ରାଜନୈତିକ ଓ କୂଟନୈତିକ ଘଟଣାମାନ ସାଙ୍ଗକୁ ବାଦବିବାଦ। ପରବର୍ତ୍ତୀ ସମୟରେ ଏହି ଔଷଧକୁ ନେଇ ବିଶ୍ୱ ଦୁଇଭାଗରେ ବିଭକ୍ତ ହେବା ସହ ଦେଶଗୁଡ଼ିକ ଭିନ୍ନ ଭିନ୍ନ ନୀତି ଆପଣାଇଥିବା ଦେଖିବାକୁ ମିଳିଛି। ଅନେକ ଦେଶ ଏହାର ବ୍ୟବହାର ନିଷେଧ କରିଥିବାବେଳେ ଆଉ କେତେକ ଦେଶ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ସେହିପରି କେତେକ ଦେଶ କ୍ଲିନିକାଲ୍ ପରୀକ୍ଷଣରେ ଏହି ଔଷଧ ବ୍ୟବହାରକୁ ସୀମିତ ରଖିଛନ୍ତି। ତେବେ କେତେକ ଦେଶ ଏଚ୍‌ସିକ୍ୟୁ ବିରୋଧ କରିବା ପଛର ବଡ଼ କାରଣ ହେଉଛି ଲାନ୍‌ସେଟ୍‌ରେ ଗତ ମେ ୨୨ରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ।

- ମେଡିକାଲ ଜର୍ନାଲ ଲାନ୍‌ସେଟ୍‌ରେ ପ୍ରକାଶ ପାଇଥିଲା ଅଧ୍ୟୟନ
- ଡବ୍ଲ୍ୟୁଏଚ୍‌ଓ କ୍ଲିନିକାଲ ପରୀକ୍ଷଣ ଉପରେ ରୋକ ଲଗାଇଥିଲା





ସେଥିରେ ଉଲ୍ଲେଖ ଥିଲା ଯେ, ଦୁଇଟି ଔଷଧ ‘ହାଇଡ୍ରୋକ୍ସିକ୍ଲୋରୋକୁଇନ୍’ ଓ ‘କ୍ଲୋରୋକୁଇନ୍’ କରୋନା ରୋଗୀଙ୍କ କୌଣସି ଉପକାର କରିପାରୁନାହିଁ। ବରଂ ଏହାଦ୍ୱାରା ହୃଦ୍ ସମସ୍ୟା ସୃଷ୍ଟି ହୋଇ ରୋଗୀଙ୍କ ମୃତ୍ୟୁ ଆଶଙ୍କା ବଢ଼ାଉଛି। ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) କରୋନା ଚିକିତ୍ସାରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌ର ବ୍ୟବହାର ସମ୍ପର୍କିତ କ୍ଲିନିକାଲ ପରୀକ୍ଷଣକୁ ସ୍ଥଗିତ କରିଥିଲା। ବହୁ ବିଶେଷଜ୍ଞ ଅଧ୍ୟୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇ ରୋଗୀଙ୍କ ଚିକିତ୍ସାରେ ଏଚ୍‌ସିକ୍ୟୁର ଉପାଦେୟତା ଥିବା କହିଥିଲେ। କିନ୍ତୁ ତାହା ଅନେକ ଦେଶ ଉପରେ ପ୍ରଭାବ ପକାଇ ନ ଥିଲା। ଫଳସ୍ୱରୂପ ସେହି ଦେଶଗୁଡ଼ିକରେ କରୋନା ରୋଗୀଙ୍କୁ ଏହି ଔଷଧ ଦିଆଯିବା ଏବଂ ତାହାର କ୍ଲିନିକାଲ ପରୀକ୍ଷଣ ବନ୍ଦ ହୋଇଯାଇଥିଲା। ଏବେ ଘଟଣାକ୍ରମ ଭିନ୍ନମୋଡ଼ ନେଇଛି। ୨ ଦିନ ତଳେ ଡବ୍ଲ୍ୟୁଏଚ୍‌ଓ ଏଚ୍‌ସିକ୍ୟୁର ସୁରକ୍ଷା ସମୀକ୍ଷା କରି ତାହାର କ୍ଲିନିକାଲ ପରୀକ୍ଷଣ ପୁନଃ ଆରମ୍ଭ କରିବାକୁ କହିଥିଲା। ଗୁରୁବାର ୩ ଅଧ୍ୟୟନକାରୀ ମଧ୍ୟ ଏଚ୍‌ସିକ୍ୟୁର ସୁରକ୍ଷାକୁ ନେଇ କରିଥିବା ଆଶଙ୍କାରୁ ଓହରିଯାଇଛନ୍ତି।

ଉକ୍ତ ଅଧ୍ୟୟନର ନେତୃତ୍ୱ ନେଇଥିବା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ମନଦୀପ ମେହେରାଙ୍କ ସହ ତାଙ୍କ ସହଯୋଗୀ ଜୁରିଚ୍ ୟୁନିଭର୍ସିଟି ହସ୍ପିଟାଲର ଫ୍ରାଙ୍କ୍ ରୁଶିଟ୍‌ଜକା ଏବଂ ଆମେରିକାର ଉଟା ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତ୍ ପଟେଲ କହିଛନ୍ତି ଯେ, ସେମାନେ ତୃତୀୟ ପକ୍ଷ ଦ୍ୱାରା ଡାଟାର ସମୀକ୍ଷା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡାଟା ଯୋଗାଇଥିବା ଶିକାଗୋର ହେଲ୍‌ଥ କେୟାର ଆନାଲିଟିକ୍ସ ସଂସ୍ଥା ‘ସୁର୍ଗିସ୍ପେର’ ସମୀକ୍ଷକମାନଙ୍କୁ ସହଯୋଗ କରିବାକୁ ମନା କରିଦେଇଥିଲା। ଫଳରେ ସେମାନେ ପାଇଥିବା ଡାଟା ଉପରେ ଭରସା କରିବା ଉଚିତ ହେବନାହିଁ। ତେଣୁ ସେମାନେ ଅଧ୍ୟୟନ ରିପୋର୍ଟକୁ ପ୍ରତ୍ୟାହାର କରିନେଇଥିବା କହିଛନ୍ତି।

## ୧୦୦ କୋଟିର ସହାୟତା ଘୋଷଣା କଲେ ଉଦ୍ଧବ

ମୁମ୍ବାଇ, ୫।୬

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରାୟଗଡ଼ ଜିଲାର ଆଲିବାଗ୍ ଓ ଆଖପାଖ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଶୁକ୍ରବାର ବୁଲି ଦେଖିଛନ୍ତି। ଦୁଇଦିନ ତଳେ ‘ନିସର୍ଗ’ ବାତ୍ୟା ଏଠାରେ ସବୁ ଛାରଖାର କରିପକାଇଥିଲା। ଜିଲା ଅଧିକାରୀଙ୍କ ସହ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଓ ଥଇଥାନ ଲାଗି ତୁରନ୍ତ ୧୦୦ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମଧ୍ୟାହ୍ନରେ ଆଲିବାଗ୍ ଅଞ୍ଚଳ ଗସ୍ତକରି ସେ ଅଞ୍ଚଳବାସୀଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଜିଲା ପ୍ରଶାସନର ସହଯୋଗ କ୍ରମେ ଖାଦ୍ୟ ଓ ରହିବାର ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରାଥମିକ ଭାବେ ୧୦୦ କୋଟି ଘୋଷଣା କରାଯାଇଥିବା ବେଳେ ପରେ ପ୍ୟାକେଜ୍ ଘୋଷଣା କରାଯିବ ବୋଲି ସେ ଲୋକମାନଙ୍କୁ କହିଛନ୍ତି। ପ୍ରଶାସନ ଭିତ୍ତିଭୂମି ସଜାଡ଼ିବା କାର୍ଯ୍ୟ ଜାରି ରଖିଛି।

## ନିର୍ମାଣ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ ଅଫିସ:** କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟରେ ଆବର୍ଜନା ବିଶୋଧନ କେନ୍ଦ୍ର ନିର୍ମାଣ ହେଉଛି। ଏହା ବିରୋଧରେ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ନିର୍ମାଣ କାର୍ଯ୍ୟ ଉପରେ ଶୁକ୍ରବାର ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଉକ୍ତ ସ୍ଥାନରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଏବଂ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ପକ୍ଷଭୁକ୍ତ କେନ୍ଦ୍ର ଓ ରାଜ୍ୟ ସରକାର ୮ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଓଡ଼ିଶା ବାୟୋଡାଇଭରସିଟି କଞ୍ଜର୍‌ଭେସନ୍ ଫାଉଣ୍ଡେଶନ୍ ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା। ଅଗଷ୍ଟ ୪ରେ ପରବର୍ତ୍ତୀ ଶୁଣାଣି ରହିଛି।


ଶୁକ୍ରବାର ସ୍ନାନଯାତ୍ରାରେ ଶ୍ରଦ୍ଧାଳୁଙ୍କ ବିନା ବଡଦାଣ୍ଡ ଖାଁ ଖାଁ।


ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ହାତୀବେଶ।



ଠାକୁରଙ୍କ ପାଇଁ ତୁଳସୀ ଓ ପଦ୍ମଫୁଲ ନିଆଯାଉଛି।


ମହାପ୍ରଭୁଙ୍କ ନିମନ୍ତେ ହାତୀବେଶ ନିଆଯାଉଛି।


ଠାକୁରଙ୍କ ଲାଗି ଭୋଗ ନିଆଯାଉଛି।

# ଖାଁ ଖାଁ ବଡ଼ଦାଣ୍ଡ, ସିଂହଦ୍ୱାର

**ପୁରୀ ଅଫିସ,୫।୬**

ସ୍ନାନଯାତ୍ରାରୁ ନୀଳାଦ୍ରିବିଜେ। ପ୍ରାୟ ମାସେ ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଚହଳିରେ ଚଳଚଞ୍ଚଳ ରହେ ଶ୍ରୀକ୍ଷେତ୍ର। ହେଲେ ଏଥର କରୋନା ସବୁକିଛି ବଦଳାଇ ଦେଇଛି। ରଥଯାତ୍ରାର ଆଦ୍ୟ ପର୍ବ କୁହାଯାଉଥିବା ସ୍ନାନଯାତ୍ରା ବିନା ଭକ୍ତରେ ଶୁକ୍ରବାର ଶେଷ ହୋଇଛି। ମନ୍ଦିର ଭିତରେ ନୀତି ସମ୍ପୃକ୍ତ ସେବକ, ବାହାରେ ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛାଡ଼ିଦେଲେ ସବୁଠି ଥିଲା ଶୂନ୍‌ଶାନ୍। ଖୋଲି ନ ଥିଲା ଦୋକାନ ବଜାର। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ଲାଗିଥିଲା ୧୪୪ ଧାରା।

### ସ୍ନାନମଣ୍ଡପରେ ହୋ ହଲ୍ଲା

ସେବକମାନେ କୋଭିଡ୍ ଗାଇଡ୍‌ଲାଇନ ମାନି ମହାପ୍ରଭୁଙ୍କ ନୀତିକାନ୍ତି କରିବେ। ଏଥର ଶୃଙ୍ଖଳିତ ନୀତିକାନ୍ତି ସମସ୍ତଙ୍କ ପାଇଁ ଉଦାହରଣ ହେବ। ସ୍ନାନଯାତ୍ରା ପୂର୍ବରୁ ପ୍ରଶାସନ ଏମିତି କିଛି ସୂଚନା ଦେଇଥିଲା। କିନ୍ତୁ ଶୁକ୍ରବାର କେତେଜଣ ସେବାୟତଙ୍କ ପାଇଁ ସ୍ନାନମଣ୍ଡପରେ ହେଲା ହୋ ହଲ୍ଲା। ମହାପ୍ରଭୁଙ୍କ ସ୍ନାନ ପୂର୍ବରୁ କେତେଜଣ ସେବକ ପ୍ରଶାସନିକ ଗାଇଡ୍‌ଲାଇନ ମାନିବାକୁ ନେଇ ହୋ ହଲ୍ଲା କରିଥିଲେ। ସ୍ନାନ ସମୟରେ ସ୍ନାନବେଦିରେ ଯେତିକି ସଂଖ୍ୟକ ଦଇତାପତି ସେବକ ରହିବା କଥା ତା'ଠାରୁ ଅଧିକ ଥିବାରୁ ଆପତ୍ତି ଉଠାଇଥିଲେ ଗରାବଡୁ ସେବକ। ଏହାକୁ ନେଇ ହୋ ହଲ୍ଲା ହୋଇଥିଲା। ଉଭୟ ପକ୍ଷଙ୍କୁ ପ୍ରଶାସନ ବୁଝାଶୁଝା କରିଥିଲା।



### ଶୁଭିଲାନି ହରିବୋଲ, ହୁଳହୁଳି

ସ୍ନାନଯାତ୍ରା ଦିନ ବଡ଼ଦାଣ୍ଡ ଚଳଚଞ୍ଚଳ ଥାଏ। ବର୍ଷକରେ ଥରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଦେଖିବାର ଅପୂର୍ବ ସୁଯୋଗ ଭକ୍ତଙ୍କୁ ବିଭୋର କରିଦିଏ। ସେହିପରି ଦୁର୍ଲ୍ଲଭ ହାତୀବେଶ ଦର୍ଶନ କରି ଅନେକ କୃତାର୍ଥ ହୋଇଥାନ୍ତି। ସେଥିପାଇଁ ହଜାର ହଜାର ଶ୍ରଦ୍ଧାଳୁ ଛୁଟିଆସନ୍ତି ପୁରୀ। ସିଂହଦ୍ୱାର ଓ ସ୍ନାନମଣ୍ଡପ ସମ୍ମୁଖ ଅଞ୍ଚଳ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଫାଟିପଡ଼େ। ସଂକୀର୍ତ୍ତନ ସହ ବିଭିନ୍ନ ପ୍ରକାର ନୃତ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ। ହେଲେ ଏଥର ସେମିତି କିଛି ଦେଖିବାକୁ ମିଳିନି। ସିଂହଦ୍ୱାରରେ ହରିବୋଲ, ହୁଳହୁଳି ବି ଶୁଣିବାକୁ ମିଳି ନ ଥିଲା।

### ସମସ୍ତଙ୍କ ହାତରେ ସ୍ନାନ ଜଳ

ମହାପ୍ରଭୁଙ୍କ ସ୍ନାନ ଜଳ ପ୍ରତି ସମସ୍ତଙ୍କ ଶ୍ରଦ୍ଧା ଓ ବିଶ୍ୱାସ ରହିଛି। ସ୍ନାନ ଜଳ ଟିକେ ପାଇଲେ କୋଟି ପୁଣ୍ୟ ଲାଭ ହୋଇଥାଏ ବୋଲି ଅନେକ ବିଶ୍ୱାସ ରଖନ୍ତି। ପ୍ରତିବର୍ଷ ସ୍ନାନ ଜଳ ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ଏଥର ସେବାୟତମାନେ ସ୍ନାନ ଜଳ ସୁରୁଖୁରରେ ସଂଗ୍ରହ କରିଛନ୍ତି। କିଏ ଗଡୁରେ ତ ଆଉ କେହି କୁଡୁଆ ଓ ଗରାରେ ଜଳ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ସେବାୟତମାନେ ଏହି ସ୍ନାନ ଜଳ ନେଇ ଫେରିବା ସମୟରେ କାର୍ଯ୍ୟରତ ପୋଲିସ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ବି ପ୍ରଦାନ କରିଥିଲେ।

### ପୋଲିସ ହାତରେ ପଲିଥିନ



ପୁରୀକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହାସତ୍ତ୍ୱେ ପଲିଥିନର ବ୍ୟବହାର ଚାଲିଛି। ଶୁକ୍ରବାର ସ୍ନାନଯାତ୍ରା ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନଙ୍କୁ ପଲିଥିନ ପୁଡ଼ିଆରେ ଖାଦ୍ୟ ଦିଆଯାଇଥିବା ଦେଖିବାକୁ ମିଳିଥିଲା।

### ହଟହଟା ହେଲେ ୩ ଭକ୍ତ

ସ୍ନାନଯାତ୍ରା ପାଇଁ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଲାଗିଛି। କଟକ ନେମାଳରୁ ଆସିଥିବା ୩ ଭକ୍ତ ସିଂହଦ୍ୱାରରେ ପୋଲିସ ଦ୍ୱାରା ଧରାପଡ଼ି ହଟହଟା ହୋଇଛନ୍ତି। ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ସମ୍ପୃକ୍ତ ୩ଜଣ ନେମାଳ ଅଚ୍ୟୁତାନନ୍ଦ ମଠରୁ ଆସିଥିଲେ। ସେମାନେ କଟକ ଉପଜିଲାପାଳଙ୍କଠାରୁ ଅନୁମତିପତ୍ର ଆଣିବା ସହ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଇଥିଲେ। ତେଣୁ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ି ରଖି ଚାଲି ଚାଲି ଆସିଥିଲେ। ସେମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ନ ଜାଣିପାରି ସିଂହଦ୍ୱାର ଆଡ଼କୁ ଆସୁଥିବାବେଳେ ପୋଲିସର ସନ୍ଦେହ ହୋଇଥିଲା। ୩ଜଣ ଯାକ ସେବାୟତ ବେଶରେ ଥିଲେ। ତେଣୁ ସେମାନଙ୍କୁ ପୋଲିସ ଅଟକାଇ ପଚରାଉଚରା କରିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ଏହାପରେ ସମ୍ପୃକ୍ତ ୩ଜଣ ମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରି ମହାପ୍ରସାଦ ନେଇ ଫେରିଥିଲେ। ସେମାନେ ମନ୍ଦିର ଭିତରକୁ ଯାଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ମିଥ୍ୟା ବୋଲି ଆଇଆଇସି କହିଛନ୍ତି।

## ଘର ଛାତରେ ମହାପ୍ରଭୁଙ୍କ ଫଟୋ ରଖି ନୃତ୍ୟ



**ପୁରୀ ଅଫିସ, ୫।୬:** ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଅବା ବାହୁଡ଼ା ଏହି ସମୟରେ ଶ୍ରୀକ୍ଷେତ୍ରର ନୃତ୍ୟ ଶିଳ୍ପୀମାନେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥାନ୍ତି। ବିଶେଷକରି ରଥଯାତ୍ରା ଓ ବାହୁଡ଼ା ପହଣ୍ଡି ଆଗରେ ଓଡ଼ିଶୀ, ମାହାରୀ ଆଦି ନୃତ୍ୟ ସାଙ୍ଗକୁ ବନାଟି ପ୍ରଦର୍ଶନ କରାଯାଇଥାଏ। ବିଭିନ୍ନ ବେଶଧାରୀ ବି ଶ୍ରଦ୍ଧାଳୁଙ୍କ ମନ ଜିଣନ୍ତି। ହେଲେ ଏଥର ବଡ଼ଦାଣ୍ଡରେ ୧୪୪ ଧାରା ଜାରି ଯୋଗୁ ନୃତ୍ୟଶିଳ୍ପୀ ଏବଂ ବେଶଧାରୀମାନେ ବଞ୍ଚିତ ହୋଇଛନ୍ତି। ମହାପ୍ରଭୁଙ୍କ ସମ୍ମୁଖରେ ସେମାନଙ୍କର ନୃତ୍ୟ ପ୍ରଦର୍ଶନ କରିବା ଆଶା ମଉଳି ଯାଇଛି। ହେଲେ ଓଡ଼ିଶୀ ନୃତ୍ୟଶିଳ୍ପୀ ରୋଜାଲିନ ମହାନ୍ତି ନିଜ ଘର ଛାତ ଉପରେ ମହାପ୍ରଭୁଙ୍କ ଫଟୋଚିତ୍ର ରଖି ଓଡ଼ିଶୀ ବେଶଭୂଷାରେ ମଙ୍ଗଳାଚରଣ ଓ ବନ୍ଦନା ନୃତ୍ୟ ପରିବେଷଣ କରି ମନକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ବଡ଼ଦାଣ୍ଡକୁ ନ ଆସିଲେ ନାହିଁ, ଘରେ କାଳିଆ ଠାକୁରଙ୍କୁ ଆରାଧନା କରିଥିବାରୁ ବେଶ୍ ଖୁସି ବୋଲି କହିଛନ୍ତି ରୋଜାଲିନ।

## ଉଠିଲା ପ୍ରଥମ ଭୂଇଁ

**ପୁରୀ ଅଫିସ, ୫।୬:** ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ସ୍ନାନଯାତ୍ରା ଦୁଇଦିନ ପୂର୍ବରୁ ଚାରିନାହାକା ଉଠିଥିବାବେଳେ ଶୁକ୍ରବାର ତିନିରଥରେ ପ୍ରଥମ ଭୂଇଁ ଉଠିଛି। ଦ୍ୱିତୀୟ ଭୂଇଁ କାମ ମଧ ଶେଷ ହୋଇଛି। ଦୋଳବେଦି ପରିସର ଅସ୍ଥାୟୀ ଶାଳରେ ଓଝା ସେବକମାନେ ତାଗ କଣ୍ଟା ଓ ଡମକ କଣ୍ଟା ତିଆରି କରୁଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ସେବକମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି।




## ସଂକ୍ଷେପରେ

### ଟୁଇଟ୍‌ରେ ପୁରୀବାସୀଙ୍କୁ ଧନ୍ୟବାଦ ଦେଲେ ଡିଜିପି

**କଟକ ଅଫିସ,୫।୬:** କରୋନା ପାଇଁ ଶୁକ୍ରବାର ପୁରୀରେ ଭକ୍ତଙ୍କ ବିନା ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ଉପସ୍ଥିତି ଉପରେ କଟକଣା ସହ ୧୪୪ ଧାରା ଜାରି କରାଯାଇଥିଲା। ଏହାପରେ ଶାନ୍ତି ଶୃଙ୍ଖଳାର ସହ ସ୍ନାନଯାତ୍ରା ସରିଛି। ପୁରୀବାସୀ ଏଥିରେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ଅଭୟ। ସେ ଟୁଇଟ୍ ଜରିଆରେ କହିଛନ୍ତି ଯେ, ସ୍ନାନଯାତ୍ରା ଆୟୋଜନରେ ପୋଲିସ ଓ ପ୍ରଶାସନଙ୍କୁ ସହଯୋଗ କରିଥିବା ଯୋଗୁ ପୁରୀବାସୀଙ୍କୁ ଧନ୍ୟବାଦ। ପୁରୀ ପୋଲିସ ଓ ନିୟୋଜିତ ସମସ୍ତ ପୋଲିସ କର୍ମଚାରୀ କଠିନ ପରିଶ୍ରମ କରିଥିବା ଯୋଗୁ ସେମାନେ ପ୍ରଶଂସାର ପାତ୍ର ବୋଲି ଡିଜିପି ଅଭୟ ଉଲ୍ଲେଖ କରିଛନ୍ତି।

### ବଲାଙ୍ଗୀର ଜିଲା ପାଇଁ ବାଗ୍‌ଚୀ ଦେଲେ ଅଢ଼େଇ କୋଟି

**କରୋନା ସହାୟତା**

**ଭୁବନେଶ୍ୱର,୫।୬(ବ୍ୟୁରୋ):** ଦକ୍ଷତା ବିକାଶ ଅଥରିଟିର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଅଢ଼େଇ କୋଟି ଟଙ୍କା ପ୍ରଦାନ କରିଛନ୍ତି। କରୋନା ବିପକ୍ଷରେ ଲଢ଼େଇ ଲାଗି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଜରିଆରେ ବାଗ୍‌ଚୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏହି ଚେକ୍ ପ୍ରଦାନ କରିଛନ୍ତି। ଏହି ବିଶ୍ୱ ସଙ୍କଟ ସମୟରେ ଲୋକଙ୍କ ଜୀବନ ଏବଂ ଜୀବିକା ବଞ୍ଚାଇବା ସକାଶେ ବାଗ୍‌ଚୀ ଏହି ଅର୍ଥ ପ୍ରଦାନ କରିଥିବା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ରାଶି ବଲାଙ୍ଗୀର ଜିଲା ଲାଗି କରୋନା ରିଲିଫ ଭାବେ ବ୍ୟବହାର କରାଯିବ। ବାଗ୍‌ଚୀ ବଲାଙ୍ଗୀର ଜିଲାରେ ଜନ୍ମଗ୍ରହଣ କରିଛନ୍ତି। ଅନ୍ୟପଟେ ତାଙ୍କ ସ୍ତ୍ରୀ ସୁସ୍ମିତା ବାଗ୍‌ଚୀ ପ୍ରଥମେ ବଲାଙ୍ଗୀର ଜିଲାର ଏକ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଥିଲେ।

### ଛେଳି ଚୋରି ସନ୍ଦେହରେ ପିଟି ପିଟି ମାରିଦେଲେ

**ବାରିପଦା ଅଫିସ,୫।୬:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣି ନିକଟସ୍ଥ ଚଞ୍ଚା ଗ୍ରାମରେ ଛେଳି ଚୋରି ସନ୍ଦେହରେ କେତେଜଣ ଲୋକ ଶୁକ୍ରବାର ଜଣଙ୍କୁ ପିଟି ପିଟି ମାରି ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପାଲବଣି ଅନ୍ତର୍ଗତ ୨୫ନଂ. ୱାର୍ଡ଼ ଚଞ୍ଚା ଗ୍ରାମର ଜଣେ ବ୍ୟକ୍ତିଙ୍କ ଛେଳି ଚୋରି ହୋଇଥିଲା। ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଗ୍ରାମର ରବି କାଳନ୍ଦୀ(୫୦) ଛେଳି ଚୋରି କରି ନେଇଥିବା ସନ୍ଦେହ କରିଥିଲେ। ସେମାନେ ଅପରାହ୍ନ ୨ଟା ୩୦ରେ ଗ୍ରାମ ମୁଣ୍ଡ ରାସ୍ତାକୁ ରବିଙ୍କୁ ଡାକି ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଫଳରେ ରବିଙ୍କ ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସେଠାରୁ ୨ଜଣଙ୍କୁ ଧରି ଆଣି ଥାନାରେ ଅଟକ ରଖିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଜାରି ରଖିଥିବା ବେଳେ ଟାଉନ ଥାନାରେ ଏକ ମାମଲା(ନଂ. ୩୬୭/୨୦୨୦)ରୁଜୁ ହୋଇଥିବା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

# ଜିଲାପାଳଙ୍କ ଭଡ଼ା କାର ନମ୍ବର ପ୍ଲେଟ ରଙ୍ଗ ବଦଳିଲା

**ଜଗତ୍‌ସିଂହପୁର ଅଫିସ,୫।୬**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସରକାରୀ ଭାବେ ବ୍ୟବହାର କରୁଥିବା ଇନୋଭା କାରକୁ ନେଇ ନାନା କଥା ଆଲୋଚନା ଚାଲିଛି। ଏପରି କି ଗତ ମାର୍ଚ୍ଚ ମାସରୁ ଭଡ଼ାରେ ଲାଗିଥିବା ଏହି କାର ଜିଲାପାଳ ସରକାରୀ ଭାବେ ବ୍ୟବହାର କରୁଥିବା ଦେଖି ଲୋକେ ବିସ୍ମିତ ହୋଇଥିଲେ। କାରଣ ଏହି କାରର ନମ୍ବର ପ୍ଲେଟ୍ ଧଳା ରଙ୍ଗର ଥିଲା। ଧଳା ରହିଲେ ଏହା ଘରୋଇ ଅଥବା ପ୍ରାଇଭେଟ୍ ଗାଡ଼ି ବୋଲି ଧରାଯିବ। ଏହାକୁ କାର ମାଲିକ ବ୍ୟକ୍ତିଗତ ବ୍ୟବହାରରେ ଲଗାଇବେ। ଭଡ଼ାରେ ଲାଗିବା ଏପରି କି ଜିଲାପାଳ ବ୍ୟବହାର କରିବା କଥାକୁ ଲୋକେ ସହଜେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପ୍ରତାପ କୁମାର ପଣ୍ଡାଙ୍କୁ କାର ପରମିଟ୍ ବାବଦରେ ପଚାରିବାରୁ ସେ କହିଥିଲେ, ନିୟମ ରହିଛି କୌଣସି ପ୍ରାଇଭେଟ୍ କାର ଭଡାରେ ଲାଗିଲେ ଅର୍ଥାତ୍ ଟ୍ୟାକ୍ସି ଭାବେ ବ୍ୟବହାର ହେଲେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଏ। ଯେତେଥର ଧରାପଡିବ ସେତେ ଥର ୧୦ ହଜାର ଟଙ୍କା ହିସାବରେ ଜରିମନା ଆଦାୟ ହୁଏ। ଏହି କାର ପାଇଁ ଏକାଧିକ ବାର ପରମିଟ୍‌ର ଆବଶ୍ୟକତା ନାହିଁ। କିନ୍ତୁ ଟ୍ୟାକ୍ସି ପରମିଟ୍ ପାଇଲେ ନମ୍ବର ପ୍ଲେଟ୍ ହଳଦିଆ ରଙ୍ଗ କରିବାକୁ ବାଧ। ଟ୍ୟାକ୍ସି ପରମିଟ୍ ୫ ବର୍ଷ ପାଇଁ ଦିଆଯାଏ। ଏଥିସହ ପ୍ରତିବର୍ଷ ଫିଟନେସ୍ ସାର୍ଟିଫିକେଟ୍ ହାସଲ କରିବାକୁ ପଡେ ବୋଲି ଆର୍‌ଟିଓ କହିଛନ୍ତି। ଏତେସବୁ ଥିଲେ ସୁଦ୍ଧା ନିଜେ ଜିଲାପାଳ କିପରି ଟ୍ୟାକ୍ସି ପରମିଟ୍ ନ ଥିବା ଭଡା କାର ବ୍ୟବହାର କରୁଥିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଯଦି ଏହା ଟ୍ୟାକ୍ସି ପରମିଟ୍ ପାଇଥାଏ ତେବେ ନମ୍ବର ପ୍ଲେଟ୍ ରଙ୍ଗ କାହିଁକି ଧଳା ଥିଲା ତାହା ଅନେକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ତାଙ୍କ ମୋବାଇଲ ଫୋନ୍ ଓ ହ୍ୱାଟ୍‌ସଆପ୍ ନମ୍ବର ଯୋଗେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।







ନମ୍ବର ପ୍ଲେଟ୍‌ର ରଙ୍ଗ ବଦଳିବା ପୂର୍ବରୁ ଓ ପରେ।

- କାରଣକୁ ନେଇ ଚର୍ଚ୍ଚା ଜୋର ଧରିଲା
- ଉତ୍ତର ରଖିଲେନି ଜିଲାପାଳ

## ସ୍କୁଲରେ ନାମଲେଖା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

୨୦୨୦-୨୧ ଶିକ୍ଷାବର୍ଷ ପାଇଁ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀରେ ନାମଲେଖା ଆରମ୍ଭ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ୧୫ ସୁଦ୍ଧା ନାମଲେଖା ଶେଷ କରିବାକୁ ଶୁକ୍ରବାର ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। କାର୍ଯ୍ୟ ଦିବସର ସକାଳ ୭ଟାରୁ ୯ଟା ୩୦ ପର୍ଯ୍ୟନ୍ତ ନାମଲେଖା ହେବ। ଏହି ସମୟରେ କୋଭିଡ୍-୧୯ର ସମସ୍ତ ଗାଇଡ୍‌ଲାଇନ ଅନୁପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲ ଭିତରକୁ ଏକାଥରକେ ୫ରୁ ଅଧିକ ଛାତ୍ରୀଛାତ୍ର ଓ ଅଭିଭାବକ ପଶିପାରିବେ ନାହିଁ। ସେମାନେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖିବେ। ଏହି ସୂଚନାକୁ ସ୍କୁଲ ସୂଚନା ବୋର୍ଡରେ ପ୍ରକାଶ କରିବା ପାଇଁ କୁହାଯାଇଛି।

## ୨ ଭାଲୁ ଆକ୍ରମଣରେ ୬ ଗୁରୁତର

**ସଜନାଗଡ଼, ୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଏବଂ ଟଣକା ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ୨ଟି ଭାଲୁ ଆକ୍ରମଣରେ ୬ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ନୀଳଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୁଳଡ଼ିହା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ପାହାଡ଼ ତଳକୁ ଆସି ଦିଗହରା ହୋଇଥିବା ୨ଟି ଭାଲୁ ଗାଁ ମୁହାଁ ହୋଇଥିଲେ। ବାଉଁଶବଣିଆ ଗ୍ରାମର ଦୁଇଜଣ ଏବଂ ଟଣକା ଗ୍ରାମର ୪ଜଣ ଏହି ଦୁଇ ଭାଲୁଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେମାନଙ୍କର ଚିତ୍କାର ଶୁଣି ଗ୍ରାମବାସୀ ରୁଣ୍ଡ ହୋଇଯିବାରୁ ଭାଲୁ ଦୁଇଟି ଜଙ୍ଗଲ ଆଡକୁ ପଳାଇଯାଇଥିଲେ। କୁଳଡ଼ିହା ରେଞ୍ଜର ବିଜୟ କୁମାର ମହାପାତ୍ର ନୀଳଗିରି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତରମାନଙ୍କୁ ସାକ୍ଷାତ କରି ସରକାରୀ ସହୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**ଆଜିର ମନ୍ତବ୍ୟ** “ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରୁ ହଟାଇବା ଲାଗି କେବେ କହିନାହିଁ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ହରପ୍ରସାଦ
ପରିବାରବର୍ଗ


ରୁଦ୍ର ପ୍ରତାପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ହେମନ୍ତ ଶର୍ମାଙ୍କୁ କ୍ରୟ ...

କିଛିଦିନ ପୂର୍ବରୁ ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସ୍ଏମ୍ସିଏଲ୍) ଗୋଦାମ ସମ୍ମୁଖରେ ପିପିଇ, ମାସ୍କ ଏବଂ ସାନିଟାଇଜର ବୋଝେଇ ୨୦ରୁ ଊର୍ଦ୍ଧ୍ୱ ଟ୍ରକ୍ ୩/ ୪ ଦିନ ଛିଡ଼ା ହୋଇ ରହିଲା। ସେହି ସାମଗ୍ରୀଗୁଡିକୁ ନିଗମ ଗ୍ରହଣ ନ ଥିଲା। ଏ ନେଇ ବିଭିନ୍ନ ଗଣାମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ମେ ୩୧ରେ ସରକାର କେବଳ ପିପିଇ କିଟ୍ ଗ୍ରହଣ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ଓଏସ୍ଏମ୍ସିଏଲ୍ ୧୫.୭ ଲକ୍ଷ ପିପିଇ, ୨.୨ କୋଟି ତ୍ରିସ୍ତରୀୟ ମାସ୍କ, ୭.୫ ଲକ୍ଷ ଏନ୍୯୫ ମାସ୍କ ଏବଂ ୧.୭ କୋଟି ନୋଜ କ୍ଲିପ୍ ମାସ୍କ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଅର୍ଡର କରିଥିଲା। ମେଡିକାଲ ସାମଗ୍ରୀ କ୍ରୟ କମିଟି ପ୍ରଥମ ପର୍ଯ୍ୟାୟରେ ମେ ୨୦ ସୁଦ୍ଧା ପିପିଇ ଯୋଗାଇବାକୁ ଯୋଗାଣକାରୀ ସଂସ୍ଥାକୁ ଅର୍ଡର ଦେଇଥିବା ବେଳେ ପରେ ତାହାକୁ ମେ ୨୬କୁ ବୃଦ୍ଧି କରାଯାଇଥିଲା। ଉକ୍ତ ସାମଗ୍ରୀ ନିର୍ଦ୍ଧାରିତ ସମୟରେ ନ ପହଞ୍ଚିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗାଣକାରୀ ସଂସ୍ଥାକୁ ଜଣାଇଥିଲେ ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ପିପିଇ କିଟ୍, ମାସ୍କ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣ ଗଚ୍ଛିତ ଅଛି। ଏହାକୁ ଓଡ଼ିଶା ନ ପଠାଇ ଆବଶ୍ୟକ କରୁଥିବା ଅନ୍ୟ ରାଜ୍ୟକୁ ଦେବା ପାଇଁ ଜଣାଇଥିଲେ। ଏହା ସତ୍ତ୍ୱେ ଉକ୍ତ ଚିକିତ୍ସା ଉପକରଣ ବୋଝେଇ ଟ୍ରକ୍ ଓଡ଼ିଶାରେ ପହଞ୍ଚିଥିଲା। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଏ ନେଇ ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ରାଜ୍ୟ ସରକାର ୯ ଜଣ ଆଇଏଏସ୍ ଅଫିସରଙ୍କୁ ମଧ୍ୟ କୋଭିଡ୍-୧୯ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପ୍ରମୁଖ ସଚିବ ଥିବା ଅନୁ ଗର୍ଗଙ୍କୁ କୋଭିଡ୍-୧୯ ପ୍ରଶିକ୍ଷଣ ଏବଂ ଇଆଇସି କାର୍ଯ୍ୟକ୍ରମର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଶା ଖଣି ନିଗମ(ଓଏମ୍ସି) ସିଏମ୍ଡି ଭିନିଲ କ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତାଙ୍କ ଓଏସ୍ଡି ଦାୟିତ୍ୱ ମିଳିଥିଲା। ଜଳ ସମ୍ପଦ ବିଭାଗ ସଚିବ ସୁରେନ୍ଦ୍ର କୁମାରଙ୍କୁ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣର ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଥିଲା। କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗର ସଚିବ ବିଶାଳ କୁମାର ଦେବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଓଏସ୍ଡି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ମିଳିଥିଲା। ପୂର୍ତ୍ତ ବିଭାଗର ସଚିବ କ୍ରିଷନ କୁମାରଙ୍କୁ କୋଭିଡ୍-୧୯ ଡିଜିଟାଲ ରେସ୍ପନ୍ସ ସିଷ୍ଟମ ଏବଂ ପ୍ରବାସୀଙ୍କ ବାଧ୍ୟତାମୂଳକ ନାମ ପଞ୍ଜୀକରଣ ସକାଶେ ପୋର୍ଟାଲ ସୃଷ୍ଟି କରିବାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେହିପରି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବଙ୍କୁ କୋଭିଡ୍ ପରିଚାଳନାରେ ସହାୟତା ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଓଏସ୍ଡି, ଓଏସ୍ଇପିଏର ରାଜ୍ୟ ପ୍ରକଳ୍ପ ଅଧିକାରୀ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବଙ୍କୁ ସହାୟତା କରିବା ଦାୟିତ୍ୱ ମିଳିଥିଲା। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ନିର୍ଦ୍ଦେଶକ ରଶ୍ମିତା ପଣ୍ଡାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ ସଚିବଙ୍କୁ କୋଭିଡ୍ ପରିଚାଳାନାରେ ସହାୟତା କରିବା ନେଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ତେବେ ଉକ୍ତ ଆଇଏଏସ୍ ଅଫିସରମାନଙ୍କୁ ସରକାର ଅତିରିକ୍ତ ସମସ୍ତ କୋଭିଡ୍ ପରିଚାଳନା ଦାୟିତ୍ୱରୁ ମୁକ୍ତ କରି ଦେଇଛନ୍ତି। କୋଭିଡ୍ ପରିଚାଳନାରେ ଅଫିସରମାନଙ୍କ କାର୍ଯ୍ୟକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରି ଟୁଇଟ୍ କରିଛନ୍ତି। ସେ କହିଛନ୍ତି ଯେ, ମେଡିକାଲ ଉପକରଣ କ୍ରୟ, ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେବା, ରେଳ ଓ ବସ୍ରେ ଆସିଥିବା ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିବା ଆଦି କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଛନ୍ତି। ତେବେ ଆଇଏଏସ୍ ଅଫିସରମାନଙ୍କୁ ଦାୟିତ୍ୱରୁ ହଟାଇବାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଛେରା ପହଁରା ...

ସେ ଶ୍ରୀନଅରରେ ରହିଥିଲେ। ଧର୍ମୀୟ କାର୍ଯ୍ୟ ଓ ଏକ ସମୟରେ ୭ଜଣରୁ ଅଧିକ ଲୋକଙ୍କ ଏକତ୍ର ଉପରେ କଟକଣା ଥିବାବେଳେ ୬୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଘରୁ ବାହାରିବାକୁ ବାରଣ କରାଯାଇଛି। ତେଣୁ ଏହାକୁ ସେ ମାନିଛନ୍ତି। ଦ୍ୱିତୀୟ ଥର ଲାଗି ସ୍ନାନଯାତ୍ରା ସେବା ତୁଲାଇ ପାରିନାହାନ୍ତି ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ଗଜପତି ମହାରାଜା। ୧୯୭୬ ମସିହାରେ ଏଲ୍ଏଲ୍ଏମ୍ ପାଇଁ ଆମେରିକାରେ ଥିବାରୁ ପ୍ରଥମଥର ପାଇଁ ସେ ଏହି ସେବା କରିପାରି ନ ଥିଲେ। ଶୁକ୍ରବାର କୋଭିଡ୍ ଗାଇଡ୍ ଲାଇନ ପାଇଁ ସେବା କରିପାରି ନ ଥିବା ଗଜପତି ମହାରାଜା କହିଛନ୍ତି। କେବଳ ଗଜପତି ନୁହଁନ୍ତି, ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଆସି ନ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁଜୀଙ୍କୁ ସ୍ନାନଯାତ୍ରା ପାଇଁ ନିମନ୍ତ୍ରଣ କରାଯାଇଥିବା ପୂର୍ବରୁ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ସୂଚନା ଦେଇଥିଲେ। ତେବେ ଜଗଦ୍ଗୁରୁ କାହିଁକି ଆସିଲେ ନାହିଁ ସେ ନେଇ ଗୋବର୍ଦ୍ଧନ ମଠ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ବର୍ଷେ ପାଇଁ ନୂଆ ...

ଅର୍ଥନୀତିରେ ମାନ୍ଦାବସ୍ଥା ସୃଷ୍ଟି ହେବାକୁ ଯାଉଥିବା ପୂର୍ବାନୁମାନ କରାଯାଇଛି। ଦେଶର କ୍ରେଡିଟ୍ ରେଟିଂ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି। ଫଳରେ ସରକାର ଖର୍ଚ୍ଚ କମାଇବା ପାଇଁ ବାଧ୍ୟ ହୋଇଛନ୍ତି। କୋଭିଡ୍-୧୯ ମହାମାରୀ କିପରି ସମ୍ପୂର୍ଣ୍ଣ ନିର୍ମୂଳ ହେବ, ଅର୍ଥନୀତିକୁ ସଜାଡ଼ିବା ପାଇଁ ଭବିଷ୍ୟତର ଆର୍ଥିକ କାର୍ଯ୍ୟ ଯୋଜନା ତାହା ଉପରେ ନିର୍ଭର କରିବ ବୋଲି ଗତ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ। କୋଭିଡ୍-୧୯ ଜନିତ ଲକ୍ଡାଉନ ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ଏହାକୁ ସୁଧାରିବା ପାଇଁ ରିର୍ଭ ବ୍ୟାଙ୍କ ପକ୍ଷରୁ ୮.୦୧ ଲକ୍ଷ କୋଟି ଟଙ୍କାର ଲିକ୍ୟୁଡିଟି ବ୍ୟବସ୍ଥାକୁ ମିଶାଇ କେନ୍ଦ୍ର ସରକାର ୨୦.୯୭ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ।


# classifieds Everyday
0674-2580101, 2549302




**SALE**

Gharabari sthitiban plot available at Hanspal (Balianta), call: 9937568585, 9937816565. D-69279

3BHK flat for resale Jayadev Vihar mainroad, 8249165990, 8985972389. D-17441

4/5BHK Duplex with gated Community at Balianta. Construction- 2200 @ 60lakhs/ 2600 @ 70lakhs. Mplanets: 9938219397/ 9861022055. D-17445

2400sqft. BDA corner plot (East facing) sale at Sum Hospital, Bhubaneswar, Contact- DEEPAK-9937329999. D-68081

Commercial plot NH 203, residential plot Kesura State Bank Colony, Bhubaneswar, 8249310165. D-67115

ଭୁବନେଶ୍ୱର ଗଙ୍ଗପଡ଼ାଛକରୁ **800mtr ଦୂରତାରେ Gitam Collage front ରେ sqft. 549/-, ପ୍ଲଟ୍ ମିଳୁଅଛି। 9938655900.** D-69118

3BHK Duplex 36,00,000/-, 2BHK SIMPLEX 28,00,000/, finishing Hanspal, 8093465134, 9668194157. D-68687




Monalisa massage club : All types body massage with hiprofile smart lady rooms service available 9708545108. D-17423

Relaxing body massage by trained Ladies/ Gents therapist, 7008773793. D-60882

Newly open full body massage by Ladies/ Gents therapist, 8018656899. D-60881

Full body massage with Gents and Ladies, Aaiginia Square. 9777167531. D-59950

Ayurvedic full body massage Ladies and Gents. Contact: 9861064981. D-69507

Newly open SPA centre full body massage smart Ladies: 8260347387. D-59949

**LOST**

ମୁଁ ଶ୍ରୀ ମନୋରଞ୍ଜନ ଦାସ, ପିତା: ସ୍ୱର୍ଗତ ଲୋକନାଥ ଦାସ, ଗ୍ରାମ: ଅଠାନ୍ତର, ପୋଷ୍ଟ: ଅଠାନ୍ତର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ବାଲିପାଟଣା ତହସିଲ ଅଧୀନେ ଅଠାନ୍ତର ମୌଜାରେ ମୋ ନିଜ ନାମେ ଥିବା ଦାଖଲଖାରଜ ପଟ୍ଟା ଯାହାର ଖାତା ନଂ. ୩୧୨/୧୮, ପ୍ଲଟ ନଂ. ୧୩୬୫/୧୫୨୮, ଏରିଆ ଏ.୦.୦୬୦ ଡିସିମିଲ, କେଉଁଠି ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଯଦି ଉକ୍ତ ଖତିଆନକୁ ପାଇଥାନ୍ତି, ତେବେ ମୋତେ ଜଣାଇଲେ ଉପକୃତ ହେବି। ପୁନଶ୍ଚ, ଯଦି ଉକ୍ତ ଖତିଆନକୁ କୌଣସି ବ୍ୟକ୍ତି ପାଇ ତାହାକୁ ଅସତ୍ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି, ତେବେ ସେଥିପାଇଁ ମୁଁ ଦାୟୀ ହେବି ନାହିଁ। 9861779251. D-69510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ବିନା ଭକ୍ତରେ ...

ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ପ୍ରାୟ ଦେଢ ଘଣ୍ଟା ଅର୍ଥାତ୍ ରାତି ୩ଟା ୧୦ରେ ଶେଷ ହୋଇଥିଲା। ମଦନମୋହନ ୩ଟା ୪୦ରେ ବିଜେ ହୋଇଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ଶୁକ୍ରବାର ଭୋର ୪ଟା ୨୦ରେ ସ୍ନାନମଣ୍ଡପରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ଭୋର ସାଢେ ୫ଟାରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷ ହୋମ ବଢି ଭୋର ୫ଟା ୫୫ରେ ସ୍ନାନମଣ୍ଡପରେ ଠାକୁରଙ୍କ ବେଶ ସରିଥିଲା। ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡ୍ଡୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁର, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ସକାଳ ୭ଟା ୨୦ରୁ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ମହାସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦିକୁ ବିଜେ କରାଇଥିଲେ। ୧୦୮ ଗଡ୍ଡୁ ଜଳ ସ୍ନାନମଣ୍ଡପରେ ବିଜେ କରିବା ପରେ ଜଳପୂଜା ବଢିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ପୂଜାପଣ୍ଡା ସାମନ୍ତ ରୁପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦିରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡ୍ଡୁ, ଦେବୀ ସୁଭଦ୍ରା ୨୨ ଗଡ୍ଡୁ, ଶ୍ରୀଜଗନ୍ନାଥ ୩୫ ଗଡ୍ଡୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡ୍ଡୁ ଜଳରେ ସ୍ନାନ କରିଥିଲେ। ପୂର୍ବାହ୍ନ ୯ଟା ୪୦ସୁଦ୍ଧା ସ୍ନାନ ନୀତି ଶେଷ ହୋଇଥିଲା। ମଇଲମ, ନୂଆଲୁଗା ଲାଗି ବେଶ ପରେ ୧୦ଟା ୪୦ରେ ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରଥ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ୧୧ଟା ୧୦ରେ ଛେରାପହଁରା ନୀତି ସରିଥିଲା। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ପୂର୍ବାହ୍ନ ୧୧ଟା ୫୦ରେ ଅର୍ଥାତ୍ ନୀତି ନିର୍ଘଣ୍ଟର ୧୦ ମିନିଟ୍ ପୂର୍ବରୁ ଏହି ବେଶ ସରିଥିଲା। ହାତୀ ବେଶ ଥାଇ ଘଣ୍ଟଛତା ସକାଳଧୂପ ହୋଇଥିଲା। ଅପରାହ୍ନ ୪ଟା ୧୫ରେ ହାତୀବେଶ ଓଲାଗି ହୋଇଥିଲା। ୪ଟା ୫୫ରେ ଆରମ୍ଭ ହୋଇଥିଲା ବାହୁଡ଼ା ପହଣ୍ଡି। ସ୍ନାନବେଦିରୁ ଗୋଟି ପହଣ୍ଡିରେ ଅଣସରକୁ ବିଜେ କରିଥିଲେ ଶ୍ରୀବିଗ୍ରହ। ୮.୦୫ରେ ବାହୁଡ଼ା ପହଣ୍ଡି ସରିବା ପରେ ଚିତା ଓଲାଗି ହୋଇ ଆରମ୍ଭ ହୋଇଛି ଅଣସର ନୀତି। ଦୀର୍ଘବର୍ଷ ଧରି ସ୍ନାନପୂର୍ଣ୍ଣିମା ଦିନ ସମୟ ଅଭାବରୁ ଅଣସର ନୀତି ହୋଇ ପାରୁ ନ ଥିଲା। କିନ୍ତୁ ଏ ବର୍ଷ ସ୍ନାନପୂର୍ଣ୍ଣିମା ଦିନରୁ ଚତୁର୍ଦ୍ଧାବିଗ୍ରହ ଅଣସରରେ ରହିଛନ୍ତି।

### ଅଦାଲତରେ ଅଚଳାବସ୍ଥା...

କେତେଜଣ ନିଜ ମହକିଲଙ୍କ ପାଇଁ ମାମଲା ଲଢ଼ିପାରୁଛନ୍ତି ବୋଲି ବିସିଆଇ ଉକ୍ତ ଚିଠିରେ ସିଜେଆଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କମନ୍ୱେଲଥ ହ୍ୟୁମାନ୍ ରାଇଟ୍ସ ଇନିସିଏଟିଭ୍ରେ ବନ୍ଦୀଙ୍କ ସଂସ୍କାରମୂଳକ କାର୍ଯ୍ୟକ୍ରମ ସହ ଜଡ଼ିତ ମଧୁରିମା ଧନୁକା କହିଛନ୍ତି, ଭାରତୀୟ କୋର୍ଟଗୁଡ଼ିକରେ ଥିବା ଅଧିକାରୀମାନେ ତାଲିମପ୍ରାପ୍ତ ନୁହନ୍ତି ଏବଂ ସେମାନଙ୍କ ପାଖରେ ଭର୍ଚୁଆଲ କୋର୍ଟ ଜରିଆରେ ମାମଲା ପରିଚାଳନା ନିମନ୍ତେ ସାଧନ ମଧ୍ୟ ନାହିଁ। ଅନେକ କୋର୍ଟରେ ଇଣ୍ଟରନେଟ ଥିବାବେଳେ ତାକୁ ଆକ୍ସେସ୍ କରିବା ସମ୍ଭବପର ହେଉନାହିଁ। ଫଳରେ ଫୌଜଦାରି କୋର୍ଟଗୁଡ଼ିକ କାମ କରୁନାହିଁ କି ଜାମିନ ପିଟିଶନଗୁଡ଼ିକର ଶୁଣାଣି ମଧ୍ୟ ହେଉନାହିଁ ବୋଲି ମଧୁରିମା କହିଛନ୍ତି। ଭାରତର ନ୍ୟାୟାଳୟଗୁଡ଼ିକରେ ୩୬ ନିୟୁତ ମାମଲା ପଡ଼ିରହିଥିବାବେଳେ କରୋନା ଭାଇରସ୍ ଲକ୍ଡାଉନ୍ ଅଚଳାବସ୍ଥାକୁ ଆହୁରି ଆଗକୁ ନେଇଯାଇଛି।

### ଜେଲ୍ଗୁଡ଼ିକରେ ଧାରଣ କ୍ଷମତାରୁ ଅଧିକ ବନ୍ଦୀ

ଭାରତର ଫୌଜଦାରି ନ୍ୟାୟ ବ୍ୟବସ୍ଥା ଅଚଳ ହୋଇଯାଇଥିବାର ଆଉ ଏକ ବୈଶିଷ୍ଟ୍ୟ ହେଉଛି ଜେଲ୍ଗୁଡ଼ିକରେ ଥିବା ଅତ୍ୟଧିକ ବନ୍ଦୀଙ୍କ ସଂଖ୍ୟା। କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଥିବାବେଳେ ଜେଲ୍ ବିପଜ୍ଜନକ ସ୍ଥାନରେ ପରିଣତ ହୋଇଛି। ଏହି ଜେଲ୍ଗୁଡ଼ିକରେ ଧାରଣ କ୍ଷମତାଠାରୁ ୧୧୪% ଅଧିକ ବିଚାରାଧୀନ କଏଦୀ ଅଛନ୍ତି। ସେହିପରି ତଦନ୍ତ କିମ୍ବା ଶୁଣାଣିକୁ ଅପେକ୍ଷା କରିଥିବା କଏଦୀଙ୍କ ସଂଖ୍ୟା ମୋଟ ବନ୍ଦୀଙ୍କର ୬୮%। ଏହି ବିଚାରାଧୀନ କଏଦୀଙ୍କ ମଧ୍ୟରୁ ୭୦% ହେଉଛନ୍ତି ନିରକ୍ଷର ବା ଅର୍ଦ୍ଧସାକ୍ଷର, ଯାହାକି ସେମାନଙ୍କ ଅନଗ୍ରସର ତଥା ବଞ୍ଚିତ ପୃଷ୍ଠଭୂମିକୁ ଦର୍ଶାଉଛି। ରାଜଧାନୀ ଦିଲ୍ଲୀରେ ଘଟିଥିବା ଏକ ସାମ୍ପ୍ରଦାୟିକ ହିଂସା ମାମଲାର ଶୁଣାଣି ସୋମବାର ଦିଲ୍ଲୀ ହାଇକୋର୍ଟରେ ହୋଇଥିଲା। ବିଚାର ବେଳେ ହାଇକୋର୍ଟ କହିଥିଲେ, ବନ୍ଦୀଶାଳା ହେଉଛି ଦୋଷୀଙ୍କୁ ଦଣ୍ଡ ଦିଆଯିବା ପାଇଁ ପ୍ରାଥମିକ ସ୍ଥାନ, ବିଚାରାଧୀନ ଅଟକମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଅଦାଲତଙ୍କ କାମ ହେଉଛି ଆଇନାନୁସାରେ ନ୍ୟାୟ ପ୍ରଦାନ କରିବା, ସମାଜକୁ ବାର୍ତ୍ତା ପଠାଇବା ନୁହେଁ ବୋଲି ଜଷ୍ଟିସ୍ ଅନୁପ ଜେ. ଭମ୍ଭାନି କହିଛନ୍ତି। ଜଷ୍ଟିସ୍ ଭମ୍ଭାନିଙ୍କ ମତରେ ଜେଲ୍ରେ ଅତ୍ୟଧିକ ବିଚାରାଧୀନ କଏଦୀଙ୍କୁ ବିନା କୌଣସି ଉଦ୍ଦେଶ୍ୟରେ ରଖାଯିବା ଫଳରେ ସେମାନଙ୍କ ସଂଖ୍ୟା ବଢ଼ିଚାଲିବ। ଏଥିଯୋଗୁ କଏଦୀଙ୍କ ମନରେ ଏକ ଧାରଣା ସୃଷ୍ଟି ହେବ ଯେ, ସେମାନଙ୍କୁ ବିଚାର ପୂର୍ବରୁ ଦଣ୍ଡ ଦିଆଯାଉଛି, ତାହା ପୁଣି ଦୟନୀୟ ସ୍ଥିତିରେ। ଭାରତରେ ଲକ୍ଡାଉନ୍ ଘୋଷଣାର ୪ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୧ରେ କୋଲ୍କାତା ସହରର ପୂର୍ବଭାଗରେ ଥିବା ଦମ୍ଦମ୍ ସେଣ୍ଟ୍ରାଲ ଜେଲରେ ଦଙ୍ଗା ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। କୋଭିଡ୍-୧୯ ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଯୋଗୁ କଏଦୀମାନେ ବିଚଳିତ ହୋଇଯାଇଥିଲେ। ଶୁଣାଣିରେ ବିଳମ୍ବ ଓ ପରିବାର ଲୋକଙ୍କ ସହ ସାକ୍ଷାତ୍ କରାଇଦିଆ ନ ଯିବାକୁ ନେଇ ସେମାନେ ବିରକ୍ତ ହୋଇଯାଇଥିବା ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଦୁଇଦିନ ପରେ ସୁପ୍ରିମକୋର୍ଟ ଜେଲ୍ଗୁଡ଼ିକରେ ସଂକ୍ରମଣ ରୋକିବା ଲାଗି ଭିଡ଼ କମାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କଏଦୀମାନଙ୍କୁ ପାରୋଲ୍ କିମ୍ବା ଅନ୍ତରୀଣ ଜାମିନରେ ଛଡ଼ାଯିବା ପାଇଁ ଗଠିତ କମିଟିଗୁଡ଼ିକ ସୁପାରିସ କରିଥିଲେ ଯେ, ୭ ବର୍ଷ କିମ୍ବା ତହିଁରୁ କମ୍ ଦଣ୍ଡ ଭୋଗୁଥିବା ଦୋଷୀ ବା ବିଚାରାଧୀନ କଏଦୀଙ୍କୁ ମୁକ୍ତ କରାଯିବା ଉଚିତ।

ବର୍ତ୍ତମାନ ସୁଦ୍ଧା ନୂଆଦିଲ୍ଲୀର ୩ଟି ଜେଲ୍ରେ ପ୍ରାୟ ଦୁଇ ଡଜନ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଲକ୍ଷଣ ଦେଖାଦେଇ ନ ଥିବା କଏଦୀଙ୍କ ସଂଖ୍ୟା ବହୁତ ଥିବା ମନେକରାଯାଉଛି। ଦିଲ୍ଲୀସ୍ଥିତ ଜେଲଗୁଡ଼ିକର ମହାନିର୍ଦ୍ଦେଶକ ସନ୍ଦୀପ ଗୋଏଲ୍ କହିଛନ୍ତି, କରୋନା ଭାଇରସ୍ର କଣ୍ଟାକ୍ଟ ଟ୍ରେସିଂ ପାଇଁ ଏକ ସ୍ୱତନ୍ତ୍ର ଫୋର୍ସ ଗଠନ କରାଯାଇଛି। କଏଦୀଙ୍କୁ ସେମାନଙ୍କ ପରିବାର ସହ ଫୋନ୍ରେ କଥା ହେବା ପାଇଁ କାହିଁକି ଅନୁମତି ଦିଆଯାଉନାହିଁ ବୋଲି ପ୍ରଶ୍ନ କରାଯିବାରୁ ସେ ଏଥି ନିମନ୍ତେ ସୀମିତ ସାଧନ ରହିଥିବା ପ୍ରକାଶ କରିଛନ୍ତି। ଇତିମଧ୍ୟରେ ମହାମାରୀ କରୋନାକୁ ଦୃଷ୍ଟିରେ ରଖି ପ୍ରଥମେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲେଟ୍ ମାର୍ଚ୍ଚରେ ଦେଶଗୁଡ଼ିକୁ ପରାମର୍ଶ ଦେଇଥିଲେ। କିନ୍ତୁ ଭାରତରେ ଜେଲଗୁଡ଼ିକୁ ଭିଡ଼ମୁକ୍ତ କରିବା ପାଇଁ ଅଦ୍ୟାବଧି ମାତ୍ର ୪୨,୦୦୦ ବନ୍ଦୀଙ୍କୁ ଛଡ଼ାଯାଇଛି। ରାଜନୈତିକ ବନ୍ଦୀଙ୍କୁ ମୁକ୍ତ ନ କରି ଭାରତ ନିକାରାଗୁଆ, ତୁର୍କୀ, ଅଲ୍ଜେରିଆ, ସ୍ପେନ୍ ଓ ମ୍ୟାନ୍ମାର ଭଳି ଦେଶ ସହ ସାମିଲ ହୋଇଛି।

### ଆକ୍ଟିଭିଷ୍ଟ, ମୁସଲମାନଙ୍କୁ ଟାର୍ଗେଟ

ଦୁଇମାସର ଲକ୍ଡାଉନ୍ ଭିତରେ ରାଜନୈତିକ ଭିନ୍ନ ମତପୋଷଣ କରୁଥିବା ବ୍ୟକ୍ତି ଓ ମୁସ୍ଲମାନ ସମ୍ପ୍ରଦାୟର ଲୋକଙ୍କୁ ହିନ୍ଦୁ ଜାତୀୟତାବାଦୀ ସରକାରଙ୍କ ଦ୍ୱାରା ଟାର୍ଗେଟ କରାଯାଇଛି। ଗତ ଡିସେମ୍ବରରେ କେନ୍ଦ୍ର ସରକାର ଆଣିଥିବା ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ୩୮ ବର୍ଷୀୟ ଖାଲିଦ୍ ଗିରଫ ହୋଇଥିଲେ। ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସ୍ଲିମ ଶରଣାର୍ଥୀମାନଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ ପାଇଁ ଏହି ଆଇନରେ ବ୍ୟବସ୍ଥା ରହିଛି। ସିଏଏ ଭାରତର ଧର୍ମନିରପେକ୍ଷ ସମ୍ବିଧାନକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ସବୁଠି ସମାଲୋଚନା କରାଯାଇଛି। ଖାଲିଦ୍ଙ୍କ ଗିରଫଦାରିର ୩ ସପ୍ତାହ ପରେ ମାର୍ଚ୍ଚରେ ଏକ ଭିଡିଓ ସାମ୍ନାକୁ ଆସିଥିଲା। ଖାଲିଦ୍ଙ୍କୁ ଏକ ହ୍ୱିଲ୍ ଚେୟାରରେ କୋର୍ଟକୁ ହାଜିରା ପାଇଁ ନିଆଯାଉଥିବା ସେଥିରେ ଦେଖିବାକୁ ମିଳିଥିଲା। ଖାଲିଦ୍ଙ୍କୁ ଗିରଫ କରାଯିବା ବେଳେ ସେ ସୁସ୍ଥ ଥିଲେ। ତେଣୁ ହାଜତରେ ତାଙ୍କୁ ନିର୍ଯାତନା ଦିଆଯାଇଥିବା ହ୍ୱିଲଚେୟାରରୁ ବୁଝାପଡୁଛି। ଖାଲିଦ୍ଙ୍କ ସ୍ତ୍ରୀ ନର୍ଗିସ୍ କହିଛନ୍ତି, ଲକ୍ଡାଉନ୍ ବେଳେ ଆମେ ତାଙ୍କୁ ପୁଷ୍ଟିକର ସପ୍ଲିମେଣ୍ଟ ଏବଂ ଔଷଧ ଦେଇପାରି ନାହୁଁ। ତାଙ୍କୁ ନିର୍ମମ ଭାବେ ମାଡ଼ ମରାଯିବା ପରେ ଜେଲ୍ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସ କରିହେଉ ନାହିଁ। ଗତ ୩ ମାସ ମଧ୍ୟରେ ଖାଲିଦ୍ଙ୍କ ଜାମିନ ଆବେଦନ ଅନେକ ଥର ଖାରଜ ହୋଇସାରିଲାଣି। ହାଜତରେ ତାଙ୍କୁ ଆହୁରି ନିର୍ଯାତନା ଦିଆଯାଉଥିବ ବୋଲି ନର୍ଗିସ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟ ଆଇନଜୀବୀ ରେବେକା ଜନ୍ କହିଛନ୍ତି, ଭାରତୀୟ ସମ୍ବିଧାନ ନାଗରିକଙ୍କ ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାର ଦେଇଛି। ତେବେ ଗୋଟିଏ ପକ୍ଷକୁ ଆଇନଗତ ସହାୟତାର ସୁଯୋଗ ନ ମିଳିଲେ ହାଜତରେ ଥିବା ସମ୍ପୃକ୍ତ ବ୍ୟକ୍ତି ନିଜ ଅଧିକାରଗୁଡ଼ିକରୁ ବଞ୍ଚିତ ହୋଇଥାନ୍ତି। ଏହି ସ୍ଥଳେ ସେ ନ୍ୟାୟ ପାଇବା ଆଶା ମଉଳିଯାଇଥାଏ।

### ଗିରଫଦାରି ଜାରି ରହିଛି

ଦିଲ୍ଲୀରେ ଫେବୃଆରୀରେ ହୋଇଥିବା ଦଙ୍ଗାରେ ୫୩ ଜଣଙ୍କ ପ୍ରାଣହାନି ଘଟିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ। ସେହି ହିଂସାରେ ସମ୍ପୃକ୍ତ ଥିବା ଲୋକଙ୍କୁ କୌଣସି ପରିସ୍ଥିତିରେ ବି ଗିରଫ କରିବା ପାଇଁ ମାର୍ଚ୍ଚ ୩୧ରେ ଦିଲ୍ଲୀ ପୋଲିସକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ୧,୩୦୦ ଜଣଙ୍କୁ ଗିରଫ କରାଗଲାଣି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଅନେକ ପୀଡ଼ିତ, ଅଭିଯୋଗକାରୀ ଓ ଅଧିକାର କର୍ମୀ ଅଛନ୍ତି। ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ମେ ୨୩ରେ ଦୁଇଜଣ ଆକ୍ଟିଭିଷ୍ଟଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ଦେବାଙ୍ଗନା କଳିତା(୩୦) ଓ ନତାଶା ନରୱାଲ(୩୨)। ପିଞ୍ଜରା କୋଡ୍ ଫେମିନିଷ୍ଟ ଆନ୍ଦୋଳନର ଏହି ଦୁଇ ସଦସ୍ୟାଙ୍କୁ ସିଏଏ ବିରୋଧୀ ବିକ୍ଷୋଭରେ ଯୋଗଦାନ ଏବଂ ଦିଲ୍ଲୀ ଦଙ୍ଗାରେ ଭୂମିକାକୁ ନେଇ ଗିରଫ କରାଯାଇଛି। କଳିତାଙ୍କ ବିରୋଧରେ ବେଆଇନ ଭାବେ ଏକତ୍ରିତ ହେବା ଓ ନତାଶାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଲଗାଯାଇଛି। ୟୁଏପିଏ ବଳରେ ତଦନ୍ତକାରୀ ଏଜେନ୍ସି ଜଣେ ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘୋଷଣା କରିପାରିବ ଏବଂ ତାଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ସେହିପରି ଛାତ୍ରୀ ସଫୁରା ଜରଗାର(୨୭)ଙ୍କୁ ସିଏଏ ବିରୋଧୀ ବିକ୍ଷୋଭ ପାଇଁ ଗିରଫ କରାଯାଇ ତାଙ୍କ ବିରୋଧରେ ୟୁଏପିଏ ଲଗାଯାଇଛି। ସଫୁରା ୪ ମାସର ଗର୍ଭବତୀ ଥିବାବେଳେ ତାଙ୍କୁ ତିହାର ଜେଲରେ ରଖାଯାଇଛି। ସିଏଏ ବିରୋଧୀ ବିକ୍ଷୋଭକାରୀ ଗୁଲ୍ଫିଶା ଫତିମା, ମିରାନ ହାଇଦର, ଆସିଫ୍ ଇକ୍ବାଲ୍ ତନ୍ହା ଓ ଶାଫି-ଉର୍ ରେହମାନଙ୍କ ବିରୋଧରେ ମଧ୍ୟ ଉପରୋକ୍ତ ଆଇନ ବଳରେ ମାମଲା ରୁଜୁ କରାଯାଇଛି। ଏନେଇ ଆଇନଜୀବୀ ରେବେକା ଜନ୍ କହିଛନ୍ତି, କରୋନା କାଳରେ ଗିରଫଦାରି ପୂର୍ବରୁ ନୋଟିସ ଦେବା ବ୍ୟବସ୍ଥାକୁ ବାତିଲ କରାଯାଇଛି। ଫଳରେ ଅଭିଯୁକ୍ତ ନିଜ ପକ୍ଷ ରଖିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏଭଳି ସମୟରେ ୟୁଏପିଏ ଭଳି କଠୋର ଆଇନ ବଳରେ ମାମଲା ରୁଜୁ କରାଯିବା ଦୁର୍ଭାଗ୍ୟଜନକ। ୟୁଏପିଏ ବଳରେ ମାମଲା ରୁଜୁ ନ କରିବା ପାଇଁ ମେ ୬ରେ ଜାତିସଂଘ ପକ୍ଷରୁ ଭାରତ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ହେଲେ ସରକାର ଉକ୍ତ ଚିଠିକୁ ଅଣଦେଖା କରିଛନ୍ତି। ଗତ ୧୩ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଏବଂ ଜାତିସଂଘରେ ମାନବାଧିକାର ଉଚ୍ଚାୟୁକ୍ତଙ୍କ ସମେତ ଅନେକ ବିଶ୍ୱସ୍ତରୀୟ ସଙ୍ଗଠନ ଏକ ମିଳିତ ବିବୃତି ଜାରି କରିଥିଲେ। କରୋନା ସଂକ୍ରମଣ ଦୃଷ୍ଟିରୁ ଜେଲ୍ଗୁଡ଼ିକରେ ଥିବା ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ବିବୃତିରେ ପରାମର୍ଶ ଦିଆଯାଇଥିଲା। ଲକ୍ଡାଉନ୍ ବେଳେ ହିଁ ଦୁଇଜଣ ବିଶିଷ୍ଟ ଅଧିକାର କର୍ମୀ ଗୌତମ ଲଉଲଖା ଓ ଆନନ୍ଦ ତେଲତୁମ୍ବଡେଙ୍କୁ ଗିରଫ କରାଯାଇଥିଲା, ଯାହାଙ୍କ ବୟସ ୬୫ ବର୍ଷରୁ ଅଧିକ। ଦିଲ୍ଲୀ ୟୁନିଭର୍ସିଟିର ପୂର୍ବତନ ପ୍ରାଧ୍ୟାପକ ଜି.ଏନ୍. ସାଇବାବା ବିଗତ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶଦ୍ରୋହ ମାମଲାରେ ଜେଲ୍ରେ ଥିବାବେଳେ ତାଙ୍କୁ ମଧ୍ୟ ଜାମିନ ମିଳୁନାହିଁ। ଏଭଳି ସମୟରେ ଫୌଜଦାରି କୋର୍ଟଗୁଡ଼ିକ ଏକପ୍ରକାର ଅକାମୀ ହୋଇଯାଇଥିବାରୁ ବନ୍ଦୀମାନଙ୍କ ଆଶା ମଉଳିଯାଇଛି ବୋଲି କମନ୍ୱେଲଥ ହ୍ୟୁମାନ୍ ରାଇଟ୍ସ ଇନିସିଏଟିଭ୍ର ଧନୁକା କହିଛନ୍ତି। ତେବେ ଖାଲିଦ୍ ସୈଫିଙ୍କ ଘରେ ତାଙ୍କ ସ୍ତ୍ରୀଙ୍କ ଫୋନ୍ ବାଜିଉଠିଲେ ଦୁଇ କୁନିଝିଅ ମରିଅମ୍ ଓ ତଲ୍ହା ଦୌଡ଼ିଯାଆନ୍ତି କାଳେ ବାପାଙ୍କ କଲ୍ ଆସିଥିବ ବୋଲି। ପିଲାମାନେ ଆଶା ଛାଡ଼ିନାହାନ୍ତି। ସେମାନଙ୍କ ଆଶା ପୂରଣ କରିବା ପାଇଁ ଅଦାଲତଗୁଡ଼ିକରେ ବ୍ୟବସ୍ଥା କରାଯିବା ଉଚିତ ବୋଲି ନର୍ଗିସ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ହେତୁ କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗଟି ଅନୁକୂଳ ରହିଲେ ମଧ୍ୟ ସାମାନ୍ୟ ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନା ପାଇ ବିସ୍ମିତ ହୋଇପାରନ୍ତି। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳିଯିବ।

**ବୃଷ** ନୀଚସ୍ଥ ଚନ୍ଦ୍ରଙ୍କ ଯୋଗୁ ଅଫିସରେ ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସମ୍ୟକ୍ ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେବ। କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାରର ଧନ୍ଦା କରିବା ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି ଓ ତାହାଙ୍କ ସାହାଯ୍ୟ ମଧ୍ୟ ପାଇବେ। ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ବକ୍ରୀ ଶୁକ୍ରଙ୍କ କାରଣରୁ ପରିବାରର କେତେକ ବ୍ୟତିକ୍ରମ କଥାକୁ ନେଇ ଚିନ୍ତିତ ରହିବେ। ଅଧସ୍ତନ କର୍ମଚାରୀ ଜଣେ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି କଳହର ମାତ୍ରାକୁ ବଢାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ସିଂହ** କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ ହେବ। ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ପିଲାମାନଙ୍କୁ କେନ୍ଦ୍ରକରି କୌଣସି ସମସ୍ୟା ଆସିପାରେ। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ କିଛି କରିପାରିବେ ନାହିଁ। ଆତ୍ମୀୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ।

**କନ୍ୟା** ଅତୀତର କୌଣସି ଘଟଣାବଳୀକୁ କେନ୍ଦ୍ରକରି ମନରେ ଅନାଗତ ଭୟ ଓ ଆଶଙ୍କା ସୃଷ୍ଟି ହେବ। ସପ୍ତମାଧିପତି ନୀଚସ୍ଥ କାରଣରୁ ବ୍ୟବସାୟ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗୃହ ସଜ୍ଜା,ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବା ପରି ଆଶଙ୍କା ଦେଖାଦେବ। ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଫେରିବା ସମୟରେ ଘରକୁ ବରାଦ ମୁତାବକ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ରାଶିରେ ଦୁର୍ବଳଚନ୍ଦ୍ର ପ୍ରଭାବରୁ ଦୁର୍ଭାବନା ଜନିତ ଅଭାବ ଅସୁବିଧା ନ ଥିଲେ ମଧ୍ୟ ମନଟା ଗୋଳେଇଘାଣ୍ଟି ଲାଗିବ। ପୁନଶ୍ଚ ଏହାସଙ୍ଗକୁ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ମଧ୍ୟ ବଳିପଡ଼ିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକଙ୍କୁ ପରଖି ଯାହା କରିବା କଥା କହିବା ଓ କରିବା ଭଲ ହେବ।

**ଧନୁ** ଧନସ୍ଥାନସ୍ଥ ବଳବାନ୍ ଶନି ହେତୁ ଜମା ଅଭାବ ଅନୁଭବ କରିପାରିବେ ନାହିଁ, ଯେତେବେଳେ ଯାହା ଚାହିଁବେ ତାହା ପାଇପାରିବେ। ଗଣ ଯୋଗାଯୋଗ, ସାମ୍ବାଦିକତା, ଆମଦାନୀ କାରବାର,ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ନିଜ ନିଜର ସ୍ଥାନରେ ବେଶ୍ ଖୁସୀ ରହିବେ।

**ମକର** ଘର ଲୋକ ହୁଅନ୍ତୁ କିମ୍ବା ବାହାର ଲୋକ ହୁଅନ୍ତୁ, ସଭିଏ ଆପଣଙ୍କ କଥାକୁ ମାନି ଚଳିବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସହକର୍ମୀ କିମ୍ବା ଆତ୍ମୀୟ ସ୍ୱଜନଙ୍କଠାରୁ ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**କୁମ୍ଭ** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି। ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପଡ଼ିବ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହି ପାରିବ ନାହିଁ। ଅବଶ୍ୟ ବନ୍ଧୁମାନଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ।

**ମୀନ** କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ର ସକାଶେ ସାମୟିକ ଚିନ୍ତିତ ରହିବେ କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଶିକ୍ଷା, ସନ୍ତାନ, ଅଧ୍ୟୟନ, ଅଧ୍ୟାପନା, ଆଲୋଚନା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢାରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଆଷାଢ କୃଷ୍ଣ ପ୍ରତିପଦା ଶନିବାର, ପୁରୀ ନିକଟସ୍ଥ ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ ଆରମ୍ଭ, ଜୁନ୍ ୬ ତାରିଖ, ବିନୋଦ କାନୁନ୍ଗୋଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅପରାହ୍ନ.ଘ.୦୧.୫୭ ମି. ଗତେ ଘ.୦୩.୪୨ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୦୩ମି. ଗତେ ଘ.୦୭.୪୬ମି.ମଧ୍ୟେ, ରାତ୍ରି ଘ.୧୧.୨୩ମି. ଗତେ ଘ.୦୧.୩୩ ମି.ମଧ୍ୟେ, ଘ.୦୩.୦୦ମି. ଗତେ ଘ.୦୫.୧୦ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୧୧ମି.ଗତେ ଘ.୦୬.୦୩ମି. ମଧ୍ୟେ, ଦିବା ଘ.୦୯.୩୩ମି.ଗତେ ଘ.୧୨.୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୮.୨୮ ମି. ଗତେ ଘ.୧୦.୦୭ମି. ମଧ୍ୟେ ରାହୁକାଳ।

## ୧୧ ଜିଲାରେ ଶନିବାର କୋର୍ଟ ବନ୍ଦ

**କଟକ ଅଫିସ,୫।୬:** କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ୧୧ଟି ଜିଲାରେ ଜୁନ୍ ମାସର ସବୁ ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଉପରୋକ୍ତ ଜିଲାରେ ଶନିବାର କୋର୍ଟ ଏବଂ କୋର୍ଟ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ତରଫରୁ ସୂଚନା ଦିଆଯାଇଛି। ଏହି ଜିଲାଗୁଡ଼ିକ ହେଲା ପୁରୀ, ଗଞ୍ଜାମ, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଓ ଯାଜପୁର। ସେହିଭଳି ହାଇକୋର୍ଟର କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିବ।

# ଭୁବନେଶ୍ୱର ବସ୍ତିରେ ସଂକ୍ରମଣ, ରାଜ୍ୟକୁ ବିପଦ

- ସାଲିଆସାହିରୁ କରୋନା ଚିହ୍ନଟ ପରେ ବିଏମ୍‌ସିର ଚିନ୍ତା ବଢ଼ିଲା
- ୮୧ରେ ପହଞ୍ଚିଲା ପଜିଟିଭ୍ ସଂଖ୍ୟା, ୨୭ ସକ୍ରିୟ ସଂକ୍ରମିତ
- ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଓ ନମୁନା ପରୀକ୍ଷା କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ଏହାର ମାତ୍ର କେଇଟା ଦିନ ଭିତରେ ରାଜଧାନୀରେ ହୁହୁ ହୋଇ ବଢ଼ିଥିଲା ଆକ୍ରାନ୍ତଙ୍କ ସଂଖ୍ୟା। ତେବେ ରାଜ୍ୟ ସରକାର, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କମିଶନରେଟ ପୋଲିସର ଆବଶ୍ୟକ ପଦକ୍ଷେପ ସ୍ଥିତିକୁ ନିୟନ୍ତ୍ରଣକୁ ନେଇଆସିଥିଲା। ଏଥିସହ ଜନସାଧାରଣଙ୍କ ସଚେତନତା ଓ ସତର୍କତା କରୋନାକୁ କିଛିଦିନ ପାଇଁ ଦୂରେଇ ଦେଇଥିଲା। ହେଲେ କଟକଣା କୋହଳ ହେବା ପରେ ସହରରେ ପୁଣି କାୟା ମେଲିଲାଣି କରୋନା। ଶେଷ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଚିହ୍ନଟ ହୋଇଥିବା ୧୩୦ ନୂଆ ପଜିଟିଭ୍ ମଧ୍ୟରୁ ୬ ଲୋକାଲ କେସ୍ କେବଳ ବିଏମ୍‌ସି ଅଞ୍ଚଳରୁ ଆସିଥିବା ଜଣାପଡ଼ିଛି। ଭୁବନେଶ୍ୱର ୟୁନିଟ-୪ ଅଞ୍ଚଳରୁ ୨, ଡୁମୁଡୁମା, ସାଲିଆ ସାହି, ଆଇଗିଣିଆ, ଲକ୍ଷ୍ମୀସାଗରରୁ ଜଣେ ଲେଖାଏ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଶୁକ୍ରବାର ବିଏମ୍‌ସି ଟୁଇଟ୍ କରି ସୂଚନା ଦେଇଛି। ଉଦ୍‌ବେଗର ବିଷୟ ହେଲା, ରାଜଧାନୀର ସବୁଠୁ ବଡ଼ ବସ୍ତି ସାଲିଆସାହିରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଜଣେ ମହିଳା ହୋଇଥିବାବେଳେ ସରକାରୀ ହସ୍ପିଟାଲରେ ଏକ ଶିଶୁକୁ ଜନ୍ମ ଦେଇଛନ୍ତି।



ଉଭୟଙ୍କର ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ମା'ର ପଜିଟିଭ୍ ଓ ନବଜାତ ଶିଶୁର ନେଗେଟିଭ୍ ଆସିଛି। ବସ୍ତିରୁ କରୋନା ପଜିଟିଭ୍ ଚିହ୍ନଟ ହେବା ପ୍ରଥମ ଘଟଣା ହୋଇଥିବାବେଳେ ଏହାକୁ ନେଇ ବିଏମ୍‌ସିର ଚିନ୍ତା ବଢ଼ିଛି। ତୁରନ୍ତ ସାଲିଆସାହିରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ନମୁନା ପରୀକ୍ଷଣ ମାତ୍ରାକୁ ବଢ଼ାଇ ଦିଆଯାଇଛି। ଏଥିସହ କଣ୍ଟାକ୍ଟ ଟ୍ରେସିଂକୁ ଜୋର୍‌ଦାର କରାଯାଇଥିବା ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି। ଅନ୍ୟପକ୍ଷରେ ଯାହା ଆଶଙ୍କା କରାଯାଉଥିଲା ଶେଷରେ ସେହି ଆଡକୁ କରୋନା ସ୍ଥିତି ଗତି କରୁଛି। ସହର ଓ ଉପକଣ୍ଠରେ ଗଢ଼ି ଉଠିଥିବା ଶତାଧିକ ବସ୍ତିରେ ରାଜ୍ୟର ସବୁ ଜିଲାର ଲୋକ ରହୁଛନ୍ତି। ତେବେ ବସ୍ତିରେ ଲୋକଙ୍କ ରହଣି ଓ ଚଳଣିକୁ ଅନୁଧ୍ୟାନ କଲେ ଆଗକୁ ଭୁବନେଶ୍ୱରକୁ ବସ୍ତି ସଂକ୍ରମଣ ହିଁ ବିପଦ ଆଣିବ। ଏହିଠାରୁ ହିଁ ରାଜ୍ୟର ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲାରୁ ଚିହ୍ନଟ ନୂଆ ୨୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ବିଏମ୍‌ସି ଅଞ୍ଚଳରୁ ୧୩ ପଜିଟିଭ୍ ରହିଛନ୍ତି। ୬ଜଣ ସ୍ଥାନୀୟ ସଂକ୍ରମିତ ଓ ୭ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ଆକ୍ରାନ୍ତଙ୍କ ବିବରଣୀ ମଧ୍ୟ ବିଏମ୍‌ସି ପକ୍ଷରୁ ଜାରି କରାଯାଇଛି। ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ପାତ୍ରପଡା ଆକ୍ରାନ୍ତ ଜଣକ ଦିଲ୍ଲୀ ଫେରନ୍ତା। ସେହିପରି ନ୍ୟୁ ଫରେଷ୍ଟ ପାର୍କରୁ ଚିହ୍ନଟ ୨ ଆକ୍ରାନ୍ତ ଓ ଲକ୍ଷ୍ମୀସାଗରୁ ଚିହ୍ନଟ ଜଣେ ଆକ୍ରାନ୍ତଙ୍କର ମଧ୍ୟ ଟ୍ରାଭେଲ ହିଷ୍ଟ୍ରି ଦିଲ୍ଲୀ ରହିଛି। ଟଙ୍କପାଣି ରୋଡ୍‌ରୁ ଚିହ୍ନଟ ଆକ୍ରାନ୍ତ ଝାଡ଼ଖଣ୍ଡରୁ ଫେରିଥିବାବେଳେ ଚିନ୍ତାମଣିଶ୍ୱର ଆକ୍ରାନ୍ତ ମହାରାଷ୍ଟ୍ରରୁ ଆସିଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱର (ଓଲ୍ଡ ଟାଉନ୍) ଆକ୍ରାନ୍ତଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ରହିଛି। ଗୁରୁବାର ମଧ୍ୟ ଭୁବନେଶ୍ୱରରୁ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ଜଣେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଫଳରେ ଏବେ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତ ସଂଖ୍ୟା ୮୧କୁ ବୃଦ୍ଧି ପାଇଛି। ୫୧ଜଣ ସୁସ୍ଥ ହୋଇଥିବାବେଳେ ୨୭ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ଓ ୩ ଜଣଙ୍କ ମୃତ୍ୟୁ ଘଟିଛି।

# କରୋନା ନେଲା ଆଉ ଏକ ଜୀବନ

- ୨୧ ଜିଲାରୁ ୧୩୦ ନୂଆ ପଜିଟିଭ୍ ଚିହ୍ନଟ
- ମୋଟ ଆକ୍ରାନ୍ତ ୨୬୦୮, ମୃତକଙ୍କ ସଂଖ୍ୟା ୮
- ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ୧୨୩ ସୁସ୍ଥ

ଭୁବନେଶ୍ୱର, ୫।୬(ବ୍ୟୁରୋ)

କରୋନା ମହାମାରୀ ସାରା ଓଡ଼ିଶାକୁ ବ୍ୟାପିଯିବା ପରେ ଆଉ ଜଣଙ୍କ ଜୀବନ ନେଇଛି। ମୃତକ ଜଣକ ଖୋର୍ଦ୍ଧା ଜିଲାର ୬୩ ବର୍ଷୀୟ ବ୍ୟକ୍ତି। କରୋନା ବ୍ୟତୀତ ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡ଼ିତ ଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କୁ ମିଶାଇ ରାଜ୍ୟରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ରାଜ୍ୟରେ ୨୧ଜିଲାରୁ ଆଉ ୧୩୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୪ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୬ଜଣ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୬୦୮ରେ ପହଞ୍ଚିଛି।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, କଟକରୁ ସର୍ବାଧିକ ୨୩ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୟୂରଭଞ୍ଜ ଓ ଖୋର୍ଦ୍ଧାରୁ ୨୨ଜଣ ଲେଖାଏ, ଗଞ୍ଜାମରୁ ୧୨, ଗଜପତି ଓ ସୁନ୍ଦରଗଡ଼ରୁ ୭ଜଣ ଲେଖାଏ, କୋରାପୁଟରୁ ୬, ଯାଜପୁରରୁ ୩, ବରଗଡ଼ ଓ ଭଦ୍ରକରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ କେନ୍ଦୁଝରରୁ ୨ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ପୁରୀ, ରାୟଗଡ଼ା, ଜଗତ୍‌ସିଂହପୁର, ସୋନପୁର ଓ ଅନୁଗୋଳରୁ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି।

ସେପଟେ ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି ସେହି ମାତ୍ରାରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଶୁକ୍ରବାର ରେକର୍ଡ ସଂଖ୍ୟକ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଗୋଟିଏ ଦିନରେ ଏକାଥରକେ ୧୪ଜିଲାର ୧୨୩ଜଣ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଗଞ୍ଜାମରୁ ସର୍ବାଧିକ ୩୩ଜଣ ସୁସ୍ଥ ହୋଇଥିବାବେଳେ କଟକରୁ ୨୨, ନୂଆପଡ଼ା ଓ ବଲାଙ୍ଗୀରରୁ ୧୪ଜଣ ଲେଖାଏ ରହିଛନ୍ତି। ସେହିଭଳି ଖୋର୍ଦ୍ଧାରୁ ୧୦, କନ୍ଧମାଳରୁ ୭, କୋରାପୁଟ ୫, କେନ୍ଦ୍ରାପଡ଼ା ୪, ବାଲେଶ୍ୱର, ଢେଙ୍କାନାଳ ଓ ନୟାଗଡ଼ରୁ ୩ଜଣ ଲେଖାଏ ସୁସ୍ଥ ହୋଇଥିବାବେଳେ ଅନୁଗୋଳ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୬୦୪ ଛୁଇଁଛି।

## ସଂକ୍ଷେପରେ

### ଆମ୍ବ ତୋଳିବା କାଳ ହେଲା ପାଣିରେ ବୁଡି ଦୁଇ ଭଉଣୀଙ୍କ ମୃତ୍ୟୁ

**ବାହାନଗା, ୫।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ଆମ୍ବ ତୋଳିବାକୁ ଯାଇ ଦୁଇ ଭଉଣୀ ପୋଖରୀରେ ବୁଡ଼ି ପ୍ରାଣ ହରାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ସାହାସପୁରା ଗ୍ରାମର ମକିମ୍ ସାହାଙ୍କ ଦୁଇ ଝିଅ ପ୍ରମିଣି ଖାତୁନ୍ (୧୧) ଓ ନୟନା ଖାତୁନ୍ (୬) ନିକଟସ୍ଥ ପୋଖରୀ କୂଳରେ ଥିବା ଆମ୍ବ ଗଛରୁ ଆମ୍ବ ତୋଳୁଥିଲେ। ପ୍ରଥମେ ସାନଝିଅ ନୟନା ଗୋଡ ପୋଖରୀ ମଧ୍ୟକୁ ଖସିଯାଇଥିଲା। ତେବେ ତାକୁ ଉଦ୍ଧାର କରିବାକୁ ଉଦ୍ୟମ କରି ବଡଭଉଣୀ ପ୍ରମିଣି ମଧ୍ୟ ପୋଖରୀରେ ବୁଡିଯାଇଥିଲେ। ଦୁଇ ଭଉଣୀଙ୍କୁ ନ ପାଇ ଘରଲୋକେ ଖୋଜାଖୋଜି କରିବା ପରେ ପୋଖରୀରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୟନା ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ବଡ ଭଉଣୀ ପ୍ରମିଣୀ ୫ମ ଶ୍ରେଣୀରେ ପାଠ ପଢୁଥିଲେ।

### ଲକ୍‌ଡାଉନ୍ ବେଦନା: ଋଣ ଶୁଝି ନ ପାରି ବ୍ୟବସାୟୀଙ୍କ ଆତ୍ମହତ୍ୟା

**କୋରକୋଣ୍ଡା, ୫।୬(ଡି.ଏନ.ଏ.):** ଲକ୍‌ଡାଉନ୍ ସମୟରେ ଋଣବୋଝ ସହି ନ ପାରି ଜଣେ ବ୍ୟବସାୟୀ ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଏମ୍‌ଭି-୩୭ ଗ୍ରାମର ସୁସେନ ହାଲ୍‌ଦର (୫୧)। ଦିବ୍ୟାଙ୍ଗ ସୁସେନ ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ନିଜ ଉଦ୍ୟମରେ ସ୍ୱାବଲମ୍ବୀ ହେବାକୁ ସେ ବିଭିନ୍ନ ଲୋକଙ୍କଠାରୁ ସୁଧରେ ଟଙ୍କା ଆଣି ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟର ଲାଭ ଅର୍ଥରୁ ଋଣ ଶୁଝିବାକୁ ଚିନ୍ତା କରିଥିଲେ। ହେଲେ ଲକ୍‌ଡାଉନ୍ ସବୁକିଛି ବିଗାଡ଼ି ଦେଲା। ଦୋକାନ ବନ୍ଦ ରହିବା ଏବଂ ଋଣଦାତାମାନେ ବାରମ୍ବାର ଟଙ୍କା ମାଗିବାକୁ ନେଇ ସେ ମାନସିକ ଅଶାନ୍ତିରେ ଥିଲେ। ଗୁରୁବାର ଅପରାହ୍ଣରେ ସେ ଘରୁ ଚାଲିଯାଇ ଗାଁ ମଶାଣିରେ ବିଷ ପିଇ ଦେଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିଥିଲେ। ଓର୍କେଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ମାଲକାନଗିରି ପଠାଇଛି। ଏଏସ୍‌ଆଇ ସୁଶୀଲ କୁମାର ଦାସ ଘଟଣାର ତଦନ୍ତ କରୁଛନ୍ତି।

# 'ଅମ୍ଫାନ୍' କ୍ଷୟକ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

## ରିଲିଫ୍, ଥଇଥାନ ପାଇଁ ୨୦୧ କୋଟି ଦାବି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୫।୬(ବ୍ୟୁରୋ)/ଚାନ୍ଦବାଲି/ଭଦ୍ରକ ଅଫିସ, (ଡି.ଏନ୍.ଏ.)/ଜଗତ୍‌ସିଂହପୁର ଅଫିସ/ଏରସମା(ସ୍ୱ.ପ୍ର.)



ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଜୟଦୁର୍ଗାପାଟଣା ଗ୍ରାମରେ କେନ୍ଦ୍ରୀୟ ଟିମ୍ ବୁଲି ଦେଖୁଛନ୍ତି।

ବାତ୍ୟା 'ଅମ୍ଫାନ୍'ର କ୍ଷୟକ୍ଷତି ଆକଳନ କରିବାକୁ ଓଡ଼ିଶା ଗସ୍ତରେ ଆସିଥିବା ୭ ଜଣିଆ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ୪ଟି ଜିଲା ପରିଦର୍ଶନ ଶେଷ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶ୍ରୀ ପ୍ରକାଶଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ୨ ଭାଗରେ ବିଭକ୍ତ ହୋଇ ୨ ଦିନ ବାଲେଶ୍ୱର, କେନ୍ଦ୍ରାପଡା, ଜଗତସିଂହପୁର ଏବଂ ଭଦ୍ରକ ଜିଲା ଗସ୍ତ ଶେଷ କରିଛନ୍ତି। ଗୁରୁବାର ଟିମ୍-ଏ ବାଲେଶ୍ୱର ଏବଂ ଟିମ୍-ବି କେନ୍ଦ୍ରାପଡା ଜିଲା ଗସ୍ତକରି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଶୁକ୍ରବାର ଟିମ୍-ଏ ଭଦ୍ରକ ଓ ଟିମ୍-ବି ଜଗତସିଂହପୁର ଜିଲା ଗସ୍ତ କରିଥିଲେ। କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ବାତ୍ୟା କ୍ଷୟକ୍ଷତି ନେଇ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ରିଲିଫ ଓ ଥଇଥାନ ପାଇଁ କେନ୍ଦ୍ରୀୟ ଟିମ୍‌କୁ ୨୦୧ କୋଟି ଟଙ୍କାର ଦାବିପତ୍ର ପ୍ରଦାନ କରାଯାଇଥିଲା। ୪ ଜଣିଆ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ଭଦ୍ରକ ଗସ୍ତରେ ଆସି ଧାମରା ବନ୍ଦର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବୈଠକ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଜିଲାରେ ହୋଇଥିବା କ୍ଷୟକ୍ଷତି ବିଷୟରେ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଇଥିଲେ। ଜିଲାରେ ମୋଟ୍ ୬୪ କୋଟି ୨୨ ଲକ୍ଷ ୯୬ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ସେ ସୂଚନା ଦେଇଥିଲେ। ଏହାପରେ ଟିମ୍ ଚାନ୍ଦବାଲି ବ୍ଲକର ଧାମରା ସନ୍ନିକଟ ଦୋସିଙ୍ଗା, କାଳୀନାଳୀ, ଚନ୍ଦନୀପାଳ, କଇଥଖୋଲା, ଜୟଦୁର୍ଗାପାଟଣା, ଜାଗୁଳା ପଞ୍ଚାୟତର ନଦୀକୂଳିଆ ଗାଁଗୁଡ଼ିକ ବୁଲି କ୍ଷୟକ୍ଷତି ଦେଖିଥିଲେ। ସେହିପରି ଟିମ୍-ବି ପ୍ରତିନିଧି ଦଳ ଜଗତସିଂହପୁର ଜିଲାର ପାରାଦୀପ, କୁଜଙ୍ଗ ଓ ଏରସମା ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ। ଜିଲାରେ ୧୧ କୋଟି ୩୪ ଲକ୍ଷ ୭୫ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ରିପୋର୍ଟ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ଟିମ୍ ପ୍ରଥମେ ପାରାଦୀପ ମାଛଧରା ବନ୍ଦର ପରିଦର୍ଶନ କରି କ୍ଷତି ହୋଇଥିବା ଡଙ୍ଗାଗୁଡ଼ିକ ଦେଖିବା ସହ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ କୁଜଙ୍ଗ ବ୍ଲକ ପାରାଦୀପଗଡ଼ ପଞ୍ଚାୟତର ଚାନ୍ଦିନୀ ଗ୍ରାମ, ନୂଆଗଡ଼ ପଞ୍ଚାୟତର ଗୋବିନ୍ଦ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏରସମା ବ୍ଲକର ଜପା, ଡିଙ୍କିଆ ଓ ଗଡ଼କୁଜଙ୍ଗ ପଞ୍ଚାୟତ ପରିଦର୍ଶନ କରିଥିଲେ।

# ୩୦ଲକ୍ଷରୁ ଊର୍ଦ୍ଧ୍ୱ ଆୟବହିର୍ଭୂତ ସମ୍ପତ୍ତି ଜବତ

**ଜେଲ୍ ଗଲେ ବାଲିଅନ୍ତା ତହସିଲଦାର, ଡାଟା ଏଣ୍ଟ୍ରି ଅପରେଟର**

**ଭୁବନେଶ୍ୱର,୫।୬ (ବ୍ୟୁରୋ):** ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବାଲିଅନ୍ତା ତହସିଲଦାର ରଶ୍ମିରେଖା ପ୍ରଧାନ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ। ଭିଜିଲାନ୍ସର ଅଧିକାରୀମାନେ ତାଙ୍କ ଘରେ ଚଢ଼ାଉ କରି ଯାଞ୍ଚ ପରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରିଛନ୍ତି। ଏଥିମଧ୍ୟରେ ୨ଲକ୍ଷ ୮୨ ହଜାର ଟଙ୍କାର ସୁନା ଗହଣା ଓ ଗାଡ଼ି ଏବଂ ୮ ଲକ୍ଷ ଟଙ୍କାର ଏଲ୍‌ଆଇସି ବଣ୍ଡ ରହିଛି। ୪ଟି ବ୍ୟାଙ୍କ୍ ଆକାଉଣ୍ଟରେ ରହିଛି ୩ଲକ୍ଷ ୧୩ ହଜାର ଟଙ୍କା। ସେହିପରି ତହସିଲଦାର ନିଜ ସମ୍ପର୍କୀୟଙ୍କ ନାମରେ ଟଙ୍କା, ଜମି ରଖିଥିବା ଭିଜିଲାନ୍ସ ଟିମ୍ ସନ୍ଦେହ କରୁଛି। ଭୁବନେଶ୍ୱରରେ ରହୁଥିବା ଦୁଇଟି ଘରକୁ ସେ କିଣିଛନ୍ତି ନା ଭଡ଼ାରେ ରହୁଛନ୍ତି ତାହାକୁ ନେଇ ମଧ୍ୟ ଭିଜିଲାନ୍ସ ଖୋଳତାଡ଼ କରୁଛି। ଏଥିସହ ଭୁବନେଶ୍ୱର ଓ ବାଲେଶ୍ୱରସ୍ଥିତ ତାଙ୍କର ସମ୍ପର୍କୀୟଙ୍କ ଘରେ ଚଢାଉ କରିଛି ଭିଜିଲାନ୍ସ ଟିମ୍। ସବୁଠୁ ବଡ଼ କଥା ହେଲା, ରଶ୍ମିରେଖାଙ୍କ ନାମରେ ଗୋଟିଏ ବର୍ଷରେ ୩୦ଥର ଅଭିଯୋଗ ଆସିଥିଲା। ପୂର୍ବରୁ ଭିଜିଲାନ୍ସ ତାଙ୍କୁ ୫ଥର ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିବାବେଳେ ଗୁରୁବାର ତାଙ୍କୁ ଧରିବାରେ ସଫଳତା ପାଇଥିଲା। ତହସିଲଦାର ରଶ୍ମିରେଖାଙ୍କ ସହ ଗିରଫ ହୋଇଥିବା ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର ସାହୁଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି।

# ତରଳ ବର୍ଜ୍ୟ ପରିଚାଳନା କରିବ ଏସ୍‌ଏଚ୍‌ଜି

## ୪ ସେପ୍ଟେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି ସ୍ୱାକ୍ଷର

**ଭୁବନେଶ୍ୱର,୫।୬(ବ୍ୟୁରୋ):** ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର ଲୋକସେବା ଭବନଠାରେ ସ୍ୱଚ୍ଛତା ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଏବଂ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ରାଜ୍ୟର ୪ଟି ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ରକ୍ଷଣାବେକ୍ଷଣ ଭାର ସମ୍ପୃକ୍ତ ପୌରସଂସ୍ଥା ଦ୍ୱାରା ଚାରୋଟି ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଦେବା ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ବ୍ରହ୍ମପୁର, କଟକ, ସମ୍ବଲପୁର ମହାନଗର ନିଗମ ସହିତ ବାରିପଦା ପୌରପାଳିକାରେ ଥିବା ଏହି ପ୍ଲାଣ୍ଟ ଲାଗି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ପୂର୍ବରୁ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଜନ ଶୌଚାଳୟ ତଥା ଗୋଷ୍ଠୀ ଶୌଚାଳୟର ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିଲେ। ତେବେ ପ୍ରଥମକରି ବିଭାଗ ତରଫରୁ ଯଥେଷ୍ଟ ପ୍ରସ୍ତୁତି ସହ ସେମାନଙ୍କୁ ଏହି କାର୍ଯ୍ୟ ଲାଗି ତାଲିମ ଦିଆଯାଇଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି।

ଓଡ଼ିଶାରେ ଏବେ ୧୦ଟି ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟରତ ଅଛି। ଭବିଷ୍ୟତରେ ଆଉ ୮୦ରୁ ଅଧିକ ପ୍ଲାଣ୍ଟ ସ୍ଥାପନ ଲାଗି ରାଜ୍ୟର ୧୧୪ ପୌରସଂସ୍ଥାରେ ମଳ ପରିଚାଳନାକୁ ସୁଦୃଢ଼ କରାଯିବ। ସମସ୍ତ ପ୍ଲାଣ୍ଟରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯିବାର ଯୋଜନା ରହିଛି। ଗୋଷ୍ଠୀ କୈନ୍ଦ୍ରିକ ପରିମଳ ସେବା କେବଳ ଯେ ଗୋଷ୍ଠୀ ସହଭାଗିତାକୁ ସୁନିଶ୍ଚିତ କରିବ ତାହା ନୁହେଁ ବରଂ ପରିମଳ ବ୍ୟବସ୍ଥାକୁ ନିରନ୍ତର ଚଲାଇ ରଖିବାରେ ସମ୍ଭବ ହୋଇଥାଏ ବୋଲି ଗୃହ ନିର୍ମାଣ ତଥା ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ସହ ଏକ ଚୁକ୍ତିନାମା ଦ୍ୱାରା ପ୍ଲାଣ୍ଟର ଦୈନନ୍ଦିନ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଗୋଷ୍ଠୀଗୁଡିକ ହାତରେ ନ୍ୟସ୍ତ କରାଯାଇଛି।

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ହେଲ୍‌ପର/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ/ ଘର ସଫେଇ କର୍ମଚାରୀ ।
ଏଫ୍‌ଏଫ୍‌ଏଫ୍ ଲିଃ: 9884761210

**DISTRICT EDUCATION OFFICE, NABARANGPUR**
**(DISTRICT PROJECT MANAGEMENT UNIT (MDM), NABARANGPUR)**
No.2224/S&ME(MDM)-06/IV/2019 Date: 04.03.2020
**TENDER CALL NOTICE**
Sealed tenders are invited in the prescribed form from the intending Firms/Individuals/Company/Coportations/Agents having Common Carrier Licence for engagement of Transporting Contractor under MID-Day Meal Programme for transportation of rice from OSCSC Ltd. Godown points to schools/WSHGs/SHGs point of Nandahandi & Chandahandi blocks of Nabarangpur district during the financial year 2020-21. The detail of tender paper & terms & conditions of the tender is available in district website: http//www.nabarangpur.nic.in which can be downloaded. The last date of submission of tender is 30.06.2020 by 05.00 P.M.
Sd./- Collector-cum-Chairperson
Nabarangpur

# ପୋଲିସ ହାତରେ ଡକାୟତ ଗ୍ୟାଙ୍ଗ

- ବ୍ୟାଙ୍କ, ସ୍କୁଲରୁ ଚୋରି ଘଟଣାରେ ସମ୍ପୃକ୍ତ
- ୭ ଗିରଫ, କମ୍ପ୍ୟୁଟର ସହ ବାଇକ୍ ଜବତ

ବଇଣ୍ଡା, ୫।୬(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ହାତରେ ଶୁକ୍ରବାର ଧରାପଡିଛି ଏକ ଡକାୟତି ଗ୍ୟାଙ୍ଗ। ଏହି ଗ୍ୟାଙ୍ଗରେ ଥିବା ଠାକୁରଗଡ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ମିଶାଇ ମୋଟ୍ ୭ଜଣ ମହୁଲନାଳୀ ଗ୍ରାମର ସୁବର୍ଣ୍ଣ କୁମାର ନାୟକ, ପୁରୁଣାକୋଟ ଥାନା ଟାଇଁସି ଗ୍ରାମର ସତ୍ୟବ୍ରତ ନାୟକ, ଦୁଃଖବନ୍ଧୁ ନାୟକ ଓରଫ ବିକାଶ, ମାନସ ବେହେରା, ଗୌରାଙ୍ଗ ନାୟକ ଓ ଗଣପତି ବେହେରାଙ୍କୁ ଗିରଫ କରାଯାଇଛି। ଗତ ସୋମବାର ରାତିରେ ଠାକୁରଗଡ ଥାନା ପାଇକସାହିସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ଓ ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ ଏବଂ ପୁରୁଣାକୋଟ ଥାନା ବାଘମୁଣ୍ଡା ଆଶ୍ରମ ସ୍କୁଲରୁ ଲୁଟ୍ ଘଟଣାରେ ଏହ ଡକାୟତି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଏକ ଖବରଦାତା ସମ୍ମିଳନୀରେ ଠାକୁରଗଡ ଓ ପୁରୁଣାକୋଟ ପୋଲିସ ପକ୍ଷରୁ କୁହାଯାଇଛି।

ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ଆଇଟିଆଇ ଛାତ୍ର ସତ୍ୟବ୍ରତଙ୍କ ସହ ଅନ୍ୟ ୬ ଜଣ ବ୍ୟାଙ୍କ ଅଫ୍ ବରୋଦାରୁ ଚୋରି କରିବାକୁ ରବିବାର ଟାଇଁସିଠାରେ ଯୋଜନା କରିଥିଲେ। ସୋମବାର ରାତିରେ ସେମାନେ ଉକ୍ତ ବ୍ୟାଙ୍କର ଏଟିଏମ୍ ଭାଙ୍ଗିଥିଲେ। ହେଲେ ଟଙ୍କା ନେବାରେ ବିଫଳ ହେବାରୁ ୨ଟି କମ୍ପ୍ୟୁଟର ନେଇଯାଇଥିଲେ। ପରେ ଆଶ୍ରମସ୍କୁଲ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଠାକୁରଗଡ ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଟାପଢୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ, ଆଇଆଇସି ନାୟକ, ପୁରୁଣାକୋଟ ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ୨ ବାଇକ୍, ୨ କମ୍ପ୍ୟୁଟର, ସିସିଟିଭି କେବୁଲ ଓ ବକ୍ସ, ଇଣ୍ଟେକ୍ସ, ୪ଟି ସିଲିଂ ଫ୍ୟାନ ଜବତ ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ୮ ତାରିଖ ଭର୍ଚୁଆଲ ରାଲି ଲାଗି ଭାଜପାର ପ୍ରସ୍ତୁତି

**ଭୁବନେଶ୍ୱର,୫।୬(ବ୍ୟୁରୋ):** ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇଥିବାରୁ ଆସନ୍ତା ୮ତାରିଖ ଅପରାହ୍ଣ ୩ଟା ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ରାଜ୍ୟର ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ଏ ନେଇ ଶୁକ୍ରବାର ରାଜ୍ୟ ଭାଜପା ପକ୍ଷରୁ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟବାସୀ ଭାଜପା ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଏବଂ ୟୁଟ୍ୟୁବ ମାଧ୍ୟମରେ ଏହି ରାଲିରେ ସାମିଲ ହୋଇପାରିବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବାର୍ତ୍ତା କିପରି ତୃଣମୂଳସ୍ତରରେ ପହଞ୍ଚିପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସମସ୍ତ ଏମ୍‌ପି ଓ ବିଧାୟକ, ରାଜ୍ୟ ଓ ଜିଲା ପଦାଧିକାରୀ, ସମସ୍ତ ମୋର୍ଚ୍ଚାର ସଭାପତି, ଜିଲା ସଭାପତି, ମଣ୍ଡଳ ସଭାପତିଙ୍କ ସମେତ ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବୈଠକରେ ସାମିଲ ହୋଇଥିଲେ।

**ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ**
**ଏସ୍‌ଏଚ୍‌କ୍ୟୁ (ଭୁବନେଶ୍ୱର)**
**ପୋଷ୍ଟ: ଶରଧାପୁର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)**

ଏସ୍‌ଏଚ୍‌କ୍ୟୁ (ଭୁବନେଶ୍ୱର) ପୋଷ୍ଟ: ଶରଧାପୁର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ଶିବିରର ବିବିଧ ଅବ୍ୟବହୃତ ସାମଗ୍ରୀ ଏବଂ ପୋଡ଼ା ତେଲର ନିଲାମ ତା୩୦।୦୬।୨୦୨୦ରିଖ ୧୦.୦୦ ଘଟିକା ପରଠାରୁ ଏସ୍‌ଏଚ୍‌କ୍ୟୁ (ଭୁବନେଶ୍ୱର) ପୋଷ୍ଟ: ଶରଧାପୁର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)ଠାରେ ଅନୁଷ୍ଠିତ ହେବ।

**ନିଲାମର ସର୍ତ୍ତାବଳୀ**

୧. ନିଲାମ ତା୩୦।୦୬।୨୦୨୦ରିଖ ୧୦.୦୦ ଘଟିକାରେ ଅନୁଷ୍ଠିତ ହେବ । ବିବିଧ ସାମଗ୍ରୀର ନିରୀକ୍ଷଣ ସେହିଦିନ ୦୯.୦୦ ଘଟିକାରୁ ୧୦.୦୦ ଘଟିକା ମଧ୍ୟରେ ଶିବିର ପରିସରରେ କରାଯାଇପାରିବ।
୨. ବିଡରମାନଙ୍କୁ ବିଡିଂ ପୂର୍ବରୁ ଅମାନତ ରାଶି ଭାବେ ଟ.୧୦,୦୦୦/- (ଦଶହଜାର ଟଙ୍କା ମାତ୍ର) ଜମା କରିବାକୁ ହେବ, ଯାହାକୁ ନିଲାମ ପରେ ସେହିଦିନ ଫେରସ୍ତ କରିଦିଆଯିବ।
୩. ନିଲାମ ହାତୁଡ଼ି ପଡ଼ିବା (ଅର୍ଥାତ୍ ନିଲାମ ପ୍ରକ୍ରିୟା ସମାପ୍ତ ହେବା)ର ତୁରନ୍ତ ପରେ ଶେଷ ବିଡରଙ୍କୁ ବିଡିଂର ସମ୍ପୂର୍ଣ୍ଣ ଅର୍ଥରାଶି ଜମା କରିବାକୁ ହେବ ।
୪. ଅବକାରୀ ଶୁଳ୍କ (ଯେକୌଣସି ପ୍ରକାରର) କ୍ରେତାଙ୍କ ଦ୍ୱାରା ପଇଠ କରାଯିବ ।
୫. ସାମଗ୍ରୀଗୁଡ଼ିକୁ କିଣିବା ସମୟରେ "ଯେପରି ଅଛି, ଯେଉଁଠି ଅଛି" ଭିତ୍ତିରେ ବିକ୍ରୟ କରାଯିବ ଏବଂ ଏହା ଧରିନିଆଯିବ ଯେ ବିଡର ତାହାର ନିରୀକ୍ଷଣ କରିସାରିଛନ୍ତି ।
୬. ସାମଗ୍ରୀ କ୍ରୟ ପରେ, କ୍ରେତା ତାଙ୍କ ନିଜସ୍ୱ ବ୍ୟବସ୍ଥାରେ ସାମଗ୍ରୀଗୁଡ଼ିକୁ ସମ୍ପୃକ୍ତ ସ୍ଥାନରୁ ହଟାଇବେ। କ୍ରେତାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ସାମଗ୍ରୀ ହଟା ନ ଗଲେ, ସାମଗ୍ରୀଗୁଡ଼ିକ ପାଇଁ ଏହି କାର୍ଯ୍ୟାଳୟ ଦାୟୀ ରହିବ ନାହିଁ ।
୭. ଚାଲାଣ ଫର୍ମ ଦାଖଲ କରିବା ଓ ସରକାରୀ ରାଜକୋଷରେ ପ୍ରଚଳିତ ବିକ୍ରି ଓ କେନ୍ଦ୍ରୀୟ ରାଜ୍ୟ ଟିକସ ଜମା କରିବା ପରେ ହିଁ ବିବିଧ ସାମଗ୍ରୀଗୁଡ଼ିକୁ ନେବା ପାଇଁ ଅନୁମତି ଦିଆଯିବ।
୮. କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କିମ୍ବା ବାତିଲ କରିବାର ଅଧିକାର ଡିଆଇଜି, ଏସ୍‌ଏଚ୍‌କ୍ୟୁ (ଭୁବନେଶ୍ୱର)ଙ୍କ ନିକଟରେ ସଂରକ୍ଷିତ।

ସ୍ୱା./- (ସୁରେଶ ତରିଆ), ସେକେଣ୍ଡ-ଇନ୍-କମାଣ୍ଡ,
ଏସ୍‌ଏଚ୍‌କ୍ୟୁ (ଭୁବନେଶ୍ୱର) ଆଇଟିବିପି, ଖୋର୍ଦ୍ଧା
davp19112/11/0022/2021

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

NATIONAL Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତ୍ତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
7839626709

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ ୨୦ ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

# ଇସ୍ତଫା ଧମକ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତେଲଙ୍ଗାନାର ପୋଲିସ୍ ଏକାଡେମୀ ମୁଖ୍ୟ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ଭି.କେ. ସିଂହ ପଦୋନ୍ନତିରୁ ବଞ୍ଚିତ ହେଲେ ଇସ୍ତଫା ଦେବେ ବୋଲି ଧମକ ଦେଇଛନ୍ତି। ସିଂ ରାଜ୍ୟ ମୁଖ୍ୟ ସଚିବ ସୋମେଶ କୁମାରଙ୍କୁ ଚିଠି ଲେଖିଛନ୍ତି ଯେ, ତାଙ୍କୁ ତିନିମାସ ପୂର୍ବେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦବୀ ପାଇଁ ପ୍ୟାନେଲଭୁକ୍ତ କରାଯାଇଥିଲେବିସରକାରଏଯାଏତାଙ୍କପଦୋନ୍ନତିବିଷୟରେକିଛିବିଚାରକରିନାହାନ୍ତି।

ସୂଚନାନୁସାରେ ସିଂ ଡିଜିପି ପାହ୍ୟାକୁ ପଦୋନ୍ନତି ପାଇବାକୁ ଆଶା କରୁଛନ୍ତି। କିନ୍ତୁ ଏପ୍ରିଲରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଡିଜି ତେଜଦୀପ କୌର ମେନନ ଏବଂ ମାର୍ଚ୍ଚରେ ସଡ଼କ ସୁରକ୍ଷା ପ୍ରାଧିକରଣ ଡିଜି ଟି. କୃଷ୍ଣା ପ୍ରସାଦ ଅବସର ନେବା ପରେ ଉକ୍ତ ପଦବୀଗୁଡ଼ିକ ଖାଲି ଥିଲେ ମଧ୍ୟ ସରକାର ଏଯାଏ ତାଙ୍କୁ ପଦୋନ୍ନତି ଦେଇନାହାନ୍ତି।

ସିଂ ହେଉଛନ୍ତି ୧୯୮୭-ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏବଂ ସେ ଅଭିଯୋଗ କରିଛନ୍ତି ଯେ, ତେଲଙ୍ଗାନା କ୍ୟାଡରର ୧୯୮୬ ବ୍ୟାଚ୍ ଅଧିକାରୀଙ୍କୁ ତିନିବର୍ଷ ପୂର୍ବେ ପଦବୀ ଖାଲି ନ ଥିଲେ ବି ପଦୋନ୍ନତି ଦିଆଯାଇଥିଲା। ସେହିଭଳି ୧୯୮୯ ବ୍ୟାଚ୍ ତେଲଙ୍ଗାନା କ୍ୟାଡରର ଆଇଏଏସ୍ ଅଧିକାରୀମାନେ ମଧ୍ୟ ପଦବୀ ଖାଲି ନ ଥାଇ ପଦୋନ୍ନତି ପାଇଛନ୍ତି। ଆନ୍ଧ୍ରପ୍ରଦେଶ ସମେତ ଅନେକ ରାଜ୍ୟର ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀମାନେ ବହୁ ଆଗରୁ ପଦୋନ୍ନତି ପାଇଛନ୍ତି।

ତେବେବରିଷ୍ଠଆଇପିଏସ୍‌ଅଧିକାରୀଜଣକନିଜଧମକକୁକାର୍ଯ୍ୟକାରୀକରିବେକି ?

### ମହାନ୍ ବଳିଦାନ

ବାବୁ-ନିରୀକ୍ଷକମାନେ କୋଭିଡ୍-୧୯ ମହାମାରୀ ବିରୋଧରେ ଭାରତ ସରକାରଙ୍କ ଲଢ଼େଇ ଉପରେ ନଜର ରଖିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଲକ୍‌ଡାଉନ୍ ସମୟରେ ଅତି କମ୍‌ରେ ଛଅଟି ରାଜ୍ୟରେ ପ୍ରମୁଖ ସ୍ୱାସ୍ଥ୍ୟ ସଚିବଙ୍କୁ ତାଙ୍କ କାର୍ଯ୍ୟରୁ ଅନ୍ତର କରାଯାଇଛି। ନିକଟରେ ଉତ୍ତରାଖଣ୍ଡ ସରକାର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ନୀତେଶ ଝାଙ୍କୁ ତାଙ୍କ ପଦବୀରୁ ହଟାଇ ଜଳସେଚନ ବିଭାଗକୁ ସ୍ଥାନାନ୍ତର କରିଛନ୍ତି।

ସମଦଶାର ସମ୍ମୁଖୀନ ହୋଇଥିବା ଅନ୍ୟ ବାବୁମାନେ ହେଉଛନ୍ତି- ବିହାରର ସଞ୍ଜୟ କୁମାର, ପଶ୍ଚିମବଙ୍ଗର ବିବେକ କୁମାର, ଗୁଜରାଟର ଜୟନ୍ତୀ ରବି, ଓଡିଶାର ଏନ୍.ବି. ଧଳ ଏବଂ ମଧ୍ୟପ୍ରଦେଶର ପଲ୍ଲବୀ ଜୈନ ଗୋଭିଲ। କୋଭିଡ-୧୯ ସଙ୍କଟକୁ ମୁକାବିଲା କରିବାରେ ବିଫଳ ହେବା ଯୋଗୁ ସେମାନେ ନିଜ ନିଜର ପଦ ହରାଇଥିବା ଜଣାପଡ଼ିଛି। କୌତୂହଳର ବିଷୟ ହେଉଛି, ଉକ୍ତ ଅଧିକାରୀମାନେ ଦେଶରେ ମହାମାରୀ ସଂକଟ ସୃଷ୍ଟି ହେବା ପୂର୍ବରୁ ନିଜ ନିଜର ରାଜନୈତିକ ମୁନିବଙ୍କ ପାଖଲୋକ ଭାବେ ଗଣା ହେଉଥିଲେ।

ଅନେକେ ପ୍ରଶ୍ନ କରୁଛନ୍ତି କି ଏହି ବାବୁମାନେ ମହାମାରୀ ସଙ୍କଟର ମୁକାବିଲା କରିବାରେ ବିଫଳ ହେବା ଯୋଗୁ ପଦବୀ ହରାଇଛନ୍ତି ନା ସମ୍ପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ଜନ ସମାଲୋଚନାରୁ ବଞ୍ଚେଇବା ପାଇଁ ବଳି ପଡ଼ିଛନ୍ତି ? ଏହି ରାଜ୍ୟଗୁଡିକ ଦେଶର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ରାଜ୍ୟ ଏବଂ ମହାମାରୀର ମୁକାବିଲା ପାଇଁ ସଂଘର୍ଷ କରୁଛନ୍ତି, ଯଦିଚ ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବୋଧହୁଏ ନେତାମାନଙ୍କ ପାଇଁ କାହାକୁ ନା କାହାକୁ ବଳିବୋଦା ବନେଇ ସମାଲୋଚନାରୁ ଦୂରେଇ ରହିବା ସହଜ ଏବଂ ସେମାନେ ଜନସାଧାରଣଙ୍କୁ ଏଇ ବାର୍ତ୍ତା ଦେବାକୁ ଚାହାନ୍ତି ଯେ ଏଇମାନଙ୍କ ଅପାରଗତା ଯୋଗୁ ହିଁ ସମସ୍ୟା ବୃଦ୍ଧି ପାଇଛି, ଯଦିଚ ତାହା ଠିକ୍ ନୁହେଁ।

### ସିଭିସିଙ୍କ ନିର୍ଦ୍ଦେଶନାମା

ନୂତନ ମୁଖ୍ୟ ଭିଜିଲାନ୍ସ କମିଶନର (ସିଭିସି) ସଞ୍ଜୟ କୋଠାରୀ ସମସ୍ତ ମନ୍ତ୍ରଣାଳୟ ଏବଂ ସରକାରୀ ବିଭାଗକୁ ବାବୁମାନଙ୍କ ଅବସର ନେବାର ଯଥେଷ୍ଟ ପୂର୍ବରୁ ସେମାନଙ୍କ ବିରୋଧରେ ଆଭ୍ୟନ୍ତରୀଣ ଅନୁସନ୍ଧାନ ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବାବୁମାନେ ଅବସର ନେବାକୁ ଥିବା ମାସର ପ୍ରଥମ ସପ୍ତାହରେ ତାଙ୍କ ବିରୋଧରେ ଅନୁସନ୍ଧାନ ପାଇଁ ଅନୁରୋଧ କରି ଚିଠି ପଠାଇବାକୁ କୋଠାରୀ ସମସ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତମାସରେ ସିଭିସି ଭାବରେ ନିଯୁକ୍ତ ହେବା ପରେ କୋଠାରୀଙ୍କ ଏହା ପ୍ରଥମ ପ୍ରମୁଖ ନିଷ୍ପତ୍ତି। ବାସ୍ତବରେ ୨୦୦୭ ପରଠାରୁ ଅନେକ ସିଭିସି ଅଭିଯୁକ୍ତ ବାବୁମାନଙ୍କୁ ଯଥାସମୟରେନ୍ୟାୟପରିସରକୁଆଣିବାକୁନିଶ୍ଚିତକରିବାଲାଗିସରକାରୀବିଭାଗଗୁଡ଼ିକୁ ଚିଠି ଲେଖିଆସିଛନ୍ତି। କିନ୍ତୁ ତାହା ହୋଇନାହିଁ। ଅନେକ ବାବୁଙ୍କ ବିରୋଧରେ ଦୁର୍ନୀତିର ବହୁ ମାମଲା ରହିଥିଲେ ମଧ୍ୟ ଅବସର ନେବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥାଏ। କୋଠାରୀ ତାଙ୍କ ଚିଠିରେ ଅବସର ନେବାକୁ ଥିବା ଅଧିକାରୀମାନଙ୍କ ବିରୋଧରେ ଥିବା ମାମଲାକୁ ପ୍ରାଥମିକତା ଦେବାକୁ ସିଭିଓ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ କରିଛନ୍ତି। ଅଧିକନ୍ତୁ, ସରକାରୀ କର୍ମଚାରୀଙ୍କ ବିରୋଧରେ ଅନୁସନ୍ଧାନ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରୁଥିବା ସିଭିଓମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଦୀର୍ଘ ଦିନ ଧରି ଗଡ଼ି ଆସୁଥିବା ଉକ୍ତ ପ୍ରସଙ୍ଗରେ କୋଠାରୀ ସ୍ପଷ୍ଟତଃ କିଛି ଅଗ୍ରଗତି ଦେଖିବାକୁ ଚାହାନ୍ତି, କିନ୍ତୁ ସରକାରୀ ବ୍ୟବସ୍ଥା ତାଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରିବ ତ ?

Email: dilipcherian@gmail.com

# ହେଲିକପ୍ଟର ମନି ଏକ ବଡ଼ ବିକଳ୍ପ



ଡ. ସନ୍ତୋଷ କୁମାର ମହାପାତ୍ର

ଦିନକୁ ଦିନ କରୋନା ସଂକ୍ରମଣର ପ୍ରଭାବ ଅଧିକରୁ ଅଧିକ ଭୟଙ୍କର ହେଉଛି। ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିନାହିଁ ବରଂ ମାନବଜାତି ପାଇଁ ଏକ ବିରାଟ ସଙ୍କଟ ଭାବେ ଉଭା ହୋଇଛି। ଏହା ଯୋଗାଣ ଅଭାବ, ଚାହିଦା ହ୍ରାସ, ଫାଇନାନ୍‌ସିଆଲ ଶକ୍ ମାଧ୍ୟମରେ ବିଭିନ୍ନ ଦେଶର ଅର୍ଥନୀତିକୁ ଧୂଳିସାତ୍ କରିଦେଲାଣି। ଷ୍ଟକ୍ ମାର୍କେଟ୍‌ର ପତନକୁ ଫାଇନାନ୍‌ସିଆଲ ଶକ୍ କୁହାଯାଏ। ୧୯୩୦ ଦଶକରେ ଦେଖାଦେଇଥିବା 'ଦି ଗ୍ରେଟ୍ ଡିପ୍ରେସନ୍'ର ଆଶଙ୍କା ବର୍ତ୍ତମାନ ଦେଖାଦେଇଛି। ଭାରତୀୟ ଅର୍ଥନୀତିରେ ବିଭିନ୍ନ ପ୍ରକାର ଆର୍ଥିକ ସମସ୍ୟା ଅନୁଭୂତ ହେବା ସହିତ ୨୦୨୦-୨୧ରେ ବିଯୁକ୍ତାତ୍ମକ ଅଭିବୃଦ୍ଧି ହେବ ବୋଲି ପୂର୍ବାନୁମାନରୁ ଜଣାପଡ଼ିଛି। ଅଭିବୃଦ୍ଧି ହ୍ରାସ ଚିନ୍ତାର ବିଷୟ ନୁହେଁ, କିନ୍ତୁ ଲୋକଙ୍କ ଜୀବିକାର ଉତ୍ସ ଧ୍ୱଂସ ପାଇବା, କ୍ଷୁଧା, ବେକାରି ଓ ଦାରିଦ୍ର୍ୟ ବ୍ୟାପକ ହେବା ଚିନ୍ତାର ବିଷୟ। ସାଧାରଣତଃ ଯେତେବେଳେ ଅଧିକ ଆର୍ଥିକ ଅଭିବୃଦ୍ଧି ହୁଏ ତାହାର ସୁଫଳର ମୁଖ୍ୟଭାଗ ଧନିକ ଶ୍ରେଣୀକୁ ଯାଏ। ଗରିବମାନେ ସେପରି ଉପକୃତ ହୁଅନ୍ତି ନାହିଁ। କିନ୍ତୁ ଯେତେବେଳେ ଅଭିବୃଦ୍ଧି ହ୍ରାସ ପାଏ, ସେତେବେଳେ ସାଧାରଣ ଜନତା ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏଣୁ କରୋନା ପ୍ରଭାବରେ ବିପର୍ଯ୍ୟସ୍ତ ଅର୍ଥନୀତିରେ ସୁଧାର ଆଣିବା ସହିତ ଜୀବିକାର ଉତ୍ସକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଦେଶର ସରକାର ବିଭିନ୍ନ ଅର୍ଥନୈତିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରେ ଉଭୟ ମୌଦ୍ରିକ (ମନିଟାରୀ) ଏବଂ ବିତ୍ତୀୟ ପଦକ୍ଷେପ ନିଆଯାଇଛି। କିନ୍ତୁ ବର୍ତ୍ତମାନ ମୁଖ୍ୟ ସମସ୍ୟା ହେଉଛି ଲୋକଙ୍କ କ୍ରୟଶକ୍ତି ହ୍ରାସ ଯୋଗୁ ଚାହିଦା ହ୍ରାସ। ଏଣୁ ଲୋକଙ୍କ ହାତକୁ ଅର୍ଥ ଯିବା ଦରକାର। ଏହା କେବଳ ସମ୍ଭବ ହେବ ସରକାର ଅଧିକ ଅର୍ଥ ବ୍ୟୟ କଲେ। କିନ୍ତୁ ବିଶ୍ୱରେ ଯେଉଁ ସବୁ ପ୍ୟାକେଜ୍ ବିଭିନ୍ନ ଦେଶ ଘୋଷଣା କରିଛନ୍ତି, ସେଥିରେ ବିତ୍ତୀୟ ପ୍ୟାକେଜ୍ ବା ସରକାରଙ୍କ ବ୍ୟୟ ପରିମାଣ ପ୍ରାୟ ୫୦ ପ୍ରତିଶତ ହୋଇଥିଲା ବେଳେ ଭାରତରେ ଏହା ମାତ୍ର ୧୦ ପ୍ରତିଶତ ପାଖାପାଖି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା, ବାସଗୃହ, ନିଯୁକ୍ତି ବୃଦ୍ଧିରେ ଅଧିକ ବ୍ୟୟ କରିବାର ଆବଶ୍ୟକତା ରହିଛି। କାରଣ ଲୋକଙ୍କ ହାତକୁ ଅର୍ଥ ଆସିଲେ ଚାହିଦା ବୃଦ୍ଧି ପାଇବ। ଚାହିଦା ବୃଦ୍ଧି ପାଇଲେ ଅଧିକ ନିବେଶ ଆସିବ, ଆର୍ଥିକ ପ୍ରଗତି ଘଟିବ। ଅବଶ୍ୟ ଯେହେତୁ କରୋନା ସହିତ ବଞ୍ଚିବାକୁ ପଡ଼ିବ, ପ୍ରାଥମିକ ଭାବେ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ ହେବା ଉଚିତ। କିନ୍ତୁ ଏଥିପାଇଁ ପ୍ରଚୁର ଅର୍ଥ ବା ସମ୍ବଳ ଦରକାର। ବର୍ତ୍ତମାନ ଯେପରି ସଙ୍କଟ ଦେଖାଦେଇଛି ବଜେଟ୍‌ରେ ଧାର୍ଯ୍ୟ ରାଜସ୍ୱ ସଂଗ୍ରହ ପ୍ରାୟ ୩ ଲକ୍ଷ କୋଟି ଟଙ୍କା କମ୍ ହେବ। ଅନ୍ୟ ଏକ ଉପାୟ ହେଉଛି ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରିବାର ଆବଶ୍ୟକତା ରହିଛି। ପୁନଶ୍ଚ ସମ୍ପଦ କର ଧାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଅନ୍ୟ ଏକ ଉପାୟ ହେଉଛି ସରକାର ଅଧିକ ଋଣ କରି ଅଧିକ ବ୍ୟୟ କରିବା ଉଚିତ। ବିତ୍ତୀୟ ଶୃଙ୍ଖଳାକୁ କଡ଼ାକଡ଼ି ଭାବେ ଧରିବା ଉଚିତ ନୁହେଁ। ସରକାର ଅବଶ୍ୟ ବଜେଟ୍‌ରେ ଧାର୍ଯ୍ୟଠାରୁ ଆଉ ଅଧିକ ୪.୨ ଲକ୍ଷ କୋଟି ଟଙ୍କା ଋଣ କରିବେ ବୋଲି ସିଦ୍ଧାନ୍ତ ନେଇଛନ୍ତି। ଏହା ଯୋଗୁ ବିତ୍ତୀୟ ନିଅଣ୍ଟ ଜିଡିପିର ୭ରୁ ୮ପ୍ରତିଶତକୁ ବୃଦ୍ଧି ପାଇବ। ରାଜ୍ୟଗୁଡ଼ିକର ଋଣ ମିଶିଲେ ବିତ୍ତୀୟ ନିଅଣ୍ଟ ୧୨ପ୍ରତିଶତରୁ ଅଧିକ ହେବ। ପୁନଶ୍ଚ ଯେହେତୁ ରାଜସ୍ୱ ଆଦାୟ ବହୁତ ହ୍ରାସ ପାଇବ, ଋଣ ଅଧିକ ଆଣିବା ସତ୍ତ୍ୱେ ମୋଟ ବ୍ୟୟ ଅଟକଳ ବଜେଟ୍‌ର ଧାର୍ଯ୍ୟ ବ୍ୟୟବରାଦଠାରୁ ବହୁତ ଅଧିକ ହେବ ନାହିଁ। ପୁନଶ୍ଚ ଋଣ ବୃଦ୍ଧି ସାଙ୍ଗକୁ ଜିଡିପି ହ୍ରାସ ଯୋଗୁ ଋଣ ଓ ଜିଡିପି ଅନୁପାତ ବୃଦ୍ଧି ପାଇ ୮୦ପ୍ରତିଶତ ଅତିକ୍ରମ କରିବ, ଯାହା ଚିନ୍ତାର ବିଷୟ। ଅର୍ଥନୀତି ଋଣ ଜାଲରେ ପଡ଼ିଯିବ ଏବଂ ମୁକୁଳିବା ଅଧିକ କଷ୍ଟକର ହେବ। ଏହି ପରିପ୍ରେକ୍ଷୀରେ ବଡ଼ ବିକଳ୍ପ ହେଉଛି ମନିଟାଇଜେଶନ ଅଫ୍ ଡେଫିସିଟ୍ ବା ଡେବ୍ଟ ଫାଇନାନ୍ସ ଏବଂ ହେଲିକପ୍ଟର ମନି। ବହୁଦିନ ପୂର୍ବରୁ ଆମେ ସାମାଜିକ ଗଣମାଧ୍ୟମରେ ଏହି ନୀତି ସରକାର ଆପଣାନ୍ତୁ ବୋଲି ଲେଖିଥିଲୁ। ଏପରି କି ଓଡ଼ିଶା ପୋଷ୍ଟରେ ଏକ ଲେଖାରେ ମଧ୍ୟ ଉଲ୍ଲେଖ କରିଥିଲୁ। ଅବଶ୍ୟ ବର୍ତ୍ତମାନ ସବୁ ବଡ଼ ବଡ଼ ଅର୍ଥନୀତିଜ୍ଞଙ୍କ ଏ ପଦ୍ଧତିରେ ସମ୍ବଳ ସଂଗ୍ରହ ପାଇଁ ପରାମର୍ଶ ଦେଉଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ସି ରଙ୍ଗରାଜନ, ବିମଳ ଜଲାନ, ରଘୁରାମ ରାଜନ, ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶୱନ୍ତ ସିହ୍ନା, କେରଳ ଅର୍ଥମନ୍ତ୍ରୀ ଟମାସ ଆଇଜାକ୍, ନୋବେଲ ବିଜେତା ଅଭିଜିତ୍ ବାନାର୍ଜୀ, ପୂର୍ବତନ ପରିସଂଖ୍ୟାନବିତ୍ ପ୍ରଣବ ସେନ୍ ପ୍ରମୁଖ। ପୂର୍ବରୁ କେନ୍ସ (୧୯୩୩) ଆବା ଲର୍ଣ୍ଣର (୧୯୪୩), ଆମେରିକାର ଫେଡେରାଲ ରିଜର୍ଭର ପୂର୍ବତନ ଚେୟାରମ୍ୟାନ୍ ବି ବର୍ନାଡ କେ (୨୦୦୨) ଏହିପରି ପ୍ରକ୍ରିୟାରେ ସମ୍ବଳ ସଂଗ୍ରହ କରିବାକୁ ସମର୍ଥନ କରିଛନ୍ତି।

ମନିଟାଇଜେଶନ ଅଫ ସ୍ପେଣ୍ଡିଂ ଅର୍ଥ ନୂଆ ମନି ସୃଷ୍ଟିକରି ଖର୍ଚ୍ଚ କରିବା, ଯାହା ରିଜର୍ଭ ବ୍ୟାଙ୍କ ପ୍ରିଣ୍ଟ କରିଥାଏ। ଏହା ଦୁଇ ପ୍ରକାରରେ ହୋଇଥାଏ। ପ୍ରାଥମିକ ହେଉଛି ମନିଟାଇଜେଶନ ଅଫ୍ ଡେଫିସିଟ୍ ବା ଡେବ୍ଟ ଫାଇନାନ୍ସ ବା ମନି ଫାଇନାନ୍ସ। ଏହି ପ୍ରକ୍ରିୟାରେ ରିଜର୍ଭ ବ୍ୟାଙ୍କ ଆବଶ୍ୟକ ଟଙ୍କା ପ୍ରିଣ୍ଟ କରି ସରକାରଙ୍କୁ ଋଣ ଆକାରରେ ଦେବ। ସରକାର ବଜାରରୁ ସେହି ପରିମାଣର ଋଣ ଆଉ କରିବେ ନାହିଁ। ସରକାର ସେହି ଅର୍ଥ ଖର୍ଚ୍ଚ କରିବେ। ଏହା ଆମେରିକା, ଜାପାନ, ଗ୍ରେଟ୍ ବ୍ରିଟେନ୍‌ର କ୍ୱାଣ୍ଟିଟେଟିଭ୍ ଇଜିଙ୍ଗ୍ ପ୍ରୋଗ୍ରାମ୍ ସହିତ ଅନେକାଂଶରେ ସମାନ। ଅବଶ୍ୟ କ୍ୱାଣ୍ଟିଟେଟିଭ୍ ଇଜିଙ୍ଗ୍ ଓ ମନିଟାଇଜେସନ ଅଫ୍ ଡେଫିସିଟ୍ ମଧ୍ୟରେ କିଛି ପ୍ରଭେଦ ଅଛି। ଯେତେବେଳେ ସୁଧହାର ବହୁତ କମ୍ ଥାଏ ସେତେବେଳେ କ୍ୱାଣ୍ଟିଟେଟିଭ୍ ଇଜିଙ୍ଗ୍ ମାଧ୍ୟମରେ କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କ ବଣ୍ଡ କିଣିଥାଏ। ଯାହାଫଳରେ ବଜାରରେ ଅଧିକ ଅର୍ଥ ଯୋଗାଣ ବା ମନି ସପ୍ଲାଇ ବୃଦ୍ଧି ପାଇଥାଏ। ମନିଟାଇଜେସନ ଅଫ୍ ଡେଫିସିଟ୍‌ରେ କେନ୍ଦ୍ରୀୟ ବ୍ୟାଙ୍କ ସରକାରୀ ବଣ୍ଡ କିଣିଲା ବେଳେ କ୍ୱାଣ୍ଟିଟେଟିଭ୍ ଇଜିଙ୍ଗରେ କେନ୍ଦ୍ରୀୟ ବ୍ୟାଙ୍କ ତଥା ଆନ୍ୟାନ୍ୟ ବ୍ୟାଙ୍କ ମଧ୍ୟ ସରକାରୀ ବଣ୍ଡ, ଆସେଟ୍ କ୍ରୟ କରିଥାନ୍ତି। ମନିଟାଇଜେସନ ଅଫ୍ ଡେଫିସିଟ୍‌କୁ ମଧ୍ୟ ସିଗ୍ନିଓରେଜ୍ ଫାଇନାନ୍‌ସିଂ ଡେଫିସିଟ୍ କୁହାଯାଏ। ସାଧାରଣତଃ ଟଙ୍କାର ଫେସ୍ ଭାଲ୍ୟୁ ଏବଂ ମୁଦ୍ରଣ ପାଇଁ ଖର୍ଚ୍ଚ ମଧ୍ୟରେ ଥିବା ପାର୍ଥକ୍ୟକୁ ସିଗ୍ନିଓରେଜ ଲାଭ କୁହାଯାଏ। ଯେତେବେଳେ ରିଜର୍ଭ ବ୍ୟାଙ୍କ ଅଧିକ ମୁଦ୍ରା ବା ଟଙ୍କା ଛାପି ସରକାରଙ୍କୁ ଋଣ ଦେବ, ରିଜର୍ଭ ବ୍ୟାଙ୍କର ଏହି ଲାଭ ବୃଦ୍ଧି ପାଇବ ଏବଂ ଲାଭାଂଶ ଆଧାରରେ ସରକାରଙ୍କୁ ଅଧିକ ଅର୍ଥ ଦେବ ଏବଂ ସରକାର ରିଜର୍ଭ ବ୍ୟାଙ୍କର ଋଣ ଶୁଝିପାରିବେ।

ଅନ୍ୟ ଏକ ପ୍ରକ୍ରିୟା ହେଉଛି ହେଲିକପ୍ଟର ମନି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ସରକାର ଏହି ପଦ୍ଧତି ଅନୁସରଣ କରିବାକୁ ଯାଉଛନ୍ତି। ହେଲିକପ୍ଟର ମନି ଏକ ଅସ୍ୱାଭାବିକ ମୁଦ୍ରାନୀତି। ସର୍ବପ୍ରଥମେ ଏହି ଶବ୍ଦକୁ ଆମେରିକୀୟ ଅର୍ଥନୀତିଜ୍ଞ ମିଲଟନ ଫ୍ରିଡ୍‌ମ୍ୟାନ୍ ବ୍ୟବହାର କରିଥିଲେ। ଯେତେବେଳେ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖା ଦେଇଥାଏ, ସେତେବେଳେ ଏହି ପ୍ରକ୍ରିୟାରେ ଲୋକଙ୍କୁ ଅର୍ଥ ଦିଆଯାଇଥାଏ। ହେଲିକପ୍ଟର ମନି ଅର୍ଥ ହେଲିକପ୍ଟର ମାଧ୍ୟମରେ ଟଙ୍କା ପକାଇବା ଏବଂ ଲୋକ ତାକୁ ପାଇ ଖର୍ଚ୍ଚ କରି ଅର୍ଥନୀତିକୁ ଚଳଚଞ୍ଚଳ କରିବା। ଏହା ଆକ୍ଷରିକ ଅର୍ଥ ହୋଇଥିଲେ ମଧ୍ୟ ବାସ୍ତବରେ ରିଜର୍ଭ ବ୍ୟାଙ୍କ ପ୍ରଚୁର ଟଙ୍କା ବା ନୋଟ୍ ଛାପି ସରକାରଙ୍କୁ ଦେବେ। ସରକାର ଏହାକୁ ବିଭିନ୍ନ ଉପାୟରେ ଲୋକଙ୍କୁ ବିଶେଷ କରି ସମାଜର ଦୁର୍ବଳ ଶ୍ରେଣୀକୁ ଦେବେ। କିଛି ମଧ୍ୟ ଭିତ୍ତିଭୂମି, ଅନ୍ୟାନ୍ୟ ବିକାଶ ପାଇଁ ଖର୍ଚ୍ଚ କରିବେ। ଏହି ପ୍ରକ୍ରିୟାରେ ରିଜର୍ଭ ବ୍ୟାଙ୍କକୁ ସରକାର ଆଉ ଏହି ଅର୍ଥ ଫେରାଇବାକୁ ପଡ଼ି ନ ଥାଏ। ବିଶେଷ କରି ଏହି ମାଧ୍ୟମରେ ଲୋକଙ୍କ ନିକଟକୁ ଅର୍ଥ ଯିବା ଦ୍ୱାରା ଲୋକେ ଅଧିକ ଖର୍ଚ୍ଚ କରନ୍ତି ଏବଂ ସାମଗ୍ରିକ ଚାହିଦା ବୃଦ୍ଧି ସହିତ ଅର୍ଥନୀତି ଚଳଚଞ୍ଚଳ ହୁଏ। ସରକାର ଏହି ପ୍ରକ୍ରିୟା ଅନୁସରଣ କରିବା ସହିତ ରାଜ୍ୟମାନଙ୍କୁ ପ୍ରଚୁର ଅର୍ଥ ସହାୟତା ଦେବା ଆବଶ୍ୟକ। ଯେପରି ରାଜ୍ୟମାନଙ୍କର ବିତ୍ତୀୟ ସ୍ଥିତି କିଛି ବିଗିଡ଼ି ନ ଯାଏ। ଉଭୟ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ହେବା ଅପେକ୍ଷା କେବଳ କେନ୍ଦ୍ର ଆର୍ଥିକ ବୋଝ ସମ୍ଭାଳିଲେ ଭଲ। କାରଣ ଅଧିକ ରାଜସ୍ୱ ଆଦାୟ କରିବା ବା ଋଣ କରିବା ବା ଅଧିକ ନୋଟ୍ ଛାପିବା କ୍ଷମତା କେନ୍ଦ୍ର ହାତରେ ଅଛି।

ଏହି ଉଭୟ ପ୍ରକ୍ରିୟାର ମଧ୍ୟ ନକାରାତ୍ମକ ଦିଗ ଅଛି। ୧୯୯୭ରୁ ମନିଟାଇଜେସନ ଅଫ୍ ଡେଫିସିଟ୍ ପ୍ରକ୍ରିୟା ଭାରତ ରଦ୍ଦ କରିଥିଲା। କାରଣ ଉଭୟ ପ୍ରକ୍ରିୟାରେ ଅଧିକ ମୁଦ୍ରା ଯୋଗାଣ ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଦେଶର ମୁଦ୍ରାର ଗୁରୁତ୍ୱ ହ୍ରାସ ପାଇବାର ଆଶଙ୍କା ରହିଛି। କିନ୍ତୁ ଯେତେବେଳେ ଅର୍ଥନୀତିରେ ଭଲ ସ୍ଥିତି ଥାଏ ସେହି ସମୟରେ ଏହି ପ୍ରକ୍ରିୟା ମୁଦ୍ରାସ୍ଫୀତି ବୃଦ୍ଧି କରିଥାଏ। କିନ୍ତୁ ବର୍ତ୍ତମାନ ଯେତେବେଳେ ଚାହିଦା ହ୍ରାସ ପାଉଛି, ଭୟଙ୍କର ରିସେସନ ଆଡକୁ ଅର୍ଥନୀତି ଗତି କରୁଛି, ସେହିସମୟରେ ଉପଯୁକ୍ତ ପଦକ୍ଷେପ ମୁଦ୍ରାସ୍ଫୀତି ବୃଦ୍ଧି କରିବ ନାହିଁ। ପୁନଶ୍ଚ ଯେତେବେଳେ ମଣିଷ ବଞ୍ଚିବା କଷ୍ଟକର, ଜୀବିକା ହରାଉଛି, କ୍ଷୁଧାର ତାଡ଼ନାରେ ମୃତ୍ୟୁବରଣ କରୁଛି, ଭବିଷ୍ୟତର ଅନିଶ୍ଚିତତା ମନରେ ଅନେକ ଆଶଙ୍କା ସୃଷ୍ଟି କରୁଛି ସେତେବେଳେ ଏସବୁ ସମସ୍ୟାର ସମ୍ମୁଖୀନ ହେବା ପାଇଁ ନିଆଯାଉଥିବା ପଦକ୍ଷେପ ଦ୍ୱାରା ଯଦି ମୁଦ୍ରାସ୍ଫୀତି ବୃଦ୍ଧି ପାଏ ତାହା ଗ୍ରହଣୀୟ। ଏଣୁ ସରକାର ଲୋକଙ୍କ ହାତକୁ ଅର୍ଥ ଦେବା ସହିତ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରନ୍ତୁ।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ
ମୋ: ୯୪୩୭୨୦୮୭୬୨, Email:skmohapatra67@gmail.com

# ନୂଆ ଜଙ୍ଗଲ ଏବଂ ଓଡ଼ିଶା



ଅଲେଖ ଚନ୍ଦ୍ର ସାମଲ

ଭାରତୀୟ ଜଙ୍ଗଲ ସର୍ଭେ ତରଫରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଓଡ଼ିଶାବାସୀଙ୍କ ପାଇଁ ଖୁସି ଆଣିଦେଇଛି। ଦେଶରେ ନୂତନ ଜଙ୍ଗଲ ସୃଷ୍ଟିରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବା ଏହି ରିପୋର୍ଟ ପ୍ରକାଶ କରିଛି। ଦେଶରେ ନୂତନ ଭାବେ ସୃଷ୍ଟି ହୋଇଥିବା ୫୮୭୧ ବର୍ଗ କିଲୋମିଟର ଜଙ୍ଗଲ ମଧ୍ୟରୁ ୧୪୪୪ ବର୍ଗ କିଲୋମିଟର କେବଳ ଓଡ଼ିଶାର। ତେବେ ପ୍ରଥମ ସ୍ଥାନରେ ରହିଛି ପଶ୍ଚିମବଙ୍ଗ। ନୂତନ ଭାବେ ସୃଷ୍ଟି ହୋଇଥିବା ଜଙ୍ଗଲର ପ୍ରାୟ ୬୪ ପ୍ରତିଶତ (୩୮୧୦ ବର୍ଗ କିଲୋମିଟର) ପଶ୍ଚିମବଙ୍ଗର ରହିଛି। ପଶ୍ଚିମବଙ୍ଗରେ ଏତେ ପରିମାଣରେ ନୂତନ ଜଙ୍ଗଲ ସୃଷ୍ଟି ହେବା ପଛରେ ରାଜ୍ୟ ଜଙ୍ଗଲ ପରିଚାଳନା କମିଟିର ବିଭିନ୍ନ ପଦକ୍ଷେପ ସହିତ ଅଞ୍ଚଳବାସୀଙ୍କ ବଡ଼ ହାତ ରହିଛି ବୋଲି ତଥ୍ୟ ପ୍ରକାଶ ପାଇଛି।

ପଶ୍ଚିମବଙ୍ଗରେ ଛୋଟ ଛୋଟ ଗଛରେ ସୃଷ୍ଟି ଘଞ୍ଚ ଜଙ୍ଗଲ ସାଙ୍ଗକୁ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ, ବୈଷୟିକ ବୃକ୍ଷ ରୋପଣ ଏବଂ ଚା ବଗିଚା ମଝିରେ ରହିଥିବା ବଡ଼ ବଡ଼ ଗଛ ନୂତନ ଜଙ୍ଗଲ ସୃଷ୍ଟି କରିଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ତେବେ ଦେଶର ଜନବହୁଳ ରାଜ୍ୟ ପଶ୍ଚିମବଙ୍ଗରେ ମାତ୍ର ୧୮.୯୩ ପ୍ରତିଶତ ଜଙ୍ଗଲ ରହିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଏହି ରିପୋର୍ଟରେ ଏକ ଆଶ୍ଚର୍ଯ୍ୟକର କଥା ମଧ୍ୟ ସାମ୍ନାକୁ ଆସିଛି। ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ମଣିପୁର ଭଳି ଉତ୍ତର-ପୂର୍ବ ରାଜ୍ୟ ସବୁବେଳେ ସବୁଜିମାରେ ପରିପୂର୍ଣ୍ଣ। ଏହି ରାଜ୍ୟଗୁଡ଼ିକର ସମୁଦାୟ ଜଙ୍ଗଲ ପରିମାଣ ସର୍ବଦା ୭୫ପ୍ରତିଶତରୁ ଊର୍ଦ୍ଧ୍ୱ ରହିଆସିଛି। କିନ୍ତୁ ରିପୋର୍ଟ ଅନୁଯାୟୀ ଏଥର ଏହି ରାଜ୍ୟଗୁଡ଼ିକର ଜଙ୍ଗଲ ପରିମାଣ ହ୍ରାସ ପାଇଛି। ପ୍ରାୟ ୬୨୭ ବର୍ଗ କିଲୋମିଟର ଜଙ୍ଗଲ ହ୍ରାସ ଘଟିଥିବା ଆକଳନରୁ ଜଣାପଡ଼ିଛି। ତେବେ ଏପରି ହେବାର କାରଣ କ'ଣ ? ଏହିସବୁ ରାଜ୍ୟର ହେଉଥିବା ଝୁମ୍ ଚାଷ ବା ସ୍ଥାନାନ୍ତୀକରଣ ଚାଷ ଏବଂ ଜୈବିକ ଚାପ ଯୋଗୁ ଜଙ୍ଗଲ ପରିମାଣ ହ୍ରାସ ପାଇଥିବାର ଏହି ରିପୋର୍ଟରେ ଦର୍ଶାଯାଇଛି। ଆନ୍ଧ୍ରପ୍ରଦେଶରେ ୧୬.୭୭ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ। କିନ୍ତୁ ଏଥର ଜଙ୍ଗଲ ପରିମାଣ ୨୭୩ ବର୍ଗକିଲୋମିଟର ହ୍ରାସ ପାଇଛି। ମଧ୍ୟପ୍ରଦେଶରେ ୧୭୬ ଏବଂ ଛତିଶଗଡ଼ରେ ୫୩ ବର୍ଗକିଲୋମିଟର ଜଙ୍ଗଲ ହ୍ରାସ ପାଇଛି। କିନ୍ତୁ ବିହାରରେ ୪୪୬ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଥିବାବେଳେ, ଝାଡ଼ଖଣ୍ଡରେ ୪୯୬ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଭାରତରେ ଜଙ୍ଗଲ ପରିମାଣ କେତେ ହ୍ରାସ ପାଇଛି କିମ୍ବା ବୃଦ୍ଧି ଘଟିଛି ସେହି ପରିବର୍ତ୍ତନକୁ ଜାଣିବା ପାଇଁ ସାଟେଲାଇଟ-ବେସ୍‌ଡ ରିମୋଟ ସେନ୍ସିଙ୍ଗ ତଥ୍ୟ ବ୍ୟବହୃତ ହୋଇଥିଲା। ଏହି ତଥ୍ୟ ଅନୁଯାୟୀ ବିଗତ ଦୁଇ ବର୍ଷ ପୂର୍ବେ ଯେଉଁ ଆକଳନ ହୋଇଥିଲା ତାହା ତୁଳନାରେ ଏଥର ଘଞ୍ଚ ଜଙ୍ଗଲ ପରିମାଣରେ ୩୧ବର୍ଗ କିଲୋମିଟର ବୃଦ୍ଧି ହୋଇଥିଲା। ସାମାନ୍ୟ ଘଞ୍ଚ ଜଙ୍ଗଲର ପରିମାଣ ୧୯୯୧ବର୍ଗ କିଲୋମିଟର ହ୍ରାସ ପାଇଛି। ଖୋଲା ଜଙ୍ଗଲ ପରିମାଣ ୭୮୯୧ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ତେବେ ସମୁଦାୟ ଜଙ୍ଗଲର ପରିମାଣ ୫୮୭୧ ବର୍ଗ କିଲୋମିଟର ବଢ଼ିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। କିଛି ଅଞ୍ଚଳରେ ଜଙ୍ଗଲର ପରିମାଣ ବଢ଼ିଥିବାବେଳେ କିଛି ଅଞ୍ଚଳରେ କମିଛି। ଶିଳ୍ପାୟନ, ପରିବେଶଜନିତ କାରଣ ପରି ବିଭିନ୍ନ ପାରିପାର୍ଶ୍ୱିକ ସ୍ଥିତି ଜଙ୍ଗଲ ସମ୍ପଦ ଅଭିବୃଦ୍ଧିରେ ବାଧକ ହେଉଛି। ତେବେ ଆମ ସମସ୍ତଙ୍କ ଭିତରେ ଗଛକୁ ଭଲପାଇବାର ଚିନ୍ତନ ଏକ ଜାଗରଣର ରୂପ ନେଲେ ତାହା ନିଶ୍ଚିନ୍ତ ଭାବରେ ଜଙ୍ଗଲ ସମ୍ପଦକୁ ବଢ଼ିବାରେ ସାହାଯ୍ୟ କରିପାରନ୍ତା।

ନିଜର ସବୁଜ ଘଞ୍ଚ ଓ ବିଭିନ୍ନ ଔଷଧୀୟ ବୃକ୍ଷକୁ ନେଇ ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶାର ଜଙ୍ଗଲ ସମ୍ପଦର ସ୍ଥାନ ଅତୁଳନୀୟ। ଆସନ୍ତା ଜୁନ୍ ମାସ ଭିତରେ ରାଜ୍ୟରେ ଦୁଇଲକ୍ଷ ହେକ୍ଟର ବନୀକରଣ କରିବା ପାଇଁ ଜଙ୍ଗଲ ବିଭାଗ ଲକ୍ଷ୍ୟ ରଖିଛି। ନୂଆ ବନୀକରଣ ସହ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ଓ ରାସ୍ତାକଡ଼ରେ ବନୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଏକ ଲକ୍ଷ ଲୋକ ନିଯୁକ୍ତ ହେବେ। ବନୀକରଣ ପାଇଁ ଆସନ୍ତା ତିନିମାସରେ ୧୦୦କୋଟି ଟଙ୍କା ମଜୁରି ବାବଦରେ ପ୍ରଦାନ କରାଯିବ। ସେପ୍ଟେମ୍ବର ମାସ ବେଳକୁ ଏଥିରେ ନିୟୋଜିତ ୧ଲକ୍ଷ ଲୋକଙ୍କୁ ୨୦୦ କୋଟି ଟଙ୍କା ମଜୁରି ପ୍ରଦାନ କରାଯିବ। ଗତବର୍ଷ ୫କୋଟି ଚାରା ରୋପଣ କରାଯାଇଥିଲା। ୨୦/୨୧ ବର୍ଷରେ ୧୫କୋଟି ଚାରା ରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି। କରୋନା ମହାମାରୀ ସତ୍ତ୍ୱେ ଏ ପର୍ଯ୍ୟନ୍ତ ୧୨କୋଟି ଚାରା ସୃଷ୍ଟି କରାଯାଇଛି। ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ନର୍ସରି ଏଥିପାଇଁ କାମରେ ଲାଗିଥିବା ବେଳେ ଏ ବାବଦରେ ୫୦କୋଟି ଟଙ୍କା ମଜୁରି ପ୍ରଦାନ କରାଯାଇଛି। କାମ ସମୟରେ କୋଭିଡ୍ ସତର୍କତା ପାଇଁ ତାଲିମ ପ୍ରଦାନ କରାଯାଇଛି। ସେହିପରି ରାଜ୍ୟରେ ବସବାସ କରୁଥିବା ଅନେକ ଜନଜାତିଙ୍କ ଜୀବିକା ଜଙ୍ଗଲ ଉପରେ ନିର୍ଭରଶୀଳ। ରାଜ୍ୟର ଗରିବ ଶ୍ରେଣୀର ଲୋକମାନେ କେନ୍ଦୁପତ୍ର ସଂଗ୍ରହରେ ନିୟୋଜିତ ହୋଇଥାନ୍ତି। ଦେଶରେ କେନ୍ଦୁପତ୍ର ପ୍ରୋସେସିଂ ବା ପ୍ରକ୍ରିୟାକରଣ କରିବାରେ ଓଡ଼ିଶା ଏକମାତ୍ର ରାଜ୍ୟ। କେନ୍ଦୁପତ୍ର ସଂଗ୍ରହ ପାଇଁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୁସ୍ କଟିଂ କାର୍ଯ୍ୟ ଶେଷ ହୋଇଛି। ପ୍ରାୟ ଦୁଇଲକ୍ଷ ଲୋକ ଏଥିପାଇଁ କାର୍ଯ୍ୟ କରିବା ସହ ୨୬ କୋଟି ଟଙ୍କା ମଜୁରି ବାବଦରେ ପ୍ରଦାନ କରାଯାଇଛି। ଚଳିତ ଜୁନ୍ ଶେଷ ସୁଦ୍ଧା ୩ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ପ୍ରାୟ ୬ ଲକ୍ଷ କେନ୍ଦୁପତ୍ର ତୋଳାଳି ଥିବାବେଳେ ୧୭୦ କୋଟି ଟଙ୍କା ସେମାନଙ୍କୁ ମଜୁରି ବାବଦରେ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହା ସହ କେନ୍ଦୁପତ୍ର ସଂଗ୍ରହ ପରେ ଫଡ଼ିରେ ମଧ୍ୟ ୧୮ ହଜାର ଋତୁକାଳୀନ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ଗତ କିଛି ବର୍ଷ ଧରି ଜଙ୍ଗଲରେ ବୃଦ୍ଧି ଘଟିଛି। ୨ବର୍ଷରେ ୯୫୦ ବର୍ଗକିମି ଜଙ୍ଗଲ ରାଜ୍ୟରେ ବଢ଼ିଛି। ଏହି ବୃଦ୍ଧି ଜଙ୍ଗଲ ଭିତରେ, ବାହାରେ ଓ ପ୍ରତ୍ୟେକ ଜିଲାରେ ହୋଇଛି। ଜଙ୍ଗଲର ସୁରକ୍ଷା ପାଇଁ ୧୪ ହଜାରରୁ ଅଧିକ ବନ ସୁରକ୍ଷା ସମିତି କାର୍ଯ୍ୟ କରୁଛନ୍ତି। ଏହାସହ ବିଭାଗର ୭ହଜାର କର୍ମଚାରୀ ମିଳିତ ଭାବେ ଜଙ୍ଗଲ ସୁରକ୍ଷା ପାଇଁ ପ୍ରୟାସରତ ରହିଛନ୍ତି। ବର୍ତ୍ତମାନର କରୋନା ସମୟରେ ସବୁଜ ପରିବେଶ ଉପରେ ସମସ୍ତେ ଦୃଷ୍ଟି ଦେଉଛନ୍ତି, ଏହା ଏକ ଶୁଭ ଲକ୍ଷଣ।

ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା
ମୋ- ୯୪୩୭୨୫୭୧୨୩

## ଏଇ ଭାରତରେ

ବେଙ୍ଗାଲୁରୁ ସହରର ଜନସଂଖ୍ୟା ବୃଦ୍ଧି ଯୋଗୁ ପ୍ରାକୃତିକ ଜଳଉତ୍ସ ପ୍ରଦୂଷିତ ହେବା ସହ ଭୂତଳ ଜଳ ମଧ୍ୟ ନିମ୍ନଗାମୀ ହେଉଛି। ସହରର ଜଳ ସଙ୍କଟ ଉତ୍କଟ ରୂପ ନେବାରେ ଲାଗିଛି। ଏଭଳି ସ୍ଥିତିରେ ଏହି ସମସ୍ୟା ଦୂର କରିବାରେ ଉମା ମାହେଶ୍ୱରଙ୍କ ପ୍ରୟାସ ପ୍ରଶଂସନୀୟ। ବର୍ଷାଜଳ ସଂରକ୍ଷଣ କରି ତାହାକୁ ଲୋକମାନେ କିଭଳି ଉପଯୋଗ କରିପାରିବେ ସେଥିପାଇଁ ବାଟ ଦେଖାଇ ଏହି ସିଷ୍ଟମ୍‌ରେ ବେଙ୍ଗାଲୁରୁରେ ଲକ୍ଷ ଲକ୍ଷ ଲିଟର ପାଣି ବଞ୍ଚାଇବାରେ ସେ ସଫଳ ହୋଇଛନ୍ତି। ଉମା ବେଙ୍ଗାଲୁରୁ ୱାଟର ସପ୍ଲାଏ ଏବଂ ସ୍ୱେରେଜ ବୋର୍ଡର ପ୍ଲମ୍ବିଂ ଠିକାଦାର ଭାବେ କାର୍ଯ୍ୟ କରନ୍ତି। ବେଙ୍ଗାଲୁରୁରେ ଲୋକମାନେ ଜଳାଭାବର ଶିକାର ହେବା ଦେଖିବା ପରେ ସେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ତାହା ଦୂର କରିବାକୁ ଲାଗି ପଡ଼ିଛନ୍ତି। ଗତ ୧୩ ବର୍ଷ ମଧ୍ୟରେ ସହରରେ ସେ ୧ ହଜାରରୁ ଊର୍ଦ୍ଧ୍ୱ ରେନ୍ ହାର୍ଭେଷ୍ଟିଂ ୱାଟର (ଆର୍‌ଡବ୍ଲ୍ୟୁଏଚ୍) ସିଷ୍ଟମ୍ ଲଗାଇଛନ୍ତି। ଉମା ଏହି କାର୍ଯ୍ୟ ୨୦୦୭ରୁ ଆରମ୍ଭ କରିଥିଲେ। ୨୦୦୯ ଯାଏ ଏହାକୁ ସେ ପୂରା ମାଗଣାରେ ବସାଉଥିଲେ। ଏବେ କିନ୍ତୁ କିଛି ଦେୟ ନେଉଛନ୍ତି, ହେଲେ କୌଣସି କାରଣରୁ ଏହା ଖରାପ ହୋଇଗଲେ ତାହାକୁ ସେ ମାଗଣାରେ ସଜାଡୁଛନ୍ତି। ଏଭଳି ସିଷ୍ଟମ୍ ଦ୍ୱାରା ଲୋକମାନେ ଉପକୃତ ହେବା ସହ ପରିବେଶକୁ ଉପକାର ବି ହେଉଛି। ଲୋକମାନେ ବର୍ଷକୁ ଯେତିକି ଟ୍ୟାଙ୍କର ପାଣି କିଣୁଥିଲେ ଏବେ ତାହା ଅପେକ୍ଷା କମ୍ କିଣୁଛନ୍ତି ଓ ଲକ୍ଷାଧିକ ଟଙ୍କା ବଞ୍ଚାଇ ପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୫

- ଆଣବିକ ପରୀକ୍ଷା ଏବଂ ବାଲିଷ୍ଟିକ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ପାଇଁ ଚାଇନା ଏକ ନୂତନ ବୃହତ୍ କ୍ଷେପଣାସ୍ତ୍ର ଘାଟି 'ଟେମ୍ପଲ' ନିର୍ମାଣ କରିଛି ବୋଲି ଇଟାର ଟାସ ଏଜେନ୍ସି ସୂତ୍ରରୁ କୁହାଯାଇଛି।
- କୋହ୍ଲାପୁରଠାରୁ ୬୫ କିଲୋମିଟର ଦୂର ଗଗନବାଉଦା ନିକଟରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୪ ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | 8 | 1 | 2 | | C | 4 | | 5 | | | 6 | |
| 9 | | | 0 | | 7 | 5 | | | C | | | | 1 | |
| | | | | | | E | 7 | A | | | | 0 | | |
| | | | 9 | | | | | | | B | D | | | 2 |
| | | B | | | | | | 0 | E | | | 9 | A | 5 |
| 0 | | 2 | D | C | | | | | | | | 4 | | |
| | | 7 | | B | | | E | | 0 | D | | | | 6 |
| | | | | | | | | | | | 9 | | D | 8 |
| | | 3 | | 7 | 6 | | A | | | | | 5 | | C |
| | | A | 1 | | | D | | | | 4 | | | | |
| | | | | 6 | | | | | D | | E | | | 9 |
| B | C | 9 | 2 | | | | | 5 | 6 | | | 8 | | |
| D | | E | | | B | | | | | | C | A | 7 | |
| 6 | A | 4 | | | | | | | | 2 | | | | |
| | 1 | | 4 | 0 | 3 | | | | | | | | 2 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | D | 1 | B | 8 | 7 | 0 | 3 | 6 | 5 | C | A | 9 | 2 |
| 5 | 6 | 9 | E | D | 3 | 1 | A | C | B | 2 | 7 | 4 | 8 | 0 |
| 0 | 8 | B | 4 | C | A | 5 | 2 | E | D | 9 | 1 | 7 | 3 | 6 |
| A | 2 | 1 | 7 | 5 | 6 | 9 | 4 | B | 8 | 0 | 3 | D | E | C |
| C | 3 | 7 | 2 | 0 | 9 | 6 | D | 8 | E | A | 4 | B | 1 | 5 |
| 2 | E | 0 | 8 | 4 | B | C | 1 | 6 | 3 | D | A | 9 | 5 | 7 |
| B | 9 | C | 5 | A | 2 | D | 8 | 4 | 7 | 6 | E | 3 | 0 | 1 |
| 8 | 7 | A | D | 6 | 1 | 2 | 3 | 0 | 9 | C | 5 | E | 4 | B |
| 4 | 1 | 5 | 3 | 9 | E | B | 7 | A | 2 | 8 | 0 | C | 6 | D |
| 6 | D | 3 | 0 | 7 | C | E | 9 | 5 | 4 | 1 | B | 8 | 2 | A |
| 9 | 5 | 4 | B | E | 0 | 3 | 6 | 1 | C | 7 | D | 2 | A | 8 |
| 7 | C | 2 | 9 | 1 | 4 | 0 | 5 | D | A | E | 8 | 6 | B | 3 |
| D | A | E | 6 | 3 | 5 | 8 | B | 7 | 0 | 4 | 2 | 1 | C | 9 |
| 1 | B | 6 | A | 8 | 7 | 4 | C | 2 | 5 | 3 | 9 | 0 | D | E |
| 3 | 0 | 8 | C | 2 | D | A | E | 9 | 1 | B | 6 | 5 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀଙ୍କ ପାଇଁ ତ୍ୱରିତ ନ୍ୟାୟ ବ୍ୟବସ୍ଥା ହେଉ

ମହାଶୟ,

ଦିନକୁ ଦିନ ଭାରତ ତଥା ଓଡ଼ିଶାରେ ବଳାତ୍କାର, ଅପହରଣ ଭଳି ମାମଲା ବୃଦ୍ଧି ପାଉଛି। ତେଣୁ ଏପରି ଅପରାଧୀଙ୍କ ବିରୋଧରେ ବିଚାର କରାଯାଇ ଖୁବ୍ କମ୍ ସମୟ ଭିତରେ ଦଣ୍ଡବିଧାନ ପାଇଁ ଆଇନ ପ୍ରଣୟନ ହେବା ଆବଶ୍ୟକ। ନିକଟରେ ଆନ୍ଧ୍ରପ୍ରଦେଶରେ ଯେକୌଣସି ବଳାତ୍କାରୀଙ୍କୁ ୨୧ ଦିନ ଭିତରେ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି, ଯାହା ଅତି ପ୍ରଶଂସନୀୟ। ଏହା ବ୍ୟତୀତ ନାରୀମାନଙ୍କ ସୁରକ୍ଷା ଦିଗରେ ମଧ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବା ଆବଶ୍ୟକ।

ସୌମ୍ୟା ପ୍ରିୟଦର୍ଶିନୀ, ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

### ଆଶା ଓ ଆଶ୍ୱାସନାର ବାର୍ତ୍ତା

କରୋନା ପାଇଁ କୌଣସି ଔଷଧ ଓ ଟିକା ନ ଥିବାରୁ କେବଳ ସାମାଜିକ ଦୂରତା ରକ୍ଷା, ମାସ୍କ ବ୍ୟବହାର ଓ ହାତକୁ ବାରମ୍ବାର ଧୋଇବା ଏକମାତ୍ର ଉପାୟ। ତେବେ ଏହି ଭୂତାଣୁ ସଂକ୍ରମଣ ହାର ଅଧିକ ଥିଲେ ମଧ୍ୟ ଏଥିରେ ମୃତ୍ୟୁହାର ଅପେକ୍ଷା ଆରୋଗ୍ୟ ହାର ଅଧିକ। କାଳକ୍ରମେ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଥିବାରୁ ଦେହରେ ଭୂତାଣୁ ଥିଲେ ମଧ୍ୟ ଏହା କିଛି କ୍ଷତି କରିପାରିବ ନାହିଁ। ଏଣୁ ଏଥିପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ। ଏହା ଆମ ସମସ୍ତଙ୍କ ପାଇଁ ଆଶା ଓ ଆଶ୍ୱାସନାର ବାର୍ତ୍ତା।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ' ଯଶ କୀରତି
ଯାତନା ଶତ ମରଣ ମମ
ଲଢ଼ିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି! (ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଅଲାରନାଥଙ୍କ ପୀଠରେ ୧୪୪ ଧାରା ଜାରି

ବ୍ରହ୍ମଗିରି,୫।୬(ଡି.ଏନ.ଏ.): ମହାପ୍ରଭୁ ଅଲାରନାଥଙ୍କ ପୀଠରେ ପ୍ରଶାସନ ତରଫରୁ ଶୁକ୍ରବାର ମଧ ରାତିରୁ ୧୪୪ ଧାରା ଲାଗୁ କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନପରେ ଶ୍ରୀଜୀଉମାନେ ଅନବସର ଗୃହରେ ଗୁପ୍ତ ପୂଜା ପାଇବେ। ଏହି ସମୟରେ ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଅନବସର ଦର୍ଶନ ଆରମ୍ଭ ହୁଏ। କିନ୍ତୁ କରୋନା ସଂକ୍ରମଣ ଯୋଗୁ ଅନବସର ଦର୍ଶନକୁ ବନ୍ଦ କରାଯାଇଛି। ପାଳିଆ ସେବକଙ୍କୁ ନେଇ ଅନବସର ନୀତି କରାଯିବା ପାଇଁ ଉପଜିଲାପାଳଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ୩୦ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ଶ୍ରମିକ ଟ୍ରେନ୍‌ରେ ଜନ୍ମିତ ଶିଶୁଙ୍କୁ ମିଳିବ ଉପହାର

**ଭୁବନେଶ୍ୱର,୫।୬(ବ୍ୟୁରୋ):** ଭାରତୀୟ ରେଳପଥ ପକ୍ଷରୁ ଚଳାଚଳ କରୁଥିବା ଶ୍ରମିକ ସ୍ପେଶାଲ ଟ୍ରେନରେ ଜନ୍ମିତ ଶିଶୁଙ୍କ ପରିବାରକୁ ଦିଆଯିବ ଉପହାର। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଏହି ରେଳପଥ ପରିସୀମା ମଧ୍ୟରେ ଶ୍ରମିକ ସ୍ପେଶାଲ ଟ୍ରେନରେ ୩ ନବଜାତ ଶିଶୁ ଜନ୍ମ ନେଇଛନ୍ତି। ଦୁଇଜଣ ଟିଟିଲାଗଡ଼ ଓ ଜଣେ ବଲାଙ୍ଗୀର ଅଞ୍ଚଳରେ ଜନ୍ମ ନେବା ପରେ ସେମାନଙ୍କ ସହ ମା'ମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରଯାଇଛି। ସମସ୍ତ ଶିଶୁ ବଲାଙ୍ଗୀର ଜିଲାର ହୋଇଥିବା ସୂଚନା ଦିଆଯାଇଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଶୁକ୍ରବାର କହିଛନ୍ତି, ରେଳପଥ ଅଧିକାରୀମାନେ ବ୍ୟକ୍ତିଗତ ହେଉ କିମ୍ବା ସ୍ୱେଚ୍ଛାକୃତ ଭାବେ ଏହି ନବଜାତକ ଶିଶୁଙ୍କୁ ଉପହାର କୁପନ ଦେବେ। ଏହାସହ ସେ ନିଜେ ନବଜାତକ ଶିଶୁଙ୍କ ପାଖକୁ ୫ ହଜାର ଟଙ୍କାର ଉପହାର ପଠାଇଛନ୍ତି। ଭବିଷ୍ୟତରେ ମଧ ଉପହାର ଦିଆଯିବ ବୋଲି ସେ କହିଛନ୍ତି।

## ବିମାନବନ୍ଦର ରି-କାର୍ପେଟିଂ ସ୍ଥିତି ସଂକ୍ରାନ୍ତ ରିପୋର୍ଟ ଦେବାକୁ ଚିଠି

**ଭୁବନେଶ୍ୱର, ୫।୬(ବ୍ୟୁରୋ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରି-କାର୍ପେଟିଂ ବିଳମ୍ବ ହୋଇଛି। ତେଣୁ ବିଳମ୍ବର କାରଣ ଓ ବର୍ତ୍ତମାନ ସ୍ଥିତି କ'ଣ ରହିଛି ସେ ନେଇ ରିପୋର୍ଟ ଦେବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ରାଜ୍ୟ ସରକାର କହିଛନ୍ତି। ଏନେଇ ଶୁକ୍ରବାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ସୂଚନାଯୋଗ୍ୟ, ଏନେଇ ମାର୍ଚ୍ଚ ୧୮ରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା।

# ପିପିଇ କିଟ୍ ଠକେଇର ଶିକାର ଅଶ୍ୱିନୀ ହସ୍ପିଟାଲ

ଭୁବନେଶ୍ୱର,୫।୬ (ବ୍ୟୁରୋ)

- ଦିଲ୍ଲୀର ଏକ ସଂସ୍ଥା ଠକି ନେଲା ୪୫ ଲକ୍ଷ ଟଙ୍କା
- ଦିଲ୍ଲୀ ପୋଲିସର ସହଯୋଗ ଲୋଡିଲା କମିଶନରେଟ ପୋଲିସ

ସଂକ୍ରମଣ ରୋକିବା କ୍ଷେତ୍ରରେ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ (ପିପିଇ)ର ଜରୁରୀ ଆବଶ୍ୟକତା ରହିଛି। କରୋନା ମହାମାରୀ ପାଇଁ ଏବେ ଏସବୁ କିଟ୍‌ର ଚାହିଦା ବଢ଼ିଯାଇଛି। ଏପରିସ୍ଥଳେ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦିତ ଅଶ୍ୱିନୀ ହସ୍ପିଟାଲ ପିପିଇ କିଟ୍ ମଗାଇ ବଡ଼ ଠକେଇର ଶିକାର ହୋଇଛି। ଦିଲ୍ଲୀର ଏକ ସଂସ୍ଥା ପିପିଇ କିଟ୍ ଯୋଗାଇ ଦେବାକୁ କହି ହସ୍ପିଟାଲଠାରୁ ୪୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏଥିସହ ହସ୍ପିଟାଲ କର୍ତ୍ତୃପକ୍ଷ ବିମାନ ବୁକ୍ କରି ଭଡ଼ା ଗଣିଛନ୍ତି। ହସ୍ପିଟାଲ ନିର୍ଦ୍ଦେଶକ ସୁବ୍ରତ କୁମାର ଜେନା ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଦଫାରେ ମାମଲା (ନଂ.୧୧୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କମିଶନରେଟ ପୋଲିସ ପକ୍ଷରୁ ଦିଲ୍ଲୀ ପୋଲିସର ସହଯୋଗ ଲୋଡାଯାଇଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଅଶ୍ୱିନୀ ହସ୍ପିଟାଲର ନିର୍ଦ୍ଦେଶକ ସୁବ୍ରତ ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗରରେ ରୁହନ୍ତି। କୋଭିଡ଼ ମୁକାବିଲା ପାଇଁ ଅଶ୍ୱିନୀ ହସ୍ପିଟାଲ ପିପିଇ କିଟ୍ ଆବଶ୍ୟକ କରୁଥିବାରୁ ଦିଲ୍ଲୀ ପଟେଲ ନଗରରେ ଥିବା ରବିରା ଇଣ୍ଡଷ୍ଟ୍ରିର ନିର୍ଦ୍ଦେଶକ ଫୋନ୍ ଯୋଗେ ସୁବ୍ରତଙ୍କ ସହ ଯୋଗାଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସୁଲଭ ମୂଲ୍ୟରେ ପିପିଇ କିଟ୍ ଯୋଗାଇ ଦେବାକୁ କହି ଏପ୍ରିଲ ୪ରେ ପ୍ରଥମେ ସୁବ୍ରତଙ୍କ ହ୍ୱାଟ୍ସଆପ୍‌ରେ ଉକ୍ତ କିଟ୍‌ର ଲ୍ୟାବ୍‌ଟୋରୀ ଟେଷ୍ଟିଂ ରିପୋର୍ଟ ଦେବାସହ ଅଫିସିଆଲ କାଗଜପତ୍ର ପଠାଇଥିଲେ। ଏସବୁ ଦେଖିବା ପରେ ସୁବ୍ରତ ୬ ହଜାର ପିପିଇ କିଟ୍ ଅର୍ଡର ଦେବା ସହ ସଂସ୍ଥାର ଚୁକ୍ତି ଅନୁଯାୟୀ ଏପ୍ରିଲ୍ ୬ରେ ଶତପ୍ରତିଶତ ଅର୍ଥ ଅର୍ଥାତ୍ ୮୧ ଲକ୍ଷ ୯୦ ହଜାର ଟଙ୍କା ସଂସ୍ଥାକୁ ଦେଇଥିଲେ। ଉକ୍ତଦିନ ଅପରାହ୍ନ ୨ଟାରେ ପିପିଇ କିଟ୍ ଏୟାର ଇଣ୍ଡିଆ ବିମାନରେ ଆସିବାର ଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ବିମାନ ବୁକ୍ ମଧ କରିଥିଲେ। ହେଲେ ସଂସ୍ଥା କିଟ୍ ପଠାଇଲା ନାହିଁ। ସୁବ୍ରତ ଫୋନ୍ କରି ପଚାରିବାରୁ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ କହିଥିଲେ ଯେ, ଆର୍ମି ଅଫିସରମାନେ ଜବରଦସ୍ତ ପିପିଇ କିଟ୍ ନେଇଗଲେ। ସନ୍ଦେହ ହେବାରୁ ସୁବ୍ରତ ଦିଲ୍ଲୀର ପୋଲିସର ଜଣେ ଆଇପିଏସ୍ ଅଫିସରଙ୍କ ସହ ଯୋଗାଯୋଗ କରିଥିଲେ। ସ୍ଥାନୀୟ ପୋଲିସର ଯାଞ୍ଚ ପରେ ଉକ୍ତ ସଂସ୍ଥା କୌଣସି ପିପିଇ କିଟ୍ ପ୍ରସ୍ତୁତ କରୁନାହିଁ କି ତାଙ୍କ ଗୋଦାମରେ କିଟ୍ ଷ୍ଟକ୍ ନ ଥିବା ଜଣାପଡିଥିଲା। ଏହାପରେ ଉକ୍ତ ସଂସ୍ଥା ୪କିସ୍ତିରେ ମୋଟ ୫୧ ଲକ୍ଷ ୩୧ହଜାର୨ଶହ ଟଙ୍କା ଫେରାଇଥିଲା। ୨୨ଲକ୍ଷ ୭୨ ହଜାର ଟଙ୍କାର ଦୁଇଟି ଚେକ୍ ଦେଇଥିଲେ ମଧ ତାହା ବାଉନ୍ସ ହୋଇଥିଲା। ଏହାପରଠାରୁ ଦିଲ୍ଲୀ ସଂସ୍ଥାର ନିର୍ଦ୍ଦେଶକ ଆଉ ଧରାଛୁଆଁ ନ ଦେବାରୁ ଶେଷରେ ସୁବ୍ରତ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୁଧ, ବିମାନ ଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇଲେ ହସ୍ପିଟାଲ ମୋଟ ୪୫ଲକ୍ଷ ଠକେଇ ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

## ପଙ୍ଗପାଳ ଦମନ ପାଇଁ ପରାମର୍ଶଦାତା ଭିଡିଓ ପ୍ରସ୍ତୁତ

ଭୁବନେଶ୍ୱର, ୫।୬(ବ୍ୟୁରୋ)

**ସୂଚନା ଦେବାକୁ କହିଲା କୃଷି ବିଭାଗ**

ଏବେ ବି ଓଡ଼ିଶାର କୃଷି ପାଇଁ ପଙ୍ଗପାଳ ବିପଦ ରହିଛି। ତେବେ ଏହି ପାକିସ୍ତାନୀ ପଙ୍ଗପାଳ ଦମନ କରିବା ପାଇଁ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ପରାମର୍ଶଦାତା ଭିଡିଓ ପ୍ରସ୍ତୁତ ହୋଇଛି। ଯେଉଁଥିରେ ପଙ୍ଗପାଳକୁ କିପରି ଚିହ୍ନିହେବ ଓ କିପରି ଦମନ କରିହେବ ସେ ସମ୍ପର୍କରେ ସୂଚନା ଦିଆଯାଇଛି। ଓଡ଼ିଶାରେ ସମ୍ଭାବ୍ୟ ପଙ୍ଗପାଳକୁ ପ୍ରତିହତ କରିବା ପାଇଁ ଚାଷୀମାନେ ସତର୍କ ରହିବା ପାଇଁ କୁହାଯାଇଛି। ତେବେ ପ୍ରଥମେ ସେମାନେ ପଙ୍ଗପାଳ କି ଝିଣ୍ଟିକା ସେ ସମ୍ପର୍କରେ ନିଶ୍ଚିତ ହୁଅନ୍ତୁ। ଝିଣ୍ଟିକାଙ୍କ ନିଶ ବଡ଼ ବଡ଼, ରଙ୍ଗ ଫିକା ସବୁଜ କିମ୍ବା ଧୂସର ଓ ସେମାନେ ମିତ୍ର କୀଟ। କିନ୍ତୁ ଏବେ ଯେଉଁ ପଙ୍ଗପାଳ ଆସିବା ସମ୍ଭାବନା ଅଛି, ସେମାନଙ୍କ ରଙ୍ଗ ଇଷତ ଗୋଲାପୀ ଏବଂ ଡେଣାର ଆକାର ଝିଣ୍ଟିକା ତୁଳନାରେ ଲମ୍ବା ଓ ବଡ଼। ଝିଣ୍ଟିକା ଅଳ୍ପ ଦୂରକୁ ଡେଇଁ ଡେଇଁ ଯାଉଥିବା ବେଳେ ପଙ୍ଗପାଳ ଘଣ୍ଟାପ୍ରତି ୧୬ରୁ ୧୯କିମି ବେଗରେ ଦିନକୁ ପ୍ରାୟ ୧୫୦ରୁ ୨୦୦କିମି ଉଡ଼ିପାରନ୍ତି। ପଙ୍ଗପାଳ ଦଳଙ୍କ ଗତିବିଧି ସମ୍ପର୍କରେ ବିଭାଗ ପକ୍ଷରୁ ନିରନ୍ତର ଖବର ସଂଗ୍ରହ, ଆକଳନ ତଥା ତ୍ରିସ୍ତରୀୟ ପର୍ଯ୍ୟବେକ୍ଷଣ କରାଯାଉଛି। ଏନେଇ ଏକ କଣ୍ଟ୍ରୋଲ ରୁମ୍ (ନଂ.୦୬୭୪-୨୩୯୪୯୦୭) ଖୋଲାଯାଇଛି। ଏଥିସହିତ 'ଆମ କୃଷି' ନିଃଶୁଳ୍କ ନମ୍ବର ୧୮୦୦-୧୦୨-୫୧୬୬କୁ ଫୋନ୍ କରି ଚାଷୀମାନେ ପଙ୍ଗପାଳ ସମ୍ପର୍କରେ ସୂଚନା ଦେଇପାରିବେ। ପଙ୍ଗପାଳ ଦମନ ପାଇଁ ରାଜ୍ୟ ସରକାର କେତେକ ରାସାୟନିକ କୀଟନାଶକକୁ ଅନୁମୋଦନ କରିଛନ୍ତି। ସେଗୁଡ଼ିକ ହେଲା କ୍ଲୋରୋପାଇରିଫସ୍, ଡେଲ୍‌ଟାମେଥ୍ରିନ, ଫିପ୍ରୋନିଲ, ଲାମ୍ବନାସାଇହାଲୋଥ୍ରିନ, ମାଲାଥିଅନ୍। ତେବେ ଏହା କେତେ ମାତ୍ରାରେ ସିଞ୍ଚନ କରିବ ତାହା କୃଷି କର୍ମଚାରୀଙ୍କଠାରୁ ବୁଝିବାକୁ ପଡ଼ିବ। ପଙ୍ଗପାଳ ପାଇଁ ବ୍ୟସ୍ତବିବ୍ରତ ନ ହୋଇ ସେମାନଙ୍କ ନିପାତ ସକାଶେ କୃଷି ବିଭାଗ ପରାମର୍ଶରେ ଏକଜୁଟ ହେବା ପାଇଁ କୁହାଯାଇଛି।

# ଆଜିଠୁ ପୂଜା ପାଇବେ ପଟିଦିଅଁ

ଖୋର୍ଦ୍ଧା ଅଫିସ,୫।୬



**ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ସ୍ନାନଯାତ୍ରା**

- ୧୦୮ଗରା ସୁବାସିତ ଜଳରେ ସ୍ନାନ କଲେ ପୂର୍ଣ୍ଣ ବିଗ୍ରହ
- ଆରମ୍ଭ ହେବ ରଥକାମ

ଖୋର୍ଦ୍ଧା ଉପକଣ୍ଠ ଜାଗୁଲାଇପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି, ପରେ ୭ଟାରେ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସକାଳ ୯ଟାରୁ ୯ଟା ୩୦ ପର୍ଯ୍ୟନ୍ତ ମନ୍ଦିର ପରିସରରେ ରହିଥିବା କାରୁଣ୍ୟ କୁଣ୍ଡରୁ ଆସିଥିବା ୧୦୮ଗରା ସୁବାସିତ ଜଳରେ ପୂର୍ଣ୍ଣ ବିଗ୍ରହ (ହାତଗୋଡ ଥିବା ପୂର୍ଣ୍ଣ ପ୍ରତିମୂର୍ତ୍ତି) ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଏବଂ ଶ୍ରୀ ସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ପ୍ରାୟ ୧୦ରୁ ୧୫ଜଣ ସେବକଙ୍କ ଉପସ୍ଥିତିରେ ଏହି ନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ପହଣ୍ଡି ହୋଇ ଅଣସର ପିଣ୍ଡିରେ ବିଜେ କରିଥିଲେ। ପବିତ୍ର ସ୍ନାନଯାତ୍ରା ବିନା ଭକ୍ତରେ ସମ୍ପନ୍ନ ହୋଇଥିଲା। ତିନି ଠାକୁର ପୂର୍ଣ୍ଣ ବିଗ୍ରହ ହୋଇଥିବାରୁ ଏଠାରେ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇ ନ ଥିଲା। ଶନିବାରଠାରୁ ମହାପ୍ରଭୁଙ୍କ ପ୍ରତିନିଧି ସ୍ୱରୂପ ପଟିଦିଅଁ ପୂଜା ପାଇବେ। ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ପୂଜକ କମଳକାନ୍ତ ଦାସ ମହାରାଜ କୁହନ୍ତି, ୧୫ଦିନ ଧରି ମହାପ୍ରଭୁଙ୍କ ଗୁପ୍ତନୀତି ହେବ। ପଞ୍ଚମ ଦିନରେ ଓଷୁଓ ଲାଗି, ୧୦ଦିନରେ ଦଶମୂଳ ପାଚନ, ଏକାଦଶୀ ଖଳିଲାଗି, ବନକ ଲାଗି ପରେ ନେତ୍ରୋତ୍ସବ ଏବଂ ଜୁନ ୨୩ରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେବ। ଶନିବାରଠାରୁ ମହାପ୍ରଭୁଙ୍କ ରଥକାମ ଆରମ୍ଭ ହେବ। ରଥଯାତ୍ରା ହେବ କି ନାହିଁ ତାହା ପ୍ରଶାସନ ଉପରେ ନିର୍ଭର କରେ। ଅନୁମତି ଆସିଲେ, କୋଭିଡ୍-୧୯ ଗାଇଡ୍‌ଲାଇନକୁ ବଜାୟ ରଖି ରଥଯାତ୍ରା କରାଯିବ।

## ଶଟ୍‌ଡାଉନ୍‌ରେ ଗଡ଼ିବନି ମୋ ବସ୍

ଭୁବନେଶ୍ୱର, ୫।୬(ବ୍ୟୁରୋ)

କରୋନା ମହାମାରୀ ସ୍ଥିତିକୁ ଦେଖି ରାଜ୍ୟ ସରକାର ୧୧ ଜିଲାରେ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶଟ୍‌ଡାଉନ ଅବସରରେ ଏହି ୨ଦିନ ମୋ ବସ୍ ସେବା ବନ୍ଦ ରହିବ। ଏ ନେଇ କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) ପକ୍ଷରୁ ଶୁକ୍ରବାର ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଶଟ୍‌ଡାଉନ୍‌ରେ ରେଳ ଓ ବିମାନ ଚଳାଚଳ କରୁଥିବାରୁ ମୋ ବସ୍ ପକ୍ଷରୁ ଆପାତକାଳୀନ ସେବା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଗତ ୭ତାରିଖ ଯାଏ ଥିବା ପାସ୍ ବଢ଼ାଇବା ଅବଧିକୁ ମଧ ବଢ଼ାଇ ଦିଆଯାଇଛି। ମାଷ୍ଟର କ୍ୟାଣ୍ଟିନ୍‌ରେ ଏ ନେଇ ବସୁଥିବା ଟିମ୍ ସୋମବାର ମଧ ବସିବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।


**ICAR-National Rice Research Institute**
**Cuttack (Odisha) 753 006**
(PREVIOUSLY KNOWN AS C.R.R.I)
PHONE: 0671-2367768-783, FAX: 0671-2367663,
E-mail: crrictc@nic.in

**ADVT.NO. 01/SRF/2020**

Walk in Interview is to be held on **26.06.2020 at 10:30 a.m.** for **one (01) Senior Research Fellow** at the National Rice Research Institute, Cuttack in the scheme **"Paddy straw residues management through in-situ microbial decomposition with mechanical interventions" (EAP-311)**. The details regarding essential/desirable qualifications, age, amount of emoluments and other terms and conditions are available in NRRI website- **www.icar-nrri.in.**

**PRINCIPAL INVESTIGATOR**


## ଜୁଲାଇ ୩ରେ ଶ୍ରମିକ ସଙ୍ଗଠନର ଧର୍ମଘଟ ଡାକରା

**ନୂଆଦିଲ୍ଲୀ,୫।୬:** ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ (ଆଇଏନ୍‌ଟିୟୁସି) ଏବଂ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ସ (ସିଆଇଟିୟୁ) ସମେତ ୧୦ ଶ୍ରମିକ ସଙ୍ଗଠନ ଜୁଲାଇ ୩ରେ ଧର୍ମଘଟ ଡାକରା ଦେଇଛନ୍ତି। ଶ୍ରମିକ ସଙ୍ଗଠନଗୁଡିକ ସହ ଏହାର ଅନୁବନ୍ଧିତ ସଙ୍ଗଠନଗୁଡିକ ଧର୍ମଘଟକୁ ଓହ୍ଲାଇବା ସହ ଏହାକୁ ସଫଳ କରାଇବା ଲାଗି କୁହାଯାଇଛି ବୋଲି ଏକ ବିବୃତିରେ ସୂଚନା ରହିଛି। ଏହିଦିନଟିକୁ ସଙ୍ଗଠନଗୁଡିକ ପ୍ରତିବାଦ ଦିବସ ଭାବେ ପାଳନ କରିବେ। ଅନ୍ୟ ସଙ୍ଗଠନଗୁଡିକ ମଧ୍ୟରେ ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଟିୟୁସିସି, ଏଆଇସିସିଟିୟୁ, ଏସ୍‌ଇଡବ୍ଲ୍ୟୁଏ, ଏଲ୍‌ପିଏଫ୍ ଏବଂ ୟୁଟିୟୁସି ରହିଛି। ଶ୍ରମ ଏବଂ ଶ୍ରମିକଙ୍କ ଅଧିକାର, ଛଟେଇ, ନିଯୁକ୍ତି ହ୍ରାସ, ମଜୁରି, ଚାକିରି ନିରାପତ୍ତା ଏବଂ ପ୍ରବାସୀ ଶ୍ରମିକ ଭଳି ୧୨ ଦଫା ଦାବି ସଙ୍ଗଠନଗୁଡିକ ରଖିଛନ୍ତି। ବର୍ତ୍ତମାନ ୧୪ କୋଟି ଚାକିରି ଚାଲିଯାଇଥିବା ବେଳେ ୨୪ କୋଟିଙ୍କ ଜୀବିକା କ୍ଷତିଗ୍ରସ୍ତ ହୋଇଛି। ସରକାର ଘୋଷଣା କରିଥିବା ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଏକ ଧୂଆଁବାଣ ଏବଂ ଅସୁବିଧା ସମୟରେ ପରିହାସ ବୋଲି ସଙ୍ଗଠନ କହିଛନ୍ତି।

## ରାଜ୍ୟଗୁଡ଼ିକୁ ୩୬,୪୦୦ କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୫।୬:** ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦ କେନ୍ଦ୍ର ସରକାର ୩୬,୪୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଫେବୃୟାରୀ ସୁଦ୍ଧା ଏହି ଅର୍ଥ ପ୍ରଦାନ କରାଯାଇଥିବା ଜଣାପଡିଛି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡିକ ସହୁଥିବା କ୍ଷତିର ଭରଣା ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଏପ୍ରିଲରୁ ନଭେମ୍ବର ୨୦୧୯ ଯାଏ କେନ୍ଦ୍ର ସରକାର ୧.୧୫ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି। କରୋନା ପାଇଁ ରାଜ୍ୟଗୁଡିକ ବର୍ତ୍ତମାନ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହାକୁ ଧାନରେ ରଖି କେନ୍ଦ୍ର ସରକାର ୨୦୧୯ ଡିସେମ୍ବରରୁ ୨୦୨୦ ଫେବୃୟାରୀ ଅବଧି ଲାଗି ୩୬,୪୦୦ କୋଟି ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ୨୦୧୮-୧୯ରେ ୬୯,୨୭୫ କୋଟି, ୨୦୧୭-୧୮ରେ ୪୧,୧୪୬ କୋଟି ପ୍ରଦାନ କରାଯାଇଛି। ଗତ ୩ ଆର୍ଥିକ ବର୍ଷରେ ସେସ୍ ବା ଉପକର ବାବଦକୁ ସରକାର ଯଥାକ୍ରମେ ୬୨,୬୧୧ କୋଟି, ୯୫,୦୮୧ କୋଟି ଏବଂ ଗତ ଆର୍ଥିକ ବର୍ଷ ୯୫ ହଜାର କୋଟି ଟଙ୍କା ସଂଗ୍ରହ କରିଛନ୍ତି। ୨୦୧୭-୧୮ ଏବଂ ୨୦୧୮-୧୯ରେ ଯେତେ ପରିମାଣର ସେସ୍ ସଂଗ୍ରହ କରାଯାଇଛି ରାଜ୍ୟଗୁଡିକୁ ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି ତା'ଠାରୁ କମ୍ ରହିଛି। ବଳକା ରାଶି କେନ୍ଦ୍ର ସରକାରଙ୍କ ନିକଟରେ ରହିଥିଲା।

## ଥାନା ପରିସରରେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର

**ଠାକୁରମୁଣ୍ଡା, ୫।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନାରେ କାର୍ଯ୍ୟରତ ଡ୍ରାଇଭର ଥାନା ପରିସରରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୫୪/୨୦) ରୁଜୁ କରିବା ସହ ଅଭିଯୁକ୍ତ ଡ୍ରାଇଭର ଏମ.ଡି.ଅଜାରୁଦ୍ଦିନଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଥାନା ପରିସରସ୍ଥିତ ସରକାରୀ କ୍ୱାର୍ଟର୍ସରେ ରହୁଥିବା ଜଣେ କନଷ୍ଟେବଳଙ୍କ ୧୯ ବର୍ଷୀୟ ଦିବ୍ୟାଙ୍ଗ ଝିଅଙ୍କୁ ଏକୁଟିଆ ପାଇ ଗତ ୧ ତାରିଖ ରାତିରେ ଅଭିଯୁକ୍ତ ଡ୍ରାଇଭର ବଳାତ୍କାର କରିଥିଲେ। ଏନେଇ ଗୁରୁବାର ରାତି ୧୧ଟାରେ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ଡ଼ାକ୍ତରୀ ପରୀକ୍ଷା କରାଇବା ପରେ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରିଛି। ବଳାତ୍କାର ଅଭିଯୋଗ ପରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

**ଡ୍ରାଇଭର ଗିରଫ, ଏସ୍‌ପି କଲେ ନିଲମ୍ବିତ**


**OFFICE OF THE NOTIFIED AREA COUNCIL, BHUBAN**
Tel. No.- 06769-272023, E-mail: bhuban.hud@nic.in, www.bhubannac.in
No.: 445 Date: 30.05.20

**QUOTATION CALL NOTICE**

Executive Officer, Bhuban NAC invited sealed quotation from the intending registered Firms/ Manufactures/Suppliers having GSTIN, PAN/Dealership Certificates for supply, installation, commissioning of close circuit camera within Bhuban NAC area. The quotation should reach to the undersigned on or before 08.06.2020 upto 5.00 P.M. and the quotation will be opened in the office of undersigned on Dt.09.06.2020 at 11.00 A.M. in the presence of the quotationers or their authorized agent(s) if present. The firm/manufacturer should submit the attested copy of valid GSTIN/PAN and dealership certificate along with the quotation paper. The rate should be inclusive all taxes, conveyance, installation charges etc. complete. The cost of tender paper of Rs.1,000/- (Rupees one thousand) Non-refundable should be attached along with quotation paper. If the successful bidder will not supply the material in the approved rate within the time period, the order shall be cancelled. The undersigned reserves the right to reject/cancel all the quotations without assigning any reason thereof.

Sd./- Executive Officer, Bhuban NAC



**OFFICE OF THE PROJECT DIRECTOR ATMA, KORAPUT, JEYPORE**
No.369/2020 Date - 01.06.2020

**QUOTATION / TENDER CALL NOTICE**

Sealed quotations are invited from intending reputed Travel Agencies/Tour Operators or private individual for providing 01 (one) no. of four wheeler Diesel driven light vehicle (specifically Bolero Plus) preferably new one, shall not be more than 5 years old from the date of initial registration having sitting capacity not more than 10 persons (including driver), which must confirm to the terms and conditions (As per Annexure-II) for official use of the undersigned on monthly rent basis for a period of one year which can be extended on watching the prevailing condition thereafter on complete satisfaction of the undersigned. The quotation completed in all respect should reach the undersigned on or before 16th June 2020, during office hour on working days and shall be opened on 17th June 2020, at 11.00 A.M. in presence of the members of the committee & bidders or their authorized representatives. For details can be contacted to the undersigned during working hour or can be downloaded from www.koraput.nic.in

Sd./- Project Director, ATMA
Koraput (Jeypore)



**POLICE COMMISSIONERATE, BHUBANESWAR-CUTTACK**
**ODISHA SPECIAL ARMED POLICE 7TH BATTALION, BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ଦିଲ୍ଲୀପ କୁମାର ମହାପାତ୍ର (ରୋଷେୟା)
ଗ୍ରାମ/ପୋ.ଅ.- ସାନପଦର
ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା

No. D-12:- ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା୦୫।୦୬।୨୦୧୮ରିଖ ଅପରାହ୍ନଠାରୁ ତା୦୬।୦୬।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୧ ଦିନ ପାଇଁ ସାମୂହିକ ଛୁଟିରେ ଥିଲେ। ଆପଣଙ୍କୁ ତା୦୭।୦୬।୨୦୧୮ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗଦେବାର ଥିଲା। ଆପଣ ଉକ୍ତ ଦିନ କର୍ତ୍ତବ୍ୟରେ ଯୋଗ ଦେଲେ ନାହିଁ କି ଆପଣଙ୍କ ଅବସ୍ଥିତି ବିଷୟରେ ଏହି କାର୍ଯ୍ୟାଳୟକୁ କୌଣସି ପତ୍ରାଳାପ କଲେ ନାହିଁ। ଆପଣଙ୍କୁ କାର୍ଯ୍ୟାଳୟ ତରଫରୁ ବାରମ୍ବାର ତଲବ କରିବା ସତ୍ତ୍ୱେ ଆପଣ କର୍ତ୍ତବ୍ୟରେ ଯୋଗ ଦେଇ ନାହାନ୍ତି କି ଆପଣଙ୍କ ବିଷୟରେ କୌଣସି ପତ୍ରାଳାପ କରି ନାହାନ୍ତି କିମ୍ବା ନିଜେ ଆସି ଉପ-ଆୟୁକ୍ତ (ସଶସ୍ତ୍ର) ମହୋଦୟଙ୍କୁ ଦେଖାକରି ଆପଣଙ୍କ ବିଷୟରେ ଅବଗତ କରି ନାହାନ୍ତି। ଆପଣଙ୍କର ଅନଧିକୃତ ଅନୁପସ୍ଥିତି ପାଇଁ ଆପଣଙ୍କ ନାମରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂଖ୍ୟା ୧୫/୨୦୧୮ ଚାଲୁ କରାଯାଇଅଛି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ତଳ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରି ମଗାଯାଇଥିବା ନୋଟିସ ନଂ. ୪୯୬, ତା୧୯।୦୨।୨୦୨୦ର ସନ୍ତୋଷଜନକ ଉତ୍ତର ଦେବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା/- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର

OIPR-12015/11/0006/2021



**ODISHA LIFT IRRIGATION CORPORATION LTD.**
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www. eeolicbgr@rediffmail.com

**"E"-Procurement Notice**

**BID IDENTIFICATION NO. OLIC-BLGR-01/2020-21**

**No. CAD-137:-** Bids are invited from intending tenderers having valid license as specified against the work for installation & energisation of new R.L. Projects with supply of all materials under Percentage rate contract on trun-key basis.
**1. Name of Works:** Installation & Energisation of River Lift Projects with supply of all materials on Turnkey basis. **2. Total Nos. of Packages:**53. **3. Approximate Estimated Cost:** Rs.17.143 Lakhs to 43.831 Lakhs. **4. Class of Contractor:** As mentioned in packages. **5. Period of completion:** 90 days for all Projects from the date of issue of work order. **6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-01/ 2020-21 | 16.06.2020 at 11 Hrs. | 30.06.2020 upto 17 Hrs. | 26.06.2020 upto 17 Hrs. | 03.07.2020 at 11 Hrs. |

**ANNEXURE**

| Pkg. No. | Name of Block | Name of L.I. Project | Type | Name of Scheme | Appr. Estimated cost | Bid Security (EMD) | Cost of Bid document (Including 5% GST on reverse charge mechanism) | Class of Contractor |
|---|---|---|---|---|---|---|---|---|
| 1 | Agalpur | Ainlapali-III | RL | BKVY (RIDF) | 2383356.00 | 23834.00 | 6300.00 | "C" & above with H.T. License |
| 2 | Agalpur | Amarmunda-I | RL | BKVY (RIDF) | 2590647.00 | 25906.00 | 6300.00 | "C" & above with H.T. License |
| 3 | Agalpur | Amarmunda-II | RL | BKVY (RIDF) | 2423756.00 | 24238.00 | 6300.00 | "C" & above with H.T. License |
| 4 | Agalpur | Bangabahal-I | RL | BKVY (RIDF) | 2496160.00 | 24962.00 | 6300.00 | "C" & above with H.T. License |
| 5 | Agalpur | Bangabahal-II | RL | BKVY (RIDF) | 2532693.00 | 25327.00 | 6300.00 | "C" & above with H.T. License |
| 6 | Agalpur | Bagajhola-II | RL | BKVY (RIDF) | 2362109.00 | 23621.00 | 6300.00 | "C" & above with H.T. License |
| 7 | Agalpur | Banjipali-VIII | RL | BKVY (RIDF) | 2390378.00 | 23904.00 | 6300.00 | "C" & above with H.T. License |
| 8 | Agalpur | Budula-IV | RL | BKVY (RIDF) | 2425131.00 | 24251.00 | 6300.00 | "C" & above with H.T. License |
| 9 | Agalpur | Budula-V | RL | BKVY (RIDF) | 2571906.00 | 25719.00 | 6300.00 | "C" & above with H.T. License |
| 10 | Agalpur | Gandapali (B) - V | RL | BKVY (RIDF) | 2385439.00 | 23854.00 | 6300.00 | "C" & above with H.T. License |
| 11 | Agalpur | Gandapali (B) - VI | RL | BKVY (RIDF) | 2375000.00 | 23750.00 | 6300.00 | "C" & above with H.T. License |
| 12 | Agalpur | Gudurimunda- I | RL | BKVY (RIDF) | 2127781.00 | 21278.00 | 6300.00 | "C" & above with H.T. License |
| 13 | Balangir | Bhuterbahal-V | RL | BKVY (RIDF) | 2570822.00 | 25708.00 | 6300.00 | "C" & above with H.T. License |
| 14 | Balangir | Bhuterbahal-IV | RL | BKVY (RIDF) | 2620974.00 | 26210.00 | 6300.00 | "C" & above with H.T. License |
| 15 | Balangir | Dhulusar-I | RL | BKVY (RIDF) | 2276981.00 | 22770.00 | 6300.00 | "C" & above with H.T. License |
| 16 | Balangir | Pipalkani-II | RL | BKVY (RIDF) | 2252668.00 | 22527.00 | 6300.00 | "C" & above with H.T. License |
| 17 | Balangir | Ucchabahal-III | RL | BKVY (RIDF) | 2374436.00 | 23744.00 | 6300.00 | "C" & above with H.T. License |
| 18 | Belpada | Bahabal | RL | BKVY (RIDF) | 1920525.00 | 19205.00 | 6300.00 | "C" & above with H.T. License |
| 19 | Belpada | Matikhal-I | RL | BKVY (RIDF) | 2127596.00 | 21276.00 | 6300.00 | "C" & above with H.T. License |
| 20 | Belpada | Matikhal-II | RL | BKVY (RIDF) | 1822121.00 | 18221.00 | 6300.00 | "C" & above with H.T. License |
| 21 | Belpada | Muribahal-I | RL | BKVY (RIDF) | 2089134.00 | 20891.00 | 6300.00 | "C" & above with H.T. License |
| 22 | Belpada | Muribahal-II | RL | BKVY (RIDF) | 1958075.00 | 19581.00 | 6300.00 | "C" & above with H.T. License |
| 23 | Khaprakhol | Balibahal-I | RL | BKVY (RIDF) | 1775473.00 | 17755.00 | 6300.00 | "C" & above with H.T. License |
| 24 | Khaprakhol | Balibahal-II | RL | BKVY (RIDF) | 1714395.00 | 17144.00 | 6300.00 | "C" & above with H.T. License |
| 25 | Khaprakhol | Banmal-III | RL | BKVY (RIDF) | 1875932.00 | 18759.00 | 6300.00 | "C" & above with H.T. License |
| 26 | Khaprakhol | Damaipali-IV | RL | BKVY (RIDF) | 2232466.00 | 22325.00 | 6300.00 | "C" & above with H.T. License |
| 27 | Khaprakhol | Dangiabahal-IV | RL | BKVY (RIDF) | 2198422.00 | 21984.00 | 6300.00 | "C" & above with H.T. License |
| 28 | Patnagarh | Ainlapali-II | RL | BKVY (RIDF) | 1865052.00 | 18651.00 | 6300.00 | "C" & above with H.T. License |
| 29 | Patnagarh | Baliabhata | RL | BKVY (RIDF) | 1967167.00 | 19672.00 | 6300.00 | "C" & above with H.T. License |
| 30 | Patnagarh | Bankbahal | RL | BKVY (RIDF) | 1911841.00 | 19118.00 | 6300.00 | "C" & above with H.T. License |
| 31 | Patnagarh | Diadumer | RL | BKVY (RIDF) | 1758693.00 | 17587.00 | 6300.00 | "C" & above with H.T. License |
| 32 | Patnagarh | Kaudia-III | RL | BKVY (RIDF) | 1764405.00 | 17644.00 | 6300.00 | "C" & above with H.T. License |
| 33 | Patnagarh | Rengali-IX | RL | BKVY (RIDF) | 1954240.00 | 19542.00 | 6300.00 | "C" & above with H.T. License |
| 34 | Patnagarh | Tentulikhunti-IV | RL | BKVY (RIDF) | 1970551.00 | 19706.00 | 6300.00 | "C" & above with H.T. License |
| 35 | Puintala | Patharla-I | RL | BKVY (RIDF) | 2622772.00 | 26228.00 | 6300.00 | "C" & above with H.T. License |
| 36 | Bango-munda | Ranipur | RL | BKVY (RIDF) | 1891151.00 | 18912.00 | 6300.00 | "C" & above with H.T. License |
| 37 | Bango-munda | Sriram-VII | RL | BKVY (RIDF) | 2180298.00 | 21803.00 | 6300.00 | "C" & above with H.T. License |
| 38 | Deogaon | Kundeimal-I | RL | BKVY (RIDF) | 1917979.00 | 19180.00 | 6300.00 | "C" & above with H.T. License |
| 39 | Deogaon | Kundeimal-II | RL | BKVY (RIDF) | 1973693.00 | 19737.00 | 6300.00 | "C" & above with H.T. License |
| 40 | Gudvella | Gambhariguda - I | RL | BKVY (RIDF) | 2085302.00 | 20853.00 | 6300.00 | "C" & above with H.T. License |
| 41 | Gudvella | Gambhariguda - II | RL | BKVY (RIDF) | 1970299.00 | 19703.00 | 6300.00 | "C" & above with H.T. License |
| 42 | Gudvella | Gambhariguda - III | RL | BKVY (RIDF) | 4383139.00 | 43831.00 | 6300.00 | "C" & above with H.T. License |
| 43 | Gudvella | Raksibhata-I | RL | BKVY (RIDF) | 4365492.00 | 43655.00 | 6300.00 | "C" & above with H.T. License |
| 44 | Gudvella | Raksibhata-II | RL | BKVY (RIDF) | 2133465.00 | 21335.00 | 6300.00 | "C" & above with H.T. License |
| 45 | Gudvella | Raksibhata-III | RL | BKVY (RIDF) | 2031735.00 | 20317.00 | 6300.00 | "C" & above with H.T. License |
| 46 | Saintala | Brahmani-V | RL | BKVY (RIDF) | 1964492.00 | 19645.00 | 6300.00 | "C" & above with H.T. License |
| 47 | Titilagarh | Amurla-III | RL | BKVY (RIDF) | 2407508.00 | 24075.00 | 6300.00 | "C" & above with H.T. License |
| 48 | Titilagarh | Amurla-IV | RL | BKVY (RIDF) | 2548959.00 | 25490.00 | 6300.00 | "C" & above with H.T. License |
| 49 | Titilagarh | Ghodar-I | RL | BKVY (RIDF) | 2392543.00 | 23925.00 | 6300.00 | "C" & above with H.T. License |
| 50 | Titilagarh | Ghodar-II | RL | BKVY (RIDF) | 2476135.00 | 24761.00 | 6300.00 | "C" & above with H.T. License |
| 51 | Titilagarh | Ghodar-III | RL | BKVY (RIDF) | 2415604.00 | 24156.00 | 6300.00 | "C" & above with H.T. License |
| 52 | Turekela | Godiajhar-III | RL | BKVY (RIDF) | 1897303.00 | 18973.00 | 6300.00 | "C" & above with H.T. License |
| 53 | Turekela | Nandol | RL | BKVY (RIDF) | 2002401.00 | 20024.00 | 6300.00 | "C" & above with H.T. License |

- Details can be seen from the Website **www.tendersorissa.gov.in**
- Any Corrigendum/Addendum will be displayed in the above website only.

**Sd./- EXECUTIVE ENGINEER, L.I. DIVISION, BALANGIR**
**OIPR-32154/11/0001/2021**

## ୭ଦିନ ବନ୍ଦ ରହିବ ହାଇକୋର୍ଟ

**କଟକ ଅଫିସ,୫।୬:** ରଜ ଯୋଗୁ ଜୁନ୍ ୧୫ ଓ ୧୬ ତାରିଖ ଦୁଇଦିନ ହାଇକୋର୍ଟ ଛୁଟି ରହିବ। ଏହାପରେ ଲଗାତର ଆଉ ୩ଦିନ ମଧ୍ୟ ଛୁଟି ରହିବ କୋର୍ଟ। ଜୁନ୍ ୧୭, ୧୮ ଓ ୧୯ ତାରିଖକୁ ମଧ୍ୟ ଛୁଟି ଘୋଷଣା କରାଯାଇଛି। ଏହାପରେ ଶଟ୍‌ଡାଉନ୍ ପାଇଁ ଶନିବାର ଓ ରବିବାର ମଧ୍ୟ ଛୁଟି ରହିବ। ଏହିଭଳି ଛୁଟି ସବୁରେ କାର୍ଯ୍ୟ ଦିବସକୁ ଭରଣା କରିବା ପାଇଁ କୋର୍ଟ ସେପ୍ଟେମ୍ବର ୨୬, ଅକ୍ଟୋବର ୧୭ ଏବଂ ଡିସେମ୍ବର ୫ ତାରିଖରେ କାର୍ଯ୍ୟ କରିବ। ଏହି ତାରିଖଗୁଡ଼ିକ ଶନିବାର ପଡୁଥିଲେ ମଧ୍ୟ କୋର୍ଟ ଖୋଲା ରହିବ ବୋଲି ହାଇକୋର୍ଟ ଜୁଡିସିଆଲ ରେଜିଷ୍ଟ୍ରାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଭିସା ଷ୍ଟିଲ୍‌କୁ ସୁରକ୍ଷା ଦେଉଛି ଏସ୍‌ପିସିବି

**ଯାଜପୁର ଅଫିସ/ଯାଜପୁର ଟାଉନ (ଡି.ଏନ୍.ଏ), ୫।୬**

- ସାଂଘାତିକ ଅଭିଯୋଗ ଆଣିଲେ ୬ ଗାଁର ଲୋକେ
- ପ୍ରଦୂଷଣକାରୀ ଶିଳ୍ପ କାରଖାନା ପାଇଁ ଅତିଷ୍ଠ ଜନଜୀବନ
- ଘଣ୍ଟ ଘୋଡ଼ାଇବାକୁ ଲକ୍ଷାଧିକ ଟଙ୍କା ଲାଞ୍ଚ କାରବାର ଅଭିଯୋଗ
- ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା ବର୍ଜ୍ୟଜଳରେ ସାଇନାଇଡ, ଫେନଲ, ହେକ୍ସାଭାଲେଣ୍ଟ କ୍ରୋମିୟମ ଆବଶ୍ୟକତାଠାରୁ ଅଧିକ ରହିଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଲାବୋରେଟୋରି ରିପୋର୍ଟରୁ ପ୍ରମାଣିତ ହୋଇସାରିଛି। ହେଲେ ଏସ୍‌ପିସିବି କର୍ତ୍ତୃପକ୍ଷ ମୋଟା ଅଙ୍କର ହାତଗୁଞ୍ଜା ନେଇ ଭିସା ଷ୍ଟିଲକୁ ସମସ୍ତ ପ୍ରକାର ସୁରକ୍ଷା ଦେଇଆସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏହାର ଉପଯୁକ୍ତ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯଖପୁର, ମଙ୍ଗଳପୁର, ବାଲୁଙ୍ଗାବନ୍ଧୀ, ତେଲିବାହାଳି, ସାତବାଇଁଶି, ଦାନଗଦି ଗ୍ରାମର ଶତାଧିକ ଲୋକ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ସ୍ମାରକପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଭିସା ଷ୍ଟିଲ ୧ ମାସ ହେବ ଚାଷ ଜମିକୁ ବିଷାକ୍ତ ଜଳ ଛାଡୁଛି। ଏହି ବିଷାକ୍ତ ପାଣି ପିଇ ସ୍ଥାନୀୟ ଅଞ୍ଚଳର ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ପ୍ରାଣୀ ପ୍ରଭାବିତ ହେଉଛନ୍ତି। ୨୦୦୫ରୁ ୨୦୨୦ ମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ପ୍ରଦୂଷଣଜନିତ ରୋଗରେ ଆକ୍ରାନ୍ତ ହୋଇ ଯଖପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଏ ବିଷୟରେ ଗ୍ରାମବାସୀଙ୍କ ତରଫରୁ ଗ୍ରାମସଭା କରାଯାଇ ଏସ୍‌ପିସିବିର ସଦସ୍ୟ ସଚିବ ଓ ଆଞ୍ଚଳିକ ଅଧିକାରୀଙ୍କୁ ଏକାଧିକ ଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏସ୍‌ପିସିବିର ଜଣେ ବରିଷ୍ଠ ଇଞ୍ଜିନିୟର ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇ ଭିସା ଷ୍ଟିଲ ଯେତେ ପ୍ରଦୂଷଣ କଲେ ବି ତାକୁ ସୁରକ୍ଷା ଯୋଗାଇ ଦେଉଛନ୍ତି। ସେ ଏକ ସଂସ୍ଥା ନାମରେ କେତେକ ପ୍ରଦୂଷଣ ନିୟନ୍ତ୍ରଣ ଜନିତ ଯନ୍ତ୍ରପାତି ବିଭିନ୍ନ ଶିଳ୍ପ କାରଖାନାକୁ ଉଚ୍ଚା ଦରରେ ବିକ୍ରି କରୁଛନ୍ତି। ବିଭିନ୍ନ ସମୟରେ ଜଳ ନମୁନା ପରୀକ୍ଷା କରାଇ ଶିଳ୍ପପତିମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଚାନ୍ଦା ଆଦାୟ କରୁଛନ୍ତି। ଗତ ମେ ୨୨ରେ ଭିସା ଷ୍ଟିଲ ବର୍ଜ୍ୟଜଳ ଚାଷ ଜମିକୁ ଛାଡିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହି ଘଟଣା ରଫାଦଫା ପାଇଁ କାରଖାନା ପକ୍ଷରୁ ଏସ୍‌ପିସିବିର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲକ୍ଷାଧିକ ଟଙ୍କା ଲାଞ୍ଚ ଦେଇଥିବା ଜଣାଯାଇଛି, ଯାହାକି ଏସ୍‌ପିସିବିର ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି ଏବଂ ତାହାର ଯାଞ୍ଚ କରାଗଲେ ଏହାର ସତ୍ୟତା ସ୍ପଷ୍ଟ ହୋଇଯିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି। କାରଖାନାର ଜଳ ନମୁନା ସଂଗ୍ରହ କରିବା ସମୟରେ ଜାଣିଶୁଣି ବୋତଲକୁ ସିଲ୍ କରାଯାଉନି। ଏସ୍‌ପିସିବିର ଅଧିକାରୀ ଓ ଶିଳ୍ପପତିମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳ ସମ୍ପ୍ରତି ଉକ୍ତ ପ୍ରଦୂଷଣ ସ୍ଥିତିରେ ରହିଛି। ୧୦ବର୍ଷ ମଧ୍ୟରେ ବେସରକାରୀ ଭାବେ ୩୦୦ରୁ ଉର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ପ୍ରାଣ ହରାଇଲେଣି। ଉକ୍ତ ପ୍ରଦୂଷଣରେ ଲୋକଙ୍କ ଜୀବନ ଯାଉଥିବା ବେଳେ ଏସପିସିବିର ସମ୍ପୃକ୍ତ ଅଧିକାରୀମାନେ ମାଲାମାଲ ହେଉଛନ୍ତି। ଏହି ମର୍ମରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ସମେତ ଯାଜପୁର ଜିଲାପାଳ, ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ୫-ଟି ସଚିବଙ୍କୁ ଶିଳ୍ପ ପ୍ରଦୂଷଣରୁ ତୁରନ୍ତ ରକ୍ଷା କରିବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ମାତ୍ରା କମ୍ କରିବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମର ରମେଶଚନ୍ଦ୍ର ରାଉତ, କୈଳାସ ମହାନ୍ତି, ଅଜୟ ଦାସ, ଗଣେଶ୍ୱର ମହାନ୍ତି, ସୁବ୍ରତ ମହାନ୍ତି, ନବୀନ ଦଳେଇ ପ୍ରମୁଖ ଶତାଧିକ ଲୋକ ନିବେଦନ କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ଭିସା ଷ୍ଟିଲ୍‌ର ଏମ୍‌ଡି ମନୋଜ କୁମାର, ଏସପିସିବିର ସଦସ୍ୟସଚିବଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ୍ କଲ ଗ୍ରହଣ ନ କରିବାରୁ ତାହା ସମ୍ଭବ ହୋଇପାରିନାହିଁ। ତେବେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏସ୍‌ପିସିବିର ନୀତିନିୟମ ଅନୁସାରେ ତଦନ୍ତ କରାଯାଇ ନିରପେକ୍ଷ ଭାବେ ତଦନ୍ତ ରିପୋର୍ଟ ଦାଖଲ କରାଯାଉଛି। ରିପୋର୍ଟ ଅନୁସାରେ ସମ୍ପୃକ୍ତ କାରଖାନା ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

## ଷ୍ଟେନ୍‌ଲେସ୍ ଷ୍ଟିଲ ଉତ୍ପାଦନରେ ସୁଧାର

**ଯାଜପୁର ଅଫିସ୍, ୫।୬**

କରୋନା ସଂକ୍ରମଣ ଜନିତ ଲକ୍‌ଡାଉନ୍ ପରିସ୍ଥିତି ସତ୍ତ୍ୱେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍ ଲିଃ(ଜେଏସ୍‌ଏଲ) ବିଶ୍ୱବଜାର ଲାଗି ଏହାର ଉତ୍ପାଦନ ବୃଦ୍ଧି କରିପାରିଛି। ଏହାସହ ରପ୍ତାନି ପରିମାଣରେ ନିଜର ସ୍ଥିତି ଫେରିପାଇଛି। ମେ ମାସରେ ଜେଏସ୍‌ଏଲ୍ ୧୨ହଜାର ଟନ୍‌ରୁ ଅଧିକ ପରିମାଣର ବରାଦ ପଠାଇଛି, ଯାହାକି ମୋଟ ମାଲ ପ୍ରେରଣର ୪୦%ରୁ ଅଧିକ। ସାଧାରଣ ମାସଗୁଡ଼ିକରେ ଏହି ଶତାଂଶ ୧୮ରୁ ୨୦% ମଧ୍ୟରେ ରହିଥାଏ। ଜୁନ୍‌ରେ କମ୍ପାନୀ ୧୮ ହଜାର ଟନ୍‌ରୁ ଅଧିକ ବରାଦ ପଠାଇବାକୁ ପ୍ରସ୍ତୁତ ହେଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ୟୁରୋପିଆନ ୟୁନିୟନ ଓ ରୁଷିଆର ରପ୍ତାନି ବଜାରକୁ ଦ୍ରୁତଗତିରେ ଅନୁଧାବନ କରାଯାଉଛି, ଯାହା ଆମ ମୋଟ ରପ୍ତାନିରେ ଏକ ବଡ଼ ଭାଗ ରହୁଛି। ଏହାବ୍ୟତୀତ, ରପ୍ତାନି ବଢ଼ାଇବା ଲାଗି କୋରିଆ ଓ ଦକ୍ଷିଣ ଆମେରିକା ଭଳି ଅନ୍ୟାନ୍ୟ ନୂତନ ବଜାର ମଧ୍ୟ ସନ୍ଧାନ କରାଯାଉଛି। ବଜାର ସ୍ଥିତିକୁ ସହାୟତା କରିବା ଲାଗି କାରଖାନାର ପରିଚାଳନାକୁ ବଢ଼ାଇଛୁ ଏବଂ ସୁଧାର ହେବା ପରେ ଶୀଘ୍ର ଘରୋଇ ଚାହିଦାକୁ ପୂରଣ କରାଯିବ ବୋଲି ସେ କହିଛନ୍ତି।

## ୪୦୦ ନାଁରେ ମାମଲା

**ହାଟଡିହୀ/ଆନନ୍ଦପୁର/କେନ୍ଦୁଝର, ୫।୬(ଡି.ଏନ୍.ଏ/ସ୍ୱ.ପ୍ର.)**

**ମହିଳା ସରପଞ୍ଚଙ୍କୁ ପୋଲିସର ମାଡ଼ ଘଟଣା**

କେନ୍ଦୁଝର ଜିଲା ବଉଳା ଫାଣ୍ଡିକୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଲୁଚି ପଳାଇଥିବା ଜଣେ ପ୍ରବାସୀଙ୍କ ସମ୍ପର୍କରେ ଏତଲା ଦେବାକୁ ଯାଇଥିବା ବାଙ୍ଗୋର ପଞ୍ଚାୟତର ମହିଳା ସରପଞ୍ଚ ସୁପ୍ରଭା ରାଉତ ଓ ତାଙ୍କ ସ୍ୱାମୀ ସମିତି ସଭ୍ୟ ବିବେକାନନ୍ଦ ରାଉତଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଫାଣ୍ଡି ଘେରାଉ ଓ ରାସ୍ତା ଅବରୋଧ କରିଥିବା ଅଭିଯୋଗରେ ଲୋକ ପ୍ରତିନିଧିଙ୍କ ସମେତ ୪୦୦ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଫାଣ୍ଡି ଏଏସଆଇ କୀର୍ତ୍ତନ ମହାନ୍ତଙ୍କ ଲିଖିତ ଅଭିଯୋଗ କ୍ରମେ କେଶନଂ.୩୫/୨୦୨୦ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ସୋସୋ ପୋଲିସ ଲୋକଙ୍କୁ ଦୁର୍ବ୍ୟବହାର କରିବା ପ୍ରସଙ୍ଗ ଏକ ଗୁଜବ ବୋଲି କେନ୍ଦୁଝର ଏସପି ମିତ୍ରଭାନୁ ମହାପାତ୍ର କହିଛନ୍ତି। ଏଥିସହ ମାଫିଆଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇଛି ବୋଲି ଟୁଇଟ୍ କରି ଏସ୍‌ପି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ଏପରି ଟୁଇଟ୍‌କୁ ନେଇ ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଦୃଢ ନିନ୍ଦା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଉଳା ଫାଣ୍ଡିକୁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ସୋସୋ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ନାୟକ ଏବଂ ଘସିପୁରା ଥାନା ଏସଆଇ ବିଶ୍ୱଜିତ୍ ବେହେରା ଆକ୍ରୋଶ ମୂଳକ ଭାବରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ। ସରପଞ୍ଚ ସୁପ୍ରଭା ଏହାର ପ୍ରତିବାଦ କରିବାରୁ ଦୁଇ ପୋଲିସ ଅଧିକାରୀ ତାଙ୍କୁ ମାଡ଼ ମାରିଥିବା ନେଇ ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍‌ଚନ୍ଦ୍ର ପଣ୍ଡାଙ୍କ ନିକଟରେ ସରପଞ୍ଚ ଅଭିଯୋଗ କରିଛନ୍ତି।

# ସ୍ନାନ ପରେ ଶ୍ରୀବଳଦେବଜୀଉଙ୍କ ଗଜବଦନ ବେଶ

**କେନ୍ଦ୍ରାପଡ଼ା ଅଫିସ,୫।୬**


ହାତୀ ବେଶରେ ଶ୍ରୀବଳଦେବ ଜୀଉ।

ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶୁକ୍ରବାର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ମନ୍ଦିର ପରିସର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନନୀତି ସହ ଗଜବଦନ ବେଶ ଅନୁଷ୍ଠିତ ହୋଇଛି। ଏଥିସହ

**ଡେରାଲାଗି ହେଲା ରଥଚକ**

ରଥଯାତ୍ରା ପାଇଁ ବ୍ରହ୍ମ ନନ୍ଦିଘୋଷର ଦୁଇଟି ଚକ ରଥଖଳାଠାରେ ଡେରାଲାଗି ହୋଇଛି। ମନ୍ଦିର ସେବାୟତ ନୃସିଂହ ପ୍ରସାଦ ପତ୍ରୀଙ୍କ ସୂଚନା ଅନୁଯାୟୀ ଗୁରୁବାର ରାତ୍ରିର ବଡସିଂହାର ବେଶ ପରେ ୩ ଠାକୁର ଚକା (ରତ୍ନ ସିଂହାସନ) ଛାଡ଼ିଥିଲେ। ଏହି ସମୟରେ ଶ୍ରୀଜୀଉମାନଙ୍କୁ ଓଲାଗି କରାଯାଇଥିଲା। ଏହା ପୂର୍ବରୁ ମନ୍ଦିର ବେଢ଼ା ମଧ୍ୟସ୍ଥ ବାମ୍ଫିରୁ ସେବାୟତମାନେ ୧୦୮ କଳସ ଜଳ ସଂଗ୍ରହ କରିଥିଲେ। ଏହାକୁ ରାଜ ପୁରୋହିତଙ୍କ ଦ୍ୱାରା ଅଭିମନ୍ତ୍ରିତ କରାଯିବା ସହିତ ହରିଡ଼ା, ଚନ୍ଦନ, ଜାଇଫଳ ଓ ସୁଗନ୍ଧିତ ଅତର ମିଶ୍ରଣ କରାଯାଇଥିଲା। ଏହି କଳସକୁ ମୁକ୍ତିମଣ୍ଡପରେ ରଖାଯାଇଥିଲା। ଏହି ଅବସରରେ ଠାକୁରମାନଙ୍କୁ ରତ୍ନ ସିଂହାସନରୁ ଅଣାଯାଇ ମନ୍ଦିର ଭୋଗ ମଣ୍ଡପଠାରେ ବିଜେ ପଣ୍ଡାଙ୍କ ଦ୍ୱାରା ସେନାପଟା ବେଶରେ ସଜ୍ଜିତ କରାଯାଇଥିଲା। ଶୁକ୍ରବାର ପ୍ରତ୍ୟୁଷରୁ ରାଜ ପୁରୋହିତଙ୍କ ପୁଷ୍ପାଞ୍ଜଳି ନୀତି ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କୁ ରାଜଭେଟି ଅର୍ପଣ କରାଯାଇଥିଲା। ପରେ ୩ ଠାକୁରଙ୍କ ଡୋରି ଫିଟାଯାଇ ଧାଡ଼ି ପହଣ୍ଡିରେ ସ୍ନାନବେଦିକୁ ବିଜେ କରା ଯାଇଥିଲା। ସେଠାରେ ଅଭିମନ୍ତ୍ରିତ ୧୦୮ କଳସ ଜଳ ମହାପ୍ରଭୁଙ୍କ ଶ୍ରୀଚରଣରେ ଲାଗି କରାଯାଇଥିଲା। ଏହି ଅବସରରେ ପୂଜାନୀତି ଅନୁଯାୟୀ ଚନ୍ଦନ ସ୍ନାନ ହୋଇଥିଲା। ସ୍ନାନବେଦି ଉପରେ ଶ୍ରୀଜୀଉଙ୍କୁ ଦଶ ଉପଚାରରେ ବଲ୍ଲଭ ମଣୋହି ଲାଗି ହୋଇଥିଲା। ଅପରାହ୍ନ ୨ଟାରେ ଶ୍ରୀବଳଦେବଜୀଉ ଓ ଶ୍ରୀଜଗନ୍ନାଥଙ୍କୁ ଗଜବଦନ ବେଶ କରାଯାଇଥିଲା। ମା' ସୁଭଦ୍ରା ପଦ୍ମରେ ବିଭୂଷିତ ହୋଇଥିଲେ। ସ୍ନାନବେଦିରେ ଶ୍ରୀଜୀଉମାନେ କାଠି ନୋଳ ମସ୍ତକରେ ଧାରଣ କରିଥିବା ବେଳେ ଶ୍ରୀଜୀଉ ଗଜାନନ ବେଶରେ ସୋଲ ମୁକୁଟ ପରିଧାନ କରିଥିଲେ। ଅନ୍ୟପକ୍ଷେ ପାରମ୍ପରିକ ରୀତିନୀତିରେ ରଥଖଳାରୁ ନୂତନ ଚକ ଦୁଇଟିକୁ ଅଖ ନିକଟକୁ ଅଣାଯାଇଥିଲା। ପୂଜାପଣ୍ଡାମାନେ ଆଜ୍ଞାମାଳ ଦେବା ପରେ ଅପରାହ୍ନରେ ରଥଯାତ୍ରା ପାଇଁ ଥିବା ଅରରେ ଡେରା ଲାଗି ହୋଇଥିଲା। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବନ୍ଦ ରହିଛି। ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ପରିସରର ୨୦୦ ମିଟର ଯାଏ ୧୪୪ ଜାରି କରାଯାଇଛି।

## ଲାଞ୍ଚ ନେଇ ଆଇସିଡିଏସ୍ ସୁପରଭାଇଜର ଗିରଫ

**ମାଲକାନଗିରି, ୫।୬ (ଡି.ଏନ୍.ଏ.):** ବିଲ୍ ପାସ୍ ପାଇଁ ଜଣେ ଅଙ୍ଗନୱାଡି କର୍ମୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମାଲକାନଗିରି ବ୍ଲକରେ କାର୍ଯ୍ୟରତ ଆଇସିଡିଏସ୍ ସୁପରଭାଇଜର ଗୀତାଞ୍ଜଳି ସ୍ୱାଇଁ। କେନ୍ଦୁଗୁଡା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗାୟତ୍ରୀ ନାୟକ ତାଙ୍କର ବିଲ୍ ପାସ୍ କରାଇ ଦେବା ଲାଗି ସୁପରଭାଇଜରଙ୍କୁ ଅନୁରୋଧ କରିଥିଲେ। ତେବେ ଏଥିଲାଗି ଗୀତାଞ୍ଜଳି ଅର୍ଥ ଦାବି କରିଥିଲେ। ଏ ନେଇ ଗାୟତ୍ରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଗାୟତ୍ରୀଙ୍କଠାରୁ ସୁପରଭାଇଜର ୪୫୦୦ ଟଙ୍କା ଓ ଏକ ଶାଢ଼ି ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।


GOVERNMENT OF ODISHA No.O-87

**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGPUR, UMERKOTE**

E-mail: eerwukt@gmail.com, eerwukt@ymail.com

**e-Procurement Notice**

Identification No. Online Tender/04/RWD-UKT/2020-21

Letter No. 1859 Date: 04.06.2020

01. Name of the Work : Road Works
02. Total Number of Works : 3 Nos.
03. Estimated Cost : Varies from 3.10 Lakhs to 34.73 Lakhs
04. Class of Contractor : "B", "C" & "D"
05. Period of Completion : As per DTCN
06. Other Details :

| Procurement Officer | Bid Identification No. | Availability of tender online for bidding | | Last date & time seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division-II, Nabarangpur, Umerkote | Online Tender/04/ RWD-UKT/2020-21 | 10.06.2020 at 11.00 A.M. | 17.06.2020 at 03.00 P.M. | 16.06.2020 at 01.00 P.M. | 20.06.2020 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
Rural Works Division-II, Nabarangpur, Umerkote
OIPR-25155/11/0001/2021



**OFFICE OF THE**
**MO SCHOOL ABHIYAN PARICHALANA SANGATHAN**
A-1 Block, 6th Floor, Toshali Bhawan, Satyanagar, Bhubaneswar, Odisha

**QUOTATION CALL NOTICE**

No. 857/MSA/2020 Date: 04.06.2020

No. N-14:- Sealed quotations are invited from reputed digital branding firms/agencies involved in Content Editing, Data Curating, Tele Calling and Editing Work having valid PAN/ GST registration and uptodate Tax Clearance Certificate for editing and curating of the text developed by Schools. The detail of tender document for editing and curating of text will be available in the office website **www.moschool.in** which can be downloaded or will be available in the Office of Mo School during the office hour. For details pelase visit our website **www.moschool.in**.

Sd./- SPD, OSEPA & Member Secretary
Mo School Abhiyan Parichalana Sangathan
OIPR-27045/11/0001/2021



**OFFICE OF THE DIRECTOR,**
**CAPITAL HOSPITAL, BHUBANESWAR**
Unit-VI, Ganga Nagar, Udyan Marg,
Bhubaneswar-751001, Khordha
Email: substorechb@gmail.com /
director.chb@gmail.com, Ph.- 0674-2391983/85/79
Letter No.3696 / Date 04th June 2020

**AUCTION SALE OF CONDEMNED HIGH END MEDICAL DEVICES**

Sealed quotations are hereby called from interested agencies having experience in dismantle and disposal of high end medical devices for disposal of C.T. Scan machine, Ultrasound machine, TMT machine etc. of Capital Hospital, Bhubaneswar. To download the document, please visit our website: www.capitalhospital.nic.in.

The details of last date & time of receipt of sealed quotations, date & time of opening of sealed quotations, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./-Director,
Capital Hospital, Bhubaneswsar
OIPR-10078/11/0001/2021



GOVERNMENT OF ODISHA

**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, KHARIAR**

No. A-101 **e- Procurement Notice**

Bid Identification No.- 01/EE MIDKHR/2020-21
e-mail ID : eemidivision_khariar@rediffmail.com

No.1250 Dt. 28.05.2020

1 Name of the work : Laying HDPE pipeline & construction of different structures.
2 No of Works : 6 (Six) Nos.
3 Estimated Cost : Approximately from Rs. 21.60 lakhs to Rs. 45.46 lakhs
4 Cost of Tender paper : Rs. 6000/- (Non-Refundable) (Online)
5 Class of Contractor : 'C", 'B' & 'A'
6 Period of completion : 08 (Eight) months
7 Date and Time of availability of bid Documents in the portal : From 08.06.2020 (10.00 AM) to 19.06.2020 (5.00 PM)
8 Last date / time of receipt of bids in the portal : 19.06.2020 (5.00 PM)
9 Date of opening of Bid documents : On dt. 24.06.2020 at 10.00 A.M in the Office of the Executive Engineer, M.I. Division, Khariar
10 Date of lottery (if required) : 29.06.2020 at 11.00 AM
11 The detail tender call notice can also be seen in the e-procurement portal : **http://tendersodisha.gov.in**
12 Digital Signature Certificate of Bidder : The bidders must possess Compatible Digital Signature Certificate (DSC)
13 Name & Address of the Officer Inviting Tender : Executive Engineer, M.I.Division, Khariar, At/PO: Khariar Dist: Nuapada PIN-766107, Ph. No. - 06671-224284, Email ID: **eemidivision_khariar@rediffmail.com**

Further details can be seen from the e-Procurement market place. **http://tendersodisha.gov.in.**

Sd/- P.K. Mohanty, Executive Engineer, M.I. Division, Khariar
OIPR-32090/11/0001/2021



**ODISHA LIFT IRRIGATION CORPORATION LTD.**
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER,**
**LIFT IRRIGATION DIVISION, NABARANGPUR**

No. CAD-131 (E-mail : eeolicngpr22@gmail.com)

**E-procurement Notice 881/ Dated 26.05.2020**
**Bid Identification No: EE-OLIC-NGPR-01 / 2020-21, dated 26.05.2020**

1. Name of the Inviting Officer : Executive Engineer, Lift Irrigation Division, Nabarangpur
2. Name of the Work : Installation, electrification & energisation of 40 Nos. L.I.P in Tentulikhunti, Papadahandi, Dabugam, Jharigam, Kosagumuda & Nabarangpur Block under Nabarangpur District
3. Tender Amount varies from : Rs. 15.87 to 35.40 Lakhs
4. Date and Time of Availability of Bid Document in the Portal for online Bidding : 11.06.2020, 10.00 Hrs. to 20.06.2020 , 17.00 Hrs.
5. Last Date and Time of receive of Bids in Portal : 22.06.2020, 17.00 hrs.
6. Last Date and Time for clarification : 16.06.2020, 11.00 to 13.00 hrs.
7. Date and Time of Opening of Bid : 24.06.2020, 11.00 hrs.

- Further details can be seen from the e-procurement portal of Govt. of Odisha, i.e, **www.tenderodisha.gov.in**.
- Subsequent corrigendum / addendum if required shall be available in the above portal.
- All the instruments and documents related to tender must be uploaded in the eprocurement portal.

(ER. G.D.TRIPATHY), EXECUTIVE ENGINEER
L.I.DIVISION, NABARANGPUR
OIPR-32342/11/0001/2021



GOVERNMENT OF ODISHA No. C-40

**OFFICE OF THE SUPERINTENDING ENGINEER,**
**PUBLIC HEALTH CIRCLE, SAMBALPUR, ODISHA**

E-mail id: - sephsbp@yahoo.in / sephsbp@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP- 02 /2020-21 Dt. 03.06.2020**

01. Number of Work : 2 Nos.
02. Type of Bid : Two Bid system
03. Estimated Cost : Rs. 110.70 to 122.89 Lakhs
04. Period of Completion : 4 (Four) Calendar Months
05. Class of Contractor : Reputed Manufacturers / Authorised Dealer / Registered Suppliers.
06. Date & Time of availability of bid document in the portal : From 11.00 Hrs. of dt. 16.06.2020 to 17.00 Hrs of 30.06.2020
07. Last date / time of seeking clarification : 17.00 Hrs of 22.06.2020
08. Last date / time of receipt of bids in the portal : 17.00 Hrs of 30.06.2020
09. Date & Time of opening of Technical bids : At 11.00 Hrs. of 01.07.2020
10. Name and Address of the Officer Inviting Bid : Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001.

Further details can be seen from the e-Procurement portal **"http://www.tendersorissa.gov.in"**

Sd./- Superintending Engineer,
P.H. Circle, Sambalpur
OIPR-13018/11/0001/2021


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ ...

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୪୬/୫୭୮ | ୨୨୯୨ | ୦.୨୭ | ୦.୦୨ | ଶାରଦ ଏକ | ରାଜକିଶୋର ପାତ୍ର, ପି: ବଂଶୀଧର ପାତ୍ର, ଜା: ରାଢ଼ୁ, ବା: ଦାଣ୍ଡନାବଦା, ଥା: ବସ୍ତା, ଜି: ବାଲେଶ୍ୱର |
| ୬୪୬/୬୧୨ | ୨୩୯୪ | ୦.୭୭ | ୦.୦୩ | ଶାରଦ ଏକ | ଶକ୍ତିପଦ ବ୍ରହ୍ମା, ବିଷ୍ଣୁପଦ ବ୍ରହ୍ମା, ପି: ଯୋଗେନ୍ଦ୍ର ନାଥ ବ୍ରହ୍ମା, ତାରାମଣି ବ୍ରହ୍ମା, ସ୍ୱା: ଶାନ୍ତିପଦ ବ୍ରହ୍ମା, ମାନସ କୁମାର ବ୍ରହ୍ମା, ତାପସ କୁମାର ବ୍ରହ୍ମା, ପି: ଶାନ୍ତିପଦ ବ୍ରହ୍ମା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୬୭୧/୧୩ | ୨୮୭୫ | ୦.୪୭ | ୦.୧୪ | ଶାରଦ ଏକ | ଶ୍ରୀ ହରି ବଳଦେବ ଜିଉ ବିଜେ ନିଜଗାଁ ଟ୍ରଷ୍ଟି ବୋର୍ଡ, ମାଫତ ସଦର ସବଡିଭିଜନାଲ ଅଫିସର, ବାରିପଦା ବା: |
| ୬୭୧/୨୩ | ୯୫୯ | ୦.୪୦ | ୦.୧୫ | ଶାରଦ ଦୁଇ | ଜଗନ୍ନାଥ ମିଶ୍ର, ବିଶ୍ୱନାଥ ମିଶ୍ର, ରମାନାଥ ମିଶ୍ର, ପି: ପ୍ରମୋଥ ବିହାରୀ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୯୬୦ | ୦.୨୩ | ୦.୦୧ | ଶାରଦ ତିନି | |
| ୬୭୨ | ୨୫୩୫ | ୦.୨୭ | ୦.୦୨ | ଶାରଦ ଏକ | କୋଠଚାଷ |
| ୬୭୨/୮ | ୧୬୦୭ | ୦.୨୫ | ୦.୧୨ | ଶାରଦ ଦୁଇ | ଲକ୍ଷ୍ମୀନାରାୟଣ ସ୍ୱାଇଁ, ହରିନାରାୟଣ ସ୍ୱାଇଁ, ପି: ରୁଦ୍ର ନାରାୟଣ ସ୍ୱାଇଁ, ବା: ଅମର୍ଦା |
| ୬୭୨/୧୦ | ୨୮୯୬ | ୧.୦୫ | ୦.୦୯ | ଶାରଦ ଏକ | ଶ୍ରୀମତୀ ସୁବାସିନୀ ମହାନ୍ତି, ସ୍ୱା: ନାକୁ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୫୮୩ | ୧୯୨୫ | ୦.୧୨ | ୦.୦୧ | ଶାରଦ ଦୁଇ | ସୁଧୀର ଚନ୍ଦ୍ର ପରମାଣିକ, ପି: ରଘୁନାଥ ପରମାଣିକ, ଜା: ଭଣ୍ଡାରୀ, ବା: ବାଇତିପୁର, ଥାନା: ଭୋଗରାଇ, ଜିଲ୍ଲା: ବାଲେଶ୍ୱର |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ସମପରିମାଣ ଗୋଚର ପ୍ରତିବଦଳି | | | | | |
| ୧୭୫ | ୮୩ | ୦.୬୦ | ୦.୬୦ | ପତିତ | ତ୍ରିଲୋଚନ ସାହୁ, ଉଷାମଣି ପାତ୍ର, ଚୁଡ଼ାମଣି ପାତ୍ର, ପି: ଭୋଳା ସାହୁ, ପଦ୍ମଲୋଚନ ସାହୁ, ସୁମା ପରିଡା, ପି: ନିଳ ସାହୁ, ବଂଶୀଧର ସାହୁ, ସୁଭଦ୍ରା ପାତ୍ର, ହାଉଡି ପ୍ରଧାନ, ପି: ବନୁ ସାହୁ, ସାରଦା ସାହୁ, ସ୍ୱା: ବନୁ ସାହୁ, ଜା: ଏକାଦଶତେଲି, ବା: ଦଳେଇଡିହି |
| ୩୯୦ | ୧୫୦ | – | ୧.୫୪ | ଶାରଦ ତିନି | ଭୁଟା ମାଝୀ, ବାଲକା ମାଝୀ, ଶାଲଏ ମାଝୀ, ପି: ସୁରିଆ ମାଝୀ, ମାନକ ମାଝୀ, ପି: ଭଞ୍ଜ ମାଝୀ, ଗୁରା ମାଝୀ, ଗୋପାଳ ମାଝୀ, ପି: ଭୁଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୪୯୦ | ୧୩୬ | – | ୦.୩୨ | ପତିତ | ଲଶ ମାଝୀ, ମଙ୍ଗଲ ମାଝୀ, କାଣ୍ଡିଆ ମାଝୀ, ପି: ସୁରାଇ ମାଝୀ, ଦାସ ମାଝୀ, ହପ୍ନା ମାଝୀ, ଲକ୍ଷ୍ମଣ ମାଝୀ, ପି: ଜଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୧୯ | ୧୪୮ | – | ୦.୯୫ | ଶାରଦ ତିନି | ସାକାଲା ମାଝୀ, ପି: ପ୍ରଧାନ ମାଝୀ, ପାନ ମାଝୀ, ପି: ପାଲୁ ମାଝୀ, ଗୁରା ମାଝୀ, ପି.– ଟେପା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୪୯ | ୧୪୧ | ୦.୫୪ | ୦.୫୪ | ଶାରଦ ତିନି | ଶ୍ରୀନାଥ ରାଉତ, ପୂର୍ଣ୍ଣୀମା ରାଉତ, ଲକ୍ଷ୍ମୀ ରାଉତ, ପି: ଅଭିଳାଷ ରାଉତ, ଜା: ବଗାଳ, ବା: ନିଜଗାଁ |
| ୬୪୬/୧୫୧ | ୮୦/୩୩୩୮ | ୦.୪୪ | ୦.୪୪ | ପତିତ | ମଦନ ମୋହନ ଜେନା, ପି: ନରେନ୍ଦ୍ର ନାଥ ଜେନା, ଜା: ଏକାଦଶତେଲି, ବା: ନିଜଗାଁ |
| ୬୪୬/୪୩୦ | ୮୦ | – | ୦.୨୦ | ପତିତ | ଦିଗାମ୍ବର ସାହୁ, ପି: ତ୍ରିଲୋଚନ ସାହୁ, ଜା: ଏକାଦଶୀ ତେଲି, ବା: ଦଳେଇଡିହ |
| ୬୪୬/୪୬୯ | ୧୨୮ | ୦.୨୧ | ୦.୨୧ | ଶାରଦ ତିନି | ମଙ୍ଗଲ ହାଁସଦା, ପି: ରେପ ହାଁସଦା, ମାନ୍ଦ ହାଁସଦା, ସ୍ୱା: ରେପ ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩୦/୩୩୮୦ | ୦.୪୪ | ୦.୪୪ | ପତିତ | |
| ୬୪୬/୪୭୦ | ୧୩୦/୩୩୭୯ | ୦.୩୦ | ୦.୩୦ | ପତିତ | ସମରାୟ ହାଁସଦା, ପି: ବାୟା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୬୪୬/୪୭୧ | ୧୩୦ | ୦.୩୦ | ୦.୩୦ | ପତିତ | ଲସ ହାଁସଦା, ପି: ରେଣ୍ଟା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୬୪୬/୪୭୨ | ୧୨୮/୩୩୭୭ | | ୦.୧୩ | ଶାରଦ ତିନି | ବୁଧିଆ ହାଁସଦା, ପି: ମଙ୍ଗଲ ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୬୪୬/୪୭୪ | ୧୨୮/୩୩୭୬ | | ୦.୨୧ | ଶାରଦ ତିନି | ବାଲକା ହାଁସଦା, ରାଜୁ ହାଁସଦା, ପି: ରାମ ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୧୯୮ ପ୍ଲଟକୁ | ଏ.୧୩୧.୯୫ ଡେ.ମି. | ଏ.୩୦.୦୪ ଡେ.ମି. | | |

OIPR-24001/14/0022/2021



ଅଭିନେତ୍ରୀ ଦୀପିକାଙ୍କ ଭଳି ଝିଅ ସହ ବିବାହ କରିବାକୁ ଚାହେଁ ବୋଲି ଅଭିନେତା କାର୍ତ୍ତିକ ଆର୍ଯ୍ୟନ କହିଛନ୍ତି। ଦୀପିକା ସମସ୍ତଙ୍କ ସମ୍ମୁଖରେ ନିଜ ସ୍ୱାମୀଙ୍କୁ ନେଇ ଗର୍ବ କରନ୍ତି। କୌଣସି ଇଣ୍ଟରଭ୍ୟୁ ହେଉ ଅବା ସୋସିଆଲ ମିଡିଆରେ ସେ ରଣବୀରଙ୍କୁ ଖୁବ୍ ପ୍ରଶଂସା କରିଥାନ୍ତି। ଏହା ମୋତେ ଭଲ ଲାଗେ। ପ୍ରକାଶଥାଉକି, କାର୍ତ୍ତିକଙ୍କ ଫିଲ୍ମ 'ପତି ପତ୍ନୀ ଔର ୱ୍ହ' ରିଲିଜ୍ ବେଳେ ଦୀପିକା ଏବଂ କାର୍ତ୍ତିକ ଏକ ବିମାନବନ୍ଦରରେ 'ଧିମେ ଧିମେ...' ଗୀତର ତାଳରେ ନାଚିଥିଲେ ଯାହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା।





ନୋରା ଫତେହି

# ସହଯୋଗର ହାତ ବଢ଼ାଇଲେ ନୋରା

**ମୁମ୍ବାଇ:** ଲକ୍‌ଡାଉନ୍ ସମୟରେ ମଜାଦାର ପୋଷ୍ଟକରି ନିଜର ଫ୍ୟାନ୍‌ମାନଙ୍କୁ ମନୋରଞ୍ଜନ କରାଉଥିବା ବଲିଉଡ୍ ଅଭିନେତ୍ରୀ ତଥା ମହେଲ ନୋରା ଫତେହି ଏବେ ଅନ୍ୟ ଏକ କାରଣ ଯୋଗୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନୋରା ବର୍ତ୍ତମାନ ଫ୍ରଣ୍ଟଲାଇନ୍ ୱାର୍କର୍ସଙ୍କ ସହାୟତା ଲାଗି ଆଗେଇ ଆସିଛନ୍ତି। ଏହି ଅଭିନେତ୍ରୀ ଜଣଙ୍କ କରୋନା ପଜିଟିଭ୍ ଆକ୍ରାନ୍ତଙ୍କ ଚିକିତ୍ସା କରୁଥିବା ଡାକ୍ତର ଏବଂ ବହୁ କର୍ମଚାରୀଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ପିପିଇ (ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ) କିଟ୍ ଡୋନେଟ୍ କରିଛନ୍ତି। ଏ ବିଷୟରେ ସୂଚନା ଦେଇ ନୋରା ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରି କହିଛନ୍ତି ଯେ, ଆମ୍ଭେମାନେ ଘରେ ସୁରକ୍ଷିତ ଅଛୁ। ମାତ୍ର କିଛିଲୋକ ଅଛନ୍ତି, ଯେଉଁମାନେ ଆମ ଲାଗି ପ୍ରତିଦିନ ଘରୁ ବାହାରି ନିଜର ଡ୍ୟୁଟି ପାଳନ କରୁଛନ୍ତି। ଏହି ମହାମାରୀରେ ପୋଲିସ, ଡାକ୍ତରଖାନା କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ, ନର୍ସ, ଡାକ୍ତର, ସଫେଇ କର୍ମଚାରୀ ପ୍ରତିଦିନ ନିଜ ନିଜ ଘରୁ ବାହାରି ସମାଜ ପ୍ରତି ଥିବା ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ସେମାନଙ୍କ ଲାଗି ମଧ୍ୟ ସୁରକ୍ଷା ଆବଶ୍ୟକ। ସେମାନଙ୍କୁ ପିପିଇ କିଟ୍‌ର ଆବଶ୍ୟକତା ଅଧିକ। ଏଣୁ ଭାରତରେ ଥିବା ସରକାରୀ ଡାକ୍ତରଖାନାରେ ପିପିଇ କିଟ୍ ଦାନ କରୁଛି ବୋଲି ନୋରା କହିଛନ୍ତି। ଏଥିସହ ସେ ଫ୍ୟାନ୍‌ମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ଲାଗି ନିବେଦନ କରିଛନ୍ତି।

# ଭାଇରସ୍‌ରେ ୪୧% 'କ୍ଲେଡ୍ ଏ୩-ଆଇ'

**ହାଇଦ୍ରାବାଦ:** ପରିବେଶ ଅନୁଯାୟୀ ପରିବର୍ତ୍ତିତ ଗୁଣାବଳୀ କରୋନା ଭାଇରସ୍‌କୁ ସଂକ୍ରମଣ ଲାଗି ବଳ ଯୋଗାଉଛି। ଚାଇନାରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ଆମେରିକାରେ ଯେଉଁ ପ୍ରତିକ୍ରିୟା ଦେଖାଉଛି, ୟୁରୋପୀୟ ରାଷ୍ଟ୍ରରେ ଏହା ଭିନ୍ନ। ସେହିପରି ଭାରତରେ ମଧ୍ୟ ଭୂତାଣ ଗୁଣରେ ବିବିଧତା ଦେଖିବାକୁ ମିଳିଛି। ତାମିଲନାଡୁ ଏବଂ ତେଲଙ୍ଗାନା ରାଜ୍ୟରେ କୋଭିଡ୍-୧୯ ଭାଇରସ୍‌ର ଏକ ସମୂହକୁ ବୈଜ୍ଞାନିକମାନେ ଠାବ କରିଛନ୍ତି, ଯାହା ଅନ୍ୟ ରାଜ୍ୟର ସଂକ୍ରମିତଙ୍କ ସ୍ୱାବ୍‌ରେ ଦେଖାଯାଉଥିବା ଭାଇରସ୍‌ଠାରୁ ଅଲଗା। ଏହି ପ୍ରକାର ଭାଇରସ୍‌ର ନାମ ଦିଆଯାଇଛି 'କ୍ଲେଡ୍ ଏ୩-ଆଇ'। ଯେଉଁ କରୋନା ଭାଇରସ୍ ଯୋଗୁ ଦେଶବ୍ୟାପୀ ସଂକ୍ରମଣ ବଢୁଛି, ସେଥିରେ ୪୧ ପ୍ରତିଶତ 'କ୍ଲେଡ୍ ଏ୩-ଆଇ' ଥିବା ହାଇଦ୍ରାବାଦସ୍ଥିତ ସେଣ୍ଟର ଫର୍ ସେଲ୍ୟୁଲାର ଆଣ୍ଡ ମଲିକ୍ୟୁଲାର ବାୟୋଲୋଜିର (ସିସିଏମ୍‌ବି) ବୈଜ୍ଞାନିକମାନେ କହିଛନ୍ତି।

ବିଶେଷଜ୍ଞମାନେ କରୋନା ଭାଇରସ୍‌ର ୬୪ଟି ଜେନମ୍ ସିକ୍ୱେନ୍ସର ବିଶ୍ଳେଷଣ କରିଛନ୍ତି। ସିସିଏମ୍‌ବି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି ଯେ, ଭାରତରେ ବ୍ୟାପୁଥିବା ଉକ୍ତ ଭୂତାଣର ଏହି ସମୂହକୁ ଅଦ୍ୟାବଧି ବିଶ୍ଳେଷଣ କରାଯାଇ ନ ଥିଲା। ତେବେ ଏହି ପ୍ରକାର ଭୂତାଣୁ ବେଶି କି କମ୍ କ୍ଷତିକାରକ ତାହା ଅଦ୍ୟାବଧି ଜଣାପଡ଼ି ନ ଥିବା ଏହା ଉପରେ ଗବେଷଣା ଜାରି ରଖିଥିବା ବୈଜ୍ଞାନିକମାନେ କହିଛନ୍ତି। ସିସିଏମ୍‌ବି ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ଭାଇରସ୍‌ର ଉତ୍ପତ୍ତି ଆପାତତଃ ୨୦୨୦ ଫେବୃୟାରୀରେ ହୋଇଥିଲା। ଏହାପରେ ଏହା ଦେଶରେ ବ୍ୟାପିଥିବାର ଅନୁମାନ କରାଯାଉଛି। ଦେଶରୁ ସଂଗୃହୀତ ନମୁନାରେ ଏହି ପ୍ରକାର ଜେନମ୍ ସିକ୍ୱେନ୍ସ ଥିବା ଭାଇରସ୍ ୪୧ ପ୍ରତିଶତ ଯାଏ ମିଳିଛି। ସେହିପରି ଏହା ସାରା ଦୁନିଆରୁ ଠାବ କରାଯାଇଥିବା ଭାଇରସ୍‌ର ଜେନମ ସିକ୍ୱେନ୍ସର ୩.୫%।

ସିସିଏମ୍‌ବିର ନିର୍ଦ୍ଦେଶକ ରାକେଶ ମିଶ୍ରା କହିଛନ୍ତି, ତେଲଙ୍ଗାନା ଏବଂ ତାମିଲନାଡୁରୁ ସଂଗୃହୀତ ଅଧିକ ନମୁନା 'କ୍ଲେଡ୍ ଏ୩-ଆଇ'। ଦିଲ୍ଲୀରୁ ନିଆଯାଇଥିବା ନମୁନା ସହ ଏହା କିଛିମାତ୍ରାରେ ମେଳ ଖାଉଛି। ହେଲେ ମହାରାଷ୍ଟ୍ର ଏବଂ ଗୁଜରାଟର ସାମ୍ପଲଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ମହାମାରୀ ଆରମ୍ଭରେ ଅଧିକାଂଶ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ଏହି ତଥ୍ୟ ପଦାକୁ ଆସିଥିବା ନିର୍ଦ୍ଦେଶକ ମିଶ୍ରା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ସିଙ୍ଗାପୁର ଏବଂ ଫିଲିପାଇନ୍ସର ନମୁନାରୁ 'କ୍ଲେଡ୍ ଏ୩-ଆଇ' ଠାବ କରାଯାଇଥିଲା।

ଭୂତାଣୁକୁ ବୁଝିବାକୁ ଅତିଶୀଘ୍ର ଅଧିକରୁ ଅଧିକ ଜେନମ ସିକ୍ୱେନ୍ସ କରାଯିବ। ଏହାଦ୍ୱାରା ଅନେକ ତଥ୍ୟ ପଦାକୁ ଆସିବ। କରୋନା କ୍ଲଷ୍ଟର ସମ୍ପର୍କରେ ଏପରି ଅଧ୍ୟୟନ ଦେଶରେ ପ୍ରଥମ ବୋଲି ନିର୍ଦ୍ଦେଶକ ମିଶ୍ରା କହିଛନ୍ତି।



କରୋନାର ନୂଆ କୁଣ୍ଡଳୀ

# ହିନ୍ଦୁ ଝିଅଙ୍କ ବାହାଘର କଲେ ମୁସଲମାନ ଦମ୍ପତି

**ମାଛିୱାଡା(ପଞ୍ଜାବ):** ଲକ୍‌ଡାଉନ୍ କଟକଣା ମଧ୍ୟରେ ଅନେକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଏ ସମୟରେ ଏପରି କିଛି ଘଟଣା ମଧ୍ୟ ଘଟିଛି, ଯାହା ଅନେକଙ୍କୁ ପ୍ରେରିତ କରିବା ସହ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ପଞ୍ଜାବର ଲୁଧିଆନାରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା। ଲକ୍‌ଡାଉନ୍ ଯୋଗୁ ମା' ବାପା ଗାଁରେ ଫସିଥିବା ବେଳେ ଏକ ମୁସଲମାନ ଦମ୍ପତି ଝିଅର ବିବାହ ସମ୍ପନ୍ନ କରିଛନ୍ତି। ଘଟଣା ହେଲା, ଲୁଧିଆନା ଜିଲା ଭାଟିୟାନ ଅଞ୍ଚଳର ଭରିନ୍ଦର କୁମାର ଲକ୍‌ଡାଉନ୍ ପୂର୍ବରୁ ସ୍ତ୍ରୀ, ପୁଅ ଏବଂ ୩ ଝିଅଙ୍କୁ ନେଇ ନିଜ ଗାଁ ଉତ୍ତରପ୍ରଦେଶର ମୋରାଦାବାଦ ଯାଇଥିଲେ। ହେଲେ ଆଉ ଜଣେ ଝିଅ(ପୂଜା) ଭାଟିୟାନରେ ଥିଲେ। ପୂଜାଙ୍କ ବିବାହ ପଞ୍ଜାବର ସହେନୱାଲ ଅଞ୍ଚଳର ସୁଦେଶ କୁମାରଙ୍କ ସହ ଲକ୍‌ଡାଉନ୍ ପୂର୍ବରୁ ସ୍ଥିର ହୋଇଥିଲା। ଏହା ମଧ୍ୟରେ ବରଘର ଲୋକେ ବିବାହ କରିବା ପାଇଁ ଚାହିଁଥିଲେ। ତେବେ ଲକ୍‌ଡାଉନ୍ ଯୋଗୁ ପୂଜାଙ୍କ ମା' ବାପା ଗାଁରୁ ଫେରିବା ସମ୍ଭବ ହୋଇ ନ ଥିଲା। ତେବେ ଭାଟିୟାନରେ ରହୁଥିବା ମୁସଲମାନ ଦମ୍ପତି ଅବ୍‌ଦୁଲ ସାଜିଦ୍ ଏବଂ ତାଙ୍କ ସ୍ତ୍ରୀ ସୋନିଙ୍କ ଭରିନ୍ଦରଙ୍କ ପାରିବାରିକ ସମ୍ପର୍କ ଖୁବ୍ ଭଲ। ପୂଜା ଦୁହିଁଙ୍କୁ ମାମୁ ଓ ମାଇଁ ବୋଲି ଡାକନ୍ତି। ତେଣୁ ବିବାହ ନ ଅଟକାଇ ନିଜ ଝିଅ ଭଳି ବିବାହ କାର୍ଯ୍ୟ କରିବାକୁ ସେମାନଙ୍କୁ ଅନୁମତି ଦେଇଥିଲେ। ଏହାପରେ ମୁସଲମାନ ଦମ୍ପତି ପୂଜାଙ୍କ ବିବାହ ଆୟୋଜନ କରିଥିଲେ। ମାଛିୱାଡାରୁ ପୁରୋହିତଙ୍କୁ ଡକାଇ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରାଇଥିଲେ। ପୂଜାଙ୍କୁ ଝିଅ ରୂପେ ଗ୍ରହଣକରି କନ୍ୟାଦାନ କରିଥିଲେ। ତେବେ କୌଣସି ଜିନିଷପତ୍ର ପାଇଁ ବରଘର ପରିବାର ମନା କରିଥିଲେ ମଧ୍ୟ ପରମ୍ପରା ଅନୁଯାୟୀ ଦମ୍ପତି ଜରୁରୀ ଆସବାବପତ୍ର ଉପହାର ଦେଇ ଝିଅକୁ ବିଦାକରିଥିଲେ। ତେବେ ବିବାହ ପାଇଁ ପୂଜାଙ୍କ ମା' ବାପା ମଧ୍ୟ ଟଙ୍କା ପଠାଇଥିବା ଦମ୍ପତି କୁହନ୍ତି। ହେଲେ କରୋନା କଟକଣା ଯୋଗୁ ନିରାଡ଼ମ୍ବର ବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ୟା-ବର, ବିବାହ କରାଉଥିବା ଦମ୍ପତିଙ୍କ ବ୍ୟତୀତ ବରଙ୍କ ଦୁଇ ଭଉଣୀ, ଭିଣୋଇ ଏବଂ ୩ ଛୁଆଙ୍କୁ ନେଇ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଭଳି ଏକ ସୁଯୋଗ ମିଳିଥିବାରୁ ମୁସଲମାନ ଦମ୍ପତି ଖୁସିବ୍ୟକ୍ତ କରିଥିଲେ। ସେହିପରି ଏକ ମୁସଲମାନ ଦମ୍ପତି ହିନ୍ଦୁ ବିବାହ କରାଇବା ଏବଂ କନ୍ୟାଦାନ କରିବା ବିଷୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ୧୩ ମାସରେ ଶିକ୍ଷୟିତ୍ରୀ ଠକିନେଲେ କୋଟିଏ ଟଙ୍କା

ଲକ୍ଷ୍ନୌ, ୫।୬

ଜଣେ ଶିକ୍ଷକ ଦିନକୁ କେତୋଟି କ୍ଲାସ୍ କରିପାରିବେ। ଏଭଳି ଏକ ପ୍ରଶ୍ନର ଉତ୍ତର ୩ଟି, ୪ଟି କିମ୍ବା ଅତିବେଶିରେ ୫ଟି ହୋଇପାରେ। ହେଲେ ଯଦି କୁହାଯାଏ ଜଣେ ଶିକ୍ଷୟିତ୍ରୀ ଦିନକୁ ହାରାହାରି ୨୫ଟି ଲେଖାଏ କ୍ଲାସ୍ କରିଛନ୍ତି, ତାହା ବି ଭିନ୍ନ ଭିନ୍ନ ବିଦ୍ୟାଳୟରେ ତେବେ ଅନେକେ ଏହାକୁ ହସରେ ଉଡ଼ାଇଦେବେ। କିନ୍ତୁ ଉତ୍ତରପ୍ରଦେଶରେ ଏଭଳି ଜଣେ ଠକ ଶିକ୍ଷୟିତ୍ରୀଙ୍କ କାରନାମା ପଦାକୁ ଆସିଛି। ଶିକ୍ଷୟିତ୍ରୀ ଜଣକ ଏକା ସଙ୍ଗରେ ୨୫ ବିଦ୍ୟାଳୟରେ କାମ କରୁଥିଲେ। ଆଉ ୧୩ ମାସରେ ବେତନ ବାବଦକୁ ସେ ହାତେଇଛନ୍ତି କୋଟିଏ ଟଙ୍କା। ସବୁଠାରୁ ବଡ଼ କଥା ହେଲା ଶିକ୍ଷକଙ୍କ ଡାଟାବେସ୍ ଥିବା ସତ୍ତ୍ୱେ ଏଭଳି ଏକ ଠକେଇ ହୋଇଛି। ଘଟଣାର ପର୍ଦ୍ଦାଫାଶ ହେବା ପରେ ଶିକ୍ଷା ବିଭାଗର ଚେତା ପଶିଛି। ଅନ୍ୟପଟେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରୁନାହିଁ।

ସମ୍ପୂର୍ଣ୍ଣ ଘଟଣା ଏହିପରି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ପୂର୍ଣ୍ଣକାଳୀନ ବିଜ୍ଞାନ ଶିକ୍ଷୟିତ୍ରୀ ହେଉଛନ୍ତି ଅନାମିକା ଶୁକ୍ଳା। ସେ ଆମ୍ବେଡ୍‌କର ନଗର, ବାଗ୍‌ପତ, ଅଲିଗଡ଼, ସହରନ୍‌ପୁର, ପ୍ରୟାଗରାଜ ଜିଲାର ଅନେକ ସ୍କୁଲରେ ଏକାସଙ୍ଗରେ କାମ କରୁଥିଲେ। ଶିକ୍ଷକଙ୍କ ଡିଜିଟାଲ ଡାଟାବେସ୍ ରେକର୍ଡ ଅପ୍‌ଲୋଡ୍ ହେବା ପରେ ଅନାମିକା ଶୁକ୍ଳାଙ୍କ କଳା କାରନାମା ବିଷୟରେ ରୋଚକ ତଥ୍ୟ ଜଣାପଡ଼ିଥିଲା। ସେ ଏକାଥରକେ ୨୫ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ରେକର୍ଡରେ ଉଲ୍ଲେଖ ଥିଲା।

## ଏକାଥରକେ ୨୫ ସ୍କୁଲରେ ଶିକ୍ଷକତା




ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଲାଗି ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳୁ ନ ଥିବା ଶିକ୍ଷାବିଭାଗର ମହାନିର୍ଦ୍ଦେଶକ ବିଜୟ କିରଣ ଆନନ୍ଦ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଏହା ଏକ ଆଶ୍ଚର୍ଯ୍ୟ କରିଦେବା ଭଳି ଘଟଣା। ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥିତି ସମ୍ପର୍କରେ ନିୟମିତ ତନାଘନା ସତ୍ତ୍ୱେ ଶିକ୍ଷୟିତ୍ରୀ ଶୁକ୍ଳା ଏପରି ଠକେଇ କରିବାରେ ସଫଳ ହୋଇଛନ୍ତି।

ଜଣେ ଅଧିକାରୀ କହିଛନ୍ତି ଯେ, ଅଭିଯୁକ୍ତା ଶିକ୍ଷୟିତ୍ରୀଙ୍କ ବିରୋଧରେ ଗତ ମାର୍ଚ୍ଚରେ ଅଭିଯୋଗ ହୋଇଥିଲା। ପ୍ରେରଣା ପୋର୍ଟାଲ ମାଧ୍ୟମରେ ଶିକ୍ଷକମାନେ ଅନ୍‌ଲାଇନରେ ନିଜର ଉପସ୍ଥିତି ସମ୍ପର୍କରେ ସୂଚନା ଦେଇଥାନ୍ତି। ଏହାସତ୍ତ୍ୱେ ଏପରି ଅନିୟମିତତା କିପରି ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆର୍ଥିକ ଅନଗ୍ରସର ବର୍ଗର ବାଳିକାଙ୍କୁ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ କରାଇବାକୁ କେଜିବିଭି ଆରମ୍ଭ ହୋଇଛି। ଏଠାରେ ଚୁକ୍ତିଭିତ୍ତିରେ ଶିକ୍ଷକମାନେ ନିଯୁକ୍ତି ପାଇଥାନ୍ତି। ଜଣେ ଶିକ୍ଷକଙ୍କ ହାରାହାରି ଦରମା ୩୦,୦୦୦ ଟଙ୍କା। ଜିଲାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ କସ୍ତୁରବା ବାଳିକା ବିଦ୍ୟାଳୟ ରହିଛି। ମୈନାପୁର ନିବାସୀ ଅନାମିକା ୧୩ ମାସରେ କୋଟିଏ ଟଙ୍କା ବେତନ ନେଇଛନ୍ତି। ଶେଷଥର ଲାଗି ତାଙ୍କୁ ରାୟବରେଲିସ୍ଥିତ କେଜିବିଭିରେ କାମ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ତାଙ୍କ ବିଷୟରେ କୌଣସି ତଥ୍ୟ ମିଳୁନାହିଁ। ରାୟବରେଲିର ଶିକ୍ଷା ଅଧିକାରୀ ଆନନ୍ଦ ପ୍ରକାଶ କୁହନ୍ତି, ରାଜ୍ୟ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପକ୍ଷରୁ ଅନାମିକା ଶୁକ୍ଳା ନାମକ ଜଣେ ଶିକ୍ଷୟିତ୍ରୀଙ୍କ ବିଷୟରେ ଯାଞ୍ଚ କରିବାକୁ ୬ ଜିଲାକୁ ପତ୍ର ଲେଖାଯାଇଥିଲା। ଏଥିରେ ରାୟବରେଲିର ନାମ ତାଲିକାରେ ନ ଥିଲା। ପୁନଃ ଯାଞ୍ଚ କରିବା ସମୟରେ ଶିକ୍ଷୟିତ୍ରୀ ଜଣକ ଏଠାରେ କାମ କରୁଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ନୋଟିସ୍ କରାଯିବା ସହ ତାଙ୍କ ଦରମା ବନ୍ଦ କରାଯାଇଥିଲା। ଲକ୍‌ଡାଉନ୍ ଯୋଗୁ ତଦନ୍ତ ବିଳମ୍ବ ହେଉଛି। ଶୁକ୍ଳାଙ୍କ ଦରମା ଗୋଟିଏ ବ୍ୟାଙ୍କ ଖାତାକୁ ଆସୁଥିଲା ନା ଭିନ୍ନ ଭିନ୍ନ ଖାତାକୁ ଆସୁଥିଲା ତାହାର ଯାଞ୍ଚ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ଭିନ୍ନ ଭିନ୍ନ ମତ ସାମ୍ନାକୁ ଆସୁଛି। ଶିକ୍ଷା ବିଭାଗର ଅଧିକାରୀଙ୍କ ଜାଣତରେ ଏପରି ବଡ଼ ଧରଣର ଘୋଟାଲା ହୋଇଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେମାନେ ଦାବି କରିଛନ୍ତି।

# ଡ୍ରାମା ଅଫ୍ ନେଚର

**ନୂଆଦିଲ୍ଲୀ:** ସାପ ଉପରେ ବେଙ୍ଗ। ଏମିତି ଏକ କଥା ଶୁଣିବା ମାତ୍ରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। କାହିଁକିନା ଜଣେ ଖାଦ୍ୟ ଆଉ ଜଣେ ଖାଦକ। ଏମିତି ଏକ ସମ୍ପର୍କର ଦୁଇଟି ଜୀବଙ୍କୁ ଏକାଠି ଦେଖିବା ନିହାତିଭାବେ ଆଶ୍ଚର୍ଯ୍ୟର କଥା। ମାତ୍ର ଅନେକ ସମୟରେ ପ୍ରକୃତିର ଏଭଳି ବିଚିତ୍ର ଦୃଶ୍ୟ ଆମକୁ ଯେତିକି ଆମୋଦିତ କରେ ସେତିକି ଆଚମ୍ବିତ ବି କରିଥାଏ। ଏଭଳି ଏକ ଘଟଣାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍ ଅଫିସର ସୁଶାନ୍ତ ନନ୍ଦ ଏହି ଭିଜୁଆଲକୁ ପୋଷ୍ଟ କରି ଏହାର କ୍ୟାପସନ୍‌ରେ ଲେଖିଛନ୍ତି 'ଡ୍ରାମା ଅଫ୍ ନେଚର' ବା ପ୍ରକୃତିର ବୈଚିତ୍ର୍ୟ।

ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏହି ଭିଡିଓଟି ମାତ୍ର ୮ ସେକେଣ୍ଡର। ଭିଡିଓରେ ଦେଖିବାକୁ ମିଳୁଛି ଯେ, ଏକ ସାପ ଚାଲୁଥିବାବେଳେ ତା ଉପରେ ଏକ ବେଙ୍ଗ ବେଶ୍ ଆରାମରେ ବସିଛି। ବେଙ୍ଗଟି ଆଦୌ ବିଚଳିତ ନ ହୋଇ ନିଜକୁ ସାପ ଉପରେ ବସିବା ନେଇ ସୁନ୍ଦ ଭାବରେ ଆଡଜଷ୍ଟ କରି ନେଉଛି। ସାପର ମୁଖ୍ୟ ଖାଦ୍ୟ ବେଙ୍ଗର ନିର୍ଭିକତାକୁ ଦେଖିବା ଲୋକଙ୍କ ପାଇଁ ବେଶ୍ ଉତ୍ସାହପୂର୍ଣ୍ଣ। ଖାଦ୍ୟ ଓ ଖାଦକର ଏହି ସମ୍ପର୍କ କେତେ ସମୟ ତିଷ୍ଠି ରହିବ ତାହା ଭିନ୍ନ କଥା। କିନ୍ତୁ ଭିଜୁଆଲଟି ଏବେ ଲୋକଙ୍କୁ ଖୁବ୍ ପସନ୍ଦ ହୋଇଛି। ବହୁ ସଂଖ୍ୟାରେ ଲୋକେ ଏହି ଭିଡିଓକୁ ଦେଖିବା ସହିତ ଏହାକୁ ନେଇ ରିଟୁଇଟ୍ ବି କରୁଛନ୍ତି। ଭିଜୁଆଲକୁ ନେଇ ଲୋକଙ୍କ କମେଣ୍ଟ ମଧ୍ୟ ରହିଛି ବେଶ୍ ମଜାଦାୟକ।



# କରୋନା ବିଜୟୀଙ୍କ ପୁନର୍ବିବାହ

**ଭୋପାଳ:** ସେମାନେ ବିବାହିତ। ଢେର ଦିନର ଘରସଂସାର କରି ଏବେ ପରିଣତ ବୟସରେ। କିନ୍ତୁ ଏମିତି ଏକ ସମୟରେ ସେମାନେ ପୁଣି ଥରେ ବିବାହ କରିଛନ୍ତି। କାରଣ କରୋନା ପଜିଟିଭ୍ ହେବା ପରେ ସେମାନେ ସୁସ୍ଥ ହୋଇପାରିଛନ୍ତି। ଭୋପାଳରେ ଏମିତି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

କରୋନା ଭାଇରସ୍‌କୁ ନେଇ ସମସ୍ତଙ୍କ ମନରେ ଏକ ପ୍ରକାର ଭୟ। ବୟସ୍କମାନଙ୍କୁ ଏହି ଭାଇରସ୍ ସଂକ୍ରମଣ ହେଲେ ସେଥିରୁ ମୁକୁଳିବା ସହଜ ନୁହେଁ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେଣୁ ପରିଣତ ବୟସରେ ଏହି ରୋଗରୁ ମୁକ୍ତି ପାଇବା ଅର୍ଥ ନୂଆ ଜୀବନ ଲାଭ କରିବା। ସେଥିପାଇଁ ତ ମଧ୍ୟପ୍ରଦେଶର ଏକ ଦମ୍ପତି କରୋନା ମୁକ୍ତ ହେବା ପରେ ପୁଣି ଥରେ ବିବାହ କରି ଖୁସି ମନାଇଛନ୍ତି।

ଏହି ଦମ୍ପତିଙ୍କ ଘର ଗୁରୁଗ୍ରାମର ଡାମୋହ ଅଞ୍ଚଳର ରସିଲପୁର ଗାଁରେ। ଏହି ଗାଁର ୬୪ ବର୍ଷୀୟ ଡକ୍ଟର ଦିବାକର ପଟେଲ ଏବଂ ତାଙ୍କର ୬୨ ବର୍ଷୀୟ ସ୍ତ୍ରୀ କରୋନା ପଜିଟିଭ ଥିଲେ। ଉଭୟ ଡାମୋହ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତାଙ୍କ ସହ ଚିକିତ୍ସିତ ହେଉଥିବା ଅନ୍ୟମାନେ ମାତ୍ର ୧୦ ଦିନ ପରେ ଭଲ ହୋଇ ଘରକୁ ଫେରିଥିଲେ। କିନ୍ତୁ ତାଙ୍କୁ ବହୁଦିନ ଧରି ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। ଏମିତିକି ସେମାନେ ଭଲ ହେବେ କି ନାହିଁ ସେ ନେଇ ସେମାନଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ସେମାନେ ସୁସ୍ଥ ହୋଇଥିବା ଡାକ୍ତରମାନେ ସୂଚନା ଦେଇଥିଲେ। ଏହି ମାସ ୨ ତାରିଖରେ ସେମାନେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଉଭୟ ଏକ ନୂଆ ଜୀବନ ପାଇଥିବା ମନେକରି ପୁଣି ଥରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ଏଭଳି ପଦକ୍ଷେପ ଯୋଗୁ ସ୍ଥାନୀୟ ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ମାସ୍କ ବାଣ୍ଟୁଛନ୍ତି କଣ୍ଡକ୍ଟର

**ମଦୁରାଇ:** କରୋନା ସଂକ୍ରମଣ ରୋକିବା ଲାଗି ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ ଜାରି ରହିଛି। ତେବେ ସରକାରଙ୍କ ଏହି ଉଦ୍ୟମକୁ କେତେଜଣ ବ୍ୟକ୍ତି ସ୍ୱଇଚ୍ଛାରେ କରିବାରେ ଲାଗିଛନ୍ତି। ଆଉ ଏଥିପାଇଁ ନିଜେ ଖର୍ଚ୍ଚାନ୍ତ ହେବାକୁ ବି ପଛାଉ ନାହାନ୍ତି। ଏମିତି ଜଣେ ଉଦାର ହୃଦୟର ବ୍ୟକ୍ତି ହେଉଛନ୍ତି ଭି. କୃପାସ୍ୱାମୀ।

ତାମିଲନାଡୁର ମଦୁରାଇ ଅଞ୍ଚଳରେ କୃପାସ୍ୱାମୀ ବସ୍ କଣ୍ଡକ୍ଟର ଭାବେ କାମ କରନ୍ତି। ଏବେ ବସ୍ ଚଳାଚଳ ନେଇ



ସରକାର କଟକଣାକୁ କୋହଳ କରିଥିବାରୁ ଅନେକେ ବସ୍‌ରେ ଯିବାଆସିବା ଆରମ୍ଭ ହୋଇଛି। କିନ୍ତୁ ଏବେ ବି ଅନେକେ କରୋନା ସଂକ୍ରମଣ ନେଇ ସଚେତନ ନାହାନ୍ତି କିମ୍ବା କରୋନା ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ କୃପାସ୍ୱାମୀ ଚିନ୍ତା କରିଥିଲେ। ଏଥିପାଇଁ ନିଜର ମାସିକ ଦରମା ଟଙ୍କା ଖର୍ଚ୍ଚକରି ମାସ୍କ ଏବଂ ପିପିଇ କିଟ୍ କିଣି ସେସବୁକୁ ଆବଶ୍ୟକ ଲୋକଙ୍କୁ ବାଣ୍ଟୁଛନ୍ତି। ଅବଶ୍ୟ ବର୍ତ୍ତମାନ ସମୟରେ ନିଜ ପରିବାରର ଜରୁରୀ ଆବଶ୍ୟକତା ମେଣ୍ଟାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, କିନ୍ତୁ ନିଜେ ଅସୁବିଧାରେ ରହି ବି ସେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଚିନ୍ତା କରିଛନ୍ତି। ତାଙ୍କର ଏଭଳି କାମରେ ତାଙ୍କ ପରିବାର ଲୋକଙ୍କ ମଧ୍ୟ ପୂର୍ଣ୍ଣ ସମର୍ଥନ ରହିଛି। ତେଣୁ ସେ ତାଙ୍କର ପୂରା ଦରମା ଟଙ୍କାକୁ ମାସ୍କ କିଣି ବାଣ୍ଟିବାରେ ଖର୍ଚ୍ଚ କରିଦେଇଛନ୍ତି। ତେଣୁ ଘରଖର୍ଚ୍ଚ ଏବଂ ପିଲାଙ୍କ ପାଠପଢା ଖର୍ଚ୍ଚ ଆସନ୍ତା ମାସରେ ଦେବାପାଇଁ ଚିନ୍ତା କରିଛନ୍ତି। ତାଙ୍କ ମତରେ ଲୋକେ ସଚେତନ ହୋଇ ମାସ୍କ ପିନ୍ଧିଲେ କରୋନା ଭାଇରସ୍ ନିୟନ୍ତ୍ରଣ ହୋଇପାରିବ ଏବଂ ସମସ୍ତେ ଭଲରେ ଜୀବନଯାପନ କରିପାରିବେ। ତେଣୁ ଏ ସମୟରେ ସମସ୍ତେ ଏଭଳି ସଚେତନ ହେବା ଆବଶ୍ୟକ।

# କ ବି ତା

## ମନେ ରଖିବ

ନଖ କାଟୁଥିବ ସାତ ଦିନ
ଦେହ ପରିଷ୍କାର ସବୁଦିନ।
ଦାନ୍ତକୁ ଭଲ କରି ଘଷ
ଛୋଟିଆ କରି କାଟ କେଶ।
ପୋଷାକ ସଦା ସଫା ରଖ
ସର୍ବଦା ସତ୍ୟ କହି ଶିଖ।
ମାତା-ପିତାଙ୍କ କଥା ମାନ
ଗୁରୁଙ୍କ ବାକ୍ୟ ସଦା ଶୁଣ।



ବାପା-ମା'ଙ୍କ ଦେବା ଖରଚ
ସେଥିରୁ କିଛି ସଞ୍ଚୟ ଶିଖ।
ସେଇ ଟଙ୍କାରେ ପତ୍ରିକା କିଣି
ଅନେକ କଥା ପାରିବା ଜାଣି।
ଦୁଃଖୀ ଦୁର୍ଗତଙ୍କୁ କର ସହାୟ
ଭଜିବ ପ୍ରଭୁ ହେ ଦୟାମୟ।
ମନ ଲଗାଇ ପାଠ ପଢ଼ିବ
ଜଗତରେ ସେ ଭଲ ମଣିଷ ହେବ।

*-ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ*

## କୁନା ଭାବୁଛି

କୁନା ମନ ମାରି ବସିଛି
ବଡ଼ ମୋବାଇଲ କିଣିବ ବୋଲି ସେ
ବୋଉକୁ ତାହାର କହିଛି।
ଅନ୍‌ଲାଇନ୍‌ରେ ପଢ଼ା ହେଉଛି
ବିନା ମୋବାଇଲରେ କେମିତି ପଢ଼ିବ
ସେହି କଥା ବସି ଭାବୁଛି।
କରୋନା ଅଡୁଆ କରୁଛି
କେଉଁ ଦିନ ଏବେ ସ୍କୁଲ ଖୋଲିବ
ସେକଥା ଅବା କିଏ ଜାଣିଛି।
ସୁରଟରୁ ଫେରି ବାପା ଯେ ତାହାର
କ୍ୱାରାଣ୍ଟାଇନ୍‌ରେ ରହୁଛି
ସ୍କୁଲ ଘରକୁ ଯାଇଥିଲା ସିଏ
ଦୂରେ ଥାଇ ଦେଖି ଆସିଛି।
ଟଙ୍କା ପଇସା ତା' ପାଖରେ ତ ନାହିଁ
ରାସ୍ତାରେ ଖରଚ ହୋଇଛି
ବୋଉ ସୁଁ ସୁଁ କାନ୍ଦୁଛି
କେମିତି କିଣିବ ବଡ଼ ମୋବାଇଲ
ସେହି କଥା ବସି ଭାବୁଛି।

*-ଅଜୟ କୁମାର ମହାନ୍ତି, ହରିପୁର, କବୀରପୁର, ଯାଜପୁର*

## ନାଉରି ଭାଇ

ନାଉରି ଭାଇରେ ନାଉରି ଭାଇ
କଷ୍ଟରେ ବଞ୍ଚୁ ତୁ ନାବକୁ ବାହି।
ଚିଲିକା କୂଳରେ ତୋହରି ଘର
ଝଡ଼ ତୋଫାନକୁ ନାହିଁ ତୋ ଡର।
ଆସୁ ପଛେ କେତେ ବାଆ ବତାସ
ତଥାପି ତୋ ମୁହେଁ ଥାଏରେ ହସ।
ଜାଲ ଫିଙ୍ଗିବାକୁ ଯାଉ ଗଭୀରେ
ମାଛ ଧରି ପେଟ ପୋଷୁ ଦୁଃଖରେ।
ମାଛ ଆମ ପାଇଁ ପୌଷ୍ଟିକ ଖାଦ୍ୟ
ଶରୀରର ଲାଗି ହିତ ସଂପଦ।
କୃଷକ ପରି ତୁ ଜୀବନ କଷ୍ଟି
ସରଳ ମାନବ ବିଭୁର ସୃଷ୍ଟି।
ନାହିଁ ପ୍ରୋତ୍ସାହନ ସୁଖ ସୁବିଧା
ତୋ ଘରକୁ ସବୁ ଲାଗଇ ବାଧା।
ସରକାରଙ୍କର ଯୋଜନା କେତେ
ମିଳେନି ସୁବିଧା ତୋହରି ହାତେ।
ମୁଣ୍ଡଗୁଞ୍ଜି ଚଳୁ ଚାଳ ଛପରେ
ଶ୍ରାବଣ ବରଷା ଝାଞ୍ଜି ଖରାରେ।
ନାଉରି ଭାଇରେ ନାଉରି ଭାଇ



ପଢାଇବୁ ପାଠ ପିଲାଙ୍କୁ ତୁହି।
ସରକାରଙ୍କର ସୁନ୍ଦର ଦାନ
ସର୍ବଶିକ୍ଷା ନେବେ ସବୁ ସନ୍ତାନ।
ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ
ତାଙ୍କ ହାତେ ନୂଆ ଓଡ଼ିଶା ଗଢ଼ିବେ।
ପିଲା ତୋର ପଢ଼ି ହେଲେ ଶିକ୍ଷିତ
ଫେରିବ ତୋ ଭାଗ୍ୟ ଆସିବ ସୁଖ।
ଶିକ୍ଷା ଆଜି ଏକ ଅମୂଲ୍ୟ ଧନ
ସଜାଏ ଭବିଷ୍ୟ ସୁଖ ସପନ।
ନାଉରି ଭାଇରେ ନାଉରି ଭାଇ
ପାଠ ପଢ଼ା କଥା ଦେଲି ମୁଁ କହି।
କାଳିଜାଈ ପଦେ କୋଟି ଗୁହାରି
ହଟୁ ତୋ ଭାଗ୍ୟରୁ ଦୁଃଖର ବାରି।

*-ଧ୍ରୁବଚରଣ ବେହେରା, ଅଠରବାଟିଆ(ଚନ୍ଦ୍ରାପୁଟ), ବାଲୁଗାଁ*

# ଆ ଇ ନା





# ଜା ଣି ଛ କି

►ବିଶ୍ୱ ମହାସାଗର ଦିବସ (ୱାର୍ଲ୍ଡ ଓସେନ୍ ଡେ') କେବେ ପାଳନ କରାଯାଏ ?
**ଉତ୍ତର : ଜୁନ୍ ୮।**

►ଦକ୍ଷିଣ ଆଫ୍ରିକାର ବୃହତ୍ତମ ସହର କିଏ ?
**ଉତ୍ତର : ଜୋହାନ୍ସବର୍ଗ।**



►ଅଲିମ୍ପିକ୍ ପତାକାରେ କେତୋଟି ରିଂ ରହିଛି ?
**ଉତ୍ତର : ୫ଟି।**



►ଆମ ଦେଶରେ କେଉଁ ଖାଦ୍ୟଶସ୍ୟ ଅଧିକ ଉତ୍ପାଦିତ ହୋଇଥାଏ ?
**ଉତ୍ତର : ଧାନ।**

►ଇଂଲଣ୍ଡର ଜାତୀୟ ପକ୍ଷୀ କିଏ ?
**ଉତ୍ତର : ୟୁରୋପିଆନ୍ ରବିନ୍।**



►ଗରମପାଣି ପକ୍ଷୀ ଅଭୟାରଣ୍ୟ କେଉଁ ରାଜ୍ୟରେ ଅଛି ?
**ଉତ୍ତର : ଆସାମ।**

►ବୃହସ୍ପତିର ଚାରୋଟି ଉପଗ୍ରହକୁ କିଏ ପ୍ରଥମେ ଆବିଷ୍କାର କରିଥିଲେ ?
**ଉତ୍ତର : ଗାଲିଲିଓ।**



# ଖିଲିଖିଲି ହସ



►ଥରେ ପିଲାଙ୍କୁ ପଢ଼ାଉଥିବା ବେଳେ ଶିକ୍ଷକ ପଚାରିଲେ, ଆଚ୍ଛା ପିଲାଏ କହିଲ, ଯଦି ତୁମ ସ୍କୁଲ ଭିତରେ କିଏ ବମ୍ ରଖିଦିଏ ତୁମେ କ'ଣ କରିବ ? ଏକଥା ଶୁଣି ସୋନୁ କହିଲା, ସାର୍, ଏହାର ଉତ୍ତର ଅତି ସହଜ। ମୁଁ କିଛି ସମୟ ପ୍ରଥମେ ଦେଖିବି। ଯଦି ତାକୁ କେହି ନ ନେଲେ ତେବେ ନିଜେ ନେଇ ଷ୍ଟାଫ୍ କମନ ରୁମ୍‌ରେ ରଖିଦେଇ ଆସିବି।

*-ପ୍ରତ୍ୟୁଷ କୁମାର ସାହୁ, ନୟାଗଡ଼*

►ରାମୁର ବାପା ଥରେ ତାକୁ ପଚାରିଲେ, ଆରେ, ନିଉଟନ୍‌ଙ୍କ ନିୟମ ବିଷୟରେ କହିଲୁ ? ତାକୁ ଭଲ ଭାବରେ ଘୋଷିଛୁ ତ ? କାରଣ ଏହି ପ୍ରଶ୍ନଟି ପରୀକ୍ଷାରେ ଆସିପାରେ ? ଏକଥା ଶୁଣି ରାମୁ କହିଲା, ବାପା, ନିଉଟନ୍‌ଙ୍କ ନିୟମ ସବୁ ତ ମନେ ନାହିଁ। ହେଲେ ଶେଷ ଧାଡିଟି ମନେ ଅଛି। ତା' ବାପା କହିଲେ, ହଉ ସେହି ଶେଷ ଧାଡି କ'ଣ କହିଲୁ ? ରାମୁ କହିଲା, '.......କୁ ନିଉଟନ୍‌ଙ୍କ ନିୟମ କୁହାଯାଏ।

*-ଦୀପିକା ସାହୁ, ଢେଙ୍କାନାଳ*

# ମତାମତ

►ଗତ ସପ୍ତାହରେ 'ଗପ' ସ୍ତମ୍ଭରେ ପ୍ରକାଶିତ 'ସମୟର ସଦୁପଯୋଗ' ପଢ଼ି ଭଲ ଲାଗିଲା।
*-ଜିତ୍, ପିଙ୍କୁ, ବରଗଡ*

►ଗତ ସପ୍ତାହରେ 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋ ସୁନ୍ଦର ହୋଇଥିଲା।
*-ସୁଜିତ କୁମାର ସାହୁ, ପୁରୀ*

►'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ 'ସବୁଠୁ ବଡ କୁସନ' ପଢ଼ି ସେ ବିଷୟରେ ଅନେକ କଥା ଜାଣି ହେଲା।
*-ସନ୍ତୋଷ କୁମାର ବଳ, କେନ୍ଦ୍ରାପଡା*

►'ଖିଲିଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭଲ ଲାଗୁଛି।
*-ନିବେଦିତା ନାୟକ, ଯାଜପୁର*

►ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ହୋଇଥିଲା।
*-ମାଳବିକା ପରିଜା, ରାଉରକେଲା*

►ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତ୍ୟେକ ସ୍ତମ୍ଭ ପଠନୀୟ ଏବଂ ଶିକ୍ଷଣୀୟ ହୋଇପାରୁଛି।
*-ଅନୀତା ପ୍ରିୟଦର୍ଶିନୀ, ବ୍ରହ୍ମପୁର*

# ଟଗଲା ଭୀମୁ





# ଗପ: ଧୈର୍ଯ୍ୟ ହିଁ ଅସଲ ସଫଳ

କମଳାର ବାପା ବିଦେଶରେ ଚାକିରି କରନ୍ତି। ସେ ତା'ର ବାପା,ମା'ଙ୍କ ସହ ବିଦେଶରେ ରହୁଥିଲା। ଏଇ କରୋନା ଭୂତାଣୁ ବ୍ୟାପିବା ପରେ ପରିବାର ସହ କମଳା ଗାଁକୁ ଫେରିଲା। ଲକ୍‌ଡାଉନ ପରେ ସେମାନେ ଗାଁକୁ ଫେରିଥିବାରୁ ତାଙ୍କୁ ସଙ୍ଗରୋଧରେ ରହିବାକୁ କୁହାଗଲା। ସଙ୍ଗରୋଧରେ ଥିବା ସମୟରେ କମଳାର ସାଙ୍ଗ ବିମଳା ତା'ସହ କଥାବର୍ତ୍ତା ହୋଇ କହିଲା ତୋ ନାକରୁ ପାଣି ବୋହୁଛି ଓ ଛିଙ୍କ ହେଉଛି ମାନେ ତୋତେ କରୋନା ହୋଇଛି। ଏଣୁ ତୋ ଜୀବନ ପ୍ରତି ବିପଦ ଅଛି। ସାଙ୍ଗର କଥା ଶୁଣି କମଳା ଡରିଗଲା। ଭାରି ବ୍ୟସ୍ତ ବି ହେଲା। ବାପା ମା' ଯେତେ ବୁଝାଇଲେ କମଳାର ମନ ଜମା ବୁଝୁ ନ ଥାଏ। ସ୍ୱାସ୍ଥ୍ୟକର୍ମୀ ଆସି କମଳାର ପାଟିରୁ ଲାଳ, ଛେପ ସଂଗ୍ରହ କଲେ। ଏହାକୁ ଦେଖି କମଳା ମନେ ମନେ ଭାବୁଥାଏ, ଏ କରୋନା ଯୋଗୁ ମୁଁ ବୋଧେ ଆଉ ବଞ୍ଚିବିନି। ସେଦିନ କମଳାର ଆଉଜଣେ ସାଙ୍ଗ ଉତ୍ପଳା ଫୋନ ଯୋଗେ କଥାବାର୍ତ୍ତା ହୋଇ କମଳାକୁ ସାନ୍ତ୍ୱନା ଦେଲା ଓ କହିଲା ତୁ ଧୈର୍ଯ୍ୟ ଧର ଦେଖିବୁ କିଛି ହେବନି। ବିମଳା ସହ କଥାବାର୍ତ୍ତାର ସାରାଂଶ କହିଲା କମଳା। କିନ୍ତୁ ଉତ୍ପଳା କହିଲା ତୁ ଡର, ଭୟ ମନରୁ ପୋଛିଦେ, ସାହସର ସହ ମୁକାବିଲା କର, ଦେଖିବୁ ତୋର କିଛି ହେବ ନାହିଁ। ଉତ୍ପଳାର କଥା ଶୁଣି କମଳା ଆଶ୍ୱସ୍ତି ଅନୁଭବ କଲା। ଅଳ୍ପ କିଛିଦିନ ଭିତରେ କମଳାର ଟେଷ୍ଟିଂ ରିପୋର୍ଟ ଆସିଲା। ସେଥିରୁ ଜଣାପଡିଲା



ଯେ କମଳା କରୋନା ଆକ୍ରାନ୍ତ ନୁହେଁ ବରଂ ତାକୁ ଥଣ୍ଡା ହୋଇଛି। ଏକଥା ଶୁଣି କମଳା ସଙ୍ଗେ ସଙ୍ଗେ ଉତ୍ପଳାକୁ କହିଲା ତୁ ଠିକ କହୁଥିଲୁ। ବିପଦବେଳେ ଧୈର୍ଯ୍ୟହରା ହେବା ଉଚିତ ନୁହେଁ କିମ୍ବା କୌଣସି ବିଷୟ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ଇଆଡୁ ସିଆଡୁ ଭାବି ବ୍ୟସ୍ତ ବିବ୍ରତ ହେବା ଉଚିତ ନୁହେଁ।

ସଂଗରୋଧର ଅବଧି ପୂରଣ କରି ବାପା ମା'ଙ୍କ ସହ କମଳା ଖୁସିରେ ସମୟ କାଟିଲା। ଠିକ ଦୁଇଦିନ ପରେ ବିମଳାକୁ ଭୀଷଣ ଜ୍ୱର ଓ ଛିଙ୍କ ହେଲା। କମଳା ତାକୁ ଡରାଇବା ପରିବର୍ତ୍ତେ ସାନ୍ତ୍ୱନା ଦେଲା। ବିମଳାର ଟେଷ୍ଟିଂରୁ ଜଣାପଡିଲା ସେ କରୋନା ଭୂତାଣୁ ଆକ୍ରାନ୍ତ। ସେ ଡାକ୍ତରଖାନାରେ ଚିକିତ୍ସିତ ହେଲା। ତେବେ ମନକୁ ଦୃଢ କଲା ଓ ଧୈର୍ଯ୍ୟର ସହ ମୁକାବିଲା କରି କରୋନାକୁ ଜିତିଲା। ସେ ନିଜର ଭୁଲ୍ ବୁଝିପାରିଲା ଓ କମଳାକୁ କହିଲା ତୋ କଥା ମାନିବାରୁ କରୋନା ମୁକାବିଲା ପାଇଁ ମୋତେ ସାହସ ମିଳିଲା। ଶପଥ କଲା ବିପଦ ସମୟରେ ମୁଁ କାହାରିକୁ ଡରାଇଲା ଭଳି କଥା କହିବି ନାହିଁ।

**-ଶୁଭନାରାୟଣ ଶତପଥୀ,** ବିଜିପୁର, ବ୍ରହ୍ମଗିରି

# କହିଲ ଦେଖି

ସକଳ ଆଣ୍ଟ ତା' ପାଖେ ନିଅଣ୍ଟ
ବଳହୀନ ପରେ ନକାଟେ ଥଣ୍ଟ
ଥିଲେ ଥାଉ ଯେତେ ସୁବିଧା ସୁଯୋଗ
ଆସିଲେ ବେଳେ ବଢ଼େ ଦୁଃଖ ଭାଗ
ଭୂମା ଭୂଧର ଭୂ କରି ସମାନ
ରଚେ ବିଭୀଷିକା ହାହାକାର ସ୍ୱନ
ଗର୍ଜନ କରି ବିଷଧର ପରି
ମାଡିଆସେ କ୍ରମେ କାୟା ବିସ୍ତାରି।
**ଉତ୍ତର : ବାତ୍ୟା**





ନ ଥାଉ ବିଜୁଳି ନାହିଁ ଆପତ୍ତି
ଖଣ୍ଡେ ନଳୀ ବାଉଁଶ କାଠ ଯତି
ତାଳ,ଖଜୁରି ପତରେ ଗଢ଼ା ମୋ ତନୁ
ବାଉଁଶ ପାତିଆ ମଧ୍ୟରେ ଯେଣୁ
ବୁଲାଇ ଧୀରେ ଧୀରେ ସୃଜେ ପବନ
ଗରମ ଦୂର କରିବାରେ ପ୍ରବୀଣ
ଶସ୍ତା ସୁନ୍ଦର ସବୁଠାରେ ମିଳଇ
ହସ୍ତକର୍ମ ବଳେ ଗଢ଼ା ହୁଅଇ।
**ଉତ୍ତର : ବିଞ୍ଚଣା**

# ଗିନିଜ୍ ୱାର୍ଲ୍ଡ ରେକର୍ଡ

## ନାକରେ ଟାଇପିଂ



ପିଲାମାନେ ସମସ୍ତେ ଜାଣିଥିବେ କି କେବଳ ହାତରେ ହିଁ ଟାଇପ୍ କରିହୁଏ। ଏବେ ତ କମ୍ପ୍ୟୁଟର ଯୁଗ। କମ୍ପ୍ୟୁଟର କି' ବୋର୍ଡରେ ଅନେକ ଜିନିଷକୁ ଅନାୟାସରେ ଟାଇପ କରିପାରୁଛେ, ଯାହା ପାଇଁ ଆମେ ହାତକୁ ବ୍ୟବହାର କରୁଛେ। କିନ୍ତୁ ନାକ ଦ୍ୱାରା କ'ଣ ଏପରି କାମ କରାଯାଇପାରିବ ? ଏ ନେଇ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କିନ୍ତୁ ଏହାକୁ ଜଣେ ବ୍ୟକ୍ତି ପ୍ରମାଣ କରି ଚର୍ଚ୍ଚିତ ହୋଇଛନ୍ତି। ଅର୍ଥାତ୍, ସେ ହାତ ବଦଳରେ ନାକରେ ହିଁ ଟାଇପ୍ କରି ସବୁ କାମ ଖୁବ୍ ଶୀଘ୍ର କରିପାରନ୍ତି। ସେ ହେଲେ ହାଇଦ୍ରାବାଦର ଖୁର୍ସିଦ ହୁସେନ୍। ଇଞ୍ଜିନିୟରିଂ ଡିଗ୍ରୀ କରିଥିବା ହୁସେନ ତାଙ୍କର ଏହି ବିଶେଷତା କାରଣରୁ ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନୀତ କରିପାରିଛନ୍ତି।

ହୁସେନ୍ ମାତ୍ର ୧୦ ବର୍ଷ ବୟସରୁ ପ୍ରଥମେ ହାତରେ ଟାଇପିଂ ଶିଖିବା ଆରମ୍ଭ କରିଥିଲେ। ଏହା ପରେ ଧୀରେ ଧୀରେ ସେ ନାକରେ ଟାଇପିଂ କରିବା ଆରମ୍ଭ କରି ସେଥିରେ ସଫଳ ହୋଇ ପାରିଥିଲେ। ତାଙ୍କର ଏହି ଅଭ୍ୟାସ କାରଣରୁ ଧୀରେ ଧୀରେ ସେ ଲୋକପ୍ରିୟତା ହାସଲ କରିବାକୁ ଲାଗିଲେ ଏବଂ ଗିନିଜ୍ ବୁକ୍ ରେକର୍ଡରେ ସ୍ଥାନ ପାଇଥିଲେ। ହୁସେନ୍ ମାତ୍ର ୩.୪୩ ସେକେଣ୍ଡରେ ସବୁ ଆଲଫାବେଟ୍‌କୁ ନାକରେ ଟାଇପ୍ କରିପାରନ୍ତି। ସେଥିପାଇଁ ଗିନିଜ୍ ବୁକ୍ ରେକର୍ଡରେ ହୁସେନ୍ ପ୍ରଥମେ ୨୦୧୨ ମସିହାରେ ନିଜ ନାଁ ସାମିଲ୍ କରିପାରିଥିଲେ। ଏହାପରେ ସେ ପୁଣି ନିଜ ରେକର୍ଡ ନିଜେ ଭାଙ୍ଗି ଗିନିଜ୍ ବୁକରେ ସ୍ଥାନ ପାଇଥିଲେ।

# ତୁମ ତୂଳୀରୁ





କ୍ଷୀରମତି ଶବର, କ୍ଲାସ୍-୮ମ, ଉ.ପ୍ରା. ବିଦ୍ୟାଳୟ, ଶୁକ୍ଲିମୁଣ୍ଡି, ନୂଆପଡ଼ା







ଗୁରୁପ୍ରସାଦ ବେହେରା, କ୍ଲାସ୍- ୭ମ, ସେଣ୍ଟ ଜାଭିଅର ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



ଅଂଶୁମାନ ମହାରଣା, କ୍ଲାସ-୩ୟ, ଡିଏଭି ପବ୍ଲିକ ସ୍କୁଲ, ନିମାପଡ଼ା, ପୁରୀ।



## କାର୍ ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା ଅଫିସ: ୧୬ନଂ. ଜାତୀୟ ରାଜପଥ କୁହୁଡି ଛକରେ ଶୁକ୍ରବାର ରାତିରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଜିଲା ଇଟାମାଟି ଥାନା ଅଞ୍ଚଳର ମଦନମୋହନ ସେଠୀ। ସୂଚନା ଅନୁଯାୟୀ, ମଦନ ଏକ ବାଇକ୍‌ରେ ବାଲୁଗାଁରୁ ଟାଙ୍ଗୀ ଅଭିମୁଖେ ଯାଉଥିଲେ। କୁହୁଡି ଛକରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ବାଇକରୁ ପଡ଼ି ସେ ଗୁରୁତର ହୋଇଥିଲେ। ଖବରପାଇ କୁହୁଡି ଫାଣ୍ଡି ପୋଲିସ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### କରୋନା ପଜିଟିଭ୍‌ଙ୍କୁ ସ୍ଥାନାନ୍ତର ଦାବିରେ ରାସ୍ତାରୋକୋ

ଖୋର୍ଦ୍ଧା ଅଫିସ,୫।୬ : ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗ ଅଞ୍ଚଳର ଜଣେ ମହିଳା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ମହିଳାଙ୍କ ବାସଭବନ ଅଞ୍ଚଳକୁ ଜିଲାପାଳ ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ତେବେ ସମ୍ପୃକ୍ତ ମହିଳାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇବା ପରିବର୍ତ୍ତେ ଘରେ ସଙ୍ଗରୋଧ ରହି ଚିକିତ୍ସା ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ସମ୍ପୃକ୍ତ କରୋନା ଆକ୍ରାନ୍ତଙ୍କ ମହିଳାଙ୍କୁ ମେଡିକାଲ ସ୍ଥାନାନ୍ତର ଦାବିରେ ଶୁକ୍ରବାର ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଥିଲେ। ଖବରପାଇ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ସମ୍ପୃକ୍ତ ମହିଳାଙ୍କୁ ମେଡିକାଲ ପଠାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ୭ ଦିନ ଲାଗି ୨ ୱାର୍ଡ କଣ୍ଟେନମେଣ୍ଟ ଜୋନ୍

ବାଲିଅନ୍ତା, ୫।୬(ଡି.ଏନ୍.ଏ.): କରୋନା ସଂକ୍ରମଣକୁ ରୋକିବା ପାଇଁ ବାଲିଅନ୍ତା ବ୍ଲକର ଜୟଦେବ ପଞ୍ଚାୟତ ଅଧୀନ ୨ଟି ୱାର୍ଡକୁ ପ୍ରଶାସନ ପକ୍ଷରୁ ୭ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ରୂପେ ଘୋଷଣା କରାଯାଇଛି। ସରପଞ୍ଚ ପ୍ରଜ୍ଞା ପାରମିତା ଜେନାମଣି ଓ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ପଞ୍ଚାୟତରେ ଗୁରୁବାର ଜଣେ ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହେବା ପରେ ଗୋଟିଏ ୱାର୍ଡକୁ ସମ୍ପୂର୍ଣ୍ଣ ଓ ଅନ୍ୟ ୱାର୍ଡକୁ ଆଂଶିକ ଭାବେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ୭ଦିନ ୨ଟି ୱାର୍ଡର ପ୍ରବେଶ ପଥକୁ ବ୍ୟାରିକେଡ ଦ୍ୱାରା ବନ୍ଦ କରାଯିବା ଲୋକଙ୍କ ପାଖରେ ୭ଦିନ ପାଇଁ ଗ୍ରସେରି ସାମଗ୍ରୀ ଓ ପନିପରିବା ପହଞ୍ଚି ପାରିବ, ସେନେଇ ବିଡିଓ ଆଦିକନ୍ଦ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ୨ଟି ୱାର୍ଡର ସମସ୍ତ ପରିବାରକୁ ଯାଇ ସ୍ୱାସ୍ଥ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ବିଡିଓ ମେଡିକାଲ ଅଫିସର ତନ୍ମୟ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସମସ୍ତ ଜନସାଧାରଣ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ଲାଗି ଗୁରୁତ୍ୱ ଦିଆଯାଇଥିଲା।

### ଆଉ ୩ ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୫।୬: କଟକ ସହରରେ ଶୁକ୍ରବାର ଆଉ ୩ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କଠାରେ କରୋନା ଲକ୍ଷଣ ଦେଖାଯାଇଥିବା ବେଳେ ଜଣେ ଏସିମ୍ପଟୋମାଟିକ। କଟକ ଦେଉଳିଆସାହିର ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କଠାରେ କୌଣସି ଲକ୍ଷଣ ନ ଥିବାବେଳେ ସେ ଜଣେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିପରି ସିଦ୍ଧେଶ୍ୱର ସାହିର ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ଲକ୍ଷଣ ଯୁକ୍ତ ଓ ସେ ମଧ୍ୟ ଜଣେ ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ତୃତୀୟ ବ୍ୟକ୍ତି ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ଥିବା ସହ ସେ ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ବେଳେ ଚିହ୍ନଟ ହୋଇଛନ୍ତି। ଏହି ୩ ଜଣଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସିଏମ୍‌ସି ତରଫରୁ ଏ ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଓ ଟ୍ରାଭେଲ ହିଷ୍ଟ୍ରି ଯାଞ୍ଚ କରାଯାଉଛି।

### ଧଉଳି ଅଞ୍ଚଳରେ ଜଣେ କରୋନା ପଜିଟିଭ୍

ପୁରୁଣା ଭୁବନେଶ୍ୱର,୫।୬(ଡି.ଏନ୍.ଏ.): ଧଉଳି ଥାନା ଅଧୀନ ଧଉଳି ପଞ୍ଚାୟତରେ ରହୁଥିବା ଜଣେ ବ୍ୟକ୍ତି ଶୁକ୍ରବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣକ ପୁରୀ ଜିଲା କାକଟପୁର ଅଞ୍ଚଳର। ସେ ଧଉଳି ପଞ୍ଚାୟତରେ ଥିବା ସମ୍ପର୍କୀୟଙ୍କ ଘରେ ରହିବା ସହ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ତାଙ୍କୁ ଥଣ୍ଡାଜ୍ୱର ହେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ତାଙ୍କର ସ୍ୱାବ୍ ପରୀକ୍ଷା ପରେ ପଜିଟିଭ୍ ରିପୋର୍ଟ ଆସିଥିଲା। ଶୁକ୍ରବାର ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି। ଖୋର୍ଦ୍ଧା ଜିଲାପାଳ ଶନିବାର ଆକ୍ରାନ୍ତ ଜଣଙ୍କ ରହୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବେ ବୋଲି ସରପଞ୍ଚ ପୂର୍ଣ୍ଣିମା ସାହୁ କହିଛନ୍ତି।

### ପୁରୀ ଜିଲାରୁ ପୁଣି ଜଣେ ପଜିଟିଭ୍

ପୁରୀ ଅଫିସ,୫।୬: ପୁରୀ ଜିଲାରୁ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ଚିହ୍ନଟ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୯ରେ ପହଞ୍ଚିଛି। ତେବେ ଏମାନଙ୍କ ମଧ୍ୟରୁ ୮୧ ଜଣ ସୁସ୍ଥ ହୋଇଥିବା ବେଳେ ୧୮ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିବାବେଳେ ସେ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ବୋଲି କୁହାଯାଉଛି।



ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଇସ୍କନ ମନ୍ଦିରରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଉଛି।



କଟକ ହରିପୁର ଦୋଳମୁଣ୍ଡାଇ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ହାତୀ ବେଶ।

## ଆଜିଠୁ ପଟିଦିଅଁ ଦର୍ଶନ

ପୁରୀ ଅଫିସ,୫।୬: ଦେବସ୍ନାନ ପୂର୍ଣ୍ଣିମାରେ ଶୁକ୍ରବାର ମହାପ୍ରଭୁ ସ୍ନାନମଣ୍ଡପରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଏବେ ଅଣସର ଘରେ। ଶନିବାରଠାରୁ ଅଣସର ବିଧି ଆରମ୍ଭ ହେବ। ଏହି ସମୟରେ ରତ୍ନସିଂହାସନରେ ଦାରୁଦିଅଁଙ୍କ ଦର୍ଶନ ମିଳିବ ନାହିଁ। ଅଣସର ତାଟିରେ ରହି ଭକ୍ତଙ୍କୁ ଦର୍ଶନ ଦେବେ ପଟିଦିଅଁ। ଅଣବସର ବେଳେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀଅନନ୍ତ ନାରାୟଣ, ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀଙ୍କ ପଟି ପୂଜା ପାଇଥାନ୍ତି। ଅଣସର ଦର୍ଶନକୁ ଦଶାବତାର ଦର୍ଶନ ମଧ୍ୟ କୁହାଯାଏ।

# ଚାଷୀଙ୍କୁ ୪୫୦ କୋଟି କୃଷିଋଣ

- ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ
- ଚଳିତ ବର୍ଷ ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଜମିରେ ଖରିଫ ଚାଷ

କଟକ ଅଫିସ,୫।୬

ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ୨୦୨୦ ଖରିଫ ଚାଷ ପାଇଁ କଟକ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ଅଧ୍ୟକ୍ଷତା କରି ସାମୂହିକ କୃଷି ଉତ୍ପାଦନର ବିକାଶ ସହ ଉତ୍ପାଦନ ବଢ଼ାଇ ଜିଲାର ଅର୍ଥନୀତିକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ଖରିଫ ଋତୁ ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ୪୫୦ କୋଟି କୃଷିଋଣ ଦିଆଯିବା ପାଇଁ ଏଥିରେ ଟାର୍ଗେଟ୍ ରଖାଯାଇଛି।

ଚଳିତବର୍ଷ ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଜିଲାରେ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି। ସେଥିରୁ ୧ ଲକ୍ଷ ୩୬ ହଜାର ହେକ୍ଟର ଜମିରେ ଧାନ, ୪୨ ହଜାର ୮୨୮ ହେକ୍ଟର ଜମିରେ ପନିପରିବା ଓ ୯ ହଜାର ୩୨୨ ହେକ୍ଟର ଜମିରେ ଅଣଧାନ ଫସଲ କରାଯିବ। ୧ ଲକ୍ଷ ୨୩ ହଜାର ୨୮ ହେକ୍ଟର ଜମିରେ ବିଭିନ୍ନ ଜଳସେଚନ ଉତ୍ସ ଦ୍ୱାରା ଜଳସେଚିତ କରାଯିବ। ଚଳିତ ବର୍ଷ ହେକ୍ଟର ପିଛା ୭୫ କିଲୋ ସାର ବ୍ୟବହାର ପାଇଁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜିଲା କୃଷି ଅଧିକାରୀ ମୋହନ ପ୍ରସାଦ ଶର୍ମା ସୂଚନା ଦେଇଥିଲେ। ଜିଲାରେ ପଙ୍ଗପାଳ ଉପଦ୍ରବ ନେଇ ସାମାନ୍ୟ ଆଶଙ୍କା ଥିଲେ ମଧ୍ୟ ସତର୍କତା ଅବଲମ୍ବନ ସହ ଜିଲା କୃଷି କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମବାୟ ସମିତି ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ଡିଆର୍‌ଡିଏ ପିଡି ଅବଦଲ ଅଖତର, ନାବାର୍ଡ ଏଜିଏମ୍ ଏସ୍.ପି. ପଣ୍ଡା, କୃଷି ଓ ଉଦ୍ୟାନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସଙ୍ଗରୋଧ ଅବଧି ବଢୁ, ଟେଷ୍ଟ ହେଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା**

ଭୁବନେଶ୍ୱର,୫।୬(ବ୍ୟୁରୋ)

ଫେରନ୍ତା ପ୍ରବାସୀଙ୍କ କ୍ୱାରାଣ୍ଟାଇନ ଅବଧିକୁ କମାଇ ଦିଆଯିବା ସହ ନମୁନା ପରୀକ୍ଷଣ କରା ନ ଯାଇ ଘରକୁ ଛାଡ଼ି ଦିଆଯାଉଛି। ରାଜ୍ୟ ସରକାରଙ୍କ ଏହି ନିୟମର ତୀବ୍ର ପ୍ରତିବାଦ ଜଣାଇଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ପ୍ରଦୀପ୍ତ ତାଙ୍କ ଚିଠିଲେ ଉଲ୍ଲେଖ କରିଛନ୍ତି ଯେ, ପ୍ରଶାସନର ଠିକ୍ ପରିଚାଳନା ଯୋଗୁ ରାଜ୍ୟରେ କରୋନା ଆକ୍ରାନ୍ତ ସୁସ୍ଥହେବା ହାର ଭଲ ରହିଛି। କିନ୍ତୁ କିଛିଦିନ ହେବ ଶ୍ରମିକମାନେ ବାହାର ରାଜ୍ୟରୁ ଫେରି ୧୪ଦିନ କ୍ୱାରାଣ୍ଟାଇନ ସେଣ୍ଟରରେ ରହିବା ପରିବର୍ତ୍ତେ ୭ଦିନ ରହୁଛନ୍ତି ଓ ଆଉ ୭ଦିନ ଘରେ କ୍ୱାରାଣ୍ଟାଇନ୍ ରହିବାକୁ କୁହାଯାଉଛି। ପୁଣି ବିନା ପରୀକ୍ଷାରେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଉଛି। ବହୁ ଶ୍ରମିକଙ୍କ ଘରେ ଅଧିକ କୋଠରି ନାହିଁ। ଅନ୍ୟପଟେ ଜଣଙ୍କ ଘରେ ପାଖାପାଖି ୫ରୁ ୧୦ଜଣ ସଦସ୍ୟ ରୁହନ୍ତି। ତେଣୁ ସେମାନେ ସ୍ୱତନ୍ତ୍ର କୋଠରି ଭିତରେ ସଙ୍ଗରୋଧ ହୋଇ ରହିବା ଓ ସାମାଜିକ ଦୂରତ୍ୱ ମାନିବା ସମ୍ଭବପର ହୋଇପାରୁନାହିଁ। ଫଳରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ତେଣୁ ବାହାରୁ ଆସୁଥିବା ଶ୍ରମିକମାନଙ୍କୁ ୧୪ଦିନ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିବାର ସୁବିଧା ଦିଆଯିବା ସହିତ ସ୍ୱାବ୍ ଟେଷ୍ଟ ପରେ ଘରକୁ ପଠାଯାଉ ବୋଲି ବିରୋଧୀ ଦଳ ନେତା ଅନୁରୋଧ କରିଛନ୍ତି।



ବିଶ୍ୱ ପରିବେଶ ଦିବସରେ ଶୁକ୍ରବାର ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଚାରା ରୋପଣ କରୁଛନ୍ତି।

# ୩ ମାସରେ ସଫା ହେବ ବିନ୍ଦୁସାଗର

**ଓବିସିସି, ଆଇସିଟି-ଆଇଓସି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

ଭୁବନେଶ୍ୱର,୫।୬(ବ୍ୟୁରୋ)

ଆସନ୍ତା ୩ ମାସ ମଧ୍ୟରେ ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗରର ସଫେଇ କାର୍ଯ୍ୟ ସରିବ। ଏ ନେଇ ରାଜ୍ୟ ସରକାରଙ୍କ ସେତୁ ନିର୍ମାଣ ନିଗମ (ଓବିସିସି) ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି ଓ ଇଣ୍ଡିଆନ୍ ଓଡ଼ିଶା କ୍ୟାମ୍ପସ୍ ଭୁବନେଶ୍ୱର (ଆଇସିଟି-ଆଇଓସି)ମଧ୍ୟରେ ଶୁକ୍ରବାର ଓବିସିସି କାର୍ଯ୍ୟାଳୟ ପରିସରରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏମ୍‌ଓୟୁ ଅନୁସାରେ ଲିଙ୍ଗରାଜ ମନ୍ଦିର ପରିସରରେ ଅବସ୍ଥିତ ବିନ୍ଦୁସାଗରର ୨୧ ଏକର ଜମି ସମେତ ପୋଖରୀ ସଫା ଲାଗି ସିଷ୍ଟମ ଡିଜାଇନ୍ ପାଇଁ ଆଇସିଟି-ଆଇଓସି ଭୁବନେଶ୍ୱର ଆଇସିଟି ମୁମ୍ବାଇର ସହାୟତା ନେବ। ୫ଟି ପୋଖରୀର ଜଳ ସଫା କରିବା ପାଇଁ ହାଇଡ୍ରୋ ଡାଇନାମିକ୍ କ୍ୟାଭିଟେସନ୍ ନାମକ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ। ଏହି ଟେକ୍ନୋଲୋଜିକୁ ଆଇସିଟି, ମୁମ୍ବାଇ ଦ୍ୱାରା ବିକଶିତ କରାଯାଇଛି। ବିଶ୍ୱ ପରିବେଶ ଦିବସରେ ଏହି ଏମ୍‌ଓୟୁ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଇଂ ଜୟ କୃଷ୍ଣ ଦାସ ଏବଂ ଆଇସିଟି-ଆଇଓସିର ପ୍ରଫେସର ଭାସ୍କର ଏନ୍ ଥୋରାଟଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। କୋଭିଡ୍-୧୯ ପ୍ରତିବନ୍ଧକ ଅନୁଯାୟୀ ଏମଓୟୁ ସ୍ୱାକ୍ଷରିତ ହେବାର ୩ ମାସ ମଧ୍ୟରେ ବିନ୍ଦୁସାଗର ପୋଖରୀର ପରିଷ୍କାର ପ୍ରକଳ୍ପ ଅଧ୍ୟୟନ ଏବଂ କାର୍ଯ୍ୟକାରୀ କରିବ। ଅନ୍ୟ ୪ଟି ପୋଖରୀକୁ ସଫା କରିବା ପରେ କାର୍ଯ୍ୟ ହାତକୁ ନିଆଯିବ। ପୋଖରୀ ପରିଷ୍କାର ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥକୁ ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍)ର ସିଏସ୍‌ଆର୍ ଖର୍ଚ୍ଚରୁ ଭରଣା କରାଯିବ ଓ ଏହାକୁ ଭୁବନେଶ୍ୱର ଆଇସିଟି ଆଇଓସି କାର୍ଯ୍ୟକାରୀ କରିବ। ତିନିବର୍ଷ ପାଇଁ ବିଶୋଧନ ଯନ୍ତ୍ରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହନ କରିବାକୁ ଅନୁଷ୍ଠାନ ରାଜି ହୋଇଛି। ସ୍ୱାକ୍ଷରିତ ଏମଓୟୁ ଅନୁଯାୟୀ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବେ।

## ଧରାପଡ଼ିଲା ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗ

କଟକ ଅଫିସ,୫।୬

ମେ ୨୭ ସକାଳେ ମାତ୍ର ୪ ଘଣ୍ଟାରେ ୩ଟି ଛିନତାଇ କରିଥିବା ଆନ୍ତଃଜିଲା ଲୁଟେରା ଗ୍ୟାଙ୍ଗକୁ ପୋଲିସ ଧରିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଏହି ଗ୍ୟାଙ୍ଗ ଗତ ୨୭ ତାରିଖ ସକାଳ ୬ଟାରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ପ୍ରାତଃଭ୍ରମଣରେ ଯାଉଥିବା ପ୍ରମିଳା ସାହୁଙ୍କଠାରୁ ସେମାନେ ସୁନା ଚେନ ଛଡ଼ାଇ ନେଇଥିଲେ। ଏହାର କିଛି ଘଣ୍ଟା ମଧ୍ୟରେ ବାଲିକୁଦା ଛକ ନିକଟରୁ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଓ ଓଏମ୍‌ପି ଛକ ନିକଟରୁ ଅଞ୍ଜଳି ପାତ୍ରଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଏହି ଘଟଣାରେ ସୁରେଶ ଗଜେନ୍ଦ୍ର ଓରଫ ବାଲା ଓ ବିଜେନ୍ଦ୍ର ଜୈସୱାଲ ଓରଫ ବାବୁ ମୁଖ୍ୟ ଅଭିଯୁକ୍ତ ଅଟନ୍ତି। ଏମାନଙ୍କୁ ସନ୍ଦୀପ ଖୁଣ୍ଟିଆ ଓରଫ ନନ୍ଦ ଓ ଅଭି ସାହୁ ସହଯୋଗ କରୁଥିଲେ। ବାଲା, ବାବୁ ଓ ନନ୍ଦଙ୍କ ଘର କଟକ ସହରରେ ହୋଇଥିବା ବେଳେ ଅଭିଙ୍କ ଘର ଖୋର୍ଦ୍ଧା ଜିଲା। ଏମାନଙ୍କ ନିକଟରୁ ୨ଟି ସୁନାଚେନ, ଗୋଟିଏ ମଙ୍ଗଳସୂତ୍ର, ଲୁଟରେ ବ୍ୟବହୃତ ବାଇକ ଓ ସ୍କୁଟି, ୭ଟି ମୋବାଇଲ ଜବତ କରାଯାଇଛି। ବାଲାଙ୍କ ନାମରେ ବାଲୁଗାଁ ଥାନରେ ୧୨, ବାଣପୁର ଥାନରେ ୪, ନିରାକାରପୁର ଥାନାରେ ୪ ଏବଂ ଟାଙ୍ଗୀ, ଖଲ୍ଲିକୋଟ, ସତ୍ୟବାଦୀ, କଟକ ସଦର, ଚାଉଳିଆଗଞ୍ଜ, ଖଣ୍ଡଗିରି ଥାନାରେ ଏକାଧିକ ମାମଲା ରହିଛି। ବାବୁଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ଅଛି। ଗିରଫ ପରେ ଆଇପିସି ଧାରା ୩୯୨, ୪୧୩, ୩୪ ଅନୁଯାୟୀ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରେଭେନ୍‌ଶାରେ ବାତିଲ ହେବନି ପରୀକ୍ଷା

କଟକ ଅଫିସ,୫।୬

କରୋନା ପାଇଁ ଚଳିତ ବର୍ଷ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯୁକ୍ତତିନି ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ଏବଂ ପିଜି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ବାତିଲ କରାଯାଇଛି। ବିକଳ୍ପ ବ୍ୟବସ୍ଥାରେ ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। କିନ୍ତୁ ଏହି ନିର୍ଦ୍ଦେଶକୁ ଅବମାନନା କରିଛି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ। ଏଠାରେ କୌଣସି ପରୀକ୍ଷା ବାତିଲ କରାଯିବ ନାହିଁ। ଏ ନେଇ ଖୁବଶୀଘ୍ର ଏକ ନୋଟିସ ଜାରି କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ତ୍ରିଲୋଚନ ମିଶ୍ର କହିଛନ୍ତି। କରୋନା ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିଛି। ଏହି ସମୟରେ ବାକି ଥିବା ସମସ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଯୁକ୍ତତିନି ପରୀକ୍ଷା ଜୁନ ୨୦ରୁ ଜୁଲାଇ ୨୪ ମଧ୍ୟରେ ଶେଷ ହେବାକୁ ଥିବାବେଳେ ପିଜି ପରୀକ୍ଷା ଅଗଷ୍ଟ ୨୦ ସୁଦ୍ଧା ଶେଷ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ବାତିଲ କରାଯାଇଥିବା ଯୁକ୍ତତିନି ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ଏବଂ ପିଜି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ନ କରି ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ହେଲେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବିକଳ୍ପ ବ୍ୟବସ୍ଥା କରାଯିବା ପରିବର୍ତ୍ତେ ଉକ୍ତ ପରୀକ୍ଷାଗୁଡ଼ିକ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟର ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମିଶ୍ର କହିଛନ୍ତି। ଯୁକ୍ତତିନି ଓ ପିଜି ବିଭାଗର ଚୂଡ଼ାନ୍ତ ପରୀକ୍ଷା ଶେଷ ହେବା ପରେ ବାତିଲ କରାଯାଇଥିବା ପରୀକ୍ଷା ହେବ। ଯେଉଁ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି, ସେମାନେ ସିଧାସଳଖ ଶ୍ରେଣୀ ଉତ୍ତୀର୍ଣ୍ଣ ହେବେ। କିନ୍ତୁ ପରେ ପରୀକ୍ଷା ଦେବାକୁ ପଡ଼ିବ। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯିବ ବୋଲି ପ୍ରଫେସର ମିଶ୍ର କହିଛନ୍ତି।

## ମେଲ୍ ହ୍ୟାକ୍ କରି ଲୁଟିନେଲେ ୬.୭୫ ଲକ୍ଷ

ଭୁବନେଶ୍ୱର,୫।୬(ବ୍ୟୁରୋ)

କରୋନା ଆତଙ୍କ ସମୟରେ ମାତିଛନ୍ତି ସାଇବର ଅପରାଧୀ। କିଛିଦିନ ତଳେ ଜଣେ ପୂର୍ବତନ ପୋଲିସ ଡିଜିଙ୍କ ମେଲ୍ ଆଇଡି ହ୍ୟାକ୍ କରି ଟଙ୍କା ମାଗିଥିଲେ ସାଇବର ଠକ। ଏବେ ତମାଣ୍ଡୋ ଥାନା କଳିଙ୍ଗ ବିହାରରେ ଥିବା ଏକ ଏନ୍‌ଜିଓ ସଂସ୍ଥାର ମେଲ୍ ଆଇଡି ହ୍ୟାକ୍ କରି ଲୁଟି ନେଇଛନ୍ତି ୬ଲକ୍ଷ ୭୫ ହଜାର ଟଙ୍କା। ଏନେଇ ସଂସ୍ଥାର ମୁଖ୍ୟ ତେରେସା ଲାକ୍ରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୬୬/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଏନ୍‌ଜିଓ ସଂସ୍ଥାକୁ ଜର୍ମାନୀର ଅନ୍ୟ ଏକ ସଂସ୍ଥା ନିୟମିତ ଭାବେ ସହାୟତା ରାଶି ପଠାଇଥାନ୍ତି। ହେଲେ ପାନିପଥ୍‌ର କେତେଜଣ ସାଇବର ଅପରାଧୀ ପ୍ରଥମେ ଏନ୍‌ଜିଓ ସଂସ୍ଥାର ମେଲ୍ ଆଇଡ଼ିକୁ ହ୍ୟାକ୍ କରିଥିଲେ। ପରେ ଟଙ୍କା ପଠାଉଥିବା ଜର୍ମାନୀ ସଂସ୍ଥାର ଲୋଗୋ ଓ ପ୍ୟାଡ୍ ବ୍ୟବହାର କରି ଏନ୍‌ଜିଓ ସଂସ୍ଥାକୁ ୭ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ମେଲ୍ ପଠାଇଥିଲେ। ଏହି ମେଲ୍ ଦେଖିବା ପରେ ଏନ୍‌ଜିଓ ସଂସ୍ଥା ମୁଖ୍ୟ ଲାକ୍ରା ମେଲ୍‌ରେ ଦିଆଯାଇଥିବା ଆକାଉଣ୍ଟକୁ ୬ ଲକ୍ଷ ୭୫ ହଜାର ଟଙ୍କା ପଠାଇଥିଲେ। ଏହାପରେ ଜର୍ମାନୀ ସଂସ୍ଥା ସହ ଯୋଗାଯୋଗ କରିବା ପରେ ଟଙ୍କା ମାଗି ନ ଥିବା ଜଣାପଡିଥିଲା। ଯାଞ୍ଚରୁ ସାଇବର ଠକମାନେ ମେଲ୍ ଆଇଡି ହ୍ୟାକ୍ କରି ଟଙ୍କା ଲୁଟିନେଇଥିବା ଜଣାପଡିଥିଲା। କଟକ ସାଇବର ଥାନାର ପରାମର୍ଶକ୍ରମେ ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି।

## ଅନ୍‌ଲାଇନ୍ ସମର କ୍ୟାମ୍ପରେ ଆନନ୍ଦ କୁମାର

ଭୁବନେଶ୍ୱର, ୫।୬(ବ୍ୟୁରୋ)

କରୋନା ପାଇଁ ସ୍କୁଲ ବନ୍ଦ ଥିବାରୁ ସାଇ ଇଣ୍ଟରନ୍ୟାଶନାଲ୍ ତରଫରୁ ଅନ୍‌ଲାଇନ୍‌ରେ 'ସମର କ୍ୟାମ୍ପ' ଆରମ୍ଭ ହୋଇଛି। ଗତ ୧ ତାରିଖରୁ ଚାଲିଥିବା ଏହି କ୍ୟାମ୍ପ ୧୪ରେ ଶେଷ ହେବ। ଏଥିରେ ସାଇ ଆଙ୍ଗନ୍, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲ୍‌ର ପ୍ଲେଗ୍ରୁପ୍‌ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବାକୁ କୁହାଯାଇଛି। ଏଥିସହ ଅଭିଭାବକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଅଧିବେଶନ ରହିଛି, ଯେଉଁଥିରେ ସେମାନେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ଅନ୍‌ଲାଇନ୍‌ରେ ସାମିଲ୍ ହୋଇପାରିବେ। ଏହି ଅବସରର ମୋଟିଭେଶନାଲ ଏକ୍ସପର୍ଟ ଆନନ୍ଦ କୁମାର ଏହି କ୍ୟାମ୍ପରେ ଅନ୍‌ଲାଇନ୍‌ରେ ଯୋଡ଼ି ହୋଇ ଛାତ୍ରୀଛାତ୍ରଙ୍କୁ ସଫଳତାର ୪ଟି ମନ୍ତ୍ର ଦେଇଥିଲେ। ସକାରାତ୍ମକ ଚିନ୍ତାଧାରା, କଠିନ ପରିଶ୍ରମ ଓ ଅଜସ୍ର ଧୈର୍ଯ୍ୟ ହିଁ ଛାତ୍ରୀଛାତ୍ରଙ୍କୁ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଭାବେ ଗଢ଼ିତୋଳିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍‌ଲାଇନ୍ କ୍ଲାସ ସମୟରେ ଛାତ୍ର ଓ ଶିକ୍ଷକ ମଧ୍ୟରେ ନ ଆସିବା ପାଇଁ ଅଭିଭାବମାନଙ୍କୁ ଆନନ୍ଦ କୁମାର ଅନୁରୋଧ କରିଥିଲେ। ହ୍ୟାଣ୍ଡସ୍ ଅନ୍ ଆକ୍ଟିଭିଟି ଓ ଶିକ୍ଷାଦାନକୁ ସେ ଗୁରୁତ୍ୱ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ବିଜୟ କୁମାର ସାହୁ କୁହନ୍ତି, ଚଳିତବର୍ଷ ଏହି ଇ-ସମର କ୍ୟାମ୍ପରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବହୁ ସୁନାମଧନ୍ୟ ବ୍ୟକ୍ତିତ୍ୱ ସାମିଲ ହେଉଛନ୍ତି। ଏଥିରେ ପିଲାମାନେ ଗଠନମୂଳକ ଭାବରେ ଜଡ଼ିତ ହେବା ପାଇଁ ଭାରତ ସହ ବିଦେଶର ଦକ୍ଷ ବ୍ୟକ୍ତିତ୍ୱମାନେ ଏଥିରେ ତାଲିମ୍ ଦେବେ। କରୋନା ସମୟରେ ସ୍କୁଲ ବନ୍ଦ ଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍‌ରେ ସମସ୍ତ ପାଠ୍ୟକ୍ରମ ପ୍ରଦାନ କରାଯାଉଥିବା ସେ କହିଛନ୍ତି।



## ଅପହରଣ ଅଭିଯୋଗରେ ଜଣେ ଗିରଫ

କଟକସଦର, ୫।୬(ଡି.ଏନ୍.ଏ.)

କିଶନ ନଗର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଶାରଦା ପ୍ରସାଦ କୁଣ୍ଡୁ। ଏ ନେଇ ପୋଲିସ ନଂ ୮୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଥାନା ଅଞ୍ଚଳର ବିନୋଦ ମଣ୍ଡଳ କିଶୋର ନଗର କଲେଜରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ସେ ଗତ ମେ ୨୭ତାରିଖରେ କୌଣସି କାର୍ଯ୍ୟରେ ଘରରୁ କଟକ ଅଭିମୁଖେ ଯାଇ ଆଉ ଫେରି ନ ଥିଲେ। ଏ ନେଇ ବିନୋଦଙ୍କ ବାପା ଥାନାରେ ପୁଅଙ୍କୁ କେହି ଅପହରଣ କରିନେଇଥିବା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ଶାରଦା ଏଥିରେ ସମ୍ପୃକ୍ତ ଥିବା ଜାଣି ପୋଲିସ ଗୁରୁବାର ତାଙ୍କ ଘରେ ଚଢ଼ାଉ କରି ଧରିଥିଲା। ପୋଲିସ ଶାରଦାଙ୍କୁ ପଚରାଉଚରା କରିଥିଲେ ମଧ୍ୟ ବିନୋଦଙ୍କ ଖୋଜ ଖବର ପାଇନାହିଁ।

# ସମ୍ବର୍ଦ୍ଧନା ପରେ ସଙ୍ଗରୋଧ




ସମ୍ବର୍ଦ୍ଧିତ ହୋଇଥିବା ଅଗ୍ନିଶମ ବିଭାଗର ଟିମ୍।

- ଓଡ଼ିଶା ଫେରି କ୍ୱାରାଣ୍ଟାଇନକୁ ଗଲେ ୩୭୨ ଅଗ୍ନିଶମ କର୍ମଚାରୀ
- ଅମ୍ଫନ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ପଶ୍ଚିମବଙ୍ଗ ଯାଇଥିଲେ

କଟକ ଅଫିସ,୫।୬

ପଶ୍ଚିମବଙ୍ଗରେ ସେଠାକାର ସରକାରଙ୍କ ଅନୁରୋଧକ୍ରମେ ବାତ୍ୟା ଅମ୍ଫନ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ ଓଡ଼ିଶାର ଅଗ୍ନିଶମ ବାହିନୀ। ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ୩୭୨ ଜଣ ଅଗ୍ନିଶମ କର୍ମଚାରୀ କରୋନା ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେଠାରେ ସଫଳତାର ସହ ଉଦ୍ଧାର କାର୍ଯ୍ୟ ସାରି ପ୍ରଶଂସା ସାଉଣ୍ଟି ଓଡ଼ିଶା ଫେରିଛନ୍ତି। ଶନିବାର ଏହି ଟିମ୍ ଓଡ଼ିଶା ଫେରିବା ପରେ ନରାଜସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ପ୍ରତିଷ୍ଠାନରେ ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସମସ୍ତ ଅଗ୍ନିଶମ କର୍ମଚାରୀ ସଙ୍ଗରୋଧକୁ ଯାଇଛନ୍ତି। ଭୁବନେଶ୍ୱର ଉତ୍ତରାଛକସ୍ଥିତ କୃପାଜଳ ଇଞ୍ଜିନିୟରିଂ କଲେଜ ଓ ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀ ତାଲିମ କେନ୍ଦ୍ରରେ ସେମାନଙ୍କୁ ୧୪ଦିନିଆ ସଙ୍ଗରୋଧରେ ରଖାଯିବ। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ କୋଭିଡ୍ ଟେଷ୍ଟ ମଧ୍ୟ କରାଯିବ। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

## ସଂକ୍ଷେପରେ

### ଯାଜପୁର: ୩ ନୂଆ ସଂକ୍ରମିତ

ଯାଜପୁର ଅଫିସ,୫।୬: ଯାଜପୁର ଜିଲାରେ ଶୁକ୍ରବାର ୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୯୩ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ମହାରାଷ୍ଟ୍ର ଫେରନ୍ତା ବରୀ ବ୍ଲକର ଜଣେ ଓ ସୁରତ ଫେରନ୍ତା ବଡ଼ଚଣା ବ୍ଲକର ୨ ଜଣ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ମେସ୍କୋ କାରଖାନା ଆଗରେ କର୍ମଚାରୀଙ୍କ ଆନ୍ଦୋଳନ

କଳିଙ୍ଗନଗର, ୫।୬ (ଡି.ଏନ୍.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାପିତ ମେସ୍କୋ ଷ୍ଟିଲ ପକ୍ଷରୁ ଠିକା ଶ୍ରମିକଙ୍କୁ ଛଟେଇ କରାଯାଇଥିବା ବେଳେ ଓ ଗତ ଡିସେମ୍ବରରୁ କର୍ମଚାରୀ ଓ ଶ୍ରମିକଙ୍କ ଦରମା ବନ୍ଦ କରିଦିଆଯାଇଛି। ଏହାର ପ୍ରତିବାଦରେ ଶ୍ରମିକ ଓ କର୍ମଚାରୀମାନେ ଶୁକ୍ରବାର ସକାଳ ସାଢ଼େ ୬ଟାରୁ କାରଖାନା ସମ୍ମୁଖ ଯାଜପୁରରୋଡ୍-ଡୁବୁରୀ ରାସ୍ତା ଉପରେ ଅନ୍ଦୋଳନ କରିଥିଲେ। ଖବରପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ତହସିଲଦାର ବୁଲ୍‌ବୁଲ୍ ବେହେରା ଓ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ କଳିଙ୍ଗନଗର ମଜଦୁର ୟୁନିୟନର ସମ୍ପାଦକ ଆଜାର ଅହମ୍ମଦ ଖାନ, ମେସ୍କୋ ବଞ୍ଚାଅ ମିଳିତ ମଞ୍ଚର ସଭାପତି ଏମ୍.ଡି. ଜାହେଦ ଓ ସମ୍ପାଦକ ନରେନ୍ଦ୍ର କୁମାର ସାମଲଙ୍କ ସହ ଆଲୋଚନା କରି ଆସନ୍ତା ୯ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ଯୁବତୀଙ୍କ ବିବାହ କରାଇଲା ସାଥୀ ଫାଉଣ୍ଡେଶନ

ଆଳି,୫।୬(ଡି.ଏନ.ଏ.): କେନ୍ଦ୍ରାପଡା ଜିଲା ଆଳି ବ୍ଲକ ମାଣିକପାଟଣା ଗ୍ରାମର କିଛି ଯୁବକ 'ସାଥୀ ଫାଉଣ୍ଡେଶନ' ଟ୍ରଷ୍ଟ ଗଠନ କରି ସାମାଜିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅସହାୟ ପରିବାରକୁ ସହଯୋଗର ହାତ ବଢାଇବା ହେଉଛି ଟ୍ରଷ୍ଟର ମୂଳ ଲକ୍ଷ୍ୟ। ଲକ୍‌ଡାଉନରେ ରାଶନ ସାମଗ୍ରୀ ବଣ୍ଟନ ସମୟରେ ଟ୍ରଷ୍ଟର କର୍ମକର୍ତ୍ତା ଜାଣିବାକୁ ପାଇଥିଲେ ଯେ ଗ୍ରାମର ରୋହିଣୀ ସାହୁଙ୍କ ନାତୁଣୀ ମନୀଷାଙ୍କ ବାହାଘର ଠିକ ହୋଇଛି। କିନ୍ତୁ ମନୀଷାଙ୍କ ମା'ବାପା ନ ଥିବାରୁ ବୁଢି ମା' ରୋହିଣୀ ବିବାହ କାର୍ଯ୍ୟ ନେଇ ଦ୍ୱନ୍ଦ୍ୱରେ ପଡିଥିବାରୁ ଟ୍ରଷ୍ଟର ସହଯୋଗ ଲୋଡିଥିଲେ। ଟ୍ରଷ୍ଟ ସଦସ୍ୟ ଏହି କାର୍ଯ୍ୟ ତୁଲାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ମନୀଷାଙ୍କ ବିବାହ ବଡାମ୍ବିଳା ପଞ୍ଚାୟତ କଳଦିଆ ଗ୍ରାମର ସନାତନ ସାହୁଙ୍କ ପୁଅ ମନୋଜଙ୍କ ସହିତ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ଶୁକ୍ରବାର ବିବାହ କାର୍ଯ୍ୟ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ମନୋଜ ମନ୍ଦିର ନିକଟରେ ବରଯାତ୍ରୀ ନେଇ ପହଞ୍ଚିବା ପରେ ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ ବରଣି କରି ନେଇଥିଲେ। ପରେ ବ୍ରାହ୍ମଣ ବର ଓ କନ୍ୟାଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଉଭୟ ମନୋଜ ଓ ମନୀଷାଙ୍କ ବୈବାହିକ ଜୀବନ ସୁଖମୟ ହେଉ କାମନା କରି ଏକ ଶୁଭେଚ୍ଛାପତ୍ର ଦିଆଯାଇଥିଲା। ଟ୍ରଷ୍ଟର ମନୋଜ ସ୍ୱାଇଁ, ଜୟପ୍ରକାଶ ଦାସ, ମଳୟ ସାହୁ, ପିଲୁ ସାମଲ, ସଞ୍ଜୟ ପରିଡା ଉପସ୍ଥିତ ରହି ବିବାହ କାର୍ଯ୍ୟ ତୁଲାଇଥିଲେ।

### ଶାଳଗଣ୍ଡି ବୋଝେଇ ମିନିଟ୍ରକ୍ ଜବତ

ଓଡ଼ଗାଁ,୫।୬(ସ୍ୱ.ପ୍ର.): ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଜ୍ୟୋତିରଞ୍ଜନ ମାନସିଂ ସଦଳବଳ ଓଡଗାଁ ବନାଞ୍ଚଳ ନାଉଖାଲ ନିକଟରେ ଶୁକ୍ରବାର ଚଢାଉ କରିଥିଲେ। ଏହି ସମୟରେ ଓଆର୦୨ଏ ୮୭୬୫ ନମ୍ବର ବିଶିଷ୍ଟ ମିନି ଟ୍ରକ ଓ ସେଥିରେ ଥିବା ୪୯ ଖଣ୍ଡ ଶାଳଗଣ୍ଡି ଜବତ କରିଥିଲେ। ଜବତ କାଠ ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର ରବୀନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ବନପାଳ ମାନସିଂଙ୍କ ସହିତ ଅଶୋକ ମୁଦୁଲି, ମାନସ ମେହେର ଓ ସନ୍ତୋଷ ପରିଡା ଚଢାଉରେ ସାମିଲ ହୋଇଥିଲେ।

# ଗରିବଙ୍କୁ ଡାଲି ବଣ୍ଟନ ନୈରାଶ୍ୟଜନକ

ଯାଜପୁର ଅଫିସ,୫।୬

**ଯାଜପୁର ଜିଲା**
- ଆଶା ଆଶଙ୍କାରେ ହିତାଧିକାରୀ
- ଉଦ୍‌ବେଗ ପ୍ରକାଶ କଲେ ଯୋଗାଣ ନିଗମ ଏମ୍‌ଡି

ଲକ୍‌ଡାଉନ୍ ଯୋଗୁ ବହୁ ଗରିବ ଲୋକ ଜୀବିକା ହରାଇ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ତେଣୁ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମ୍‌ଜିକେଏୱାଇ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ଆଗୁଆ ୩ ମାସର ଡାଲି ମାଗଣାରେ ଯୋଗାଇ ଦେବାକୁ ଘୋଷଣା କରାଯାଇଛି। କିନ୍ତୁ ଯାଜପୁର ଜିଲା ଯୋଗାଣ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଏହି ଯୋଜନାର ସୁଫଳ ଜିଲାର ସମସ୍ତ ଗରିବ ଲୋକ ପାଇପାରିନାହାନ୍ତି। ଜୁନ ୨ ସୁଦ୍ଧା ନୈରାଶ୍ୟଜନକ ଡାଲି ବଣ୍ଟନ ଉପରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ୍ କେଶରୀ ଦାସ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଆବଶ୍ୟକ ଡାଲି ଉଠାଣ କରି ହିତାଧିକାରୀମାନଙ୍କୁ ବଣ୍ଟନ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ଜିଲାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ଡାଲି ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପିଏମ୍‌ଜିକେଏୱାଇରେ ଯାଜପୁର ଜିଲାର ପ୍ରାୟରିଟି ହାଉସହୋଲ୍ଡ (ପିଏଚଏଚ) ଶ୍ରେଣୀର ହିତାଧିକାରୀଙ୍କୁ ଏପ୍ରିଲ, ମେ ଓ ଜୁନ ପାଇଁ ୧୦,୪୦୭.୩୬ କୁଇଣ୍ଟାଲ ଡାଲି ମଞ୍ଜୁର ହୋଇଛି। ସେଥିରୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଗତ ୨ ତାରିଖ ସୁଦ୍ଧା ମାତ୍ର ୫୭୪୭.୮୪ କୁଇଣ୍ଟାଲ ଡାଲି ଉଠାଣ ହୋଇଛି, ଯାହାକି ୫୫.୨୩%। ସେହିପରି ପିଏମ୍‌ଜିକେଏୱାଇରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା(ଏଏୱାଇ) ହିତାଧିକାରୀଙ୍କ ପାଇଁ ୧୩୬୫.୩୩ କୁଇଣ୍ଟାଲ ଡାଲି ମଞ୍ଜୁର ହୋଇଛି। କିନ୍ତୁ ୭୩୯.୯୦ କୁଇଣ୍ଟାଲ ଡାଲି ଉଠାଣ କରାଯାଇଛି, ଯାହାକି ୫୪.୧୯ ପ୍ରତିଶତ। ଏସ୍‌ଏଫ୍‌ଏସ୍‌ଏସ୍‌ରେ ଜିଲାକୁ ୩୭୨.୫୧ କୁଇଣ୍ଟାଲ ଦିଆଯାଇଥିବାବେଳେ ସେଥିରୁ ୩୩.୪୧ ପ୍ରତିଶତ ଅର୍ଥାତ୍ ୧୨୪.୪୪ କୁଇଣ୍ଟାଲ ଡାଲି ଉଠାଣ ହୋଇଛି। ଏପରି ଭାବେ ଡାଲି ଉଠାଣରେ ଯାଜପୁର ଜିଲାର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କରୋନା ସମୟରେ ଗରିବ ଲୋକ ଉପକୃତ ହୋଇ ପାରିନାହାନ୍ତି। ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳର ସମ୍ପୃକ୍ତ ହିତାଧିକାରୀ ଡାଲି ପାଇବାରୁ ବଞ୍ଚିତ ରହିଛନ୍ତି। କେତେକ ସ୍ଥାନରେ ଡାଲି ଉଠାଣ ହୋଇ ସାରିଥିଲେ ହେଁ ଗରିବ ଲୋକଙ୍କୁ ମିଳିପାରିନାହିଁ। ପୂର୍ବରୁ ମୃତକଙ୍କ ନାମରେ ମାଗଣା ଚାଉଳ ଓ ରିଲିଫ ଟଙ୍କା ହଡପ ହୋଇଥିବା ଅଭିଯୋଗ କରାଯାଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ସାଧାରଣ ଲୋକ ଏବଂ ହିତାଧିକାରୀ ଥାନାରେ ମାମଲା ଦାଏର କରିଛନ୍ତି। ତେଣୁ ଡାଲି ବଣ୍ଟନରେ ମଧ୍ୟ ହେରଫେର ହୋଇପାରେ ବୋଲି ହିତାଧିକାରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ସମୟ ସୀମା ପୂରିବାକୁ ଆଉ ମାତ୍ର ୨୫ ଦିନ ବାକି ରହିଛି। ତେଣୁ ସରକାରଙ୍କ ଦ୍ୱାରା ଆବଣ୍ଟିତ ଡାଲି ପାଇବା ନେଇ ହିତାଧିକାରୀଙ୍କ ମଧ୍ୟରେ ସଂଶୟ ପ୍ରକାଶ ପାଇଛି।

# ନଳକୂପ ଖନନ ବେଳେ ବିସ୍ଫୋରଣ



ବିସ୍ଫୋରଣ ପରର ଦୃଶ୍ୟ।

ମହାକାଳପଡ଼ା,୫।୬(ଡି.ଏନ୍.ଏ.)

**ଗ୍ରାମରେ ଭୟର ବାତାବରଣ**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାରଡଙ୍ଗା ପଞ୍ଚାୟତର ମଳାଡିହ ଗ୍ରାମରେ ଶୁକ୍ରବାର ଗଭୀର ନଳକୂପ ଖନନ ବେଳେ ବିସ୍ଫୋରଣ ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଭୋଳ ନିଜ ବାଡ଼ିରେ ଏକ ଗଭୀର ନଳକୂପ ଖନନ କରୁଥିଲେ। ମାଟି ଭିତରକୁ ପ୍ରାୟ ୧ହଜାର ଫୁଟ ପ୍ଲାଷ୍ଟିକ ପାଇପ୍ ଯାଇଥିବାବେଳେ ଶୁକ୍ରବାର ଏହାକୁ ୱାସ୍ କରାଯାଉଥିଲା। ଏହି ସମୟରେ ହଠାତ୍ ବିସ୍ଫୋରଣ ଭଳି ଶବ୍ଦ ହୋଇଥିଲା। ଏଭଳି ଶବ୍ଦ ପ୍ରାୟ ଅଧଘଣ୍ଟା ଧରି ଲାଗିରହିଥିଲା। ପାଣି, କାଦୁଅ, ଲୁହା ଓ ପ୍ଲାଷ୍ଟିକ ପାଇପ୍ ପଚାଶ ଫୁଟ ଉପରକୁ ଉଠିଯାଇ ଚାରିଆଡ଼େ ବିଛାଡି ହୋଇ ପଡ଼ିଥିଲା। ସେଠାରେ ଏକ ବଡ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଯାଇଥିଲା। ଭୟରେ ପରିବାର ସଦସ୍ୟଙ୍କ ସହ ଶ୍ରମିକମାନେ ସେଠାରୁ ପଳାଇ ଯାଇଥିଲେ। ଆଉ କିଛି ଅଘଟଣ ଘଟିବା ଆଶଙ୍କା କରି ପରିବାର ଲୋକେ ଘର ଛାଡି ବାହାରେ ରହିଥିବା ଶିକ୍ଷକ ଶ୍ୟାମସୁନ୍ଦର ସୂଚନା ଦେଇଛନ୍ତି। ଶ୍ରମିକ ଦଳ ମୁଖ୍ୟ ନରେନ୍ଦ୍ର ନାଥ ଜେନା କହନ୍ତି, ଜୀବନରେ ଅନେକ ନଳକୂପ ବସାଇଛୁ। ହେଲେ ଏଭଳି ଘଟଣା ପ୍ରଥମେ ଦେଖିଲୁ। ସୂଚନାଯୋଗ୍ୟ ଏହି ପଞ୍ଚାୟତର ବାହାର ସୁବଳା ଗ୍ରାମରେ ବର୍ଷେ ପୂର୍ବେ ନଳକୂପ ଖନନ ସମୟରେ ମାଟିତଳେ ମିଥେନ ଗ୍ୟାସ୍ ଥିବା ନେଇ ସେତେବେଳେ ପାରାଦୀପର ଜଣେ ଭୂତତ୍ତ୍ୱବିତ୍ ଆଶଙ୍କା କରିଥିଲେ। ତେଣୁ ଏହାର ପରୀକ୍ଷା କରାଯିବା ଜରୁରୀ ବୋଲି ଗ୍ରାମବାସୀ କହିଛନ୍ତି।

# ଯାଜପୁରରେ ହେବ ନାଟ୍ୟମଣ୍ଡପ: ସଂସ୍କୃତି ମନ୍ତ୍ରୀ

ଯାଜପୁର ଅଫିସ୍/ଯାଜପୁର ଟାଉନ୍, ୫।୬ (ଡି.ଏନ୍.ଏ.)

**ବ୍ୟାସ ସରୋବର ଉନ୍ନତିକୁ ସବୁଜ ସଙ୍କେତ**

ଯାଜପୁରରେ ଏକ ନାଟ୍ୟ ମଣ୍ଡପ କରାଯିବ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଗୁରୁବାର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ପାଣିଗ୍ରାହୀ ଯୋଗଦେଇ ନାଟ୍ୟମଣ୍ଡପ ଲାଗି ସ୍ଥାନ ଚୟନ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ରଞ୍ଜନ କୁମାର ଦାସ ଜିଲାରେ ପର୍ଯ୍ୟଟନ ସ୍ଥିତି, କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଓ ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହାପରେ ମନ୍ତ୍ରୀ ପାଣିଗ୍ରାହୀ ବରାହ ମନ୍ଦିର ନିକଟରେ ପ୍ରସ୍ତୁତ ପର୍ଯ୍ୟଟନ ସଂଗ୍ରହାଳୟ ଓ ଅନ୍ୟାନ୍ୟ ନିର୍ମାଣାଧୀନ ପ୍ରକଳ୍ପ, ବାରୁଣୀ ମହାଶ୍ମଶାନ, ବୈତରଣୀ ତଟଦେଶରେ ନିର୍ମିତ ଦଶାଶ୍ୱମେଧ ଘାଟ, ବିରଜା ପାନ୍ଥଶାଳା, କୁସୁମା ହ୍ରଦକୁ ପରିଦର୍ଶନ କରିବା ସହ ତାହାର ନିର୍ମାଣ କାର୍ଯ୍ୟ ଓ ଉନ୍ନୟନ ବ୍ୟବସ୍ଥା ପାଇଁ ସମୀକ୍ଷା କରିଥିଲେ। ସେହିପରି ବ୍ୟାସନଗରସ୍ଥିତ ବ୍ୟାସ ସରୋବରର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲାପାଳଙ୍କ ପ୍ରସ୍ତାବକୁ ମଧ୍ୟ ମନ୍ତ୍ରୀ ସବୁଜ ସଙ୍କେତ ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଓ ଓଟିଡିସିର ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ଥିଲେ।

# ବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ ହେଲେ ୨୩ ସରପଞ୍ଚ

କଳିଙ୍ଗନଗର, ୫।୬ (ଡି.ଏନ୍.ଏ.)

ଦାନଗଦି ବ୍ଲକ ବିଡିଓ ମଣିପ୍ରସାଦ ମିଶ୍ରଙ୍କ ବିରୋଧରେ ବ୍ଲକ ଅଧୀନ ୨୩ ପଞ୍ଚାୟତର ସରପଞ୍ଚମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ବିଡିଓ ମିଶ୍ର ସରପଞ୍ଚମାନଙ୍କୁ ବ୍ୟବହାର ଖରାପ କରୁଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ କରୁଛନ୍ତି। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହେବା ପରେ ବି ବିଲ୍ କରାଯାଉ ନ ଥିବା ବେଳେ ଗତ ୩ମାସ ଧରି କରୋନା ପାଇଁ କରାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରପଞ୍ଚମାନେ ଟଙ୍କା ଖର୍ଚ୍ଚ କରୁଥିଲେ ବି ତାହାର ବିଲ୍ କରାଯାଉନାହିଁ। ଏ ନେଇ ପଙ୍କପାଳ ସରପଞ୍ଚ ଏକ ବୈଠକ ଆୟୋଜନ କରିଥିବା ବେଳେ ଏଥିରେ ଅନ୍ୟ ୨୨ ପଞ୍ଚାୟତର ସରପଞ୍ଚ ଓ ବିଡିଓ ଉପସ୍ଥିତ ରହିଥିଲେ। ମାତ୍ର ଏ ସମ୍ପର୍କରେ ପଚରାଯିବାରୁ ବିଡିଓ ଏଥିରେ ଉତ୍ତକ୍ଷିପ୍ତ ହୋଇ ଚେୟାରକୁ ଧକ୍କା ମାରି ସେଠାରୁ ଚାଲିଯାଇଥିଲେ। ତେବେ ବିଡିଓଙ୍କର ଏଭଳି ବ୍ୟବହାର ପ୍ରତିବାଦରେ ସରପଞ୍ଚମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

# ରାଶନ ସାମଗ୍ରୀ ପ୍ରଦାନରେ ଅନିୟମିତତା ଅଭିଯୋଗ

ରସୁଲପୁର, ୫।୬ (ଡି.ଏନ୍.ଏ.)

କରୋନା ପାଇଁ ରାଶନକାର୍ଡଧାରୀଙ୍କୁ ୯୦ ଦିନର ରାଶନ ଆଗୁଆ ପ୍ରଦାନ କରିବାକୁ କେନ୍ଦ୍ର ସରକାର ଗତ ମାର୍ଚ୍ଚରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ରସୁଲପୁର ବ୍ଲକ ଅଞ୍ଚଳର ହିତାଧିକାରୀମାନଙ୍କୁ ଡିଲରମାନେ ଚାଉଳ ଓ ଗହମ ପ୍ରଦାନ କରିଥିବା ବେଳେ ଡାଲି ବଣ୍ଟନ କରିନାହାନ୍ତି। ବ୍ଲକ ଭାଜପା ପକ୍ଷରୁ ଏ ନେଇ ବିଡିଓଙ୍କୁ ଶୁକ୍ରବାର ଅଭିଯୋଗ କରାଯିବା ସହ ତୁରନ୍ତ ହିତାଧିକାରୀଙ୍କୁ ଡାଲି ପ୍ରଦାନ କରିବାକୁ ଦାବି କରିଛନ୍ତି। ଜିଲା ପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀଙ୍କ ନେତୃତ୍ୱରେ ପ୍ରଥମାଖଣ୍ଡି ସରପଞ୍ଚ ଚିନ୍ତାମଣି ସୁର, ଭାଜପା ବ୍ଲକ ସଭାପତି ଶଶିଭୂଷଣ ଦାଶ, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ୩୬ ନଂ. ଜୋନ ପ୍ରଭାରୀ ମୁକୁନ୍ଦଦେବ ମହାନ୍ତି, ବିଷ୍ଣୁଚରଣ ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ ମହାନ୍ତି, ନିର୍ମଳ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ତୁରନ୍ତ ହିତାଧିକାରୀଙ୍କୁ ଡାଲି ପ୍ରଦାନ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଚାଷଜମିରେ ଟଳିପଡିଲେ ୱାର୍ଡ ସଭ୍ୟ

ନୟାଗଡ଼ ଅଫିସ,୫।୬: ନିଜ ଜମିରେ ଚାଷ କରୁଥିବାବେଳେ ଶୁକ୍ରବାର ଜଣେ ୱାର୍ଡସଭ୍ୟ ହଠାତ୍ ଟଳିପଡି ପ୍ରାଣ ହରାଇଛନ୍ତି। ନୟାଗଡ ବ୍ଲକ ବଡପଣ୍ଡୁସର ପଞ୍ଚାୟତ ମୟୂର ହୋଟେଲ ପଛ ପାଖରେ ଘଟିଛି ଏହି ଅଘଟଣ। ବଡପଣ୍ଡୁସର ଅମୃତମଣୋହୀ ସାହିର ୱାର୍ଡସଭ୍ୟ ଗଦାଧର ବେହେରା(୫୪) ଜମିରେ ପଡିଯିବା ଦେଖି ଆଖପାଖ ଲୋକେ ତାଙ୍କୁ ବଡପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସମୁଦ୍ରରେ ମାଛ ଧରିବେନି ଓଡ଼ିଶାର ମତ୍ସ୍ୟଜୀବୀ



ବୈଠକରେ ମତ୍ସ୍ୟଜୀବୀ ମହାସଂଘ କର୍ମକର୍ତ୍ତା।

ପାରାଦୀପ,୫।୬(ସ୍ୱ.ପ୍ର.)

ଓଡ଼ିଶା ଉପକୂଳରେ ଥିବା ସମସ୍ତ ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାଛଧରା ବନ୍ଦ କରିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଏନେଇ ନିଖିଳ ଓଡ଼ିଶା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଏକ ବୈଠକ ପାରାଦୀପ ମାଛଧରା ବନ୍ଦର ପରିସରରେ ହୋଇଥିଲା। ଏଥିରେ ସମସ୍ତ ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ। ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକ ପରେ ମହାସଂଘ ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଚଳିତ ମାସ ପହିଲାରୁ ସମୁଦ୍ରରେ ମାଛ ଧରିବା ପାଇଁ ସରକାର ଅନୁମତି ଦେଇଛନ୍ତି। କିନ୍ତୁ ଓଡ଼ିଶାର ମାଛଧରା ଟ୍ରଲର, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀଙ୍କ ପାଇଁ ସରକାର କିଛି ବ୍ୟବସ୍ଥା କରି ନାହାନ୍ତି। ତେଣୁ ଆମେ ଏପରି ନିଷ୍ପତ୍ତି ନେଇଛୁ। ସରକାର ପ୍ରଥମେ ଆମର ୪ ଦାବି ଯଥା: ଅନ୍ୟ ରାଜ୍ୟ ପରି ଡିଜେଲରେ ସବସିଡ୍, ମାଛବିକ୍ରି ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ମତ୍ସ୍ୟଜୀବୀଙ୍କୁ ସାମିଲ, ସମସ୍ତ ମତ୍ସ୍ୟଜୀବୀଙ୍କ ସରକାରୀ ଖର୍ଚ୍ଚରେ କରୋନା ଯାଞ୍ଚ ବ୍ୟବସ୍ଥା କରନ୍ତୁ। ଏହାପରେ ଆମ୍ଭେମାନେ ପୂର୍ବବତ କାର୍ଯ୍ୟ ଜାରି ରଖିବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପରୁ ଉତ୍ପାଦିତ ମାଛର ୯୦ ପ୍ରତିଶତ କଲିକତାରେ ବିକ୍ରି କରାଯାଏ। ଏବେ କରୋନା ପାଇଁ ମାଛ ରପ୍ତାନୀ ବନ୍ଦ ଅଛି। ଯେଉଁଥି ପାଇଁ ମତ୍ସ୍ୟଜୀବୀ ପ୍ରଭାବିତ ହେଉଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପରିଦର୍ଶନ କଲେ ଅଧିକାରୀ

ଯାଜପୁର ଅଫିସ,୫।୬

**ଅଭିଯୋଗର ତଦନ୍ତ ହେଉନି**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବିଭିନ୍ନ ସ୍ଥାନରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହେଉଥିବା ସ୍ଥାନକୁ ବାଦ୍ ଦେଇ ଅନ୍ୟ ସ୍ଥାନରେ ତଦନ୍ତ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ପ୍ରୋବେଶନରେ ଥିବା ଆଇଏଏସ୍ ଅଧିକାରୀ ପାୱାର ସଚିନ ପ୍ରକାଶ ଶୁକ୍ରବାର ଧର୍ମଶାଳା ବ୍ଲକକୁ ପରିଦର୍ଶନରେ ଯାଇ ଶ୍ରମିକମାନଙ୍କ ସହ ଆଲୋଚନା କରିଛନ୍ତି। ସେଠାରୁ କମାଗଡ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନରେ ଯାଇ ଏମ୍‌ଜିଏନଆରଇଜିଏସର ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜିଆରଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧର୍ମଶାଳା ବ୍ଲକରେ ତଦନ୍ତ ସମୟରେ ଆଇଏଏସ ଅଫିସର ପ୍ରକାଶ ନିକଟରେ ଥିବା ଅସ୍ଥାୟୀ ମେଡିକାଲ କେନ୍ଦ୍ର ପରିଦର୍ଶନ କରିବା ସହ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଉଭୟ ଅଧିକାରୀ ରସୁଲପୁର ବ୍ଲକର କଳଣ ଓ ଜାବରା ପଞ୍ଚାୟତରେ ନିର୍ମାଣାଧୀନ ରାସ୍ତାକୁ ପରିଦର୍ଶନ କରିଥିଲେ। କିନ୍ତୁ ବିଡମ୍ବନା ଯେ, ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପରେ ହେଉଥିବା ଅନିୟମିତତା କିମ୍ବା ବିନା ସୂଚନା ଫଳକରେ ହେଉଥିବା ଉନ୍ନୟନ କାର୍ଯ୍ୟ ସଂକ୍ରାନ୍ତରେ ଅଭିଯୋଗର ଏଯାଏ ତଦନ୍ତ କରାଯାଇ ପାରିନାହିଁ। ପୋଖରୀ ହିଡ ଚାଞ୍ଛି ଅର୍ଥ ହଡପ ମସୁଧା ଏବଂ ଗୋଚର ଜମିରେ ମେଶିନ ଲଗାଇ ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଉଥିବା ନେଇ କୋରେଇ ବ୍ଲକ ଅମୃତିଆ ପଞ୍ଚାୟତ ବନହରା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ସତ୍ତ୍ୱେ ଏଯାଏ କୌଣସି ତଦନ୍ତ ହୋଇ ପାରିନାହିଁ। ତେଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ତଳୁ ଉପରସ୍ତର ପର୍ଯ୍ୟନ୍ତ ଦୁର୍ନୀତି ଲମ୍ବିଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

# ବନ୍ଧୁକ ଦେଖାଇ ୬୦ହଜାର ଲୁଟ୍

ସୁକିନ୍ଦା, ୫।୬ (ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା କ୍ରୋମ୍ ଉପତ୍ୟକାକୁ ସଂଯୋଗ କରୁଥିବା ଟମକା-ମଙ୍ଗଳପୁର ରାସ୍ତାରେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଲୁଟେରାମାନେ ବନ୍ଧୁକ ଦେଖାଇ ଫାର୍ମା କମ୍ପାନୀର ଦୁଇ କର୍ମଚାରୀଙ୍କଠାରୁ ନଗଦ ୬୦ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଖବରପାଇ ସୁକିନ୍ଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

ଘଟଣା ମୁତାବକ, ଜାରକା ଅଞ୍ଚଳରେ ମେଡିସିନ ଡିଷ୍ଟ୍ରିବ୍ୟୁଟର ଓ ମେଡିସିନ ରିପ୍ରେଜେଣ୍ଟେଟିଭ ଭାବେ କାମ କରୁଥିବା ଦୁଇ କର୍ମଚାରୀ ରମେଶ ଦାସ ଓ ସଞ୍ଜୟ କୁମାର ଦାସ ଶୁକ୍ରବାର ଅପରାହ୍ନରେ କେତେକ ମେଡିସିନ ଷ୍ଟୋରରୁ ବକେୟା ଅର୍ଥ ଆଦାୟ କରି ବାଇକ୍ (ନଂ.-ଓଡ଼ି-୦୪ପି-୪୨୪୦) ଯୋଗେ ଫେରୁଥିଲେ। ଏହି ସମୟରେ ଟମକା-ମଙ୍ଗଳପୁର ରାସ୍ତାର ସୁକିନ୍ଦା ବ୍ଲକ ଦାମୋଦରପୁର ମଙ୍ଗଳା ମନ୍ଦିର ସନ୍ନିକୋଟଠାରେ ଏକ ନମ୍ବର ବିହୀନ କଳା ପଲ୍‌ସରରେ ଯାଉଥିବା ଦୁଇ ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇଥିଲେ। ଭୁଜାଲି ଓ ବନ୍ଧୁକ ଦେଖାଇ ସେମାନଙ୍କଠାରୁ ନଗଦ ୬୦ହଜାର ଟଙ୍କା, ଏକ ମୋବାଇଲ, ଦୁଇଟି ବ୍ୟାଗ୍ ସହ ବହୁ କାଗଜପତ୍ର ଲୁଟି ନେଇଥିଲେ। ଖବରପାଇ ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ୨ କରୋନା ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୫।୬

ବୁଧବାର ସୁଦ୍ଧା ଜିଲାରେ ୧୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ଏଥିରେ ଆଉ ଦୁଇଜଣ ଯୋଡି ହୋଇଛନ୍ତି। ଆକ୍ରାନ୍ତମାନେ କିଛିଦିନ ପୂର୍ବେ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନ ଥିବା ଜିଲାପାଳ କହିଛନ୍ତି। ଜିଲାରେ ଚିହ୍ନଟ ୧୬୩ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଇତିମଧ୍ୟରେ ୯୫ ଜଣ ସୁସ୍ଥ ହୋଇଛନ୍ତି।

# ସୂତାଖିଅରେ ୫୫୦ ଫିଡ୍‌କୋ କର୍ମଚାରୀଙ୍କ ଚାକିରି



ସ୍ମାରକପତ୍ର ଦେବାକୁ ଆସିଥିବା କର୍ମଚାରୀ।

ନୟାଗଡ଼ ଅଫିସ,୫।୬

**ଅତିରିକ୍ତ ଜିଲାପାଳଙ୍କୁ ହେଲେ ଫେରାଦ**

ସେସୁ ବିକ୍ରିହେବା ପରେ ଫିଡ୍‌କୋରେ କାର୍ଯ୍ୟରତ ନୟାଗଡ ଜିଲାର ୫୫୦ରୁ ଉର୍ଦ୍ଧ୍ୱ କମଚାରୀଙ୍କ ଚାକିରି ସୁତାଖିଅରେ ଝୁଲୁଛି। କରୋନା ସମୟରେ କେହି ଛଟେଇ ହେବେ ନାହିଁ ବୋଲି କେନ୍ଦ୍ର ସରକାର ନାରା ଦେଉଥିବାବେଳେ ଫିଡ୍‌କୋ କର୍ମଚାରୀଙ୍କ ସମସ୍ୟା କେହି ବୁଝୁ ନ ଥିବା ଅଭିଯୋଗ ରହିଛି। ଏ ନେଇ ଓଡିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଫ୍ରାଞ୍ଚାଇଜ ଆସୋସିଏଶନ ନୟାଗଡ ଶାଖା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ସେସୁ କ୍ଷତିରେ ଚାଲିଥିବାବେଳେ ଫିଡ୍‌କୋକୁ ଦାୟିତ୍ୱ ଦିଆଯାଇଥିଲା। ୫୯ ପ୍ରତିଶତ କ୍ଷତିରେ ଚାଲିଥିବା ସଂସ୍ଥାକୁ ଫିଡ୍‌କୋ କର୍ମଚାରୀ ପ୍ରାୟ ୨୯ ପ୍ରତିଶତ କ୍ଷତିକୁ ଆଣିଥିଲେ। ଏଭଳି ସମୟରେ ସେସୁ ବିକ୍ରି ହେବା ପରେ ଫିଡ୍‌କୋ କର୍ମଚାରୀଙ୍କୁ ବିପତ୍ତି ପଡିଛି। କ୍ରୟ କରିଥିବା ଟାଟା କମ୍ପାନୀ ଫିଡ୍‌କୋ କର୍ମଚାରୀଙ୍କୁ ଅଣଦେଖା କରି ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଯୋଜନା କରୁଥିବା ଜଣାପଡିଛି। ଏଭଳିସ୍ଥଳେ ରାଜ୍ୟର ୭୬୪୨ ଓ ନୟାଗଡ ଜିଲାର ୫୫୦ରୁ ଉର୍ଦ୍ଧ୍ୱ କମଚାରୀଙ୍କ ଦକ୍ଷତା, ଯୋଗ୍ୟତାକୁ ଦେଖି ସ୍ଥାୟୀ ନିଯୁକ୍ତି ଦେବାର ଆବଶ୍ୟକତା ଅଛି। ଛଟେଇ କରିଦେଲେ ବୟସ ଅତିକ୍ରମ କରିଥିବା କର୍ମଚାରୀମାନେ କିପରି ଚଳିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ଉଚିତ୍ ନ୍ୟାୟ ଦେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଶୋକାକୁଳ ପରିବେଶରେ ଯାଆଁଳା ଭାଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା

**ପାଟଣା, ୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ନୂଆଖମଣ ଗାଁ ବାଙ୍କାସାହିରେ ଯାଆଁଳା ଭାଇଙ୍କ ମୃତଦେହ ଶୁକ୍ରବାର ଅପରାହ୍ଣରେ ପହଞ୍ଚିବା ପରେ ଗାଁ ଦାଣ୍ଡ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା। ଗାଁମଶାଣିରେ ଗୋଟିଏ ସ୍ଥାନରେ ଗାତ ଖୋଳାଯାଇ ଯାଆଁଳା ଭାଇଙ୍କୁ ପୋତାଯାଇ ସଂସ୍କାର କରାଯାଇଥିଲା। କଂଗ୍ରେସ ନେତା ବିନୋଦ ବିହାରୀ ନାଏକ, ରାଜନଗର ସରପଞ୍ଚ ସରସ୍ୱତୀ ନାଏକ ଓ ଶତ୍ରୁଘ୍ନ ସିଂ ଗାଁରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ଦୁଷ୍ମନ୍ତ ନାଏକ ଓ ବାସନ୍ତୀଙ୍କ ୭ବର୍ଷର ଯାଆଁଳା ପୁଅ ଖେଳୁ ଖେଳୁ ଗାଁ ନିକଟ ଗଡ଼ିଆରେ ବୁଡି ପ୍ରାଣ ହରାଇଥିଲେ।

### ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ

**ଭଣ୍ଡାରିପୋଖରୀ, ୫।୬(ଡ଼ି.ଏନ.ଏ.):** ସରକାର କରୋନା ମହାମାରୀକୁ ନେଇ ଜନସାଧାରଣଙ୍କୁ ଯେତେ ସଚେତନ କଲେ ମଧ ଲୋକମାନେ ସୁଧୁରୁନାହାନ୍ତି। ଭଣ୍ଡାରିପୋଖରୀ ପୋଲିସ ବୁଧ, ଗୁର, ଶୁକ୍ର ତିନି ଦିନ ମଧରେ ବିନା ମାସ୍କଧାରୀଙ୍କଠାରୁ ୧୬ହଜାର ଟଙ୍କା ଜରିମାନା ଆଦାୟ କରିଛି। ଥାନାଧିକାରୀ ସନାତନ ସାହୁଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପୋଲିସ ମଞ୍ଜୁରୀରୋଡ ବଜାର ଅଞ୍ଚଳରେ ଚଢ଼ାଉ କରାଯାଇ ୫୦୦୦ ହଜାର, ଗୁରୁବାର ସରସଦା, ପଟାପୋଲ, ରାଢୋ ଛକ ଅଞ୍ଚଳରେ ଚଢ଼ାଉ କରି ୬ହଜାର ୫୦୦ ଟଙ୍କା ଆଦାୟ କରିଛନ୍ତି। ସେହିପରି ଶୁକ୍ରବାର ଭଣ୍ଡାରିପୋଖରୀ ବଜାରଠାରେ ଏଏସ୍‌ଆଇ ଅନୁରାଗ ମହାନ୍ତି ବିନା ମାସ୍କରେ ଯାତାୟାତ କରୁଥିବା ବାଇକ ଚାଳକଙ୍କଠାରୁ ଜରିମାନା ସ୍ୱରୂପ ୪ ହଜାର ୫୦୦ ଟଙ୍କା ଆଦାୟ କରିଛନ୍ତି।

### ଖଇରା ସିଏଚ୍‌ସିରେ କୋଭିଡ୍-୧୯ ୱାର୍ଡ ଉଦ୍‌ଘାଟିତ

**ଖଇରା, ୫।୬(ଡ଼ି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ତରଫରୁ ସ୍ୱତନ୍ତ୍ର ଭାବେ କୋଭିଡ-୧୯ ୱାର୍ଡ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିବା ବେଳେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଅନ୍ତର୍ଯାମୀ ପାତ୍ର ଓ ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ମନ୍ତ୍ରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶପଥରେ ଏକ ଗେଟ ଓ ଆସବାବପତ୍ର କିଣାଯିବା ଓ ଘର ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଉଦ୍‌ଘାଟନ ହୋଇଥିବା ସ୍ୱତନ୍ତ୍ର ୱାର୍ଡରେ କେବଳ ଅସ୍ଥାୟୀ ଶିବିରରେ ଲକ୍ଷଣ ଦେଖାଯାଉଥିବା ପ୍ରବାସୀମାନଙ୍କୁ ରଖାଯିବ ହେଲେ କୌଣସି ସ୍ୱାବ ପରୀକ୍ଷାର ବ୍ୟବସ୍ଥା ରହିବ ନାହିଁ ବୋଲି ମେଡିକାଲ ସୂତ୍ରରୁ ଜଣାଯାଇଛି।

### ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀ କରୋନା ସଂକ୍ରମିତ ସ୍ୱାବ୍ ପରୀକ୍ଷା ଲାଗି ଦାବି କଲେ ଗ୍ରାମବାସୀ

**ଖଇରା, ୫।୬(ଡ଼ି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡାଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରର ଜଣେ ଅନ୍ତେବାସୀ କରୋନାରେ ସଂକ୍ରମିତ ହେବା ପରେ ବାକି ସେଠାରେ ଥିବା ଅନ୍ତେବାସୀଙ୍କ ଚିନ୍ତା ବଢିଯାଇଛି। ଗୋଟିଏ କେନ୍ଦ୍ରରେ ୧୨ଜଣ ପ୍ରବାସୀ ରହୁଥିବା ବେଳେ ୭ଜଣ ଘର ସଙ୍ଗରୋଧ ଓ ୫ଜଣ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଜଣଙ୍କର ପଜିଟିଭ ବାହାରିବା ପରେ ଅନ୍ୟମାନେ ସଂକ୍ରମଣ ହେବାର ଆଶଙ୍କା ଦେଖାଦେଇଛି। ତୁରନ୍ତ ସେମାନଙ୍କର ସ୍ୱାବ ପରୀକ୍ଷା କରା ନ ଗଲେ ଗ୍ରାମବାସୀ ଓ ଅଭିଭାବକମାନେ ସଙ୍ଗରୋଧ କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିବାକୁ ଗ୍ରାମର ମନୋରଞ୍ଜନ ବୁଗୁଡାଇ, ବୃନ୍ଦାବନ ବେହେରା, ନିରଞ୍ଜନ ମହାରଣା, ଧରଣୀଧର ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି କେନ୍ଦ୍ରରୁ ମଙ୍ଗଳବାର ଜଣେ ପ୍ରବାସୀଙ୍କ ଲକ୍ଷଣ ଦେଖାଯିବା ପରେ ସ୍ୱାବ ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ବାହାରିଥିଲା। ଏ ସମ୍ପର୍କରେ ସ୍ୱାବ ପରୀକ୍ଷା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଉଥିଲେ ହେଁ କିଟ ନ ଥିବା ଦର୍ଶାଇ ଏ ପର୍ଯ୍ୟନ୍ତ ସ୍ୱାବ ଟେଷ୍ଟ କରାଯାଉ ନ ଥିବା ଅଭିଭାବକମାନେ କହିଛନ୍ତି।

# ୨ ଘଣ୍ଟା ବିଳମ୍ବରେ ହେଲା ଅବକାଶ ନୀତି

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା

**ବାରିପଦା ଅଫିସ,୫।୬**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ ମନ୍ଦିରରେ ଶୁକ୍ରବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଭୋର ୪ ଘଟିକାରେ ଶ୍ରୀଜୀଉମାନେ ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିଥିଲେ। ଏହା ପରେ ୨ ଘଣ୍ଟା ବିଳମ୍ବରେ ଅବକାଶ ନୀତି ହୋଇଥିଲା। ପ୍ରଭୁଙ୍କ ନୀତିରେ ଯେଉଁ ମିଷ୍ଟାନ୍ନ ଭୋଗ ଲାଗେ ତାହା ବିଶୁଦ୍ଧ ଘିଅରେ ହେବା କଥା, କିନ୍ତୁ ନିମ୍ନମାନର ଘିଅରେ ମିଷ୍ଟାନ୍ନ ହୋଇଥିବାରୁ ପୂଜକମାନେ ନୀତିକାନ୍ତି କରି ନ ଥିଲେ। ପରେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ବୈଠକ କରି ଏହାର ସମାଧାନ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଜଳଧୂପ, ପଞ୍ଚାମୃତ, ମାଗସ୍ନାନ, ମଙ୍ଗଳ ଆଳତୀ କରାଯାଇଥିଲା। ପରେ ଶୁଦ୍ଧ ଘିଅରେ ମିଷ୍ଟାନ୍ନ କରାଯାଇ ନୀତିକାନ୍ତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ପରେ ୧୦୮ ଗରା ସୁବାସିତ ଜଳରେ ପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଛେରାପହଁରା କାର୍ଯ୍ୟକ୍ରମ ପରେ ଠାକୁରଙ୍କୁ ବନ୍ଦାପନା କରାଯାଇ ଧୂପ ଦିଆଯାଇଥିଲା। ଏହା ପରେ ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ନିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ମନ୍ଦିରକୁ ଯାଇଥିବା ରାସ୍ତାରେ ୧୪୪ ଧାରା ଜାରି କରାଯାଇଥିଲା। କୃଷ୍ଣଚନ୍ଦ୍ର ଗୋଲେଇଠାରୁ ଥାନା ଛକ, ଏମକେସି ହାଇସ୍କୁଲ ଛକଠାରୁ ଟ୍ରାଫିକ ଛକ ଯାଏ ରାସ୍ତାରେ ଯାତାୟତ ବନ୍ଦ କରାଯାଇଥିଲା। ସେବାୟତ ଓ ଜରୁରୀକାଳୀନ କର୍ମଚାରୀ ଓ ଅଧିକାରୀଙ୍କ ବ୍ୟତୀତ ଏହି ରାସ୍ତାରେ ଅନ୍ୟମାନେ ଯିବା ପାଇଁ ବାରଣ କରାଯାଇଥିଲା। ସେହିଭଳି ସୁରକ୍ଷା ଦୃଷ୍ଟିରୁ ସହରରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଓ ୨୫ ଜଣ ପୋଲିସ ଅଧିକାରୀ ନିୟୋଜିତ ହୋଇଥିଲେ। ବିନା ଭକ୍ତଙ୍କ ଗ୍ରହଣରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା।



ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ସ୍ନାନ କରାଯାଉଛି।

## ରୀତିନୀତି ଅନୁସାରେ ହେଲା ସ୍ନାନପୂର୍ଣ୍ଣିମା

**ସଜନାଗଡ଼, ୫।୬(ଡ଼ି.ଏନ.ଏ.)**

ଶୁକ୍ରବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ମହାମାରୀ କରୋନା ପାଇଁ ଚଳିତଥର ଶ୍ରୀଜୀଉମାନଙ୍କ ସ୍ନାନ ପୂର୍ଣ୍ଣିମା ଭକ୍ତଙ୍କ ବିନା ଅନୁଷ୍ଠିତ ହୋଇଛି। ସୀମିତ ସେବାୟତଙ୍କୁ ନେଇ ରୀତିନୀତି ଅନୁସାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା କରାଯାଇଥିଲା।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସ୍ନାନନୀତି ଶୁକ୍ରବାର ଭୋର୍‌ରୁ ଆରମ୍ଭ ହୋଇଥିଲା। ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଧରାଜ ହରିଚନ୍ଦନ ଛେରାପହଁରା କରିବା ପରେ ମହାପ୍ରଭୁଙ୍କୁ ସ୍ନାନମଣ୍ଡପକୁ ଅଣାଯାଇଥିଲା। ସେଠାରେ ସ୍ନାନନୀତି ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଦର୍ଶନ ଦେଇଥିଲେ। ନିର୍ଦ୍ଦିଷ୍ଟ ପୂଜକ, ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ସ୍ନାନମଣ୍ଡପ ଚାରିପାଖରେ ୧୪୪ ଧାରା ଜାରି କରାଯାଇଥିଲା।



ଗଜାନନ ବେଶରେ ତିନି ଠାକୁର।



ଇମାମୀ ମନ୍ଦିର ସ୍ନାନମଣ୍ଡପରେ ଶ୍ରୀଜୀଉ।

## ଇମାମୀନଗରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା

**ରେମୁଣା, ୫।୬(ଡ଼ି.ଏନ.ଏ.)**

କରୋନା କଟକଣା ପାଇଁ ଶୁକ୍ରବାର ମହାପ୍ରଭୁଙ୍କ ପ୍ରସିଦ୍ଧ ସ୍ନାନଯାତ୍ରା ନିରାଡ଼ମ୍ବର ଭାବେ ସମ୍ପନ୍ନ ହୋଇଛି। ଇମାମୀ ନଗର ଜଗନ୍ନାଥଙ୍କ ମନ୍ଦିରରେ ଅନୁଷ୍ଠିତ ସ୍ନାନଯାତ୍ରା ଭକ୍ତଙ୍କ ବିନା ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୬ଟାରେ ମଙ୍ଗଳାର୍ପଣ, ପୂର୍ବାହ୍ନ ୮ଟାରେ ଜୀଉମାନଙ୍କୁ ଧାଡ଼ି ପହଣ୍ଡି କରି ସ୍ନାନ ବେଦିକୁ ନିଆଯାଇଥିଲା। ସେଠାରେ ସକାଳ ସାଢ଼େ ୯ଟାରେ ମଙ୍ଗଳ ଆରତୀ ଓ ଅବକାଶ ମଇଲମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଜଳଧିବାହ କରାଯାଇ ଦିନ ୧୧ଟାରେ ସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ୧୧ଟା ୪୫ରେ ଛେରାପହଁରା, ୧୨ଟା ୧୫ରେ ଗଜାନନ ବେଶ ସିଙ୍ଗାର ହୋଇଥିଲା। ଦିନ ୧ଟା୧୫ରେ ଜୀଉମାନଙ୍କ ନିକଟରେ ୫୬ ଭୋଗ ଲାଗି କରାଯାଇଥିଲା। ପୁଷ୍ପାଞ୍ଜଳି ପରେ ଜୀଉମାନେ ଗୋଟି ପହଣ୍ଡିରେ ଅଣସର ଘରକୁ ବିଜେ କରିଥିଲେ। ଆସନ୍ତା ୨୨ ତାରିଖରେ ନବଯୌବନ ବେଶରେ ଠାକୁର ଅଣସରରୁ ବାହାରି ରଥାରୂଢ଼ ହେବେ। ସମସ୍ତ କାର୍ଯ୍ୟକ୍ରମ ଇମାମୀ ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ଇମାମୀ କାରଖାନାର ସିନିୟର ପରିଚାଳନା ନିର୍ଦ୍ଦେଶକ ଏମବିଏସ୍ ନାୟାର, ନିର୍ଦ୍ଦେଶକ ସୁଶିଲ କୁମାର ଖୈତାନ, ମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରଶନ୍ନ କୁମାର ସିଂହ ସାମନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଧାନବିକ୍ରି ନେଇ ଅନିଶ୍ଚିତତା ମଧ୍ୟରେ ଚାଷୀ

## ସମିତି ଆଗରେ ଧାରଣା ଦେଲେ

**ବାହାନଗା, ୫।୬(ଡ଼ି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତିରେ ଧାନକିଣାକୁ ନେଇ କେତେଜଣ ଚାଷୀ ସମିତି ଆଗରେ ଧାରଣାରେ ବସିଥିଲେ। ତେବେ ସମିତିର ସମ୍ପାଦକଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଗୋପାଳପୁର ସେବା ସମବାୟ ସମିତିରେ ଗତ ସେପ୍ଟେମ୍ବରରେ ରବି ଧାନ ବିକ୍ରି କରିବା ନିମନ୍ତେ ୧୦୩ଜଣ ଚାଷୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୩ଜଣଙ୍କର କାଗଜପତ୍ର ଯାଞ୍ଚ କରାଯାଇ ଧାନ କିଣିବା ନିମନ୍ତେ ଟୋକନ ମିଳିଛି। ମାତ୍ର ଅନ୍ୟ ୩୦ଜଣ ଚାଷୀଙ୍କ କାଗଜପତ୍ର ଯାଞ୍ଚ ହୋଇ ଟୋକନ ଆସି ନ ଥିବାରୁ ସମିତିରେ ଧାନ ବିକ୍ରି କରିବା ଅନିଶ୍ଚିତତା ଦେଖାଦେଇଥିବାରୁ ସେମାନେ ସମିତି ଆଗରେ ଧାରଣାରେ ବସିଥିଲେ। ତେବେ ଗୋପାଳପୁର ସେବା ସମବାୟ ସମିତିରେ ରବି ଧାନ କିଣିବା ପାଇଁ ୫ ହଜାର କୁଇଣ୍ଟାଲ ଟାର୍ଗେଟ୍ ଥିବା ବେଳେ ୭୩ଜଣ ଚାଷୀଙ୍କ ନିମନ୍ତେ ସରକାର ୯ଶହ ୮୧ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦେଇଛନ୍ତି। ଧାନ ବିକ୍ରି କରିବା ପାଇଁ ଆବେଦନ କରିଥିବା ଚାଷୀଙ୍କୁ ଟୋକନ ନ ମିଳିବାରୁ ଶେଷରେ ଆପିତ୍ରା ଗ୍ରାମର ଚାଷୀ ସୋମନାଥ ପଣ୍ଡା, ରବିନାରାୟଣ ପଣ୍ଡା, ହେମନ୍ତ ପଣ୍ଡା, ବସନ୍ତ ପଣ୍ଡା, ଅନୀଲ ମହାପାତ୍ର, ମୀନକେତନ ପାଢୀ, ପ୍ରାଣବନ୍ଧୁ ପଣ୍ଡା, ସୁଦର୍ଶନ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଚାଷୀ ଉପାୟ ନ ପାଇ ଶେଷରେ ଶୁକ୍ରବାର ସେବା ସମବାୟ ସମିତି ଆଗରେ ଧାରଣାରେ ବସିଥିଲେ। ପରେ ଅନ୍ୟ ଚାଷୀମାନେ ଆଣିଥିବା ଧାନକୁ ସମିତିକୁ ବିକ୍ରି କରିପାରି ନ ଥିଲେ। ଏଥିପାଇଁ ସମିତି ପକ୍ଷରୁ ଅଧିକ ଧାନ କିଣିବା ନିମନ୍ତେ ସରକାର ଅଧିକ ଟାର୍ଗେଟ ଦେବାପାଇଁ ଚିଠି ମାଧ୍ୟମରେ ସମିତି ପକ୍ଷରୁ ବାଲେଶ୍ୱର -ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରେ ଦାବି ଜଣାଇଛନ୍ତି। ଧାରଣାରେ ବସିଥିବା ଚାଷୀମାନଙ୍କୁ ସମ୍ପାଦକ ଦାସ ବୁଝାଶୁଝା କରିବା ସହିତ ପୁନର୍ବାର କାଗଜପତ୍ରଗୁଡିକୁ ଯାଞ୍ଚ କରିବା ନିମନ୍ତେ ପଠାଇବା ସହିତ ୩ ଦିନ ମଧ୍ୟରେ ସେମାନଙ୍କ ଟୋକନ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ସମିତିରେ ଧାନ କିଣିବା ନେଇ ପାତରଅନ୍ତର କରାଯାଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏହାକୁ ସମିତି ପକ୍ଷରୁ ଖଣ୍ଡନ କରାଯାଇଥିଲା।




ଚାଷୀମାନେ ସମିତି ଆଗରେ ଧାରଣାରେ ବସିଛନ୍ତି।

## ମଦ ବିକ୍ରିକୁ ବିରୋଧ, ଉତ୍ତେଜନା

**ଯୋଡା, ୫।୬(ଡ଼ି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କିତାବେଡା ଗ୍ରାମରେ ରାସ୍ତାକଡରେ ଥିବା ସରକାରୀ ମଦ ଦୋକାନରେ ମଦ ବିକ୍ରିକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଉତ୍ତ୍ୟକ୍ତ ହୋଇପଡିଛନ୍ତି। ସେମାନେ ଏହାର ପ୍ରତିବାଦ କରି ମଦ ଦୋକାନ ଭଙ୍ଗାରୁଜା କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନରେ ଲକଡାଉନ୍ ଥିବା ସତ୍ତ୍ୱେ ଉକ୍ତ ମଦ ଦୋକାନ ଖୋଲାଯାଇଥିଲା। ଏହାକୁ ବିରୋଧ କରି ମହିଳାମାନେ ମଦ ଦୋକାନକୁ ବନ୍ଦ କରିବା ପାଇଁ କହିଥିଲେ ହେଁ ସେମାନେ ମାନି ନ ଥିଲେ। ମହିଳାମାନେ ଦୋକାନରେ ଥିବା ମଦ ପେଟି, ବୋତଲକୁ ବାହାରେ ରଖି ବନ୍ଦ କରିବାକୁ ଦାବି କରିଥିଲେ। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ସିଆଳିଯୋଡାଠାରେ ମଦ ଦୋକାନ କାଉଣ୍ଟର ଖୋଲିବା ପରିବର୍ତ୍ତେ କିତାବେଡାଠାରେ ଜଣେ ବ୍ୟକ୍ତିଙ୍କ ଘରଭଡା ନେଇ ଶୁକ୍ରବାର ମଦ ଦୋକାନ ଖୋଲି ନଗଦରେ ମଦ ବିକ୍ରୟ କରାଯାଉଥିଲା। ଏହା ଜାଣିପାରି ଗ୍ରାମର ଶତାଧିକ ମହିଳାପୁରୁଷ ମଦ ଦୋକାନକୁ ବନ୍ଦ ଓ ଉଚ୍ଛେଦ କରିବା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଞ୍ଚଳବାସୀଙ୍କ ବିରୋଧ ପ୍ରଦର୍ଶନ କରିବା ପରେ ଦୋକାନ ମାଲିକ ବାହାରେ ରଖାଯାଇଥିବା ମଦକୁ ସେଠାରୁ ଅନ୍ୟତ୍ର ଉଠାଇ ନେଇଥିଲେ।

# ଗରା, ବାଲ୍‌ଟି ଧରି ବିକ୍ଷୋଭ କଲେ ଗ୍ରାମବାସୀ

## ଉଦଳା ଏନ୍‌ଏସିରେ ଜଳକଷ୍ଟ

**ଉଦଳା,୫।୬(ଡ଼ି.ଏନ୍.ଏ.)**

ଜଳକଷ୍ଟ ସମସ୍ୟା ନେଇ ମୟୂରଭଞ୍ଜ ଜିଲା ଉଦଳା ଏନଏସି ଅଧୀନ ମେଣ୍ଢାଖାଇ ଗ୍ରାମବାସୀ ଶୁକ୍ରବାର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଗ୍ରାମର ଶତାଧିକ ମହିଳା ପୁରୁଷ ହାତରେ ଗରା ଓ ବାଲ୍‌ଟି ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପାଣି ଯୋଗାଇ ଦିଅ ବୋଲି ଦାବି ଧରି ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ତୁରନ୍ତ ପାଣି ଯୋଗାଇ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଗ୍ରାମର ଦୀପକ ବେହେରା, ମୀନା ବେହେରା ଚେତାବନୀ ଦେଇଛନ୍ତି। ଖବର ପାଇ ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ପରେ ଉପଜିଲାପାଳ ଭଗବାନ ବେହେରା ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ପଚାରିବାରୁ ଉକ୍ତ ଗ୍ରାମବାସୀ ୨ ଦିନ ପୂର୍ବରୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ପାଣି ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ କୌଣସି ବିବାଦକୁ ନେଇ ଏହା ଅଟକି ରହିଥିବା ବେଳେ ଖୁବଶୀଘ୍ର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ସମସ୍ୟା ନେଇ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।



ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଗ୍ରାମବାସୀ।

# ଉତ୍ତର ଓଡ଼ିଶାରେ ଆଉ ୨୮ ଆକ୍ରାନ୍ତ ଚିହ୍ନଟ

**ବାରିପଦା ଅଫିସ/ଠାକୁରମୁଣ୍ଡା/ ଭଦ୍ରକ ଅଫିସ/କେନ୍ଦୁଝର/ପାଟଣା, ୫।୬(ଡି.ଏନ୍.ଏ/ସ୍ୱ.ପ୍ର.)**

ଉତ୍ତର ଓଡ଼ିଶାରେ ଶୁକ୍ରବାର ଆଉ ୨୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୨, ଭଦ୍ରକରେ ୪ ଓ କେନ୍ଦୁଝର ଜିଲାରେ ୨ ପଜିଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକରେ ୧୧, ଶୁଳିଆପଦାରେ ୫, ବେତନଟୀରେ ୫ ଓ ଠାକୁରମୁଣ୍ଡା ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ସମସ୍ତେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୭ରେ ପହଞ୍ଚିଛି। ଭଦ୍ରକ ଜିଲାରେ ୪ ଆକ୍ରାନ୍ତ ଚିହ୍ନଟ ପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୩ ଛୁଇଁଛି। ଚିହ୍ନଟ ନୂଆ ଆକ୍ରାନ୍ତ ଭଦ୍ରକ, ବନ୍ତ ଓ ଧାମନଗର ବ୍ଲକ ଅଧୀନସ୍ଥ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେମାନେ ଗୁଜରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଫେରିଥିଲେ। କେନ୍ଦୁଝର ଜିଲା ସାହାରପଡା ଓ ଘଟଗାଁ ବ୍ଲକରେ କରୋନା ପାଦ ଥାପିଛି। ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ୨ ପ୍ରବାସୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨ରେ ପହଞ୍ଚିଛି। ସାହାରପଡା ବ୍ଲକ ଅଞ୍ଚଳରୁ ଚିହ୍ନଟ ଆକ୍ରାନ୍ତ ଜଣକ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ପଳାଇ ଯାଇ ନିଜ ଘରେ ରହିବା ସହ ସର୍ବସାଧାରଣ ସ୍ଥାନରେ ବୁଲିଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ହେଲେ ସେ ସୁପରସ୍ପ୍ରେଡର ପାଲଟିବେ ବୋଲି କୁହାଯାଉଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ଦାଶଙ୍କୁ ଏନେଇ ପଚାରିବାରୁ ଘଟଣା ଉପରେ ମୁଁ ତଦନ୍ତ କରିବାକୁ ଯାଉଛି। ସଂକ୍ରମଣ କିଭଳି ବୃଦ୍ଧି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ବଣେଇରୁ ବଡ଼ବିଲ ବାଲି ଚୋରାଚାଲାଣ

- ମ୍ୟାଜିକ ପେନ୍ ବ୍ୟବହାର କରି ଟ୍ରାନଜିଟ ପାସ୍‌ର ଏକାଧିକ ବ୍ୟବହାର
- ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି
- ୭ ବାଲି ବୋଝେଇ ହାଇୱା, ମ୍ୟାଜିକ ପେନ୍ ଓ ଲାଇଟର ଜବତ
- ବାଲିଘାଟ ମାଲିକ, ମ୍ୟାନେଜର ଓ ୭ ଡ୍ରାଇଭର ଗିରଫ

**ବଡବିଲ, ୫।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ପୋଲିସକୁ ଗୁରୁବାର ସନ୍ଧ୍ୟାରେ ଏକ ବଡଧରଣର ସଫଳତା ମିଳିଛି। ସୁନ୍ଦରଗଡ ଜିଲା ବଣେଇରୁ ବଡବିଲକୁ ବାଲି ଚୋରାଚାଲାଣ ହେଉଥିବା ବେଳେ ୭ଟି ବାଲି ବୋଝେଇ ହାଇୱା, ମ୍ୟାଜିକ ପେନ ଜବତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ବାଲିଘାଟର ମାଲିକ, ମ୍ୟାନେଜର ଓ ୭ଜଣ ଟ୍ରକ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିଘାଟ ମାଲିକ ଲହୁଣୀପଡା ଥାନା ରାଜାମୁଣ୍ଡା ଅଞ୍ଚଳର ମାଧବ ଚନ୍ଦ୍ର ମାଝି, ମ୍ୟାନେଜର ବଣେଇ ଥାନା ନରେନ୍ଦ୍ର ଗ୍ରାମର ଧର୍ମପଦ ସାହୁ ଏବଂ ୭ ଜଣ ଡ୍ରାଇଭର ହେଲେ ଆନନ୍ଦ ଦାସ, ଖୁଦ ଚାମ୍ପିଆ, ବିଶାଲ ବବଙ୍ଗା, ଲାଲଟୁ ମହାନ୍ତ, ମହାବୀର ଦାସ, ଅଜିତ ଟୁଟି ଓ ଭାଗିରଥୀ ଟୁଟି।

ବଡବିଲ ଏସ୍‌ଡିପିଓ ସତ୍ୟ ବିକାଶ ଭୂୟାଁ ଓ ବଡବିଲ ଆଇଆଇସି ସୁଶାନ୍ତ ଦାସ ଗୁରୁବାର ସନ୍ଧ୍ୟାରେ ଏସ୍‌ଡିପିଓ କାର୍ଯ୍ୟାଳୟ ନିକଟସ୍ଥ ଛକ ଦେଇ ଯାଉଥିବା ୭ଟି ବାଲି ବୋଝେଇ ହାଇୱା ଅଟକାଇଥିଲେ। ବାଲି ପରିବହନ ହେଉଥିବା ହାଇୱାଗୁଡିକରେ ଥିବା ଟ୍ରାନ୍‌ଜିଟ ପାସ୍‌ରେ ମ୍ୟାଜିକ ପେନ୍ ବ୍ୟବହାର କରାଯାଇ ଏକାଧିକ ବାର ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହୋଇଥିବା ତଦନ୍ତରୁ ଜଣାପଡିଥିଲା। ପୋଲିସ ବାଲି ବୋଝେଇ ହାଇୱା ଟ୍ରକଗୁଡିକୁ ଜବତ କରିବା ସହ ୭ଜଣ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଅଧିକ ତଦନ୍ତ କରି ପୋଲିସ ଘଟଣାରେ ସମ୍ପୃକ୍ତ ବାଲିଘାଟର ମ୍ୟାନେଜର ଧର୍ମପଦ ସାହୁଙ୍କୁ ଗିରଫ କରି ତାଙ୍କ ନିକଟରୁ ଏକ ମ୍ୟାଜିକ ପେନ ଓ ଲାଇଟର ଜବତ କରିଥିଲା। ବାଲି ଘାଟର ମାଲିକ ମାଝିଙ୍କ ଇଙ୍ଗିତ ଏହି ଟ୍ରାନଜିଟ ପାସ୍‌ର ଏକାଧିକ ବ୍ୟବହାର କରାଯାଉଥିବା ଜାଣି ପୋଲିସ ବାଲିଘାଟ ମାଲିକ ମାଧବ ଚନ୍ଦ୍ର ମାଝିଙ୍କୁ ମଧ୍ୟ ଗିରଫ କରିଥିଲା। ପୋଲିସ ଏନେଇ ବଡବିଲ ଥାନାରେ ମାମଲା (ନଂ. ୭୯/୨୦) ଦଫା ୩୭୯,୪୧୧, ୪୨୦, ୪୬୮, ୪୭୧, ୩୪ ଆଇପିସି ଓ ୫୧ ଏମଏମଡିଆର ଆକ୍ଟରେ ମାମଲା ରୁଜୁ କରି ଶୁକ୍ରବାର କୋର୍ଟଚାଲାଣ କରଛି। ପୋଲିସ ଆଇଆଇସି ଦାସଙ୍କ ସୂଚନା ଅନୁଯାୟୀ, ପ୍ରତ୍ୟେକ ଟ୍ରାନ୍‌ଜଟ ପାସ୍‌ଗୁଡିକରେ ମ୍ୟାଜିକ ପେନ ସାହାଯ୍ୟରେ ଲେଖାଯାଇ ବାଲି ଟ୍ରକଗୁଡିକ ଗନ୍ତବ୍ୟସ୍ଥଳରେ ଅନଲୋଡ କରାଯାଉଥିଲା। ଅନଲୋଡ ପରେ ଟ୍ରକଗୁଡିକ ବାଲି ଘାଟରେ ଉକ୍ତ ଟ୍ରାନଜିଟ ପାସ୍‌ଗୁଡିକ ଜମା କରୁଥିଲେ। ଏହାପରେ ଏକ ଲାଇଟର ସାହାଯ୍ୟରେ ଉକ୍ତ ଟ୍ରାନଜିଟ ପାସ୍‌ଗୁଡିକର ଲେଖାକୁ ଅତି ସହଜରେ ଲିଭାଯାଇ ପୁନଃ ବ୍ୟବହାର କରାଯାଇପାରୁଥିଲା। ଦୈନିକ ଏଭଳି ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରାଯାଉଥିବାରୁ ସରକାରଙ୍କର ଦୈନିକ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ଘଟୁଥିବା ଆକଳନ କରାଯାଇଛି। ଜବତ ହାଇୱାଗୁଡିକ ହେଲା ଓଡି୦୯ଏଲ ୭୪୫୨, ଓଡି୦୯ସି ୩୩୭୧, ଓଡି୦୯ପି ୩୩୭୨, ଓଡି୦୯କେ ୬୩୦୦, ଓଡି୦୯ଜି ୨୫୦୭, ଓଆର୨୩ବି ୭୩୮୪ ଏବଂ ଓଡି୦୯ଜି ୫୯୩୫।



ଗିରଫ ଅଭିଯୁକ୍ତମାନେ।

## ସଂକ୍ଷେପରେ

### ୧୨ ସ୍କୁଲ, ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର

ଛତ୍ରପୁର,୫।୬(ଡି.ଏନ୍.ଏ.): ଗଞ୍ଜାମ ଜିଲାର ୧୨ ସ୍କୁଲ ଓ ଅନୁଷ୍ଠାନ ପ୍ରକୃତି ମିତ୍ର ପୁରସ୍କାର ନିମନ୍ତେ ଚୟନ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଏହାର ତାଲିକା ପ୍ରକାଶ ପାଇଛି। ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ସ୍କୁଲ, ଗୋଳାବନ୍ଧ ବନ ସୁରକ୍ଷା ସମିତି, ଛତ୍ରପୁର ଅନସ୍ଲୋ ସରକାରୀ ହାଇସ୍କୁଲ, ଦିଗପହଣ୍ଡିର ସତ୍ୟସାଇ ସେବା ସମିତି, ହିଞ୍ଜିଳି ସରକାରୀ ବାଳିକା ହାଇସ୍କୁଲ ତାଲିକାରେ ରହିଛି। ସେହିପରି ବିଡ଼ିପୁରର ଚନ୍ଦ୍ରଶେଖର ଆଞ୍ଚଳିକ ବାଳିକା ହାଇସ୍କୁଲ, ବଡଚନ୍ଧିଆପଦା ସିଦ୍ଧେଶ୍ୱର ହାଇସ୍କୁଲ, ଦାନପୁରର ଶ୍ରୀ ଝାଡ଼େଶ୍ୱର ହାଇସ୍କୁଲ, ପୋଲରାଜପୁର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ସ୍କୁଲ, ସାନବରଗାଁର ଲିଙ୍ଗରାଜ ହାଇସ୍କୁଲ, ଭୂତସରସିଂ ହାଇସ୍କୁଲ ଓ କନିଷି ବାଲାଜୀ ବିଦ୍ୟାପୀଠ ପ୍ରକୃତି ମିତ୍ର ପୁରସ୍କାର ପାଇଁ ତାଲିକାରେ ରହିଛି।

### ବେଆଇନ ବାଲିଚାଲାଣ, ୩ ଟ୍ରାକ୍ଟର ଜବତ

ଭଞ୍ଜନଗର,୫।୬(ଡି.ଏନ.ଏ.): ବେଲଗୁଣ୍ଠା ଫାଣ୍ଡି ପୋଲିସ ଶୁକ୍ରବାର ବେଆଇନ ଭାବେ ବାଲିଚାଲାଣ ଅଭିଯୋଗରେ ୩ ଟ୍ରାକ୍ଟରକୁ ଜବତ କରିଛି। ଏହି ଘଟଣାରେ ଗାଡ଼ି ଚାଳକ ତଥା ମାଲିକଙ୍କୁ ମଧ ଗିରଫ କରାଯାଇଛି। ବଡ଼ନଦୀର ପାଟୁଳିସାହି ଓ ନୂଆଗାଁଠାରୁ ଚୋରାରେ ବାଲି ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

### ସିଂହାସନୀ ଶକ୍ତିପୀଠରେ ହେବନି ରଜପର୍ବ

ପୋଲସରା,୫।୬(ଡି.ଏନ୍.ଏ.): ପୋଲସରା ବ୍ଲକ ପାଣ୍ଡିରିପଦା ପଞ୍ଚାୟତ କସିପଡା ସ୍ଥିତ ମା'ସିଂହାସନୀ ଶକ୍ତିପୀଠରେ ଏଥର ରଜ ପର୍ବ ହେବନି। ଶୁକ୍ରବାର ପୋଲସରା ବିଧାୟକ ତଥା ସିଂହାସନୀ ଉନ୍ନୟନ କମିଟିର ଅଧକ୍ଷ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କରୋନା ପାଇଁ ଚଳିତବର୍ଷ ରଜ ପର୍ବକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। କେବଳ ବିଧି ମୁତାବକ ସରକାରୀ ନୀତିନିୟମ ଅନୁଯାୟୀ ପାଳନ କରାଯିବ। ବୈଠକରେ ପୋଲସରା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ବିଡ଼ିଓ ଶମ୍ଭୁନାଥ ନନ୍ଦି, ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଅଗ୍ରତା ସିଏଲ୍ଏଫଙ୍କୁ ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱ

ବ୍ରହ୍ମପୁର ଅଫିସ,୫।୬- ବ୍ରହ୍ମପୁର ମହୁଡ଼ାଠାରେ ଥିବା ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱ ଅଗ୍ରତା ସିଟି ଲେବଲ ଫେଡେରେଶନ(ସିଏଲଏଫ)କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ପରିସରରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା, ପ୍ରିନ୍ସିପାଲ ସଚିବ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପ୍ରମୁଖଙ୍କ ଉପସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମରେ କାର୍ଯ୍ୟରତ ଅଗ୍ରତା ସିଟି ଲେବଲ ଫେଡେରେଶନକୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଆରଡିସିଙ୍କ କାର୍ଯ୍ୟାଳୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ପିଡି ଡୁଡା ସୁଦାମ ଚରଣ ମଣ୍ଡଳ, ପ୍ଲାଣ୍ଟର ଟେକ୍ନିକାଲ ସପର୍ଟ ୟୁନିଟର ବିଭୁଦତ୍ତ ସାହୁଙ୍କ ସମେତ ଅଗ୍ରତା ସିଏଲଏଫର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗରିବଙ୍କୁ ଅବହେଳା ପ୍ରତିବାଦରେ ପଦଯାତ୍ରା

ବ୍ରହ୍ମପୁର ଅଫିସ,୫।୬



ପୁରୁଣା ବସଷ୍ଟାଣ୍ଡଠାରେ ନାଗରିକ ସାମ୍ମୁଖ୍ୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନାଗରିକ ସାମ୍ମୁଖ୍ୟର ଦାବିପତ୍ର**

କରୋନା ମୁକାବିଲା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନରେ ଗରିବ ଓ ପ୍ରବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରାଯାଉଥିବା ପ୍ରତିବାଦରେ ଶୁକ୍ରବାର ନାଗରିକ ସାମ୍ମୁଖ୍ୟ ପକ୍ଷରୁ ପଦଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୁଣା ବସଷ୍ଟାଣ୍ଡରୁ ପଦଯାତ୍ରା ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ପ୍ରବାସୀ ଶ୍ରମିକଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା, ପ୍ରବାସୀଙ୍କ ସମେତ ସମସ୍ତ ଗରିବଙ୍କୁ ବର୍ଷତମାମ ନିଯୁକ୍ତି ଯୋଗାଇବା, ଲକ୍‌ଡାଉନ୍ ଆରମ୍ଭ ଠାରୁ ଦୁଇମାସ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ, ଅଚଳ ହୋଇପଡିଥିବା ଚିନିକଳ, ଲୁଗାକଳ, ଝୋଟ କଳ, କାଗଜ କଳ ଆଦିକୁ କାର୍ଯ୍ୟକ୍ଷମ କରିବା, ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଫି' ଛାଡ କରିବା, ଏମ୍‌ଜିଏନଆର୍‌ଇଜିଏସରେ ସର୍ବନିମ୍ନ ମଜୁରୀ ୩ ଶହ ଟଙ୍କାକୁ ବୃଦ୍ଧି କରିବା ଆଦି ଉଲ୍ଲେଖ କରାଯାଇଥିଲା। ନାଗରିକ ସାମ୍ମୁଖ୍ୟର ଆବାହକ ଭଗବାନ ସାହୁ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶଙ୍କର ସାହୁ, ସୋମନାଥ ବେହେରା, ଅବନୀ ଗୟା ପ୍ରମୁଖଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# କନ୍ଧମାଳରେ ଆକ୍ରାନ୍ତ ସଂଖ୍ୟା ୨୫ ଛୁଇଁଲା

ଫୁଲବାଣୀ ଅଫିସ, ୫।୬

**କରୋନାରୁ ସୁସ୍ଥ ହେଲେ ଆଉ ୭**

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଗୁରୁବାର ସୁଦ୍ଧା ଜିଲାରେ ୨୨ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଶୁକ୍ରବାର ଆଉ ୩ ଜଣଙ୍କ ସ୍ୱାବ୍ ନମୁନା ପଜିଟିଭ୍ ଆସିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇରେ ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶୁକ୍ରବାର ଗୋଟିଏ ଦିନରେ ୭ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୩ ଜଣ ସୁସ୍ଥ ହୋଇଥିବା ବେଳେ ବାକି ୧୨ ଜଣ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଚିହ୍ନଟ ହୋଇଥିବା ୩ ସଂକ୍ରମିତଙ୍କ ମଧ୍ୟରେ ଜଣେ ପୁରୁଷ ଏବଂ ଦୁଇ ଜଣ ମହିଳା। ପୁରୁଷ ଜଣକ ତେଲଙ୍ଗାନାରୁ ଏବଂ ମହିଳାଦ୍ୱୟ ତାମିଲନାଡୁରୁ ଫେରି କ୍ୱାରାଣ୍ଟାଇନରେ ରହିଥିଲେ। ତେଣୁ କେହି ଭୟଭୀତ ହେବାର ଆଶଂକା ନାହିଁ। ସମସ୍ତଙ୍କୁ ଜିଲା କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଗଞ୍ଜାମରେ ପୁଣି ୩୫ ସୁସ୍ଥ

ଛତ୍ରପୁର,୫।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଶୁକ୍ରବାର ପୁଣି ୩୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଫଳରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୮୯ରେ ପହଞ୍ଚିଛି। ଅପରପକ୍ଷେ ଶୁକ୍ରବାର ଜିଲାରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩'କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ୫୩୩ଜଣଙ୍କ ଠାରେ କରୋନା ପଜିଟିଭ ବାହାରିଛି।

# ବିପିୟୁଟି ଛାତ୍ରସଂଘର ଦାବିପତ୍ର ପ୍ରଦାନ

ବ୍ରହ୍ମପୁର ଅଫିସ,୫।୬

**ଫାର୍ମାସୀ ଶେଷ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍ କରିବାକୁ ଦାବି**

ବିପିୟୁଟି ଅଧୀନସ୍ଥ ଫାର୍ମାସୀ କଲେଜଗୁଡିକରେ ହେବାକୁ ଥିବା ଫାର୍ମାସୀ ପାଠ୍ୟକ୍ରମର ଶେଷ ସେମିଷ୍ଟର ପରୀକ୍ଷାକୁ ଅନଲାଇନ୍‌ରେ କରିବାକୁ ଦାବି ହୋଇଛି। ଅଲ ଓଡିଶା ବିପିୟୁଟି ଛାତ୍ର ସଂଘ ପକ୍ଷରୁ ଶୁକ୍ରବାର ଏ ନେଇ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସଂକ୍ରମଣ ରୋକିବାକୁ ସରକାର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜୁନ ୨୦ରୁ ଜୁଲାଇ ୨୪ ମଧ୍ୟରେ ଶେଷ ସେମିଷ୍ଟର ପରୀକ୍ଷା କରିବାକୁ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ କରୋନା କଟକଣା ଯୋଗୁ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିବା ଅସମ୍ଭବ। ତେଣୁ ଏହାକୁ ବିଚାର କରିବା ସହ ପରୀକ୍ଷା କେନ୍ଦ୍ର ମଧ୍ୟରେ ନ କରି ଅନ୍‌ଲାଇନ୍ ମାଧ୍ୟମରେ କରିବା କିମ୍ବା ପୂର୍ବ ସେମିଷ୍ଟର ମାର୍କ ଅନୁଯାୟୀ ଶେଷ ସେମିଷ୍ଟରର ମାର୍କ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ତାରିଣୀ ଚରଣ ତ୍ରିପାଠୀଙ୍କ ସମେତ ଆର୍ତ୍ତତ୍ରାଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ବର୍ଜନ, ଚାରାରୋପଣ କରିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୫।୬

ବିଶ୍ୱ ପରିବେଶ ଦିବସ ଅବସରରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଖେଳ ପଡିଆ ପରିସରରେ ସଚେତନତା କାର୍ଯ୍ୟକ୍ରମ ସହ ଚାରାରୋପଣ ହୋଇଥିଲା। ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗଞ୍ଜାମ ଜିଲା ବିଜେଡି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଜିଲା ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ ସହ ପ୍ରତ୍ୟେକ ଚାରାରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅସରରେ ମେଡିକାଲ ଖେଳପଡିଆ ପରିସରରେ ୫୦୦ ନିମ, ଛତିଆନ, ବଉଳ ଆଦି ଚାରାରୋପଣ କରାଯାଇଥିଲା।

# ବନ୍ଦ ହେବ ଧରାକୋଟଗଡ଼ ରଥଯାତ୍ରା

ଧରାକୋଟ,୫।୬(ଡି.ଏନ.ଏ.)


ଠାକୁରଙ୍କ ହାତୀବେଶ।

ଧରାକୋଟଗଡ଼ର ରଥଯାତ୍ରା ଚଳିତ ବର୍ଷ ହେବନାହିଁ। ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଗୁଣ୍ଡିଚା ଯାତ୍ରା କରୋନା ମହାମାରୀ ଯୋଗୁ ବନ୍ଦ କରାଯାଇଥିବା ଦେବୋତ୍ତର ଗୁମାସ୍ତା ଅଶୋକ କୁମାର ଗୌଡ କହିଛନ୍ତି। ଶୁକ୍ରବାର ଜଗନ୍ନାଥ ମନ୍ଦିର ପରିସରରେ ଥିବା ସ୍ନାନ ବେଦୀରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଇବା ପରେ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ସ୍ନାନନୀତି। ସୀମିତ ଭକ୍ତଙ୍କ ମଧ୍ୟରେ ଏହା କରାଯାଇଥିଲା। ପୋଲିସ ପ୍ରଶାସନର ଉପସ୍ଥିତିରେ ରାଜ ପୁରୋହିତ କୈଳାଶ ଚନ୍ଦ୍ର ମିଶ୍ର, ବଡ଼ପଣ୍ଡା ତ୍ରିନାଥ ପଣ୍ଡା ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। ପରେ ଠାକୁରଙ୍କ ହାତୀ ବେଶରେ ସଜା ଯାଇଥିଲା।

# ହତ୍ୟା ଉଦ୍ୟମ ମାମଲା, ୮ ଗିରଫ

ଆସିକା,୫।୬(ଡି.ଏନ୍.ଏ.)

ଆସିକା ଥାନା ସାହାସପୁର ଗ୍ରାମରେ ବୁଧବାର ଘଟିଥିବା ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଗୁରୁବାର ୮ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧରାକୋଟ ଥାନା ଚମ୍ପାପଲ୍ଲୀର ଗୋପୀନାଥ ନାଇକ, ଦିଲୀପ ନାଇକ, ଧଡିଆ ନାଇକ, ବିଦୁ ନାଇକ, ରାଘବ ନାଇକ, ନବୀନ ନାଇକ, ଟିକି ନାଇକ ଓ ଆକାଶ ନାଇକ। ଅଭିଯୁକ୍ତଙ୍କ ନିକଟରୁ ଏକ କାତି ଜବତ ହୋଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଚମ୍ପାପଲ୍ଲୀରୁ ଆସି ସାହାସପୁର ଛକରେ ହୋହଲ୍ଲା କରୁଥିଲେ। ସାହାସପୁରର ବସନ୍ତ ଗୌଡ ଏପରି କରିବାକୁ ବାରଣ କରିବାରୁ ତାଙ୍କୁ କାତିରେ ଆକ୍ରମଣ କରିଥିଲେ। ନଂ.୩୦୬/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ମଦ କାରବାର, ଜୁଆ ଆଡ୍ଡାରେ ଚଢ଼ାଉ: ୩୪ ଗିରଫ

ଛତ୍ରପୁର,୫।୬(ଡି.ଏନ୍.ଏ .)

**ମାସ୍କ ନ ପିନ୍ଧି ଜରିମାନା ଦେଲେ ୪୧ ହଜାର**

ଲକ୍‌ଡାଉନ୍ ଅବଧି ବୃଦ୍ଧି ପରେ ଗଞ୍ଜାମରେ ପ୍ରଶାସନ, ପୋଲିସ ଓ ଅବକାରୀ ବିଭାଗ ଧରପଗଡ଼ ଜାରି ରଖିଛନ୍ତି। କୋଭିଡ୍ ଗାଇଡ ଲାଇନ, ମାସ୍କ ପିନ୍ଧିବା, ଦୋକାନ ଓ ସର୍ବସାଧାରଣ ସ୍ଥାନରେ ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଉଛି କି ନାହିଁ ଜିଲାସାରା ଯାଞ୍ଚ ଚାଲିଛି। ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ ହେଉଛି। ସେହିପରି ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚୋରାମଦ ବିକ୍ରି ଓ ବିଭିନ୍ନ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଉଛି। ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ୨୪ ଘଣ୍ଟାରେ ୪ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ଉକ୍ତ ସ୍ଥାନଗୁଡିକରୁ ୨୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ ୮୫,୩୨୦ ଟଙ୍କା, ୫ ବାଇକ୍ ଓ ୭ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏ ନେଇ ପୋଲସରା ଓ ଖଲ୍ଲିକୋଟ ଥାନାରେ ଗୋଟିଏ ଲେଖାଏ ଏବଂ ପାଟପୁର ଥାନାରେ ୨ ମାମଲା ରୁଜୁ ହୋଇଥିବା ଏସ୍‌ପି ବ୍ରିଜେଶ କୁମାର ରୟ ଶୁକ୍ରବାର ଟୁଇଟ କରି ସୂଚନା ଦେଇଛନ୍ତି। ସେହିପରି ୨୪ ଘଣ୍ଟା ମଧ୍ୟରେ ମାସ୍କ ନ ପିନ୍ଧି ଥିବା ଲୋକଙ୍କ ଠାରୁ ବିଭିନ୍ନ ଥାନା ପକ୍ଷରୁ ୪୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ବିଭିନ୍ନ ସ୍ଥାନରୁ ୧୪୪୯.୪ ଲିଟର ମଦ, ୧୧ ଟି ଗାଡି ପୋଲିସ ଜବତ କରିଛି। ବେଆଇନ ମଦ କାରବାର ଉପରେ ଅବକାରୀ ବିଭାଗ ଚଢ଼ାଉ କରି ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ସ୍ଥାନରୁ ୨୭୩ ଲିଟର ଦେଶୀ ମଦ, ୬ ବାଇକ ଓ ଗୋଟିଏ ସାଇକେଲ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରାଯାଇଛି। କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଓ ଖଲ୍ଲିକୋଟ ଅବକାରୀ ଥାନା ଓ ଛତ୍ରପୁର ଅବକାରୀ ଷ୍ଟ୍ରାଇକିଙ୍ଗ ଫୋର୍ସ ଚଢ଼ାଉରେ ସାମିଲ ଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଇଆଇଏ ପ୍ରତ୍ୟାହାର ଦାବିରେ ଧାରଣା

ବ୍ରହ୍ମପୁର ଅଫିସ,୫।୬



ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତିଙ୍କ ସମେତ ଅନ୍ୟମାନେ ଧାରଣା ଦେଇଛନ୍ତି।

ପରିବେଶ ସୁରକ୍ଷା ଆଇନ ପ୍ରଭାବ(ଇଆଇଏ)କୁ ଆକଳନ, ଅଧ୍ୟୟନର ଖୋଲା ଆଲୋଚନା ତଥା ବିନା ଜନଶୁଣାଣିରେ କମ୍ପାନୀ ହାତକୁ ପ୍ରାକୃତିକ ସମ୍ପଦ ହସ୍ତାନ୍ତର କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିରୋଧ କରି ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରା ଓ ଜନଜାଗରଣର ଆବାହକ ମଧୁସୂଦନ ସେଠୀ ଶୁକ୍ରବାର ବିଶ୍ୱ ପରିବେଶ ଦିବସରେ ବ୍ରହ୍ମପୁର ଗାନ୍ଧୀନଗର ଛକସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୧୨ ଘଣ୍ଟା ଉପବାସ ରହି ଧାରଣା ଦେଇଥିଲେ। ପରିବେଶ ପ୍ରଭାବକୁ ବଦଳାଇବା ଅଗଣତାନ୍ତ୍ରିକ, ସମ୍ବିଧାନ ବିରୋଧୀ ପ୍ରକୃତି ବିରୋଧୀ କାର୍ଯ୍ୟ। ଏହାକୁ ବନ୍ଦ କରିବା, କେରଳରେ ଗର୍ଭବତୀ ହାତୀକୁ ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟାଙ୍କ ସମେତ ଲକ୍ଷ୍ମୀନୃସିଂହ ରଥ, ଶଙ୍କର ସାହୁ, ରମେଶ ଚନ୍ଦ୍ର ସାହୁଙ୍କ ସମେତ ବହୁ ସମାଜସେବୀ ଏଥିରେ ସାମିଲ ହୋଇଥିଲେ।

# ନାଳ ଖୋଳାବେଳେ ବିସ୍ଫୋରଣ, ୩ ଗୁରୁତର

କବିସୂର୍ଯ୍ୟନଗର,୫।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବାଉଁଶିଆ ପଞ୍ଚାୟତ ବି.ନୂଆପଲ୍ଲୀ ଗ୍ରାମରେ ଶୁକ୍ରବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନାଳ ଖୋଳା ଚାଲିଥିବାବେଳେ ବିସ୍ଫୋରଣ ଘଟି ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ଗୌଡ଼, ବୁଲୁ ପ୍ରଧାନ ଓ କେଶବ ଚନ୍ଦ୍ର ଗୌଡ଼। ସେମାନଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଛି। ଗ୍ରାମର ତଳଝରଣାଠାରୁ ଅନୁସୂଚିତଜାତି ସାହି ପର୍ଯ୍ୟନ୍ତ ନାଳ ଖୋଳା କାମ ଚାଲିଥିଲା। ୧୦ରୁ ୧୨ ଜଣ ଶ୍ରମିକ କାମ କରୁଥିଲେ। କୋଡିରେ ଖୋଳିବା ବେଳେ ଜୋର୍‌ରେ ଶବ୍ଦ ହେବା ସହ ୩ ଶ୍ରମିକ ଗୁରୁତର ହୋଇଥିଲେ। ସେମାନଙ୍କ ଦେହମୁହଁରେ କାଚ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନ୍ୟ ଶ୍ରମିକ ମେଡିକାଲ ନେଇଥିଲେ। କବିସୂର୍ଯ୍ୟନଗର ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ବୋମାର କୌଣସି ସନ୍ଧାନ ମିଳି ନ ଥିଲା। କୌଣସି କାଚ ବୋତଲ ଉପରେ ଜୋରରେ କୋଡି ମାଡ଼ ହେବାରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନାଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି।

# କିଆବୁଦାରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଛତ୍ରପୁର,୫।୬(ଡି.ଏନ.ଏ.)

ଛତ୍ରପୁର ବ୍ୟାଙ୍କ କଲୋନୀ ନିକଟ କିଆବୁଦାରୁ ଶୁକ୍ରବାର ସକାଳେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଥିଲା। ଅପରାହ୍ନରେ ତାକୁ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ପଠାଯାଇଛି। ଭୋର୍‌ରେ ଦୁଇ ଭଉଣୀ ଭାଇ ଭଉଣୀ କିଆଫୁଲ ତୋଳିବାକୁ ଯାଉଥିବା ବେଳେ ଶିଶୁ କାନ୍ଦ ଶୁଣିଥିଲେ। ପରେ କିଆବୁଦାରେ ନବଜାତ ଶିଶୁପୁତ୍ରକୁ ଦେଖିଥିଲେ। ଶିଶୁଟିକୁ ଛତ୍ରପୁର ହସ୍ପିଟାଲକୁ ଆଣି ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ। ସେ ସୁସ୍ଥ ଥିବା ଜଣାପଡିବାରୁ ଘରକୁ ନେଇଥିଲେ। ଅପରାହ୍ନରେ ଚାଇଲ୍ଡ ଲାଇନ୍ କର୍ମଚାରୀ ତାହାକୁ ନେଇଛନ୍ତି।

# ୨ ଖଇନି କମ୍ପାନୀରେ ଚଢ଼ାଉ, ୩ ଗିରଫ

ଆସିକା,୫।୬(ଡି.ଏନ୍.ଏ.)


**୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଖଇନି, ଯନ୍ତ୍ରାଂଶ ଜବତ**

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତା ନିକଟ ଗାଙ୍ଗପୁର ଠାରେ ବେଆଇନଭାବେ ଚାଲିଥିବା ଦୁଇଟି ଖଇନି କମ୍ପାନୀ ଉପରେ ଶୁକ୍ରବାର ଗାଙ୍ଗପୁର ପୋଲିସ ଚଢାଉ କରିଥିଲା। ସେଠାରୁ ବିପୁଳ ପରିମାଣର ଖଇନି, ଖଇନି ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ଓ ଯନ୍ତ୍ରାଂଶ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହେଲେ ସୁରେନ୍ଦ୍ର ସ୍ୱାଇଁ, ଶଙ୍କର ପାତ୍ର ଓ ଦୁର୍ଯ୍ୟୋଧନ ନାୟକ। ଗାଙ୍ଗପୁର ଠାରେ ବେଆଇନ ଖଇନି କମ୍ପାନୀ ଚାଲିଥିବା ଗାଙ୍ଗପୁର ପୋଲିସକୁ ଖବର ମିଳିଥିଲା। ଭଞ୍ଜନଗର ସିଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଥାନା ଅଧିକାରୀ ଧୀରେଶ କୁମାର ଦାସ ଶସସ୍ତ୍ର ପୋଲିସ ଫୋର୍ସ ସହ ଶୁକ୍ରବାର ଭୋରରୁ ଚଢାଉ କରିଥିଲେ। ସେଠାରୁ ୨୫ ହଜାରରୁ ଉର୍ଦ୍ଧ୍ୱ ଖଇନି ପ୍ୟାକେଟ, ୧୫୦ ବସ୍ତାରୁ ଉର୍ଦ୍ଧ୍ୱ ଧୂଆଁପତ୍ର, ଚୁନ ଓ ଅନ୍ୟ କଞ୍ଚାମାଲ ଜବତ କରିଥିଲେ। ଜବତ ଯନ୍ତ୍ରାଂଶ ମଧ୍ୟରେ ଖଇନି ମିକ୍ସଚର ମେଶିନ୍, ସିଲିଂ ମେଶିନ୍ ଓ ଓଜନ ଯନ୍ତ୍ର ରହିଛି। ଯାହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ କହିଛନ୍ତି। ଏହି ମାମଲାରେ ପୋଲିସ ଦୁଇଟି କାରଖାନାର ୩ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ଖସି ପଳାଇଥିଲେ। ଏନେଇ ଗାଙ୍ଗପୁର ଥାନାରେ ନଂ.୧୫୦ ଓ ୧୫୧/୨୦ରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

# ଧାନ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଜମି ଚିହ୍ନଟ ଦାବି

ଭଞ୍ଜନଗର,୫।୬(ଡି.ଏନ.ଏ)


ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଞ୍ଜନଗରରେ ସ୍ୱୟଂଚାଳିତ ଧାନ ବିହନ ପ୍ରକ୍ରୟାକରଣ ପ୍ଲାଣ୍ଟ ସ୍ଥାପନ କରାଯିବ। ତେବେ ଏଥିପାଇଁ ଜମି ଅଭାବ ଯୋଗୁ କାର୍ଯ୍ୟ ଅଗ୍ରଗତି ହୋଇ ପାରୁନାହିଁ। ଅନ୍ୟପକ୍ଷରେ କୃଷି ଫାର୍ମ ପରିସରରେ ଥିବା ଧାନବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ରୁଗ୍‌ଣ ଦର୍ଶାଇ ନୂଆ ପ୍ଲାଣ୍ଟ ନିର୍ମାଣ ପର୍ଯ୍ୟନ୍ତ ବନ୍ଦ କରି ଦେବାପାଇଁ ଯୋଜନା ଚାଲିଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶୁକ୍ରବାର ଚାଷୀମାନେ ପ୍ଲାଣ୍ଟ ସମ୍ମୁଖରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଭଞ୍ଜନଗର ପ୍ଲାଣ୍ଟରୁ ଚୁକ୍ତି ପ୍ରକାରେ ଫାଉଣ୍ଡେଶନ ବିହନ ଚାଷୀଙ୍କୁ ବର୍ତ୍ତମାନ ଦିଆଯାଉନାହିଁ। ଆସିକା ବାବନପୁରସ୍ଥିତ ପ୍ଲାଣ୍ଟରୁ ଏହି ବିହନ ଆଣିବା ପାଇଁ କୁହାଯାଉଛି; ଯଦ୍ୱାରା ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ଅଞ୍ଚଳର ଚାଷୀମାନେ ଆସିକାକୁ ବିହନ ବିକ୍ରି କରିବାକୁ ଯାଇ ଖର୍ଚ୍ଚାନ୍ତ ହେବେ। ତେଣୁ ରୁଗ୍‌ଣ ଥିବା ଭଞ୍ଜନଗର ପ୍ଲାଣ୍ଟକୁ ସଚଳ ସହ ନୂଆ ପ୍ଲାଣ୍ଟ ସ୍ଥାପନ ପାଇଁ ଆବଶ୍ୟକ ଜମି ପ୍ରଶାସନ ଯୋଗାଇ ଦେଉ ବୋଲି ଚାଷୀମାନେ ଦାବି କରିଛନ୍ତି।

# ସ୍ନାନମଣ୍ଡପରେ ଶ୍ରୀଜୀଉ...


ଶୁକ୍ରବାର ହାତୀବେଶରେ ବରଗଡ଼ ଭଟଲିର ଦଧିବାମନ ଦେବ।


ବୌଦ୍ଧ ଜିଲା ମନମୁଣ୍ଡାସ୍ଥିତ ଦଧିବାମନ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି।


ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ।


ସ୍ନାନ ମଣ୍ଡପରେ ସୁନ୍ଦରଗଡ ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିରର ଶ୍ରୀଜୀଉମାନେ।


ସୋନପୁର ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କୁ ସେବକମାନେ ସ୍ନାନ କରାଉଛନ୍ତି।


ସ୍ନାନ ପରେ ସୋନପୁର ଗଡ଼ ଭିତର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନେ।


ବରଗଡ଼ ଜିଲା ନୃସିଂହନାଥରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଉଛି।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂଆ ଡିଆଇଜି ଜୟନାରାୟଣ ପଙ୍କଜ



**ସମ୍ବଲପୁର,୫।୬(ବ୍ୟୁରୋ):** ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ୪ ବର୍ଷ ଲାଗି କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଆଇପିଏସ୍ ଜୟନାରାୟଣ ପଙ୍କଜଙ୍କୁ ତାଙ୍କ ସ୍ଥାନରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ସମ୍ବଲପୁର ଡିଆଇଜି କାର୍ଯ୍ୟାଳୟରେ ହିମାଂଶୁଙ୍କ ପାଖରୁ ପଙ୍କଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ପଙ୍କଜ ସମ୍ବଲପୁରରେ ଭିଜିଲାନ୍ସ ଏସ୍‌ପି ଥିଲେ। ଏହାସହ କେନ୍ଦୁଝର, ଜଗତସିଂହପୁର ଆଦି ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି। ତେବେ ହିମାଂଶୁ ଲାଲ କେନ୍ଦ୍ର କ୍ୟାବିନେଟ ସଚିବାଳୟରେ ନିର୍ଦ୍ଦେଶକ ଭାବେ କାମ କରିବେ। ୨୦୧୯ ଅଗଷ୍ଟ ୧୯ରେ ଏଠାରେ ଡିଆଇଜି ଭାବେ ଯୋଗ ଦେଇଥିଲେ।

### ଭିଜିଲାନ୍ସ ଜାଲରେ ଅବସରପ୍ରାପ୍ତ କୃଷି ଓଭରସିୟର

**ସୁନ୍ଦରଗଡ, ୫।୬ (ଡି.ଏନ୍.ଏ.):** ବରଗଡ ଜିଲାର ଅବସରପ୍ରାପ୍ତ କୃଷି ଓଭରସିୟର ଫକୀର କର୍ଣ୍ଣଙ୍କ ଅତାବିରା ବାସଭବନ ସମେତ ସୁନ୍ଦରଗଡ, ଭୁବନେଶ୍ୱର ଆଦି ୪ଟିସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢାଉ ଚାଲିଛି । ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ଚଢାଉ ଚାଲିଛି। ସୁନ୍ଦରଗଡରେ ତାଙ୍କ ସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଜିଏନ୍‌ଏମ୍ ଟ୍ରେନିଂ ସ୍କୁଲ ଓ ଭୁବନେଶ୍ୱରସ୍ଥିତ ଭଡାଘରେ ମଧ ଏହି ଚଢାଉ ଚାଲିଛି।

### ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ସମ୍ବଲପୁର,୫।୬(ବ୍ୟୁରୋ):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ମେ ୮ ତାରିଖରେ ବଳାତ୍କାର କରାଯାଇଛି। ଏହି ଘଟଣାକୁ ପ୍ରାୟ ୨୮ ଦିନ ବିତି ଗଲାଣି। ହେଲେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଅଭିଯୋଗ ପ୍ରତ୍ୟାହାର କରିବାକୁ ଅଭିଯୁକ୍ତଙ୍କ ପରିବାର ଓ ସ୍ଥାନୀୟ ଥାନାର ଜଣେ ପୋଲିସ କର୍ମଚାରୀ ବାରମ୍ବାର ଧମକ ଚମକ ଦେଉଛନ୍ତି । ଶେଷରେ ନ୍ୟାୟ ପାଇବାକୁ ସମ୍ପୃକ୍ତ ଦିବ୍ୟାଙ୍ଗ ଯୁବତୀଙ୍କ ପରିବାର ଲୋକେ ଶୁକ୍ରବାର ଏସ୍‌ପି ଅଫିସ ଆସି ଅଭିଯୋଗ କରିଛନ୍ତି। ତେବେ ୭ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କାର୍ଯ୍ୟାଳୟରୁ ଏହି ପରିବାରକୁ ପ୍ରତିଶ୍ରୁତି ମିଳିଛି।

# ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

ବରଗଡ଼ ଅଫିସ୍,୫।୬

*ବରଗଡ଼ ଜିଲାର ଚାଷୀମାନେ ଗୋଟିଏ ପରେ ଗୋଟିଏ ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି । ବର୍ତ୍ତମାନ ରବି ଫସଲ ଅମଳ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଲକ୍ ଡାଉନ୍ ଯୋଗୁ ଏଥର କୃଷି ଶ୍ରମିକଙ୍କ ଅଭାବ ଦେଖାଦେଇଛି। ଫଳରେ ଅମଳ କାର୍ଯ୍ୟ ବିଳମ୍ବିତ ହୋଇ ପଡିଛି । କେବଳ ସେତିକି ନୁହେଁ, ଚାଷୀ ବହୁ କଷ୍ଟରେ ଧାନ ଅମଳ କରିଥିଲେ ସୁଦ୍ଧା ମଣ୍ଡିରେ ତାହା ବିକ୍ରି ହୋଇପାରୁନାହିଁ । ମିଲର୍ସମାନେ ଉଠାଉ ନ ଥିବାରୁ ଦିନ ଦିନ ଧରି ଧାନ ଖୋଲା ଆକାଶ ତଳେ ପଡ଼ିରହୁଛି । ଏଭଳି ସ୍ଥଳେ ମଙ୍ଗଳବାର ହୋଇଥିବା ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ମଣ୍ଡି ଓ ଖଳାରେ ଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜିଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ମିଲର୍ସମାନେ କଟନୀଛଟନୀ ଆରମ୍ଭ କରିଦେଇଥିବା ବେଳେ ଏବେ ବର୍ଷା ସେମାନଙ୍କ ପାଇଁ ସୁଯୋଗ ଆଣିଦେଇଛି। ଅପରପକ୍ଷେ କରୋନା ବିପର୍ଯ୍ୟୟ ସମୟରେ ଧାର୍ଯ୍ୟ ଦରରେ ଧାନ ବିକି ନ ପାରି ଚାଷୀ ଅସୁବିଧା ଭୋଗିବା ଆଶଙ୍କା ରହିଛି ।*

### ଧାନ ବିକି ନ ପାରି ଗୁଲଗୁଲା



"କଳାପାଣି ମଣ୍ଡିରେ ୮/୧୦ ଦିନ ହେଲା, ମୋର ୫୨୦ ପ୍ୟାକେଟ୍ ଧାନ ପଡ଼ି ରହିଛି। ମିଲର୍ସମାନେ ଧାନ ଉଠାଉ ନାହାନ୍ତି। ବର୍ଷାରେ ଧାନସବୁ ଭିଜି ଯାଉଛି। ହେଲେ ଧାନ ଉଠାଣ ଦିଗରେ ପ୍ରଶାସନ କିଛି ପଦକ୍ଷେପ ନେଉ ନାହାନ୍ତି । ଧାନ ବିକ୍ରି କରି ନ ପାରି ଆମେ ଚାଷୀମାନେ ବହୁତ ଗୁଲଗୁଲା ହେଉଛୁ । ଯେତେ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି ।

**–ମହାଦେବ ମହାପାତ୍ର, ଚାଷୀ**

### ମଣ୍ଡିରୁ ନିରାଶରେ ଫେରୁଛୁ



"୨୦ ଏକର ଜମିରେ ଧାନ ଚାଷ କରିଥିଲି। ସେଥିରୁ ଅମଳ ହୋଇଥିବା ଅଧା ଧାନ ବିକିଛି। ଆହୁରି ଅଧେ ଧାନ ମଣ୍ଡିରେ ପଡ଼ି ରହିଛି । ଧାନ ଉଠିବ ଆଶା କରି ସବୁଦିନ ମଣ୍ଡିକୁ ଆସୁଛି । ହେଲେ ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଯାଉନାହିଁ। ନିରାଶରେ ଘରକୁ ଫେରିବାକୁ ପଡୁଛି । ଅନ୍ୟପଟେ ବର୍ଷାରେ ଭିଜି ଧାନ ଖରାପ ହେବାରେ ଲାଗିଛି

**–ସି.ଏଚ୍. ଭେଙ୍କେନା, ଚାଷୀ**

### ପ୍ରଶାସନର ଦୃଷ୍ଟି ପଡୁ



"ଶହେ କୁଇଣ୍ଟାଲ ଧାନ ବିକିଥିଲି। ଆଜି ସେହି ବିକ୍ରି ଧାନର ପ୍ରାପ୍ୟ ରାଶି ଜମା ହୋଇଛି। ମଣ୍ଡିରେ ଆହୁରି ୨୭୦ ପ୍ୟାକେଟ୍ ଧାନ ବିକ୍ରି ଅପେକ୍ଷାରେ ରହିଛି। ମିଲର୍ସ ଆସୁ ନ ଥିବାରୁ ଧାନ ଉଠି ପାରୁନାହିଁ । ବର୍ଷାରେ ନଷ୍ଟ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ।

**–ବିବେକା ପ୍ରଧାନ, ଚାଷୀ**

## ସୁନ୍ଦରଗଡ଼ରେ କରୋନା ଆକ୍ରାନ୍ତ ସଂଖ୍ୟା ୮୧ ଛୁଇଁଲା

**ସୁନ୍ଦରଗଡ, ୫।୬ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲାରେ ପୁଣି ୭ଜଣ (୪ ପୁରୁଷ ଓ ୩ ମହିଳା) କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ୭ଜଣଙ୍କ ମଧରେ ୫ଜଣ ମହାରାଷ୍ଟ୍ର ଫେରନ୍ତା ରହିଛନ୍ତି। ଏମାନେ ବାଲିଶଙ୍କରା ଟିଏମସି କ୍ୱାରାଣ୍ଟାଇନରେ ରହିଥିଲେ। ଅନ୍ୟ ୨ଜଣ ଦିଲ୍ଲୀ ଫେରନ୍ତା ଓ ଏମାନେ ସବଡେଗା ଟିଏମସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ । ସ୍ୱାବ ପରୀକ୍ଷା ପରେ ନମୁନା ପଜିଟିଭ ଆସିବା ପରେ ସମସ୍ତଙ୍କୁ ରାଉରକେଲା କୋଭିଡ-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ୭ଜଣଙ୍କୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୧ ଛୁଇଁଛି। ତେବେ ଏଥିରୁ ବର୍ତ୍ତମାନ ସୁଦ୍ଧା ୪୦ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୧୦ ମାସ ହେଲା ଜଳ ଯୋଗାଣ ପ୍ରକଳ୍ପ ଅଚଳ

ତରଭା,୫।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର ନିବୃତି ନଦୀ କୂଳରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗତ ୧୦ ମାସ ହେଲା ଅଚଳ ହୋଇପଡିଛି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ୪ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୨୫ ଶହ ଲୋକ ବସବାସ କରନ୍ତି । ଗତବର୍ଷ ଅଗଷ୍ଟ ୧୩ ତାରିଖରେ ହୋଇଥିବା ବନ୍ୟାରେ ଗାଁ ଗଣ୍ଡାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିସହ ନଦୀକୂଳରେ ନିର୍ମିତ ପାନୀୟ ଜଳଯୋଗାଣ ପ୍ରକଳ୍ପ ଧସିଯାଇ ବଙ୍କା ହୋଇଯିବା ସହ ସେଠାରେ ୬ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଉକ୍ତ ଗର୍ତ୍ତକୁ ପୋତି ଦିଆଯାଇଛି । ଯଦି ପାଣି ଉକ୍ତ ଟାଙ୍କିକୁ ଚଢାଯାଏ ତାହେଲେ ତାହା ଭୁଶୁଡି ପଡିବାର ଆଶଙ୍କା ରହିଛି । ପୂର୍ବରୁ ଜଳ ଯୋଗାଣ ହେଉଥିବା


ଢଳି ଯାଇଥିବା ଓଭରହେଡ ଟାଙ୍କି।

■୧୫ମିନିଟ ପାଇଁ ଗଭୀର ନଳକୂପରୁ ହେଉଛି ଜଳଯୋଗାଣ

ଗଭୀର ନଳକୂପରୁ ମାତ୍ର ୧୫ ମିନିଟ ପାଇଁ ଜଳ ଯୋଗାଣ ହେଉଛି ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଯୋଗୁ ନଦୀନାଳ,ବନ୍ଧ କଟାର ପାଣି ଶୁଖିବାକୁ ବସିଲାଣି । ନଳକୂପର ଜଳସ୍ତର ମଧ୍ୟ ନିମ୍ନଗାମୀ ହୋଇଯାଇଛି। ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଏ ସମ୍ପର୍କରେ ଆରଡବ୍ଲୁଏସଏସ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ପଚାରିବାରେ ମାସେ ଦେଢମାସ ମଧ୍ୟରେ ଏହି ଜଳଯୋଗାଣ ପ୍ରକଳ୍ପକୁ ଠିକ୍ କରାଯିବ । ପାରାଦୀପରୁ କ୍ରେନ ମଗାଯାଇଛି । ଆସିଲେ ଢଳି ଯାଇଥିବା ପ୍ରକଳ୍ପକୁ ସିଧା କରାଯିବ ବୋଲି ପ୍ରକାଶ କରିଥିଲେ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବରଗଡ଼ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଲା

ବରଗଡ଼ ଅଫିସ୍/ବିଜେପୁର,୫।୬

ବରଗଡ଼ ଜିଲା ବିଜେପୁର ବ୍ଲକ ଅଞ୍ଚଳରେ ଶୁକ୍ରବାର ପୁଣି ୪ ନୂଆଁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି । ଆକ୍ରାନ୍ତମାନେ ତାମିଲନାଡୁ ଫେରନ୍ତା ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ବାନ୍ଦୁପାଲି ସଙ୍ଗରୋଧ କେନ୍ଦ୍ରର ହୋଇଥିବାବେଳେ ଅନ୍ୟ ୩ଜଣ ନିଜ ଘରେ ସଙ୍ଗରୋଧରେ ରହିଥିଲେ। କରୋନା ସଂକ୍ରମିତ ଚିହ୍ନଟ ପରେ ସମ୍ପୃକ୍ତ ଅଞ୍ଚଳ ତଥା ସାତବନ୍ଧ, ଜାରିଂ, କନପୁରୀ, ବାନ୍ଦୁପାଲି ଗ୍ରାମକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି । ପୁରନା, ଲେମଧର, ଏମ.ଗଣ୍ଡପାଲି ଆଦି ଅଞ୍ଚଳକୁ ବଫର୍ ଜୋନ୍ ଘୋଷଣା କରାଯାଇଛି । ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶଥାଉକି, ଏହା ପୂର୍ବରୁ ବିଜେପୁର ବ୍ଲକରେ ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ପୁଣି ନୂଆ ୪ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମଣରେ ବିଜେପୁର ବ୍ଲକ ଜିଲାର ସବାଆଗରେ ରହିଛି । ସେହିପରି ପୂର୍ବରୁ ଭେଡ଼େନ ବ୍ଲକରେ ୪, ଭଟଲି ବ୍ଲକରେ ୨ ଏବଂ ବରଗଡ଼ ସହର ଓ ବରପାଲି ବ୍ଲକରେ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବରଗଡ଼ ସହର ଓ ବରପାଲି ବ୍ଲକର ଆକ୍ରାନ୍ତ ସୁସ୍ଥ ହୋଇ ସାରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବଲାଙ୍ଗୀର: ଆଉ ୩ କରୋନା ଆକ୍ରାନ୍ତ ଚିହ୍ନଟ

ବଲାଙ୍ଗୀର ଅଫିସ/ଲୋଇସିଂହା (ଡି.ଏନ.ଏ.), ୫।୬

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫କୁ ବୃଦ୍ଧି ପାଇଛି। ଗୁରୁବାର ଜିଲାରେ ଆଉ ନୂଆ ତିନିଜଣ ସଂକ୍ରମିତ ସ୍ପଷ୍ଟ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲା ବେଲପଡା ବ୍ଲକର ଦର୍ଲିପାଲି, ଟୁରେକେଲା ବ୍ଲକ୍‌ର ମହଖଣ୍ଡ ଓ ଲୋଇସିଂହା ବ୍ଲକ୍ ବୁଢ଼ୀପଦର ଗାଁରେ ଜଣେ ଲେଖାଏଁ ସମୁଦାୟ ୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାର ୧୦୫ ସଂକ୍ରମିତଙ୍କ ମଧ୍ୟରୁ ୮୧ ଜଣ ସକ୍ରିୟ ରହିଥିବାବେଳେ ୨୪ ଜଣ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ବେଲପଡା ବ୍ଲକ ଦର୍ଲିପାଲିର ସଂକ୍ରମିତ ଜଣକ ପୁନାରୁ ଓ ଟୁରେକେଲା ବ୍ଲକ ମହଖଣ୍ଡର ସଂକ୍ରମିତ ମହାରାଷ୍ଟ୍ରରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଲୋଇସିଂହା ବ୍ଲକ୍ ବୁଢ଼ୀପଦରର ସଂକ୍ରମିତ ଜଣକ ତାମିଲନାଡୁର ତିରପୁରରୁ ଫେରି କ୍ୱାରାଣ୍ଟାଇନ୍‌ରେ ଜୁନ୍ ୩ ପର୍ଯ୍ୟନ୍ତ ରହିବା ପରେ ୪ ତାରିଖରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏଥିପାଇଁ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ସେହି ଗାଁକୁ ଶୁକ୍ରବାର ସକାଳ ୬ଟାରୁ ଶନିବାର ସକାଳ ୬ଟା ଯାଏ ଶଟଡାଉନ ଘୋଷଣା କରିଛନ୍ତି। ଏହି ୩ଜଣଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ଏମାନଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କରୋନା ସଂକ୍ରମଣ ଦୃଷ୍ଟିରୁ ଓଡିଶାର ୧୧ଟି ଜିଲାରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ରହିଛି ।

## ଶ୍ରମିକ ଟ୍ରେନରେ ପ୍ରବାସୀ ମହିଳାଙ୍କ ସନ୍ତାନ ପ୍ରସବ

ଟିଟିଲାଗଡ଼, ୫।୬ (ଡି.ଏନ.ଏ.)

ତେଲେଙ୍ଗାନା ରାଜ୍ୟ ଲିଙ୍ଗମପାଲିରୁ ଶୁକ୍ରବାର ପ୍ରବାସୀ ଶ୍ରମିକଙ୍କୁ ନେଇ ଆସୁଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନରେ ଜଣେ ମହିଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଗୁରୁବାର ସକାଳ ୫।୩୦ରେ ଟ୍ରେନବଲାଙ୍ଗୀର ଜିଲା ଟିଟିଲାଗଡ ଷ୍ଟେଶନରେ ପହଞ୍ଚିବାରୁ ପରିବାର ଲୋକେ ତଥା ସହଯାତ୍ରୀ ସହାୟତା ପାଇଁ ଉପସ୍ଥିତ ଆରପିଏଫଙ୍କୁ ଜଣାଇଥିଲେ। ଷ୍ଟେଶନ ମାଷ୍ଟର ଏସ. ଚକ୍ରବର୍ତ୍ତୀଙ୍କଠାରୁ ସୂଚନା ପାଇ ରେଲବାଇ ଡାକ୍ତର ରଘୁନାଥ ପଣ୍ଡା, ଆରପିଏଫ ପୋଷ୍ଟ କମାଣ୍ଡର ଏମ.ଏସ. କୁମାୱତ, ଷ୍ଟେସନ ମାଷ୍ଟର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଡା. ଶ୍ରୀ ପଣ୍ଡା ଏବଂ ଆରପିଏଫ ଜବାନ ପିପିଇ କିଟ ପରିଧାନ ସହ ଟ୍ରେନରେ ଚିକିତ୍ସା ଆରମ୍ଭ କରିଥିଲେ। ମା' ଓ ଶିଶୁଙ୍କ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ପରୀକ୍ଷା ସହ ୧୦୨ ଆମ୍ବୁଲାନ୍ସ ଯୋଗେ ରେଲବାଇ ଡାକ୍ତରଖାନାକୁ ନିଆଯାଇଥିଲା। ମହିଳା ଜଣକ ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଟୁଡିବାହାଲ ଗ୍ରାମର ପିଣ୍ଟୁର ଛୁରାଙ୍କ ସ୍ତ୍ରୀ ମୀନା କୁମାରୀ ବୋଲି ଆରପିଏଫ ପୋଷ୍ଟ କମାଣ୍ଡର କୁମାୱତ କହିଛନ୍ତି।

## ଋଣ ପରିଶୋଧ କରିବାକୁ ଧମକ, ଜିଲାପାଳଙ୍କୁ ଫେରାଦ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ଝାରସୁଗୁଡ଼ା ଅଫିସ,୫।୬

ବ୍ୟବସାୟ କରି ସ୍ୱାବଲମ୍ବୀ ହେବା ଆଶାରେ ସାପ୍ତାହିକ ଓ ମାସିକ ଋଣ ପ୍ରଦାନକାରୀ ଘରୋଇ ଫାଇନାନ୍ସ କମ୍ପାନୀଗୁଡିକରୁ ଋଣନେଇ ଏବେ ନିର୍ଯାତନାର ଶିକାର ହେଉଛନ୍ତି ଝାରସୁଗୁଡା ଜିଲାର ମହିଳାମାନେ। ଏହିଭଳି ଅଭଯୋଗ କରି ଶୁକ୍ରବାର ବହୁ ମହିଳା ଫାଇନାନ୍ସ କମ୍ପାନୀ ବିରୋଧରେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଋଣ ନେଇ ସେମାନେ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଲକ୍‌ଡାଉନ ଯୋଗୁ ସେମାନଙ୍କ ବ୍ୟବସାୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଫଳରେ ସେମାନେ ଋଣର କିସ୍ତି ଦେବାରେ ସମର୍ଥ ହେଉନାହାନ୍ତି। ଅପରପକ୍ଷରେ ଲକ୍‌ଡାଉନ ସମୟରେ ଋଣ କିସ୍ତି ଆଦାୟ ନ କରିବାକୁ ଆର୍‌ବିଆଇ ନିର୍ଦ୍ଦେଶ ଦେଇଛି। ହେଲେ ଫାଇନାନ୍ସ କର୍ମଚାରୀମାନେ ଘରକୁ ଆସି ଧମକ ଚମକ ଦେଉଛନ୍ତି। ବ୍ୟବସାୟରେ ସୁଧାର ଆସିଲେ ଋଣ ପରିଶୋଧ କରିବେ ବୋଲି କହିଲେ ମଧ ସେମାନଙ୍କ କଥା କେହି ଶୁଣୁ ନ ଥିବା ଜିଲାପାଳଙ୍କୁ ଜଣାଇଛନ୍ତି। କାନ୍ତ ନାଏକ, ସରୋଜିନୀ ପଟେଲ, ସଂଯୁକ୍ତା ଭଇଁସା, ଜ୍ୟୋତ୍ସ୍ନା କରାଲି, ଯଶୋବନ୍ତ ମଚାର, ଲିଲିମା ଚୌହାନ, କଲ୍ୟାଣୀ ଜୟପୁରିଆ ପ୍ରମୁଖଙ୍କ ନେତୃତ୍ୱରେ ବହୁ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ପତ୍ର ଦେଇଥିଲେ।

## ସଂକ୍ଷେପରେ

### ରାଉରକେଲାରେ ପହଞ୍ଚିଲେ ୬୮୧ ପ୍ରବାସୀ ଶ୍ରମିକ

**ରାଉରକେଲା ଅଫିସ,୫।୬:** ତାମିଲନାଡୁର ତିରୁପୁର ଷ୍ଟେଶନରୁ ବାହାରିଥିବା ଏକ ଶ୍ରମିକ ସ୍ପେଶାଲ ଟ୍ରେନ ଶୁକ୍ରବାର ରାଉରକେଲା ଷ୍ଟେଶନରେ ପହଞ୍ଚିଥିଲା । ୬୮୧ ଶ୍ରମିକ ରାଉରକେଲା ଷ୍ଟେଶନରେ ଓହ୍ଲାଇ ନିଜ ନିଜ ଜିଲାକୁ ଯାଇଥିଲେ । ଏଥିପାଇଁ ଜିଲା ପ୍ରଶାସନ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ସମସ୍ତ ଶ୍ରମିକଙ୍କ ଯିବା ପାଇଁ ବସ୍ ବ୍ୟବସ୍ଥା କରାଯାଇଥିଲା । ଶ୍ରମିକମାନଙ୍କୁ ପାଣି ବୋତଲ ସହିତ ବିସ୍କୁଟ ପ୍ରଦାନ କରାଯାଇଥିଲା । ଏଥିସହିତ ସୁନ୍ଦରଗଡ଼ ଓ ବଣେଇରେ ଶ୍ରମିକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ।

### ଅପବ୍ୟବହାର ହେଉଛି ବଡ଼ଗାଁ ଥାନା ଗାଡ଼ି

**ବଡଗାଁ, ୫।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡଗାଁ ଆଦର୍ଶ ଥାନାର ଗାଡିକୁ ଅପବ୍ୟବହାର କରାଯାଉଛି। ଏହି ଗାଡ଼ିରେ ଜଣେ ବେସରକାରୀ ବ୍ୟକ୍ତିଙ୍କୁ ପ୍ରତିଦିନ ନେବା ଆଣିବା କରାଯାଉଛି। ଏହାଦ୍ୱାରା ସରକାରୀ ଟଙ୍କା ଅଯଥା ଖର୍ଚ୍ଚ ହେଉଛି। ଖୁଣ୍ଟମୁଣ୍ଡା ଗ୍ରାମର କେ. ଅଡ୍ଡା ଥାନାରେ କେସ ସମ୍ବନ୍ଧୀୟ ଲେଖା କାମ କରୁଛନ୍ତି। ତାଙ୍କୁ କିନ୍ତୁ ସରକାରୀ ଭାବେ ନିଯୁକ୍ତ କରାଯାଇ ନାହିଁ । ହେଲେ ଥାନା ଗାଡି ତାଙ୍କୁ ୧୦ କି.ମି. ଦୂର ଖୁଣ୍ଟମୁଣ୍ଡା ଗାଁରୁ ଆଣିବା ସହ ପୁଣି ଗାଁରେ ନେଇ ଛାଡୁଛି। ବର୍ଷେ ହେଲା ପୋଲିସ ଗାଡିରେ ତେଲ ଅପବ୍ୟୟ ହେଉଥିଲେ ମଧ ଉଚ୍ଚ ଅଧିକାରୀମାନେ ନୀରବ ଅଛନ୍ତି। ତେବେ ଏ ସମ୍ପର୍କରେ ବଡଗାଁ ଡିଏସ୍‌ପି ସତ୍ୟବ୍ରତ ଦାସଙ୍କୁ ପଚାରିବାରୁ ଘଟଣା ସ୍ୱୀକାର କରିଛନ୍ତି।

### ଟ୍ରକ୍ ଚକା ତଳେ ଯୁବକଙ୍କ ଜୀବନ ଗଲା

**କୁଆଁରମୁଣ୍ଡା,୫।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥର ଭଞ୍ଜଭବନ ଛକ ନିକଟରେ ଶୁକ୍ରବାର ଏକ ଟ୍ରକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାଡ଼ଖଣ୍ଡ ବିରୁ ଅଞ୍ଚଳର ସେବକ ଗୁଆଲା(୪୨) । ଦୁର୍ଘଟଣା ଘଟାଇଥିବା ଟ୍ରକ(ନଂ.ଜେଏଚ୧୦ବିଏଚ୨୧୧୫)କୁ ପୋଲିସ ଜବତ କରିଛି । ସେବକ ଗତ କିଛିଦିନ ହେଲା ବୀରମିତ୍ରପୁର ପୌରାଞ୍ଚଳରେ ଥିବା ନିଜ ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଘଟଣା ଦିନ ସକାଳ ପ୍ରାୟ ୯ଟା୩୦ ସମୟରେ ସେ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ବେଳେ ରାଉରକେଲାରୁ ଝାଡ଼ଖଣ୍ଡ ଯାଉଥିବା ଉକ୍ତ ମାଲବାହୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡ ଉପରେ ଟ୍ରକ ଚକା ଚଢ଼ି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ବୃଦ୍ଧାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ଦେଓଗାଁ, ୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା କୁଡାସିଂହା ପଞ୍ଚାୟତ ଅନ୍ତର୍ଗତ ନୂଆଁପଡାରେ ଶୁକ୍ରବାର ଜନୈକ ବୃଦ୍ଧାଙ୍କୁ ତାଙ୍କ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ହେଉଛନ୍ତି ନୂଆଁପଡା କଲଙ୍ଗାପଡାର ସାବିତ୍ରୀ ରେନ୍ଦିଆ (୬୭) । ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତାଙ୍କ ପୁଅକୁ ସନ୍ଦେହରେ ଅଟକ ରଖି ତଦନ୍ତ ଜାରୀ ରଖିଥିବା ଥାନାଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ପ୍ରାପ୍ତ ସୂଚନାନୁସାରେ କଲଙ୍ଗାପଡାସ୍ଥିତ ଘରେ ଶୁକ୍ରବାର ସାବିତ୍ରୀ ଏକାକୀ ଥିଲେ। ମଧ୍ୟାହ୍ନରେ ବୃଦ୍ଧାଙ୍କ ସ୍ୱାମୀ ଘରକୁ ଆସି ଦେଖିବା ବେଳକୁ ସାବିତ୍ରୀ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଥିଲେ । ତାଙ୍କ ବେକରେ କଟା ଦାଗ ଥିଲା। ଖବର ପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ପୂର୍ବରୁ ବୃଦ୍ଧାଙ୍କ ମୃତ୍ୟୁ ହୋଇ ଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ବର୍ଗଙ୍କ ବୟାନକୁ ଆଧାର କରି ମୃତାଙ୍କ ପୁଅକୁ ସନ୍ଦେହରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଦୈନିକ ୪ ହଜାର ଶ୍ରମିକଙ୍କୁ ରୋଜଗାର ଦେବ ବନ ବିଭାଗ

■ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ସାମିଲ ଲକ୍ଷ୍ୟ
■ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇବା ଉପରେ ଗୁରୁତ୍ୱ
■ସଚେତନତା ରଥର ଶୁଭାରମ୍ଭ

**ସମ୍ବଲପୁର,୫।୬(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଶ୍ରମିକମାନଙ୍କୁ ରୋଜଗାର ସୁବିଧା ଯୋଗାଇ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଯୋଜନାରେ ଜଙ୍ଗଲ ପରିସୀମା ବୃଦ୍ଧି, ସୁରକ୍ଷା ଓ ଉନ୍ନୟନ ମୂଳକ କାମ କରାଯିବ। ଶୁକ୍ରବାର ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରଥ ଯାତ୍ରା ଆରମ୍ଭ କରିଛି। ଆରସିସିଏଫ୍ କାର୍ଯ୍ୟାଳୟରେ ଡିଏଫ୍‌ଓ ଡ. ସଞ୍ଜୀତ କୁମାର ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି।

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବନ ବିଭାଗ ଅଧୀନରେ କାମ କରିବାକୁ ଲୋକମାନଙ୍କୁ ଆହ୍ୱାନ କରାଯିବ। ଯେଉଁମାନଙ୍କ ଜବ୍ କାର୍ଡ ନାହିଁ ସେମାନେ ବ୍ଲକ ଅଫିସ ଯାଇ ଶୀଘ୍ର ଜବ୍‌କାର୍ଡ ତିଆରି କରି କାମ କରିପାରିବେ। ସଦର, ଧମା, ରେଙ୍ଗାଲି, ପଡିଆବାହାଲ, ଟାଉନ ରେଞ୍ଜ ଅଧୀନରେ ଦୈନିକ ୪ ହଜାର ଶ୍ରମିକ ନିୟୋଜିତ କରିବାର



ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ସଚେତନତା ରଥ ଶୁଭାରମ୍ଭ କରାଯାଉଛି ।

ଲକ୍ଷ୍ୟ ରହିଛି ବୋଲି ଡିଏଫ୍‌ଓ କୁମାର କହିଛନ୍ତି। କରୋନ କଟକଣା ଯୋଗୁ ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବା ଏକ ଚ୍ୟାଲେଞ୍ଜ ହୋଇଛି। ତେଣୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ସେମାନଙ୍କ ପାଇଁ ସୁବିଧା ହେବ। ଏହି ଯୋଜନାରେ ଧମା ରେଞ୍ଜ ଅଧୀନ ୫ ପଞ୍ଚାୟତ, ପଡିଆବାହାଲ ରେଞ୍ଜର ୭ ପଞ୍ଚାୟତ, ରେଙ୍ଗାଲି ରେଞ୍ଜର ୭ ପଞ୍ଚାୟତ, ସଦରରେଞ୍ଜର ୧୨ ପଞ୍ଚାୟତ ଓ ଟାଉନ ରେଞ୍ଜରେ କେବଳ କଲାମାଟି ପଞ୍ଚାୟତକୁ ଅର୍ନ୍ତଭୁକ୍ତ କରାଯାଇଛି। ବିଶେଷ କରି ଜଙ୍ଗଲ ରାସ୍ତା ମରାମତି, ଚାରା ରୋପଣ, ହାତୀ ନିରୋଧକ ଖାତ ଖନନ, ଛତୁଛାଷ ପାଇଁ ଗୃହ ନିର୍ମାଣ, ଜିଆଖତ ତିଆରି କରିବା, ଜଙ୍ଗଲର ଉନ୍ନତି କରଣ, ବନ୍ୟପ୍ରାଣୀ, ପକ୍ଷୀମାନଙ୍କ ପାଇଁ ଜଳାଶୟ ନିର୍ମାଣ ଭଳି ପ୍ରକଳ୍ପ ହାତକୁ ନିଆଯିବାର ଯୋଜନା ରହିଛି। ବନ ବିଭାଗ ପ୍ରତି ରେଞ୍ଜରେ ଟୋଲଫ୍ରି ନମ୍ବର ରହିଛି। କୌଣସି ସମସ୍ୟା ଓ କାମ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଫୋନ କରି ଅଧିକ ତଥ୍ୟ ଜାଣିପାରିବେ। ଏହି ଯୋଜନାରେ ଆଗ୍ରହ ବ୍ୟକ୍ତିମାନଙ୍କୁ ରୋଜଗାର ଦେବା ସହ କରୋନା ମୁକାବିଲା ଉପରେ ସଚେତନ କରାଯିବ। ପ୍ରକଳ୍ପ କାମ ଚାଲିଥିବା ସମୟରେ ସାମାଜିକ ଦୂରତା ଓ ଅନ୍ୟାନ୍ୟ କଟକଣା ପାଳନ କରାଯିବ ବୋଲି ଡିଏଫ୍‌ଓ କୁମାର କହିଛନ୍ତି।

# ଆଉ ଜଣେ ଝିଅ ଆଖି ବୁଜିଲେ

**ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**
■ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଆଉ ଜଣେ ଝିଅ
■ପୂର୍ବରୁ ବଡ଼ପୁଅ, ମା' ଓ ବଡ଼ ଝିଅଙ୍କ ମୃତ୍ୟୁ ଘଟିଥିଲା

**ଝାରସୁଗୁଡ଼ା ଅଫିସ,୫।୬**

ସୋମବାର ଝାରସୁଗୁଡ଼ା ଥାନା ବିଟିଏମ୍ ଫାଣ୍ଡି ଅଧୀନ ଲହଣ୍ଡାବୁଡ଼ର ଜଣେ ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ମା'ସମେତ ୩ ଭଉଣୀ ଓ ଭାଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବୁଧବାର ସେହି ପରିବାରର ବଡ଼ ପୁଅ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା ବେଳେ ଗୁରୁବାର ମା' ପୁଷ୍ପବତୀ ଓ ବଡ଼ ଝିଅ ପିଙ୍କିଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଆଉ ଏକ ଝିଅ ବନ୍ଦିତା ଆଖି ବୁଜିଛନ୍ତି। ଏବେ ଆଉ ଜଣେ ଝିଅ ଲିଲି ବୁର୍ଲା ଭିମ୍‌ସାରରେ ମୃତ୍ୟୁ ସହ ସଂଗ୍ରାମ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମସିହାରେ ଝାରସୁଗୁଡ଼ା ସହର ବେହେରାମାଲଠାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଲହଣ୍ଡାବୁଡ଼ର ଦୀପକ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ କୋମା ଅବସ୍ଥାକୁ ଚାଲି ଯାଇଥିଲେ। ଦୀର୍ଘଦିନ ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସି ସେବାଶୁଶ୍ରୂଷା କରିବା ସହିତ ଘରୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଜାରି ରଖିଥିଲେ। ହେଲେ ଗତ ସୋମବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ମ୍ରିୟମାଣ ହୋଇପଡିଥିବା ପରିବାର ସଦସ୍ୟମାନେ ଏକ ସଙ୍ଗରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମୃତକଙ୍କ କୌଣସି ସମ୍ପର୍କୀୟ ମୃତଦେହ ନେବାକୁ ନ ଆସିବାରୁ ଗୁରୁବାର ଖଣ୍ଡାୟତ ସମାଜ ସ୍ଥାନୀୟ ଲୋକଙ୍କ ସହଯୋଗରେ ୪ ଜଣଙ୍କ ଅନ୍ତିମ ସଂସ୍କାର କରିଥିଲା। ଶୁକ୍ରବାର ବନ୍ଦିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଝାରସୁଗୁଡ଼ା ଶବଗୃହରେ ରଖାଯାଇଛି।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧରାପଡ଼ିଲା



**ରାଉରକେଲା ଅଫିସ,୫।୬**

ଶୁକ୍ରବାର ଭୋରୁ ସୁନ୍ଦରଗଡ଼ ଜିଲା ଲାଠିକଟା ମାର୍କେଟ ନିକଟସ୍ଥ ଶହୀଦ ଚୌକ୍‌ରୁ ଏକ ପିକ୍‌ଅପ୍ ଭ୍ୟାନ(ନଂ.ଓଆର୧୬-ଡି ୭୦୦୮)କୁ ପୋଲିସ ଜବତ କରିଛି । ଏହି ପିକ୍‌ଅପ୍ ଭ୍ୟାନ୍‌ରୁ ୯ ଗୋରୁଙ୍କୁ ଉଦ୍ଧାର କରାଯାଇଛି । ଅତି ଦୟନୀୟ ଅବସ୍ଥାରେ ଏହି ଗୋରୁଙ୍କୁ ପିକ୍‌ଅପ୍ ଭ୍ୟାନ୍‌ରେ ରାଉରକେଲା ଅଞ୍ଚଳରୁ ନିଆଯାଉଥିଲା । ରାତିରେ ପାଟ୍ରୋଲିଂ କରୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଉକ୍ତ ଭ୍ୟାନ୍‌କୁ ଜବତ କରିଛି । ଗୋରୁମାନଙ୍କୁ ବେଦବ୍ୟାସ ଗୋଶାଳାରେ ରଖାଯାଇଛି ।

# କୋଭିଡ୍ ପରିଚାଳନା କାର୍ଯ୍ୟକ୍ରମର ସମୀକ୍ଷା

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀର ଜିଲା କୋଭିଡ-୧୯ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବିଭିନ୍ନ ବ୍ଲକର କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରିବା ସହ କୋଭିଡ ପରିଚାଳନା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାରେ ଚାଲିଥିବା ଶ୍ରମଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ, ପ୍ରବୋସନର ଆଇଏଏସ୍ ମନୋଜ ମହାନନ୍ଦ, ସିଡିଏମ୍‌ଓ ଡା ନାରାୟଣ ଥନାପତି ଓ


ଜିଲା କୋଭିଡ୍-୧୯ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି।

ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର କୋଭିଡ ହସ୍ପିଟାଲ, କରୋନା ସ୍ୱାସ୍ଥ୍ୟକେନ୍ଦ୍ର, କରୋନା ସ୍ୱାସ୍ଥ୍ୟ ସୁରକ୍ଷା କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସବିଶେଷ ତଥ୍ୟ ସମୀକ୍ଷା କରିଥିଲେ। ସଙ୍ଗରୋଧ କେନ୍ଦ୍ରଗୁଡିକରୁ ଏବଂ କଣ୍ଟାକ୍ଟ ଟ୍ରେସିଂରୁ ସଂଗୃହୀତ ସ୍ୱାବ୍ ପରୀକ୍ଷା ପରିଚାଳନା ଉପରେ ଆଲୋଚନା କରିଥିଲେ । ଜିଲାରେ କରୋନା ସ୍ଥିତି ଅନୁଧ୍ୟାନ କରି ଲୋକଙ୍କ ଜୀବନ ଓ ଜୀବିକା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଲୋକଙ୍କୁ କାମ ଯୋଗାଇବା ଓ ଠିକ୍ ସମୟରେ ପ୍ରାପ୍ୟ ଯୋଗାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ୩ ମାସର ଅଗ୍ରୀମ ପିଡିଏସ୍ ଯୋଗାଣ ଅଙ୍ଗନୱାଡି ଶିଶୁମାନଙ୍କୁ ଖାଦ୍ୟ ଯୋଗାଣ ଉପରେ ସମୀକ୍ଷା ହୋଇଥିଲା। ଜିଲାରେ କୋଭିଡ ପରିଚାଳନା କାର୍ଯ୍ୟକ୍ରମ ସୂଚାରୁ ରୂପେ ଚାଲିଛି ଓ ଲୋକଙ୍କ ଜୀବନ ଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ପର୍ଯ୍ୟବେକ୍ଷକ ଲୋହାନୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ।

# ପ୍ରବାସୀ ଶ୍ରମିକମାନଙ୍କୁ ଅଧବାଟରେ ଛାଡ଼ି ପଳାଉଛି ବସ୍

**ପାଇକମାଲ,୫।୬(ଡି.ଏନ.ଏ.)**

ବିଭିନ୍ନ ଅଞ୍ଚଳରୁ ଆସୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଗାଡ଼ି ଚାଳକ ଓ ମାଲିକମାନେ ରାଜି ହେଉନାହାନ୍ତି। କରୋନା ସଂକ୍ରମଣ ଭୟ ଏଥିପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି। ଏଣେ ପାଇକମାଲ ବ୍ଲକ ପ୍ରଶାସନ ଗୋଟିଏ ଗାଡ଼ିର ବ୍ୟବସ୍ଥା କରିଥିବାରୁ ସେହି ଶ୍ରମିକମାନେ ରାସ୍ତାକଡ଼ରେ ବହୁ ସମୟ ଧରି ଅଟକି ରହୁଛନ୍ତି। ୨୨ ପଞ୍ଚାୟତ ପାଇଁ ଗୋଟିଏ ଗାଡ଼ି କଣ କରିପାରବ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଏଣେ ଶ୍ରମିକମାନଙ୍କୁ ବିଭିନ୍ନ ରାଜ୍ୟରୁ ଆଣୁଥିବା ବସ୍ ସେମାନଙ୍କୁ ଗୋଟିଏ ସ୍ଥାନରେ ନ ଓହ୍ଲାଇ ବିଭିନ୍ନ ସ୍ଥାନ ଛାଡ଼ି ଫେରାର ମାରୁଥିବା ଅଭିଯୋଗ ହୋଇଛି।

ଶୁକ୍ରବାର ଗୋଟିଏ ବସ୍‌ରେ ୧୪ ଶ୍ରମିକ ଓ ୮ ଜଣ ଶିଶୁ ଆସିଥିଲେ। ବସ୍ ଚାଳକ ସେମାନଙ୍କୁ ପାଇକମାଲ ବ୍ଲକ ନିକଟରେ ଦିନ ସାଢ଼େ ୧ଟାରେ ଛାଡି ପଳାଇଥିବା ଅଭିଯୋଗ ହୋଇଛି। ସେମାନେ ସମସ୍ତେ କାଂଶଡା ପଞ୍ଚାୟତର ଜାଣିବା ପରେ ପ୍ରଶାସନ ପକ୍ଷରୁ ନିୟୋଜିତ ଗାଡିରେ ସମସ୍ତଙ୍କୁ ଅସ୍ଥାୟୀ ଚିକିତ୍ସା ଶିବିର ଛଡାଯାଇଥିଲା। ଏହାପରେ ଆଉ ଏକ ବସରେ ୪୦ଜଣଙ୍କୁ ପାଇକମାଲ ଅସ୍ଥାୟୀ ଚିକିତ୍ସା ଶିବିର ଛଡାଯାଇଥିଲା। ଏହାର କିଛି ସମୟ ପରେ ଏକ ବସ୍ ୯ଜଣ ଶ୍ରମିକଙ୍କୁ ପାଇକମାଲ ମୁଖ୍ୟ ଛକରେ ଛାଡି ଫେରାର ମାରିଥିଲା। ବସରେ ଆସୁଥିବା ଶ୍ରମିକମାନଙ୍କୁ ଅସ୍ଥାୟୀ ଚିକିତ୍ସା ଶିବିର ଛଡ଼ାଯାଉ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହୋଇଛି। ଉପରୋକ୍ତ ବ୍ଲକର ୨୨ ପଞ୍ଚାୟତକୁ ଫେରିବା ପାଇଁ ମୋଟ୍ ୫୨୪୬ ଜଣ ଶ୍ରମିକ ନାମ ପଞ୍ଜିକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩୪୨ ଜଣ ଶ୍ରମିକ ଫେରିଛନ୍ତି।



ବସ୍ ଛାଡ଼ି ଚାଲିଯିବା ପରେ ଶ୍ରମିକମାନେ ରାସ୍ତାକଡ଼ରେ ବସିଛନ୍ତି।

# ସହାୟତା ଦାବି କଲା ବ୍ରାହ୍ମଣ ସମାଜ

**କର୍ଲାମୁଣ୍ଡା, ୫।୬(ଡି.ଏନ.ଏ.)**

କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ମନ୍ଦିର ଓ ଅନ୍ୟାନ୍ୟ ପୂଜାପାଠ ବନ୍ଦ ରହିଛି। ଏ କ୍ଷେତ୍ରରେ ଜୀବିକାନିର୍ବାହ କରୁଥିବା ମନ୍ଦିର ସେବକ ଓ ପୁରୋହିତମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରିଛି ଆଞ୍ଚଳିକ କଳାହାଣ୍ଡି ଜିଲା ଯୋରାଡବ୍ରା ମଣ୍ଡଳ ବ୍ରାହ୍ମଣ ସମାଜ। ଶୁକ୍ରବାର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ପ୍ରଦାନ କରାଯାଇଛି। ଏକ ପ୍ରତିନିଧି ମଣ୍ଡଳୀ ବିଡିଓଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ।

# ଓମପ୍ରକାଶ ହତ୍ୟାକାଣ୍ଡ, ମୁଖ୍ୟ ଅଭିଯୁକ୍ତ ଗିରଫ

**ପାଟଣାଗଡ, ୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ବିଲାଇସାଥି ଗ୍ରାମର ଓମପ୍ରକାଶ ବେହେରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁବାର ପାଟଣାଗଡ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଏସ୍‌ଡିପିଓ ସୁରେଶ ନାଏକ। ଚୋରା ବାଲି ଉଠାଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସଡିପିଓ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ମେ ମାସ ୧୪ତାରିଖ ଦିନ ସଂଘବଦ୍ଧ ଆକ୍ରମଣରେ ସୋଲବନ୍ଧ ଗ୍ରାମର ଓମପ୍ରକାଶଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ମହଣ ମାଝି ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ଥାନାରେ ଏକ ମାମଲା (ନଂ. ୯୬/୨୦) ରୁଜୁ କରି ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲା।

ଗତ ୧୭ ତାରିଖ ଦିନ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚତୁର୍ଭୁଜ ସାହୁ ଏବଂ ରୁଦ୍ରେଶ୍ୱର ଭୁକ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ।

# ଖୋଲାଗଲା ହରିଶଙ୍କର ମନ୍ଦିର ହୁଣ୍ଡି

**ଖପ୍ରାଖୋଲ, ୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ମନ୍ଦିରର ଦାନ ହୁଣ୍ଡିରୁ ୮୦ ହଜାର ୨ ଶହ ୯୮ ଟଙ୍କା ବାହାରିଛି। ଗୁରୁବାର ଦାନ ହୁଣ୍ଡିକୁ ପାଟଣାଗଡ ଦେବୋତ୍ତର ବିଭାଗ ଖୋଲିଥିଲା। ହୁଣ୍ଡି ଖୋଲିବା ଅବସରରେ ପାଟଣାଗଡ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ଦେବୋତ୍ତର ବିଭାଗ କିରାଣୀ ଯଶୋବନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଦେଢବର୍ଷ ପରେ ହୁଣ୍ଡି ଖୋଲା ଯାଇଥିବାରୁ ଅନେକ ଟଙ୍କା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

# ଦାଦନ ଦୁଃଖଠୁ ବଳିପଡ଼ିଛି ଆର୍ଥିକ ଅନଟନ

■ଖଟରେ ପଡ଼ି ଛଟପଟ ହେଉଛନ୍ତି ସଦାନନ୍ଦ
■ପୋଡ଼ା ଘା' ଚିକିତ୍ସା ପାଇଁ ଅର୍ଥ ସାଜିଛି ପ୍ରତିବନ୍ଧକ

**କୋକସରା,୫।୬ (ଡି.ଏନ.ଏ.)**

ତେଲେଙ୍ଗାନା ରାଜ୍ୟ ଭଦ୍ରାଞ୍ଚଳମ ଜିଲା ଅଛିତାପୁରମ ର ଏକ ଇଟାଭାଟିରେ କାମ କରୁଥିଲେ କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ଗ୍ରାମର ଦାଦନ ଶ୍ରମିକ ସଦାନନ୍ଦ ମୁଣ୍ଡା (୨୬) ଓ ସ୍ତ୍ରୀ ଶାନ୍ତି। ଦୁଇ ଝିଅ ଚାନ୍ଦିନୀ (୨) ଓ ପଲ୍ଲବୀ (୬ ମାସ)ବି ମା'ବାପାଙ୍କ ସହିତ ତେଲେଙ୍ଗାନା ଯାଇଥିଲେ। ଇଟାଭାଟିରେ ଦିନରାତି କାମ କରି ସଦାନନ୍ଦ ଓ ଶାନ୍ତି ନିଜ ପରିବାର ଚଳାଉଥିଲେ। ଘରେ ବୁଢା ବାପା ଓ ମାଆଙ୍କ ପାଇଁ ବି ସଦାନନ୍ଦ କିଛି ଟଙ୍କା ପଠାଉଥିଲେ। ହେଲେ ଭାଗ୍ୟ ସାଥ୍ ଦେଲାନି। ଦିନେ ଇଟା ଭାଟିରେ କାମ କରୁଥିବା ବେଳେ ସଦାନନ୍ଦ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଭାବେ ପୋଡି ଯାଇଥିଲେ। ଇଟାଭାଟି ମାଲିକ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିଛିଦିନ ଡାକ୍ତରଖାନାରେ ରହିବା ପରେ ସଦାନନ୍ଦ ସାମାନ୍ୟ ଆରୋଗ୍ୟ ଲାଭ କରିଥିଲେ।

କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ଇଟାଭାଟି ବନ୍ଦ ହୋଇଯାଇଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ସବୁ ପ୍ରବାସୀ ଶ୍ରମିକଙ୍କ ପରି ସଦାନନ୍ଦ ନିଜ ପରିବାର ସହ ଏକ ବସ୍‌ରେ କୋକସରା ଫେରି


ସ୍ତ୍ରୀ ଓ ପିଲାଙ୍କ ସହ ଶଯ୍ୟାଶାୟୀ ସଦାନନ୍ଦ ମୁଣ୍ଡା।

ଆସିଥିଲେ। ସରକାରୀ ନିୟମ ଅନୁଯାୟୀ ତାଙ୍କ ପରିବାର ପ୍ରଥମେ କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିଥିଲେ। ଏବେ ସଦାନନ୍ଦ ପିଲାଙ୍କ ସହ ନିଜ ଗାଁ ଗୋତମୁଣ୍ଡାରେ ରହୁଛନ୍ତି। ହେଲେ ଗାଁକୁ ଫେରିବା ପରେ ବି ସଦାନନ୍ଦଙ୍କ ଦୁଃଖ ସରିନାହିଁ। ସଦାନନ୍ଦଙ୍କ ପୋଡା ଘା ତାଙ୍କୁ ଯନ୍ତ୍ରଣା ଦେଇ ଚାଲିଛି। ଆବଶ୍ୟକ ଚିକିତ୍ସା ଅଭାବରୁ ତାହା ସଂକ୍ରମିତ ହୋଇ ପଚିଯାଇଛି। ଲକ୍‌ଡାଉନ କଟକଣା ଯୋଗୁ ଗାଁରେ ବି କାମଧନ୍ଦା ନାହିଁ। ଆର୍ଥିକ ଅନଟନରେ ଦିନ କାଟୁଥିବା ଏହି ପରିବାର ସଦାନନ୍ଦଙ୍କ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରି ପାରୁ ନାହାନ୍ତି। କେବଳ ଘରୋଇ ଚିକିତ୍ସାରେ ସଦାନନ୍ଦଙ୍କ ପୋଡ଼ା ଘା' ଭଲ ହୋଇଯିବ ବୋଲି ସେମାନେ ଆଶା ବାନ୍ଧିଛନ୍ତି।

ଅନ୍ୟପକ୍ଷେ କ୍ୱାରାଣ୍ଟାଇନରୁ ସଦାନନ୍ଦଙ୍କ ପରିବାର ଫେରିଥିବାରୁ ଗାଁ ଲୋକେ ପାଖ ମାଡୁ ନାହାନ୍ତି। ନିଜ ଚିକିତ୍ସା ପାଇଁ ସଦାନନ୍ଦ ସ୍ଥାନୀୟ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅର୍ଥାଭାବ କାରଣରୁ ଉପଯୁକ୍ତ ଚିକିତ୍ସାର ବଞ୍ଚିତ ସଦାନନ୍ଦ ଏବେ କେବଳ ଖଟରେ ପଡି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପରିବାର ଲୋକଙ୍କ ମୁହଁରେ ମୁଠାଏ ଖାଇବାକୁ ଦେବାକୁ ସଦାନନ୍ଦ ଅସମର୍ଥ ଥିବା କହିଛନ୍ତି। ତାଙ୍କ ନାମରେ ଥିବା ରାଶନ କାର୍ଡରେ ସ୍ତ୍ରୀ ଓ ୨ ଝିଅଙ୍କ ନାମ ସଂଯୋଗ ହୋଇନାହିଁ। ତେଣୁ ସେମାନଙ୍କ ରାଶନ ସାମଗ୍ରୀ ପାଇବାକୁ ତାଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଏଭଳି ପରିସ୍ଥିତିରେ ନିଜ ଚିକିତ୍ସା ଖର୍ଚ୍ଚ ସହିତ ପରିବାର ପ୍ରତିପୋଷଣ କରିବା ଚିନ୍ତା ସଦାନନ୍ଦଙ୍କୁ ଘାରିଛି।

ଏନେଇ କୋକସରା ବିଡ଼ିଓ ମନୀଷା ଦାସଙ୍କୁ ପଚାରିବାରୁ ସଦାନନ୍ଦ କ୍ୱାରାଣ୍ଟାଇନ ସେଣ୍ଟରରୁ ଫେରିବା ପରେ ମୁଁ ମେଡିକାଲ ଟିମ୍ ପଠାଇଥିଲି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିଲା। ସେ ଏବେ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ତାଙ୍କ ଉପରେ ପ୍ରଶାସନର ନଜର ରହିଛି। ଯଦି ଆବଶ୍ୟକ ପଡେ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# କାନ୍ଥରେ କରୋନା ସଚେତନତା ବାର୍ତ୍ତା

**କୋକସରା, ୫।୬ (ଡି.ଏନ.ଏ.)**

ଆପଣଙ୍କ ସୁରକ୍ଷା ଆପଣଙ୍କ ହାତରେ, ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ ଏଭଳି ସଚେତନତା ବାର୍ତ୍ତା ଦେଇଛି ନେହେରୁ ଯୁବକେନ୍ଦ୍ର। କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମ ଆନୁକୂଲ୍ୟରେ ଗାଁର ବିଭିନ୍ନ କାନ୍ଥରେ ଚିତ୍ର ଆଙ୍କି ଲୋକଙ୍କୁ ସଚେତନ କରାଯାଉଛି। ସରକାରଙ୍କ ନିୟମ ମାନି ଚଳନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ, ଅତି ଜରୁରୀ କାମ ଥିଲେ ବାହାରକୁ ବାହାରନ୍ତୁ। ମୁହଁରେ ମାସ୍କ ଲଗାନ୍ତୁ। ହାତକୁ ବାରମ୍ବାର ସାବୁନରେ ଧୁଅନ୍ତୁ। କାଶିବା ଓ ଛିଙ୍କିବା ସମୟରେ ମୁହଁ ଓ ନାକକୁ କପଡାରେ ଢାଙ୍କି ରଖନ୍ତୁ। ଏଭଳି ଅନେକ ବାର୍ତ୍ତା କାନ୍ଥରେ ଲେଖାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଏଥିରେ କୋକସରା ବ୍ଲକ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ କୋପନେଶ୍ୱର ବେମାଲ, ଦିନକାନ୍ତ ମଙ୍ଗରାଜ, ରାଜୀବ କ୍ଲବ ସଭାପତି ହେମନ୍ତ କୁମାର ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାଲି, ଟିପ୍ପ ବୋଝେଇ ଗାଡ଼ି ଜବତ

ବଇଣ୍ଡା, ୫।୬(ଡି.ଏନ.ଏ.)- ବେଆଇନ ଭାବେ ବାଲି ଓ ଚିପ୍ସ ନେଇ ଯାଉଥିବା ଏକ ଟ୍ରାକ୍ଟର ଓ ହାଇୱାକୁ କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ବଡଡଙ୍ଗଆଣୀ ଛକଠାରେ ତହସିଲ ପକ୍ଷରୁ ଜବତ କରାଯାଇଛି। ବାମୁର ଅଞ୍ଚଳରୁ ହାଇୱା ଚିପ୍ସ ବୋଝେଇ କରି ଓ ନାକିଚିରୁ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଜଣେ ଠିକାଦାରଙ୍କ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା କାମ ପାଇଁ ଯାଉଥିବା ଖବରପାଇ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ନାକିଚି ରାଜସ୍ୱ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାସ ଚଢ଼ାଉ କରିଥିଲେ। ଟ୍ରାକ୍ଟର ମାଲିକଙ୍କଠାରୁ ୧୫ ହଜାର ଓ ହାଇୱା ମାଲିକଙ୍କଠାରୁ ୨୫ ହଜାର ଜରିମାନା ଆଦାୟ କରାଯାଇଥିଲା।

## ସଂକ୍ଷେପରେ

### କୋଭିଡ୍ ମେଡିକାଲ ଡାକ୍ତରଙ୍କ ନମୁନା ପଜିଟିଭ

**ଅନୁଗୋଳ ଅଫିସ, ୫।୬:** ଅନୁଗୋଳ ଜିଲା ତାଳଚେର କୋଭିଡ୍ ମେଡିକାଲରେ କାର୍ଯ୍ୟରତ ଜଣେ ୩୫ ବର୍ଷୀୟ ଡାକ୍ତରଙ୍କ ନମୁନା ପଜିଟିଭ ବାହାରିଛି। ତାଙ୍କୁ ଭୁବନେଶ୍ୱରସ୍ଥିତ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ପ୍ରଥମ ଥର ପାଇଁ ଜିଲାର ଜଣେ ଡାକ୍ତରଙ୍କ ନମୁନା ପଜିଟିଭ ବାହାରିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୨୨ ଜଣ ସୁସ୍ଥ ହୋଇ ଅନୁଗୋଳ ସ୍ଥିତ କୋଭିଡ କେୟାର ସେଣ୍ଟରରେ ନିରୀକ୍ଷଣ ପାଇଁ ରହିଛନ୍ତି।

### ରାଜପଥ ସମ୍ପ୍ରସାରଣ ପାଇଁ ଉଚ୍ଛେଦ



**କାମାକ୍ଷାନଗର, ୫।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ଦୋହରୀକରଣ କାର୍ଯ୍ୟ ଆଗେଇ ଚାଲିଛି। କରୋନା କଟକଣା ଲାଗି ଦୁଇମାସ ଧରି କାମ ବନ୍ଦ ଥିବାବେଳେ ଏବେ ପୁଣି ଥରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାସ୍ତା ପାର୍ଶ୍ୱ ଜବରଦଖଲକାରୀଙ୍କ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ନିର୍ମାଣ ପାଇଁ ମାଳପୁରା ଏବଂ ବଡ଼ସୁଆଁଳ ଗ୍ରାମର ୨୦ ପରିବାରଙ୍କୁ ବିସ୍ଥାପିତ କରାଯାଇଥିଲା। ଏ ସମ୍ପର୍କିତ କ୍ଷତିପୂରଣ ସେମାନେ ପାଇସାରିଛନ୍ତି। ତଥାପି ସେମାନେ ଘର ଖାଲି କରୁ ନ ଥିଲେ। ତେଣୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଉଚ୍ଛେଦ କରାଯାଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ତହସିଲଦାର ସଞ୍ଜୟ କୁମାର ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

**ବଇଣ୍ଡା, ୫।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା କାଳିଆକଟା ସାହିରେ ରହୁଥିବା ଆଠମଲ୍ଲିକ ଥାନା ଜାମୁଡୋଲି ଗ୍ରାମର ଭଜମନ ବିଶ୍ୱାଳ(୩୫)ଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଘର ବାରଣ୍ଡାରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ. ୧୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା, ୫।୬(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୨୦ ଲିଟର ମଦ ଜବତ କରାଯାଇଛି। ଏଥିସହ ରାଣୀଭୂଇଁ ଗ୍ରାମର ଉପେନ୍ଦ୍ର ପ୍ରଧାନ ଓ କମରେଇ ଗ୍ରାମର ନୃସିଂହ ନାଥ ବେହେରାଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ ଏହି ଚଢ଼ାଉ କରିଥିଲେ।

### କୋର୍ଟରୁ ଅଭିଯୁକ୍ତ ଚମ୍ପଟ

**ଅନୁଗୋଳ ଅଫିସ, ୫।୬:** ଅନୁଗୋଳ କୋର୍ଟରୁ ଶୁକ୍ରବାର ରାତିରେ ଜଣେ ବଳାତ୍କାର ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଅନୁଗୋଳ ପୋଲିସ ତାଙ୍କୁ ଢେଙ୍କାନାଳ ଜିଲାରୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସମସ୍ତଙ୍କୁ ଚକ୍‌ମା ଦେଇ ଅଭିଯୁକ୍ତ ଜଣଙ୍କ ଚମ୍ପଟ ମାରିଛନ୍ତି। ଏ ନେଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ୩ ଦିନ ତଳେ ଏ ନେଇ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ବେଳେ ସେଠାରୁ ସେ ଚମ୍ପଟ ମାରିଥିଲେ।

# ବୈଷୟିକ ପରିଚାଳନା, ସଚେତନତାକୁ ଗୁରୁତ୍ୱ

**ଅନୁଗୋଳ ଅଫିସ, ୫।୬**

- ଅନୁଗୋଳରେ କୋଭିଡ-୧୯ ପର୍ଯ୍ୟବେକ୍ଷକ
- ଜିଲାକୁ ଫେରିଛନ୍ତି ୭,୧୬୫ ପ୍ରବାସୀ
- ପରୀକ୍ଷା ହୋଇଛି ୪,୮୪୭ ନମୁନା

ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଗୋଳ ଜିଲା ପାଇଁ କୋଭିଡ୍-୧୯ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଶୁକ୍ରବାର ଅନୁଗୋଳ ଗସ୍ତରେ ଆସି କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ବିଭିନ୍ନ ଅସ୍ଥାୟୀ ମେଡିକାଲ ଶିବିର ପରିଦର୍ଶନ କରିଛନ୍ତି। ପ୍ରଥମେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସଚିବ କରୋନା ପ୍ରତିରୋଧ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ବୈଷୟିକ ପରିଚାଳନା ଓ ଜନସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ଜିଲାକୁ ୭ ହଜାର ୧୬୫ ପ୍ରବାସୀ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୬ ହଜାର ୨୪୩ ଜଣ ପ୍ରବାସୀ ସଙ୍ଗରୋଧ ଶେଷ କରି ଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଙ୍ଗରୋଧ ସଫଳତାର ସହିତ ସମାପ୍ତ କରିଥିବା ୧ ହଜାର ୭୯୧ ଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି। ପରେ ସଚିବ ତାଳଚେର କୋଭିଡ୍ ହସ୍ପିଟାଲର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ବର୍ତ୍ତମାନ ସୁଦ୍ଧା ୪ ହଜାର ୮୪୭ ନମୁନାରୁ ୩୨ଟି ପଜିଟିଭ୍ ଚିହ୍ନଟ ହୋଇଛି। ବୈଠକରେ ଏସ୍‌ପି ଜଗମୋହନ ମୀନା ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏମଜିଏନଆରଇଜିଏସ୍, କୃଷି ଓ ଏହାର ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ ଯୋଗାଇ ଦେବାକୁ ସଚିବ ପରାମର୍ଶ ଦେଇଥିଲେ। ପରେ ସଚିବ ଜରାସିଂହା ଅସ୍ଥାୟୀ ମେଡିକାଲ ଶିବିର ଓ ଆଦର୍ଶ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନରେ ଯାଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## କୋଭିଡ୍ କାର୍ଯ୍ୟକ୍ରମ ସମୀକ୍ଷା କଲେ ସଚିବ



ସଚିବ ବିଷ୍ଣୁପଦ ସେଠୀ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୬:** ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଶୁକ୍ରବାର ଢେଙ୍କାନାଳ ଗସ୍ତରେ ଆସି କୋଭିଡ୍-୧୯ର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସର୍କିଟ ହାଉସରେ ଆୟୋଜିତ କାର୍ଯ୍ୟକ୍ରମରେ କରୋନା ମୁକାବିଲା ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ପରେ ସଚିବ ସେଠୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଜିଲାରେ କୋଭିଡ୍-୧୯ର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ସଚିବ ସଦର ବ୍ଲକ କାଇମାଟିସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସୌଦାମିନୀ ସେଠୀ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଜରୁରୀ ଓ ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ର କଂଗ୍ରେସ ନେତାଙ୍କୁ ଖଲାସ ଦାବି

**ଅନୁଗୋଳ ଅଫିସ, ୫।୬**

ବାଲେଶ୍ୱର ପୋଲିସ ଦ୍ୱାରା ଗିରଫ ହୋଇଥିବା ଛାତ୍ର କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ମହାନ୍ତି ଓ ରାଜ୍ୟ ସଂଯୋଜକ ଗୌତମ ସାହୁଙ୍କ ଖଲାସ ଦାବି କରିଛି ଅନୁଗୋଳ ଛାତ୍ର କଂଗ୍ରେସ। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ କୁହାଯାଇଛି ଯେ, କିଛି ଦିନ ହେବ ବାଲେଶ୍ୱର ଜିଲାର ବିଭିନ୍ନ କାନ୍ଥ ବାଡ଼ରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ନିଖୋଜ ହେବା ନେଇ ପୋଷ୍ଟର ଲଗାଯାଇଥିଲା। ଏହି ଘଟଣାରେ ଛାତ୍ର କଂଗ୍ରେସର କୌଣସି ହାତ ନ ଥିଲେ ମଧ୍ୟ ଦୁଇ ନେତାଙ୍କୁ ଗିରଫ କରାଯାଇଛି। କରୋନା ମହାମାରୀ ସମୟରେ ସେମାନେ ଗରିବ ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରୁଥିଲେ। ଏପରି ସମୟରେ ପୋଲିସ ସେମାନଙ୍କୁ ଗିରଫ କରିବା ନିନ୍ଦନୀୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ନେତା ଶିବାନୀ ଶଙ୍କର ଗୌଡ଼, ବାପୁଜୀ ପ୍ରଧାନ, ଅରୂପ କୁମାର ସାମଲ, ଆଲୋକ ଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ଖମାର, ୫।୬**



କାଳିଆ ସାହୁ

ପାଲଲହଡ଼ା ବ୍ଲକ ଖମାର ଥାନା ଶଙ୍ଖପୁର ପଞ୍ଚାୟତ ରଞ୍ଜା ଗ୍ରାମର କାଳିଆ ସାହୁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ଏବେ ୬୫ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ବୟସ ହୋଇ ନ ଥିବା କହି ଉପେକ୍ଷା କରୁଥିବା କାଳିଆ ଅଭିଯୋଗ କରିଛନ୍ତି। ସ୍ଥାନୀୟ କେତେଜଣ କୁଜିନେତା ତାଙ୍କୁ ଏଥିପାଇଁ ହାତଗୁଞ୍ଜା ମାଗୁଥିବା କାଳିଆ କହିଛନ୍ତି। ପିଲାବେଳୁ ସେ ପକ୍ଷାଘାତରେ ପୀଡ଼ିତ ହୋଇଥିବାରୁ ପରିବାର ଚଳାଇବାରେ ବହୁ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କାଳିଆ ଦାବି କରିଛନ୍ତି। ପଞ୍ଚାୟତ ଅଧିକାରୀ କହିଛନ୍ତି, କାଳିଆଙ୍କ ନାଁ ଲିଷ୍ଟରେ ନାହିଁ। ଯଦି ବ୍ଲକରେ ଥିବା ଲିଷ୍ଟରେ ନାମ ରହିଥିବ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ। ବିଡିଓ କହିଛନ୍ତି, ତଥ୍ୟ ସଂଗ୍ରହ କରି କାଳିଆଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯିବ।

## ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ସଂଶୋଧନକୁ ବିରୋଧ

**ଅନୁଗୋଳ ଅଫିସ, ୫।୬**

ଆଳୁ, ପିଆଜ, ଡାଲି, ତୈଳଜାତ ପଦାର୍ଥ ଆଦିକୁ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀରୁ ବାଦ୍ ଦେଇଥିବାରୁ ଅଲ୍‌ଇଣ୍ଡିଆ କିଷାନ କ୍ଷେତମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ପକ୍ଷରୁ ଏହାର ଦୃଢ଼ ବିରୋଧ କରାଯାଇଛି। ସଙ୍ଗଠନ ଅଭିଯୋଗ କରିଛି ଯେ, ଚାଷୀମାନଙ୍କ ଅଧିକାର ପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ କମିଟି ପରିବର୍ତ୍ତେ ସାମନ୍ତରାଳ ଭାବରେ କର୍ପୋରେଟ୍‌ମାନଙ୍କ ଏକ କମିଟି ଜରିଆରେ କୃଷିଜାତ ଦ୍ରବ୍ୟ କିଣାବିକା ବ୍ୟବସ୍ଥା ଅଧ୍ୟାଦେଶ ମାଧ୍ୟମରେ ଅଣାଯାଇଛି। ଫଳରେ ପୁଞ୍ଜିପତିମାନେ କୃଷିଜାତ ଦ୍ରବ୍ୟ ଉପରେ ନିଜର ନିୟନ୍ତ୍ରଣ ଆଣିପାରିବେ। ଏହାଦ୍ୱାରା ଏହି ସାମଗ୍ରୀଗୁଡ଼ିକର ଦାମ୍ ବଢ଼ିବ ଓ ପୁଞ୍ଜିପତିମାନେ ଲୁଟିବାର ସୁଯୋଗ ପାଇବେ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ତେଣୁ ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୂଲ୍ୟଦେଇ ସରକାର ନିଜେ ଖରିଦ କରିବା ପାଇଁ ଜିଲା ଏଆଇକେକେଏମ୍‌ଏସ କମିଟି ସମ୍ପାଦକ ସୁବାସ ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଭ୍ୟ ରଣଜିତ ପ୍ରଧାନ, ସଞ୍ଜୟ ସାହୁ, କୁମର ସାହୁ, ରମଣୀରଞ୍ଜନ ପ୍ରଧାନ, ଉଦୟ ଭୋଇ ପ୍ରମୁଖ ଦାବି କରିଛନ୍ତି।

## ପୁଣି ବାହାରିଲେ ୨ ପଜିଟିଭ୍

**ଢେଙ୍କାନାଳ ଅଫିସ, ୫।୬**

ଢେଙ୍କାନାଳ ଜିଲାରେ ଶୁକ୍ରବାର ଆଉ ଦୁଇଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଆକ୍ରାନ୍ତଙ୍କ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ଆକ୍ରାନ୍ତ ଗତ ୨୬ ତାରିଖରୁ ହରିୟାଣାରୁ ଆସିଥିଲେ। ସେହିପରି କୋଟଗରା ସଙ୍ଗରୋଧ କେନ୍ଦ୍ରର ଚିହ୍ନଟ ବ୍ୟକ୍ତି ୨୮ ତାରିଖରେ ସୁରଟ୍‌ରୁ ଫେରିଥିଲେ। ଜୁନ୍ ୨ରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ମିଳିଥିବା ରିପୋର୍ଟରେ ସେମାନେ ପଜିଟିଭ୍ ଥିବା ଜଣାପଡ଼ିଥିଲେ। ଉଭୟଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଦୁଇଟିଯାକ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ଅନ୍ୟପଟେ ଶୁକ୍ରବାର ଅନ୍ୟ ୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ୬ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

## ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି




ଖବରଦାତା ସମ୍ମିଳନୀରେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୫।୬**

ଅନୁଗୋଳ ଜିଲାର ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ମିଟର ରିଡର, ମେଣ୍ଟେନାନ୍ସ କର୍ମଚାରୀ ଓ ବିଦ୍ୟୁତ୍ ବିଲ୍ ଆଦାୟକାରୀ ଦୀର୍ଘବର୍ଷ ହେଲା ସେସୁ ଅଧୀନରେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଦାୟିତ୍ୱ ନେଇଥିବା ନୂତନ ସଂସ୍ଥା ସ୍ଥାୟୀ ନିଯୁକ୍ତି ଦେବାକୁ ଏଆଇୟୁଟିୟୁସି ସହବନ୍ଧିତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

ଅନୁଗୋଳ ଅମଲାପଡାସ୍ଥିତ ବାସନ୍ତୀ ଦୁର୍ଗାପୂଜାମଣ୍ଡପ ଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ସଂଘ ସଭାପତି ଜୟସେନ ମେହେର କହିଛନ୍ତି ଯେ, ଏହି ଠିକା କର୍ମଚାରୀମାନେ ଦୀର୍ଘବର୍ଷ ହେଲା ଅତ୍ୟାବଶ୍ୟକ ବିଦ୍ୟୁତ୍ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ନୂତନ ସଂସ୍ଥା ଉପଯୁକ୍ତ ମଜୁରି ଓ ସୁବିଧା ସୁଯୋଗ ପ୍ରଦାନ କରୁ। ସେହିପରି ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ସିଂ କହିଛନ୍ତି, କରୋନା ମହାମାରୀ ଭଳି ବିପତ୍ତି ସମୟରେ ଏହି ଠିକା କର୍ମଚାରୀମାନେ କାମ ହରାଇବା ନେଇ ଆଶଙ୍କାରେ ଅଛନ୍ତି। ତେଣୁ ଦୁର୍ଦ୍ଦିନରେ ଥିବା ସମ୍ପୃକ୍ତ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସମ୍ପାଦକ ସିଂ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ, କୋଷାଧ୍ୟକ୍ଷ ରଜତ ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ସୁକାନ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ସରୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ରହିଛି ରାସ୍ତା



ରାସ୍ତା ଉପରେ ବର୍ଷା ପାଣି ଜମି ରହିଛି।

**ବଅଁରପାଳ, ୫।୬(ଡି.ଏନ.ଏ.)**

- ଡ୍ରେନେଜ ବ୍ୟବସ୍ଥା ହେଉନି
- ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

ଗୁରୁବାର ପ୍ରବଳ ବର୍ଷା ହେବା ପରଠାରୁ ପାଣିରେ ବୁଡ଼ି ରହିଛି ବଅଁରପାଳ ବ୍ଲକ ଗିରାଙ୍ଗ ଗ୍ରାମ ରାସ୍ତା। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କାଳିମନ୍ଦିରସାହିରୁ ତଳସାହି ପର୍ଯ୍ୟନ୍ତ ପ୍ରାୟ ଅଧା କିମି ରାସ୍ତା ଜଳମଗ୍ନ ହୋଇ ରହିଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯାଉ ନ ଥିବାରୁ ବାରମ୍ବାର ଏପରି ଅସୁବିଧା ଉପୁଜୁଛି। ଗତ ଗୁରୁବାର ପ୍ରବଳ ବର୍ଷା ଯୋଗୁ ଲୋକେ ହନ୍ତସନ୍ତ ହୋଇଥିଲେ। ପାଣି ନିଷ୍କାସନ ହୋଇ ନ ପାରି କେତେଜଣଙ୍କ ଘରେ ପଶିଯାଇଥିଲା। ୨ ଦିନ ହେଲାଣି ରାସ୍ତାରେ ବର୍ଷା ପାଣି ଜମିରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏପରିକି ପାଣିରେ ଅଳିଆ ଆବର୍ଜନା ଜମା ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେଠାରେ ଡ୍ରେନ୍ ନିର୍ମାଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟା ଉପୁଜୁଥିବା ଅଜୟ ଗୋଛାୟତ, ସୁବାସ କୁମାର, ଅରୁ ଗଡ଼ନାୟକ, ଟୁନା ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

# ଆଷାଢ଼େ ଖୋଲିବ ଜଳଛତ୍ର

**ଅନୁଗୋଳ ଅଫିସ, ୫।୬**

- ତାତିବେଳେ ପ୍ରଶାସନର ମନେପଡ଼ିଲାନି
- କରୋନା କଟକଣା ଯୋଗୁ ଅଣଦେଖା
- ବିଳମ୍ବ ହୋଇଥିବା ମାନିଲେ ପ୍ରଶାସନିକ ଅଧିକାରୀ

ବୈଶାଖ ଯାଇ ଜ୍ୟେଷ୍ଠ ସରିବାକୁ ବସିଲାଣି। ଆଉ କିଛି ଦିନ ପରେ ଆଷାଢ଼ ପଶିବ। କିନ୍ତୁ ଏଯାଏ ଅନୁଗୋଳରେ ଜଳଛତ୍ର ଖୋଲିଲା ନାହିଁ। ଚଳିତବର୍ଷ ତାପମାତ୍ରାରେ ଅନୁଗୋଳ ଜିଲା ରେକର୍ଡ କରିଥିଲେ ବି ଜଳଛତ୍ର କଥା ମନେ ପଡ଼ିନି ପ୍ରଶାସନର। ଗତ କିଛିଦିନ ତଳେ ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଜିଲାପାଳ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେବା ପରେ ଏ ନେଇ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ କରୋନା ପାଇଁ ଅଧିକାରୀମାନେ ବ୍ୟସ୍ତ ଥିବାରୁ ଏଥିରେ ବିଳମ୍ବ ହୋଇଥିବା ପ୍ରଶାସନ ସ୍ୱୀକାର କରିଛି।

ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଅଞ୍ଚଳରେ ଗ୍ରୀଷ୍ମକାଳୀନ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ତାତିରେ ଆଉଟୁପାଉଟୁ ହେଉଥିବା ଅନୁଗୋଳ ଜିଲାରେ ଏଯାଏ ଜଳଛତ୍ର ଖୋଲାଯାଇ ନାହିଁ। ଗତ ମାର୍ଚ୍ଚରୁ ଶିଳ୍ପନଗରୀ ଅନୁଗୋଳରେ ତାତି ଅନୁଭୂତ ହେଲାଣି। ସକାଳ ୯ଟାରୁ ଖରା ଟାଣ ଧରୁଥିବା ବେଳେ ଗୁଳୁଗୁଳିରେ ଲୋକେ ଦହଗଞ୍ଜ ହୋଇଛନ୍ତି। ମାତ୍ର କରୋନା ଜନିତ କଡ଼ା କଟକଣା ଯୋଗୁ ସେମାନେ ଘରୁ ବାହାରି ନ ଥିବାରୁ ଜଳଛତ୍ରର ଅଭାବ ସେତେଟା ଜଣାପଡୁ ନ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଲକ୍‌ଡାଉନ୍ କଟକଣା ସାମାନ୍ୟ କୋହଳ ହେବା ଫଳରେ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଜରୁରୀ କାମରେ ଲୋକେ ବାହାରକୁ ବାହାରିଥିଲେ। ଏପରି କି ଜିଲାରେ ଚଳିତବର୍ଷ ଅଂଶୁଘାତରେ ଜଣକର ମୃତ୍ୟୁ ହୋଇଥିବା ଅଭିଯୋଗ ମଧ୍ୟ ହୋଇସାରିଛି। ତଥାପି ଜଳଛତ୍ର ଖୋଲିବାକୁ ପ୍ରଶାସନର ମନେ ପଡ଼ିଲା ନାହିଁ। ଏବେ ମଝିରେ ମଝିରେ ବର୍ଷା ଯୋଗୁ କିଛିଦିନ ହେଲା ଜିଲାରେ ତାତି କମିଛି। ମୌସୁମୀ ମଧ୍ୟ କିଛିଦିନ ମଧ୍ୟରେ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଉଛି। ତେଣୁ ଆଷାଢ଼ ପାଦ ଦେବାକୁ ବସିଥିବା ବେଳେ ପ୍ରଶାସନର ଏବେ ଜଳଛତ୍ର କଥା ମନେ ପଡ଼ିବା ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି।

ଏ ସମ୍ପର୍କରେ ଜିଲା କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କରୋନା ପାଇଁ ଜଳଛତ୍ର ଖୋଲିବା ବିଳମ୍ବ ହୋଇଛି। କିନ୍ତୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବାରୁ ଖୁବ୍‌ଶୀଘ୍ର ଜଳଛତ୍ର ଖୋଲାଯିବ।

## ସ୍ନାନବେଦିରେ ଠାକୁର



ଢେଙ୍କାନାଳର ଶ୍ରୀ ବଳରାମଙ୍କ ମନ୍ଦିରରେ ସ୍ନାନଯାତ୍ରା ଉପଲକ୍ଷେ ଶ୍ରୀଜୀଉଙ୍କ ସୁନାବେଶ।



ଅନୁଗୋଳ ଜିଲା ବଅଁରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ଗଜାନନ ବେଶ।



ନାଲ୍‌କୋ ଜଗନ୍ନାଥ ମନ୍ଦିରରେ ତିନିଠାକୁରଙ୍କ ଗଜାନନ ବେଶ।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସ୍ନାନବେଦୀରେ ତିନି ଠାକୁର।

## ବିଶ୍ୱ ପରିବେଶ ଦିବସ

କାଶୀନଗର,୫।୬(ଡି.ଏନ୍.ଏ.): ସ୍ଥାନୀୟ ବଂଶଧାରା ପାଠାଗାର ପରିସରରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ଉପଭୋକ୍ତା ଅଧିକାର ସୁରକ୍ଷା ସମିତିର ସଭାପତି ରାଜେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ଜିଲା ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ଆର୍. ଲୋକନାଥମ୍, ମନୋଜ କୁମାର ଚୌଧୁରୀ, ସୁଜନ କୁମାର, ଗଣପତି, କଳାକାର କେ. ରାମବାବୁ, ବରିଷ୍ଠ ନାଗରିକ ହୃଷୀକେଶ ଗୌଡ଼ ଉପସ୍ଥିତ ଥିଲେ।



**ସଂକ୍ଷେପରେ**

## ସାପ କାମୁଡ଼ାରେ ଜଣେ ମୃତ

**ମୁନିଗୁଡ଼ା,୫।୬(ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅଧୀନ କାକଡମ୍ବା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁର ଗୁରେଶ୍ୱର ନାୟକ(୪୨) ସକାଳେ ନିଜ ଜମିରେ କାମ କରୁଥିଲେ। କୌଣସି କାମରେ ନିକଟସ୍ଥ ଗଛରୁ ଡାଳ ଭାଙ୍ଗିବା ସମୟରେ ଏକ ସାପ ତାଙ୍କ ବାମ ହାତକୁ କାମୁଡ଼ିଥିଲା। ଘରକୁ ଫେରି ଏ ବିଷୟରେ ଜଣାଇବା ପରେ ତାଙ୍କୁ ତୁରନ୍ତ ଅମ୍ବାଦଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅମ୍ବାଦଳା ଥାନା ଏସ୍ଆଇ ବ୍ରଜେନ୍ଦ୍ର ସାହୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ନାଲକୋ ପକ୍ଷରୁ ବୃକ୍ଷରୋପଣ



**ଦାମନଯୋଡି, ୫।୬ (ଡି.ଏନ.ଏ.):** ବିଶ୍ୱ ପରିବେଶ ଦିବସ ଅବସରରେ ନାଲକୋ ଟାଉନଶିପ୍ ଅନ୍ତର୍ଗତ ଶବରୀ ହ୍ରଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଲୁମିନା ରିଫାଇନରୀର ସୁରକ୍ଷା,ପରିବେଶ ବିଭାଗ ଓ ଉଦ୍ୟାନ ବିଭାଗ ପକ୍ଷରୁ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାଶଙ୍କ ସହ ଅନ୍ୟାନ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିବେଶ ସୁରକ୍ଷା ନେଇ ଶପଥପାଠ କରିଥିଲେ।

## ଦେବସ୍ନାନ ପୂର୍ଣ୍ଣିମା

**କାଳିମେଳା,୫।୬(ଡି.ଏନ.ଏ.):** କାଳିମେଳାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ବିଧି ଅନୁଯାୟୀ ଶେଷ ହୋଇଛି। ଦଇତାପତିମାନେ ପ୍ରଭୁ ବଳଭଦ୍ର, ଜଗନ୍ନାଥ ଏବଂ ସୁଭଦ୍ରାଙ୍କୁ ସ୍ନାନ ବେଦୀକୁ ପହଣ୍ଡିରେ ଆଣିଥିଲେ। ପୂଜାର୍ଚ୍ଚନା ହୋମ ପରେ ୧୦୮ ସୁବାଷିତ ଜଳରେ ପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ତିନିଠାକୁର ଗଜାନନ ବେଶ ହୋଇଥିଲେ। ପରେ ଶ୍ରୀଜୀଉମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତଥା ବିଡିଓ ଉମା ଶଙ୍କର ଦଳାଇ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ମୋ ପରିବେଶ କାର୍ଯ୍ୟକ୍ରମ



**ନବରଙ୍ଗପୁର,୫।୬(ବି.ପ୍ର.):** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଯୁବ ସ୍ୱେଚ୍ଛାସେବୀ ଅଭିଳାଷ କୁମାର ନାୟକଙ୍କ ନେତୃତ୍ୱ ଓ ସମ୍ଭବ ଭାରତ ଫାଉଣ୍ଡେସନ, ଚିତ୍ରକୋଟ ଝାଡେଶ୍ୱର ଯୁବକ ସଂଘ ସହଯୋଗରେ ତେନ୍ତୁଳିଖୁଣ୍ଟି ବ୍ଲକର ଚିତ୍ରକୋଟ ଗ୍ରାମରେ ବିଶ୍ୱ ପରିବେଶରେ ମୋ ପରିବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ମୂଳ ଲକ୍ଷ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା, ସ୍ୱଚ୍ଛ ପରିବେଶ ଓ ସ୍ୱଚ୍ଛଜଳ ଓ ବୃକ୍ଷରୋପଣ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ବ୍ଲକରେ ସଚେତନ ଶିବିର କରାଯିବ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସରୋଜ ବେହେରା, ସମ୍ମାନିତ ଅତିଥି ଶିବରାଜ ସିଂ ଯୋଗ ଦେଇଥିଲେ। ଅମିତ କୁମାର ବୈଦ୍ୟଙ୍କ ସହ ଝାଡେଶ୍ୱର ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ଦୂରତା ରକ୍ଷା କରାଯାଇଥିଲା। ବର, ପିଜୁଳି ଓ କୃଷ୍ଣଚୂଡା ଚାରାରୋପଣ କରାଯାଇଥିଲା।

## ୬ ସୁସ୍ଥ ହେଲେ

**ଜୟପୁର,୬।୫(ଡିଏନ.ଏ.):** କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଶୁକ୍ରବାର ୫ଜଣ ସୁସ୍ଥ ହୋଇଛନ୍ତି। ପୂର୍ବରୁ ଜୟପୁରର ଜଣେ ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ଫଳରେ କୋରାପୁଟ ଜିଲାରେ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୬ରେ ପହଞ୍ଚିଛି।

# ବିନା ଭକ୍ତରେ ହେଲା ସ୍ନାନଯାତ୍ରା

**ଜୟପୁର/ ଦାମନଯୋଡ଼ି/ ସୁନାବେଡା, ୫।୬ (ଡି.ଏନ.ଏ./ନି.ପ୍ର.)**

କୋରାପୁଟ ଜିଲା ଜୟପୁରଠାରେ ତିନିଠାକୁରଙ୍କ ସ୍ନାନଯାତ୍ରା ଶୁକ୍ରବାର ବିନା ଭକ୍ତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ଭକ୍ତଙ୍କ ଉପସ୍ଥିତି ପାଇଁ କରୋନା ଟାଣିଛି ଲକ୍ଷ୍ମଣରେଖା। ଭକ୍ତଙ୍କ ବିନା ଗହଳିଚହଳିରେ ପୂର୍ବାହ୍ନ ସାଢେ ୯ଟାରେ ଅନ୍ନଭୋଗ ପରେ ତିନିଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ସ୍ନାନମଣ୍ଡପରେ

**କରୋନା ଟାଣିଛି ଲକ୍ଷ୍ମଣରେଖା**

ପହଞ୍ଚିବା ପରେ ପୁରୋହିତ ଏବଂ ବ୍ରାହ୍ମଣଙ୍କ ପୂଜାର୍ଚ୍ଚନା ପରେ ସୁଗନ୍ଧିତ ଜଳରେ ଜଗନ୍ନାଥଙ୍କୁ ୩୫, ବଳଭଦ୍ରଙ୍କୁ ୩୩, ସୁଭଦ୍ରାଙ୍କୁ ୨୫ ଏବଂ ସୁଦର୍ଶନଙ୍କୁ ୧୫ ଗରା ଜଳ ସ୍ନାନ କରାଯାଇଥିଲା । ପରେ ମହାପ୍ରଭୁଙ୍କ ଗଜାନନ ବେଶ କରାଯାଇ ମଧ୍ୟାହ୍ନ ଗୋଟାଏରେ ଅଣସର ଗୃହକୁ ପହଣ୍ଡିରେ ନିଆଯାଇଥିଲା। ଦେବୋତ୍ତର ଅଧିକାରୀ ତଥା ତହସିଲଦାର ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ତହସିଲଦାର



ସ୍ନାନମଣ୍ଡପରେ ହାତୀ ବେଶରେ ଶ୍ରୀଜୀଉ।

ନୀଳାମ୍ବର ପୂଜାରୀଙ୍କ ତତ୍ତ୍ୱାବଧାନରେ ୩୨ ଜଣ ଦଇତାପତି, ୮ ଜଣ ସେବାୟତ ମହାପ୍ରଭୁଙ୍କ ସ୍ନାନନୀତି ସମ୍ପନ୍ନ କରିଥିଲେ।

ଦାମନଯୋଡିରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ପାଳିତ ହୋଇଛି। ଶୁକ୍ରବାର ସକାଳେ ମଙ୍ଗଳ ଆଳତି ପରେ ସ୍ନାନମଣ୍ଡପ ପ୍ରତିଷ୍ଠା କରି ହୋମ ହୋଇଥିଲା। ପରେ ଶ୍ରୀଜଗନ୍ନାଥ,ବଳଭଦ୍ର,ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ପହଣ୍ଡି କରି ସ୍ନାନମଣ୍ଡପକୁ ନିଆଯାଇଥିଲା। ପରିଚାଳନା କମିଟି ସଭାପତି ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣା ଛେରାପହଁରା କରିଥିଲେ। ପରେ ୧୦୮ ସୁବାଷିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଅପରାହ୍ନରେ ହାତୀବେଶ କରାଯାଇ ତିନିଠାକୁରଙ୍କୁ ପହଣ୍ଡି କରି ଅଣସର ବିଜେ କରାଯାଇଥିଲା। ନାଲ୍କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟରେ ମହାପ୍ରବନ୍ଧକ ବ୍ରଜକିଶୋର ଦାସ,ଭୀମସେନ ପ୍ରଧାନ, ସୁଶୀଲ ପାଢୀ, ପରିଚାଳନା ସମ୍ପାଦକ ଏସ୍.କେ. ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୁନାବେଡା ହାଲ ପରିସରରେ ରହିଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପାଳିତ ହୋଇଯାଇଛି। ଭୋର ୪ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆରତି ପରେ ଠାକୁରଙ୍କୁ ପହଣ୍ଡି କରି ସ୍ନାନମଣ୍ଡପରେ ବିଜେ କରାଇଥିଲେ । ପରେ ମୁଖ୍ୟ ପୁରୋହିତ ଶ୍ରୀନିବାସ ଦାସଙ୍କ ପୂଜା ନୀତି ପରେ ୧୦୮ କଳସ ଜଳରେ ଦାରୁବିଗ୍ରହ ସ୍ନାନ କରିଥିଲେ। ଏଥିରେ ୧୫ ଜଣସେବାୟତ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ନିରଜ ଚନ୍ଦ୍ର ବେହେରା, ସମ୍ପାଦକ ସୁରଜିତ ମହାପାତ୍ର, ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ ଜିତେନ୍ଦ୍ର ମୋହନ ସାହୁ ଉପସ୍ଥିତ ଥିଲେ ।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ



ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

**ମାଲକାନଗିରି/ଏମ୍ଭି-୭୯,୫।୬ (ଡି.ଏନ୍.ଏ.):** ମୋଟୁ ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ପରିମାଣ ୧ କୁଇଣ୍ଟାଲ ୧୯ କେଜି ୬ଶହ ଗ୍ରାମ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି ହ୍ରିଷିକେଶ ଡି. ଖିଲାରି ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଏମ୍ପିଭି- ୪୧ ଗ୍ରାମର ଅମୃତ ବିଶ୍ୱାସ, ମିଥୁନ ମଣ୍ଡଳ, ଏମ୍ପିଭି-୮୨ ଗ୍ରାମର ଅମିୟ ଭଦ୍ର, କାଲମେଳା ଥାନା ଭାସପା କଲୋନୀ ଗ୍ରାମର ଶଶିଭୂଷଣ ଘୋଷ ବୋଲି ଜଣାପଡିଛି। ଏହି ୪ଜଣ ଗୁରୁବାର ରାତିରେ ଚିତ୍ରକୋଣ୍ଡାର ମାନ୍ୟମକୋଣ୍ଡାରୁ ଆନ୍ଧ୍ରପ୍ରଦେଶର ଖାମାମ ଜିଲାକୁ ଗଞ୍ଜେଇ ନେଇ ଯାଉଥିବା ବେଳେ ମୋଟୁଠାରେ ଆଇଆଇସି ରଘୁନାଥ ମାଝିଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂ ଚାଲିଥିବା ବେଳେ ଆସୁଥିବା ଟ୍ରକ୍ (ଓଆର୧୦ଜି-୦୦୪୧)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। କେସ୍ ନଂ. ୩୧/୨୦ରେ ମାମଲା ରୁଜୁ କରି ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ କାଲିମେଳା ଅଞ୍ଚଳର ଏମ୍ପିଭି-୨୩ ଗ୍ରାମର ହେମା ସରଦାର ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଛି ବୋଲି ଉପ ନିରୀକ୍ଷକ ପ୍ରଶାନ୍ତ କୁମାର ନିଶିକା କହିଛନ୍ତି।

## ସାଇବର ଅପରାଧ ପ୍ରତି ସତର୍କ ରୁହନ୍ତୁ




ଏସ୍ପି ସାରା ଶର୍ମା ସାଇବର ଅପରାଧ ସମ୍ପର୍କରେ ସଚେତନ କରୁଛନ୍ତି।

**କାଶୀନଗର,୫।୬(ଡି.ଏନ୍.ଏ.):** ଗଜପତି ପୋଲିସ ପକ୍ଷରୁ ଜିଲାର କାଶୀନଗରଠାରେ ସାଇବର ଅପରାଧ ଓ କରୋନା ସଂକ୍ରମଣକୁ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫରେଷ୍ଟ ଛକ ଓ ବସ୍ଷ୍ଟାଣ୍ଡଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍ଷ୍ଟାଣ୍ଡଠାରେ ଏସ୍ପି ସାରା ଶର୍ମା ଉପସ୍ଥିତ ରହି ଅନ୍ଲାଇନ ଠକେଇ, ଏଟିଏମ୍ ଠକେଇ, ଲଟେରି ନାମରେ ଠକେଇ, ଚାକିରି ଲୋଭ ଦେଖାଇ ଠକେଇ, ଭଣ୍ଡବାବାଙ୍କ ଠକେଇ ବିଷୟରେ ବିଭିନ୍ନ ଦୃଶ୍ୟ ଦେଖାଇ ସଚେତନ କରାଇଥିଲେ। ଏହା ବ୍ୟତୀତ ସୋସିଆଲ ମିଡିଆରୁ ଝିଅମାନଙ୍କ ଫଟୋ ନେଇ ଅଶ୍ଳୀଳ ଫଟୋ ଯୋଡ଼ି ବ୍ଲାକ୍ମେଲିଂ କରିବା ଆଦି ବିଷୟରେ ସତର୍କ ଓ ସଚେତନ କରାଇଥିଲେ। ସେହିପରି ପଥପ୍ରାନ୍ତ ନାଟକ ମାଧ୍ୟମରେ ବିଭିନ୍ନ ଠକେଇ ବିଷୟରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସେହିପରି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସାମାଜିକ ଦୂରତା, ମାସ୍କ ବ୍ୟବହାର ଓ ଆବଶ୍ୟକ ନ ଥିଲେ ବାହାରକୁ ନ ବାହାରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ ମିଶ୍ର, କାଶୀନଗର ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗଜପତିରେ ୭ ସଂକ୍ରମିତ

**ପାରଳାଖେମୁଣ୍ଡି, ୫।୬ (ସ୍ୱ.ପ୍ର.):** ଗଜପତି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରୁ ଆଉ ୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୧ରେ ପହଞ୍ଚିଛି। ନୂତନ ୭ ସଂକ୍ରମିତଙ୍କୁ ଆର. ସୀତାପୁରସ୍ଥିତ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୩ଜଣ, ଗୁଜରାଟରୁ ଜଣେ ଏବଂ ୩ଜଣ ତାମିଲନାଡ଼ୁରୁ ଫେରିଥିବା ଜଣାପଡ଼ିଛି। ୨୭ତାରିଖରେ ଜିଲାକୁ ଫେରି ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଏମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ଏ ନେଇ ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ସେହିପରି ଜିଲାରୁ ଆଉ ଜଣେ ସଂକ୍ରମିତ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି।

## ରାୟଗଡ଼ାରୁ ଦ୍ୱିତୀୟ ପଜିଟିଭ୍

**ରାୟଗଡ଼ା ଅଫିସ,୫।୬:** ରାୟଗଡ଼ା ଜିଲାରେ ଦିନକ ବ୍ୟବଧାନରେ ଆଉ ଜଣେ କରୋନା ପଜିଟିଭ୍ ବାହାରିଛନ୍ତି। ଶୁକ୍ରବାର ଜଣେ ୨୨ ବର୍ଷୀୟା ଯୁବତୀ ଚିହ୍ନଟ ହୋଇଛନ୍ତି। ସେ ୨୯ରେ କର୍ଣ୍ଣାଟକରୁ ଫେରିଥିଲେ। ତାଙ୍କୁ ରାମନାଗୁଡ଼ା ବ୍ଲକ୍ କୁଜେନ୍ଦ୍ରିସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍ଗରୋଧରେ ରଖାଯାଇଥିଲା। ୩୦ରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ସ୍ୱାବ ସଂଗ୍ରହ କରାଯାଇ ଆର୍ଏମ୍ଆରସିକୁ ପଠାଯାଇଥିଲା। ଶୁକ୍ରବାର ତାଙ୍କ ପଜିଟିଭ୍ ରିପୋର୍ଟ ପହଞ୍ଚିଛି। ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ପ୍ରାୟ ୧୩ଜଣ ସଂକ୍ରମିତଙ୍କ ସମ୍ପର୍ଶରେ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ି ଥିବା ଜିଲାପାଳ ପ୍ରମୋଦ ବେହେରା କହିଛନ୍ତି।

# କୋରାପୁଟ ଜିଲାରେ ୬ ପଜିଟିଭ ଚିହ୍ନଟ

**ଜୟପୁର, ୫।୬ (ନି.ପ୍ର.)**

- କୋଭିଡ ହସ୍ପିଟାଲରେ ଭର୍ତ୍ତି କଲା ପ୍ରାଶସନ
- ବନ୍ଧୁଗାଁର ଆକ୍ରାନ୍ତଙ୍କ ମଧ୍ୟରେ ୨ଶିଶୁ ଅଛନ୍ତି
- ଆନ୍ଧ୍ରରୁ ଫେରି ସଙ୍ଗରୋଧ ଗୃହରେ ଥିଲେ

କୋରାପୁଟ ଜିଲାରେ ଶୁକ୍ରବାର ୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ରାଜ୍ୟ ବାହାରୁ ଆସି ସଙ୍ଗରୋଧରେ ଥିଲେ। ଜଣେ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ମହିଳା ଜୟପୁରର ହୋଇଥିବା ବେଳେ ଅନ୍ୟ ୫ ଜଣ ବନ୍ଧୁଗାଁ ଅଞ୍ଚଳର ବୋଲି ଜଣାଯାଇଛି । ସମସ୍ତ ଆକ୍ରାନ୍ତଙ୍କୁ ଜୟପୁରସ୍ଥିତ ଜିଲା କୋଭିଡ ହସପିଟାଲରେ ପ୍ରଶାସନ ଭର୍ତ୍ତି କରିଛି। ଏହା ସହ ଜୟପୁର ମୁଖ୍ୟ ରାସ୍ତାର ଧୋବାସାହିଠାରୁ ଜଗତଜନନୀ ଛକ ଯାଏ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଶୁକ୍ରବାର ସଂଧ୍ୟା ୬ଟାରୁ ଆସନ୍ତା ୧୦ ତାରିଖ ସଂଧ୍ୟା ୬ ଟାଯାଏ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରାଯାଇଛି । ଏହାକୁ ମିଶାଇ ଜୟପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ପହଞ୍ଚିଥିବା ବେଳେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଥିବା ଅଞ୍ଚଳରେ ଯାତାୟାତ ଉପରେ କଟକଣା ଲଗାଇଛି ପ୍ରଶାସନ। ବାହାରର ଲୋକେ ସମ୍ପୃକ୍ତ ଅଞ୍ଚଳକୁ ଏବଂ ସମ୍ପୃକ୍ତ ଅଞ୍ଚଳର ଲୋକେ ବାହାର ଅଞ୍ଚଳକୁ ଯାଇପାରିବେ ନାହିଁ। ଏଥିସହ ପ୍ରଶାସନ କଣ୍ଟାକ୍ଟ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ କରିଛି। ଆକ୍ରାନ୍ତଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ଚିହ୍ନଟ ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନେଇଛି। ଜୟପୁରର ଏକ ଦମ୍ପତି ଅନ୍ଲାଇନରେ ପଞ୍ଜୀକରଣ କରି ମୁମ୍ବାଇରୁ ଆସି ଜୟପୁରରେ ଗୃହ ସଙ୍ଗରୋଧରେ ରହିଥିଲେ । ମହିଳା ଜଣକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ସ୍ୱାବ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଅନ୍ୟପକ୍ଷରେ ବନ୍ଧୁଗାଁର ଚିହ୍ନଟ ୫ ଜଣ ଆନ୍ଧ୍ରରୁ ଗ୍ରାମକୁ ଆସି ସଙ୍ଗରୋଧ ଗୃହରେ ଥିଲେ। ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଏହାର ରିପୋର୍ଟ ପଜିଟିଭ୍ ଆସିଛି। ଏହି ୫ ଜଣଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ ଜଣ ଥିବା ବେଳେ ସେମାନଙ୍କ ମଧ୍ୟରେ ୬ ଓ ୮ ବର୍ଷର ୨ଜଣ ଶିଶୁ ଅଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ

**ରାୟଗଡ଼ା ଅଫିସ/ ଟିକିରି, ୫।୬:** ରାୟଗଡ଼ା ଜିଲା ଜେକେ କାଗଜ କଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜେକେ କାଗଜ କଳର କାର୍ଯ୍ୟନିର୍ବାହୀ ଉପ ସଭାପତି




ଜେକେ କାଗଜକଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ।

ବିନୟ ଦ୍ୱିବେଦୀ ମୁଖ୍ୟଅତିଥିଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସେ ମନୁଷ୍ୟ ଏବଂ ପର୍ଯ୍ୟାବରଣର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ବିଶ୍ୱଜିତ୍ ଦ୍ୱିବେଦୀ, ଏଚଆର ଏଣ୍ଡ ଆଇ ଆର ସୁନନ୍ଦୀପ ପାଣ୍ଡେ, ସତ୍ୟଜିତ ମହାନ୍ତି, ଜିଏମ୍ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଆଇଏଲ୍)ଓ ବାପହିଲମାଲି ବକ୍ସାଇଟ ଖଣିରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଉଭୟ ଖଣି ଓ ଉତ୍କଳ ଟାଉନ୍ଶିପ୍ରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି 'ଜୈବ ବିବିଧତା ସଂରକ୍ଷଣ' ବିଷୟବସ୍ତୁକୁ ନେଇ ପ୍ରବନ୍ଧ, ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍କୁଲ ଛାତ୍ରୀଛାତ୍ର, ସଂସ୍ଥାର କର୍ମଚାରୀ, ଓ ଟାଉନ୍ଶିପ୍ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ୟୁଆଇଏଲ୍ ୟୁନିଟ ମୁଖ୍ୟ ଏନ୍. ନାଗେଶ, ଅପରେଶନ ଆଣ୍ଡ ଏନ୍ଭାଇରନମେଣ୍ଟ ମୁଖ୍ୟ ଆର୍. ଏନ୍. ମିଶ୍ର, ଜିଏମ୍ ମୁକେଶ ଝାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚାରାରୋପଣ କରି ପାଳିଲେ ବିଶ୍ୱ ପରିବେଶ ଦିବସ

**ମାଲକାନଗିରି,୫।୬ (ଡି.ଏନ୍.ଏ.):** ବିଶ୍ୱ ପରିବେଶ ଦିବସ ମାଲକାନଗିରି ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ ଅଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। କାର୍ଯ୍ୟାଳୟଠାରେ ୨ଶହ ଚାରାରୋପଣ କରାଯାଇଛି। ଯନ୍ତ୍ରୀ କରୁଣା ସାଗର ବେହେରା, ଏବିଡିଓ ସନ୍ତୋଷ ଭୌମିକ, ଜିପିଓ ଶଙ୍କର୍ଷଣ ଖଣ୍ଡୁଆଳ, ପିଇଓ ବିଷ୍ଣୁଚରଣ ତ୍ରିପାଠୀଙ୍କ ଉପସ୍ଥିତ ଥିଲେ । ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚାରାରୋପଣ କରି ପରିବେଶ ଦିବସ ପାଳିତ ହୋଇଛି। ବନ ବିଭାଗ ପକ୍ଷରୁ ମଧ ବିଶ୍ୱ ପରିବେଶ ଦିବସରେ ଡିଏଫ୍ଓ ପ୍ରଦୀପ ଦେବିଦାଶ ମିରାଶେଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା।

## ଚାରା ରୋପଣକୁ ଗୁରୁତ୍ୱ

**ଜୟପୁର/ ସୁନାବେଡା/ ବୈପାରିଗୁଡା, ୫।୬ (ନି.ପ୍ର./ ଡି.ଏନ.ଏ.):** ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓ ଜୟପୁର ବନଖଣ୍ଡର ମିଳିତ ଆନୁକୂଲ୍ୟରେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଲିମା ପଞ୍ଚାୟତର କୁସୁମଗୁଡା ଗ୍ରାମରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଜୟପୁର ଡିଏଫଓ ଜଗଦିଶ ପ୍ରସାଦ ସିଂ, ସ୍ୱାମୀନାଥନ ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, ବିଡିଓ ସ୍ନେହପ୍ରଭା ମାଝି ଯୋଗଦେଇଥିଲେ। ଅତିଥି ସିଂ ପରିବେଶକୁ ଆମେ କିପରି ନିର୍ମଳ, ପ୍ରଦୁଷଣ ମୁକ୍ତ ଓ ସବୁଜ ସୁନ୍ଦର ରଖିପାରିବା ସେ ନେଇ ସୂଚନା ଦେଇ ସେ ବୃକ୍ଷରୋପଣ ଓ ତାର ଯତ୍ନ, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ସ୍ୱାମୀନାଥନର ଭାରପ୍ରାପ୍ତ ନିର୍ଦ୍ଦେଶକ ପରିଡା ବିଶ୍ୱ ପରିବେଶ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ଶତାଧିକ ଚାଷୀଙ୍କୁ ୨ଟି ଲେଖାଏ ଚାରା ବଣ୍ଟନ କରାଯାଇଥିଲା । ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ପରିଚାଳନା କରିଥିଲେ। । ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କୁଳପତି ପ୍ରଫେସର ଆଇ ରାମବ୍ରହ୍ମମଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଦକ୍ଷିଣ ପଶ୍ଚିମାଞ୍ଚଳ ଡ଼ିଆଇଜି ସଫିନ ଅହମ୍ମଦ କେ., ସମ୍ମାନିତ ଅତିଥି ଭବେ ଜିଲାପାଳ ମଧୁସୂଦନ ମିଶ୍ର, ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ଲାକ୍ଷ୍ମୀ ବ୍ରହ୍ମମ ଯୋଗ ଦେଇଥିଲେ।

ବୈପାରିଗୁଡାରେ ବିଶ୍ୱ ପରିବେଶ ଦିବସ ଅବସରରେ ବନ ବିଭାଗ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନାଞ୍ଚଳ ଅଧିକାରୀ ଦିବ୍ୟା ମାଧୁରୀ ସେଠୀ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଡିଓ ଅଭିମନ୍ୟୁ କବିଶତପଥୀ,ବନପାଳ ବିକାଶ ପାତ୍ର ଓ ସଚ୍ଚିଦାନନ୍ଦ ପରିଡା ସାମିଲ ହୋଇ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରିଥିଲେ।

## ରାୟଗଡ଼ା ଜିଲାରେ ସ୍ନାନଯାତ୍ରା

**ରାୟଗଡ଼ାଅଫିସ/ଗୁଣପୁର/ଟିକିରି,୫।୬:** କଟକଣା ମଧ୍ୟରେ ଭକ୍ତଙ୍କ ବିନା ରାୟଗଡ଼ା ଜିଲାରେ ମହାପ୍ରଭୂଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ରାୟଗଡ଼ାସ୍ଥିତ ଜଗନ୍ନାଥ ମନ୍ଦିରରେ କେବଳ ୩୦ ସେବାୟତଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସକାଳ ୮ଟା୪୫ରେ ୩ ଠାକୁରଙ୍କୁ ସ୍ନାନ ମଣ୍ଡକୁ ଅଣାଯାଇ ସ୍ନାନ କରାଯାଇଥିଲା। ପରେ ଠାକୁରଙ୍କ ହାତୀ ବେଶ ହୋଇଥିଲା। ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଛି। ସେହିପରି ଜିଲାର ଗୁଣପୁରସ୍ଥିତ ଦୁଇ ଜଗନ୍ନାଥ ମନ୍ଦିରରେ ମଧ କେବଳ ସେବାୟତଙ୍କ ଦ୍ୱାରା ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ପହଣ୍ଡି ହୋଇଥିଲା। ପରେ ଠାକୁରମାନଙ୍କ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ସ୍ନାନ ଉତ୍ସବ ପରେ ଠାକୁରମାନଙ୍କୁ ଅଣସର ଗୃହକୁ ନିଆଯାଇଥିଲା। କାର୍ଯ୍ୟକ୍ରମକୁ ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମବନ୍ଦର, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ଉପସ୍ଥିତ ଥିଲେ।

# ଜଳ ଯୋଗାଣ ଦାବିରେ ଯନ୍ତ୍ରୀଙ୍କୁ ଘେରାଉ

**ନବରଙ୍ଗପୁର,୫।୬(ବି.ପ୍ର.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ର ଖଲିଗୁଡ଼ା ଗ୍ରାମରେ ଦୀର୍ଘ ଦିନ ହେଲା ହେବ ଜଳ ଯୋଗାଣ ତରଫରୁ ଗ୍ରାମରେ ଜଣଙ୍କ ପ୍ରାଇଭେଟ ଜାଗାରେ ବୋରିଂ ଖୋଳି ସେଠାରେ ମୋଟର ଲଗାଇ ଗ୍ରମକୁ ଜଳ ଯୋଗାଣ ହେଉଥିଲା। ଗତ କିଛି ଦିନ ତଳେ ଗ୍ରାମବାସୀ ପିଇବା ପାଣି ଠିକ ସମୟରେ ଛଡାଯାଉ ନ ଥିବା ଏବଂ ଯେଉଁ ବ୍ୟକ୍ତି ଙ୍କ ଯାଗା ଉକ୍ତ ବ୍ୟକ୍ତି ଜଣଙ୍କ ସର୍ବସାଧାରଣ ବ୍ୟବହାର କରୁଥିବା ପାଣି କୁ ନିଜ ଜମି ରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ବିଡ଼ିଓ ଏବଂ ବିଧାୟକ ଙ୍କୁ ଜଣାଇ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଏ ନେଇ ସରପଞ୍ଚ, ବିଧାୟକ, ବିଡ଼ିଓ ଗ୍ରାମରେ ବୈଠକ କରି ଗାଁ ବାଲାଙ୍କୁ ବୁଝାଶୁଝା କରିଥିଲେ। ସମ୍ପୃକ୍ତ ଲୋକଙ୍କ ଜାଗାରୁ ବୋରିଂରେ ଲାଗିଥିବା ମୋଟର କାଢି ଅନ୍ୟ ଏକ ଜାଗାରେ



ଗ୍ରାମବାସୀ ପୁରୁଣା ମୋଟର ଘରକୁ ଭାଙ୍ଗୁଛନ୍ତି।

ବୋରିଂ ଖୋଳିଲେ ଆମେ ପାଣି ନେବୁ ବୋଲି ଜିଦ ଧରିଥିଲେ।ଫଳରେ ଗ୍ରାମରେ ଗ୍ରାମବାସୀ ଓ ଜାଗା ମାଲିକ ଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଶେଷରେ ବିଧାୟକ ମନୋହର ରନ୍ଧାରୀ ଗାଁ କୁ ଯାଇ ଏକ ବୈଠକ କରି ଲୋକଙ୍କ କହିବା ଅନୁଯାୟୀ ଅନ୍ୟ ଏକ ଜାଗାରେ ବୋରିଂ ଖୋଳିବାକୁ କହିବା ପରେ ନୂତନ ବୋରିଂ ଖୋଳାଯାଇଥିଲା ଶୁକ୍ରବାର ପାପଡାହାଣ୍ଡି ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ବିରଞ୍ଚି ଧିରିଆ ଏବଂ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ପୁରୁଣା ବୋରିଂରେ ଲାଗିଥିବା ମୋଟର ଏବଂ ଯନ୍ତ୍ରପାତି ବାହାର କଲାବେଳେ ଗ୍ରାମବାସୀ ଆସି ସେଠାରେ ଥିବା ଗୃହକୁ ଭାଙ୍ଗିଥିଲେ। ଏନେଇ ଯନ୍ତ୍ରୀ ମନା କରିବାରୁ ଗ୍ରାମବାସୀ ତାଙ୍କୁ ଘେରାଉ କରିଥିଲେ।ଆଜିହିଁଆମକୁପାଣିଦରକାର ବୋଲି ଗ୍ରାମବାସୀ ଅଡି ବସିଥିଲେ। ଶେଷରେ ଡାବୁଗାଁ ବିଧାୟକ କହିବା ପରେ ଗ୍ରାମବାସୀ ଯନ୍ତ୍ରୀଙ୍କୁ ଛାଡିଥିଲେ।

## ବିନା ଟଚ୍‌ରେ ଏଟିଏମ୍‌ରୁ ବାହାରିବ ଟଙ୍କା

**ନୂଆଦିଲ୍ଲୀ,୫।୬:** ବର୍ତ୍ତମାନ କରୋନା ମହାମାରୀ ବ୍ୟାପି ଚାଲିଛି। ଲୋକମାନେ ବର୍ତ୍ତମାନ ସାମାଜିକ ଦୂରତ୍ୱ ପାଳନ କରୁଥିବା ବେଳେ ସର୍ବସାଧାରଣ ସ୍ଥାନଗୁଡିକରେ ଥିବା କୌଣସି ଜିନିଷକୁ ଛୁଇଁବା ବେଳେ ଅନେକ କଥା ବିଚାର କରୁଛନ୍ତି। ଏଟିଏମ୍ ମଧ୍ୟ ଅନେକଙ୍କ ଦ୍ୱାରା ବ୍ୟବହାର ହେଉଛି। ଏଥିରେ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି। ଏହାକୁ ଧ୍ୟାନରେ ରଖି ବ୍ୟାଙ୍କଗୁଡିକ ଏମିତି ଏକ ବ୍ୟବସ୍ଥା ଆଣିବାକୁ ପ୍ରସ୍ତୁତ ହେଉଛନ୍ତି ଯେଉଁଥିରେ ବିନା କୌଣସି ଟଚ୍‌ରେ ଏଟିଏମ୍‌କୁ ଟଙ୍କା ବାହାରିବ। ପେମେଣ୍ଟସ କମ୍ପାନୀ ଏଜିଏସ୍ ଟ୍ରାଞ୍ଜେକ୍ଟ ଟେକ୍ନୋଲୋଜି ପକ୍ଷରୁ ଏଥିଲାଗି ଏକ ପ୍ରୋଟୋଟାଇପ୍ ପ୍ରସ୍ତୁତ କରାଯାଇଛି। ଏଥିରେ ସ୍କ୍ରିନ୍ ଉପରେ ରହିଥିବା କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ମେଶିନର ଇଣ୍ଟରଫେସ ପାଇଁ ବ୍ୟାଙ୍କର ମୋବାଇଲ ଆପ୍ଲିକେଶନ ବ୍ୟବହାର କରିବାକୁ ପଡିବ। ବର୍ତ୍ତମାନର ମ୍ୟାଗ୍ନେଟିକ କାର୍ଡ ଏବଂ ପିନ୍ ଦେବା ପ୍ରକ୍ରିୟାଠାରୁ ଏହା ଭିନ୍ନ। ନୂଆ କଣ୍ଟାକ୍ଟଲେସ ଏଟିଏମ୍ ବ୍ୟବହାର କରିବା ଲାଗି କଷ୍ଟମର ସ୍କ୍ରିନ୍ ଉପରେ ରହିଥିବା କ୍ୟୁଆର୍ କୋଡ ସ୍କାନ୍ କରି ବ୍ୟାଙ୍କର ମୋବାଇଲ ଆପ୍ଲିକେଶନର ସହାୟତା ନେବେ। ଏହା ପରେ ନିଜ ମୋବାଇଲରେ ଉଠାଣ କରିବାକୁ ଚାହୁଁଥିବା ଅର୍ଥ ରାଶି ଏବଂ ଏଟିଏମ୍ ପିନ୍ ଦେବାକୁ ପଡିବ। ଏଭଳି ଭାବେ ମେଶିନକୁ ଟଚ୍ ନ କରି ମଧ୍ୟ କ୍ୟାଶ ସଂଗ୍ରହ କରାଯାଇପାରିବ।

## ଦୋହଲିଗଲା ଖାଉଟିଙ୍କ ଆତ୍ମବିଶ୍ୱାସ

ନୂଆଦିଲ୍ଲୀ,୫।୬



■ ଆର୍‌ବିଆଇ କଞ୍ଜ୍ୟୁମର କନଫିଡେନ୍ସ ସର୍ଭେ
■ ୧.୫% ଖସିବ ଅଭିବୃଦ୍ଧି

କରୋନା ପାଇଁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇଛି। ଏହି ମହାମାରୀ ଖାଉଟିଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଥିବା ଜଣାପଡିଛି। ଏଥିଲାଗି ଚଳିତ ଆର୍ଥିକ ବର୍ଷରେ ଜିଡିପି ୧.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ରିପୋର୍ଟରୁ ଏହା ସାମ୍ନାକୁ ଆସିଛି।

ଖାଉଟିଙ୍କ ଆତ୍ମବିଶ୍ୱାସ ଖସିଥିବାରୁ କରେଣ୍ଟ ସିଚୁଏଶନ ଇଣ୍ଡେକ୍ସ (ସିଏସ୍‌ଆଇ) ରେକର୍ଡ ନିମ୍ନ ସ୍ତରରେ ରହିଛି। ସେହିଭଳି ଫ୍ୟୁଚର ଏକ୍ସପେକ୍ଟେଶନ ଇଣ୍ଡେକ୍ସ (ଏଫ୍‌ଇଆଇ) ଐତିହାସିକ ନିମ୍ନ ସ୍ତରକୁ ଖସିଛି। ଫଳରେ ସ୍ଥିତି ନୈରାଶ୍ୟଜନକ ରହିଥିବା ଆର୍‌ବିଆଇ ଏହାର କଞ୍ଜ୍ୟୁମର କନ୍‌ଫିଡେନ୍ସ ସର୍ଭେରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ଖସିବ। ଆସନ୍ତା ଆର୍ଥିକ ବର୍ଷ ଉନ୍ନତ ସ୍ଥିତିରେ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ୭.୨% ରହିବ ବୋଲି ଆର୍‌ବିଆଇର ପ୍ରଫେସନାଲ ଫୋରକାଷ୍ଟରମାନେପୂର୍ବାନୁମାନକରିଛନ୍ତି।

ରିୟଲ ପ୍ରାଇଭେଟ ଫାଇନାଲ କଞ୍ଜମ୍ପସନ ଏକ୍ସପେଣ୍ଡିଚର(ପିଏଫ୍‌ସିଇ) ୦.୫% ଖସିବା ନେଇ ଆକଳନ କରାଯାଇଛି। ଏହା ୨୦୨୦-୨୧ରେ ୬.୯% ରହିବ ବୋଲି କୁହାଯାଇଛି। ଗ୍ରସ୍ ଫିକ୍ସଡ କ୍ୟାପିଟାଲ ଇନ୍‌ଫରମେଶନ( ଜିଏଫ୍‌ସିଏଫ୍‌ରେ) ନକାରାତ୍ମକ ଅଭିବୃଦ୍ଧି ସହ ୬.୪% ରହିବ। ୨୦୨୧-୨୨ରେ ଏହା ୫.୬% ରହିପାରେ। ରିୟଲ ଗ୍ରସ୍ ଭାଲ୍ୟୁ ଆଡେଡ୍ ୧.୭% ଖସିବ ବୋଲି ଆକଳନ ହୋଇଛି। ୨୦୨୦-୨୧ରେ ଏହା ୬.୮% ରହିପାରେ। ଦେଶର ଆର୍ଥିକ ସ୍ଥିତି, ନିଯୁକ୍ତି ଆଶା ଏବଂ ପାରିପାରିକ ଆୟକୁ ନେଇ ଲୋକଙ୍କ ମଧ୍ୟରେ ନିରାଶା ରହିଛି। ଅସୁବିଧା ସ୍ଥିତି ଲାଗି ରହିବ ବୋଲି ଲୋକମାନେ ଆଶଙ୍କା ରହିଛନ୍ତି। କେବଳ ଅତ୍ୟାବଶ୍ୟକ ଖର୍ଚ୍ଚକୁ ଛାଡି ଦେଲେ ଲୋକମାନେ ଅନ୍ୟ କୌଣସି ଖର୍ଚ୍ଚ କରୁ ନାହାନ୍ତି। ଆସନ୍ତା ବର୍ଷ ସ୍ଥିତରେ ଉନ୍ନତି ଆସିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆର୍‌ବିଆଇର ଏହି ସର୍ଭେରେ ଅହମ୍ମଦାବାଦ, ବାଙ୍ଗାଲୋର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ,ମୁମ୍ବାଇ, ପାଟନା ଭଳି ସହରକୁ ସାମିଲ କରାଯାଇଥିଲା।

## କରୋନା ଯୋଦ୍ଧାଙ୍କୁ ଆର୍‌ଏସ୍‌ପିଏଲ୍‌ର ସମ୍ମାନ




**ନୂଆଦିଲ୍ଲୀ,୫।୬:** କରୋନା ବିରୋଧୀ ଲଢ଼େଇରେ ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ପୋଲିସ ସମେତ ଅନ୍ୟ ଜରୁରୀ ସେବାରେ ଥିବା ବ୍ୟକ୍ତିବିଶେଷ ନିରନ୍ତର ଲଢ଼େଇ ଜାରି ରଖିଛନ୍ତି। ପ୍ରମୁଖ କମ୍ପାନୀ ଆର୍‌ଏସ୍‌ପିଏଲ୍‌ର ପ୍ରୋଇଜ୍ ସାନିଟାରି ନ୍ୟାପ୍‌କିନ ବ୍ରାଣ୍ଡ ମହିଳା କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଛି। ଏହାକୁ ଧ୍ୟାନରେ ରଖି ରୋକୁଛି କିନ୍ତୁ ରହି ଯାଉ ନାହିଁ ନାମରେ ଏକ ଅଭିଯାନ କମ୍ପାନୀ ଆରମ୍ଭ କରିଛି। ଏହି ଉପକ୍ରମ ଅଧୀନରେ ବ୍ରାଣ୍ଡ ମହିଳା କରୋନା ଯୋଦ୍ଧାଙ୍କର ସାହସକୁ ସଲାମ କରିଛି। ସେମାନଙ୍କ ପଦକ୍ଷେପକୁ ସୁଦୃଢ଼ କରିବା ଲାଗି ୧୦ ଲକ୍ଷ ପ୍ରୋଇଜ ସାନିଟାରି ପ୍ୟାଡ୍ ଦେବା ଲାଗି ଏହା ସଂକଳ୍ପ କରିଛି। ଦେଶର ବିଭିନ୍ନ ରାଜ୍ୟରେ ମହିଳା କରୋନା ଯୋଦ୍ଧାଙ୍କୁ ଏହି ସ୍ପେଶାଲ ପ୍ୟାକ୍ସ ଉପହାର ଦେଉଛି। ଏହି ଉପକ୍ରମର ଆରମ୍ଭ କରୋନା ୱାରିୟର୍ସଙ୍କ କାହାଣୀ ବର୍ଣ୍ଣନା କରୁଥିବା ଚଳଚ୍ଚିତ୍ରରୁ କରାଯାଇଛି। ଏଥିରେ ବ୍ରାଣ୍ଡ୍ ଆମ୍ବାସାଡର କ୍ରିତି ସାନନ ରହିଛନ୍ତି।

## ହ୍ୟୁଣ୍ଡାଇର ଟାଇମ ଫର୍ ନେଚର୍



**ନୂଆଦିଲ୍ଲୀ, ୫।୬:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଇମ ଫର୍ ନେଚର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷା ଏବଂ ଜୈବ ବିବିଧତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଡ୍ରାଏ ୱାଶ, ଚାରା ବଣ୍ଟନ ଏବଂ ସ୍ୱଚ୍ଛ ପରିବେଶ ଦିଗରେ ଯୋଗଦାନ ରଖିବାକୁ ଏହି ଅବସରରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କମ୍ପାନୀ ଏହାର ବିଭିନ୍ନ ୟୁନିଟଗୁଡିକରେ ପାଳନ କରିଥିବା ଜଣାପଡିଛି।

## ନାଲ୍‌କୋରେ ବିଶ୍ୱ ପରିବେଶ ଦିବସ



**ଭୁବନେଶ୍ୱର,୫।୬:** ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର କର୍ପୋରେଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପରିବେଶ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ ସହ ନାଲ୍‌କୋର ବିଭିନ୍ନ ପ୍ରକଳ୍ପ ପରିସରଗୁଡିକରେ ଏହି ଅବସରରେ ଚାରାରୋପଣ କରାଯାଇଛି। ସୁନ୍ଦର ଏବଂ ସୁସ୍ଥ ଭବିଷ୍ୟତ ଲାଗି ସମସ୍ତଙ୍କର ଯୋଗଦାନ ଜରୁରୀ ବୋଲି ଅଧ୍ୟକ୍ଷ ପାତ୍ର ଏହି ଅବସରରେ ମତବ୍ୟକ୍ତ କରିଛନ୍ତି। ଏହା ହେଲେ ଆଗାମୀ ପିଢି ପାଇଁ ଏହା ଶ୍ରେଷ୍ଠ ଉପହାର ହୋଇପାରିବ। ଅପରାହ୍ନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସସ୍ମିତା ପାତ୍ରଙ୍କ ନେତୃତ୍ୱରେ ନାଲ୍‌କୋ ମହିଳା ସମିତି ଫଳ ଓ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଅର୍ଚ୍ଚିତା ସାହୁ ଉପସ୍ଥିତ ରହି ପରିବେଶ ଯତ୍ନନେବା ଲାଗି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ଖେଳ ଖବର

## ଟି୧୦ ପ୍ରିମିୟର ଲିଗ୍ ଆୟୋଜନ ଯୋଜନା

ଭୁବନେଶ୍ୱର, ୫।୬ (କ୍ରୀଡ଼ା ପ୍ରତିନିଧି)



ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି ବିଷ୍ଣୁପ୍ରସାଦ ଶତପଥୀ।

କରୋନା ଭାଇରସ ସଂକ୍ରମଣଜନିତ ପ୍ରଭାବରେ ରାଜ୍ୟରେ ସମସ୍ତ ଆଉଟଡୋର କ୍ରୀଡ଼ା ପ୍ରତିଯୋଗିତା ବନ୍ଦ ଥିବାବେଳେ ସ୍ଥାନୀୟ କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଟି୧୦ ପ୍ରିମିୟର ଲିଗ୍ ଆରମ୍ଭ କରାଯିବାକୁ ପଦକ୍ଷେପ ନିଆଯାଇଛି। ସରକାରଙ୍କ ଗାଇଡଲାଇନ୍‌କୁ ପାଳନ ସହ ରାଜ୍ୟସ୍ତରୀୟ ଓଡ଼ିଶା ଟି୧୦ ପ୍ରିମିୟର ଲିଗ୍(ଓଟିପି) ଆୟୋଜନ ପାଇଁ ଏହି କ୍ଲବ ଅଣ୍ଟା ଭିଡିଛି। ଖେଳପଡ଼ିଆକୁ କେବଳ ଖେଳାଳି ଓ ଅଫିସିଆଲଙ୍କୁ ପ୍ରବେଶ ଅନୁମତି ମିଳିବ। ବିନା ଦର୍ଶକରେ ଏହି ପ୍ରତିଯୋଗିତା ଖେଳାଯିବ। ଖେଳାଳି ଓ ଅଫିସିଆଲଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ। ଖେଳ ପରିସର ଭିତରେ ଓ ବାହାରେ ସାନିଟାଇଜର ଷ୍ଟେଶନ ରହିବ। ସାମାଜିକ ଦୂରତ୍ୱ ରକ୍ଷା କରାଯିବା ସହ ସମସ୍ତଙ୍କର ତାପମାତ୍ରା ମପାଯିବ। ଏଥିରେ ଭାଗ ନେବାକୁ ଯାଉଥିବା ସମସ୍ତଙ୍କର କୋଭିଡ ଟେଷ୍ଟ ବାଧ୍ୟତାମୂଳକ ହେବ। ଫଳାଫଳ ନେଗେଟିଭ୍ ଥିବା ପ୍ରତିଯୋଗୀ/ଅଫିସିଆଲଙ୍କୁ ସୁଯୋଗ ମିଳିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବର ସଭାପତି ବିଷ୍ଣୁପ୍ରସାଦ ଶତପଥୀ ଜଣାଇଛନ୍ତି।

ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କେବଳ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ହେବ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀକୁ ମାନି ୬ ଦଳ ପାଇଁ ୧୨୦ ଖେଳାଳି ଚୟନ ହେବେ। ପୂର୍ବ ପ୍ରସ୍ତୁତି ସରିବାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିଲେ ଟୁର୍ନାମେଣ୍ଟ ଆରମ୍ଭ ହେବ। ଖେଳାଳି ଗୁଗଲ ଫର୍ମ https://forms.gls/pxe5bsys7zyjspzk9sରେ କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବର ଫେସ୍‌ବୁକ୍ ପେଜ୍‌କୁ ଯାଇ ଜୁନ ୧୫ ତାରିଖସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ। ୬ଟି ଦଳ ମଧ୍ୟରୁ କେଉଁ ଦଳ ପକ୍ଷରୁ ଖେଳିବାକୁ ଚାହୁଁଛନ୍ତି ଖେଳାଳି ତାହା ଉଲ୍ଲେଖ କରିବେ। ଟୁର୍ନାମେଣ୍ଟରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ଓଡ଼ିଶା ନର୍ଥ, ସାଉଥ, ସେଣ୍ଟ୍ରାଲ, କ୍ୟାପିଟାଲ ଓଡ଼ିଶା, ୱେଷ୍ଟ ଓଡ଼ିଶା ଓ ଇଷ୍ଟ ଓଡ଼ିଶା। ମ୍ୟାଚଗୁଡ଼ିକ ଭୁବନେଶ୍ୱରର ଆଖପାଖ ଗ୍ରାଉଣ୍ଡରେ ଆୟୋଜନ କରାଯିବ। ଅନ୍‌ଲାଇନ୍‌ରେ ସବୁ ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ କରିବା ପାଇଁ ପ୍ରୟାସ ରହିଛି ବୋଲି ସେ କହିଛନ୍ତି। କରୋନା ସହ ଆମକୁ ବଞ୍ଚିବାକୁ ହେବ ଏବଂ ଦୃଢ଼ ସଂକଳ୍ପ ସହ ଆଗକୁ ବଢ଼ିବାକୁ ହେବ। ଭାରତରେ ଖେଳ ଗତିବିଧି ଆରମ୍ଭ କରିବାରେ ଓଡ଼ିଶାକୁ ପ୍ରଥମ ରାଜ୍ୟଭାବେ ପରିଗଣିତ କରିବା ଆମର ଲକ୍ଷ୍ୟ ବୋଲି ବିଷ୍ଣୁ ପ୍ରକାଶ କରିଛନ୍ତି।

## ଟପ୍-୧୦ ଆୟକାରୀ ତାଲିକାରେ କୋହଲି

**ଲଣ୍ଡନ, ୫।୬ (ପି.ଟି.):** କୋଭିଡ୍-୧୯ କାରଣରୁ ଲକ୍‌ଡାଉନ୍ ସମୟରେ ଜଣାଶୁଣା ସୋସିଆଲ ମିଡିଆ 'ଇନ୍‌ଷ୍ଟାଗ୍ରାମ୍'ରେ ପୋଷ୍ଟ କରି ଭାରତୀୟ ଅଧିନାୟକ ବିରାଟ କୋହଲି ଘରେ ବସି କୋଟି କୋଟି ଟଙ୍କା ଆୟ କରିଛନ୍ତି। ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କୋହଲି ବିଶ୍ୱରେ ଶ୍ରେଷ୍ଠ ଆୟକାରୀ ଆଥଲେଟଙ୍କ ତାଲିକାରେ ଟପ୍ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। କୋହଲି ଷଷ୍ଠ ସ୍ଥାନରେ ରହି ଏକମାତ୍ର କ୍ରିକେଟର ଭାବେ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଛନ୍ତି।

ମାର୍ଚ୍ଚ ୧୨ରୁ ମେ ୧୪ ତାରିଖ ମଧ୍ୟରେ କୋହଲି ଘରେ ବସି ପ୍ରାୟୋଜିତ ପୋଷ୍ଟ ମାଧ୍ୟମରେ ୩, ୭୯, ୨୯୪ ପାଉଣ୍ଡ ବା ୩.୬ କୋଟି ଟଙ୍କା ଆୟ କରିଛନ୍ତି। ୩ଟି ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ସେ ଏହି ଅର୍ଥ ଆମଦାନୀ କରିଛନ୍ତି। ପ୍ରତି ପୋଷ୍ଟରେ ତାଙ୍କୁ ୧.୨ କୋଟି ଟଙ୍କା ମିଳିଥିଲା। ଇନ୍‌ଷ୍ଟାଗ୍ରାମ୍‌ରେ କୋହଲିଙ୍କର ୬.୨ କୋଟି ଫଲୋଅର ରହିଛନ୍ତି।

ଏହି ତାଲିକାରେ ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ପାଖାପାଖି ୧୭.୯ କୋଟି ଟଙ୍କା ଆୟ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ରୋନାଲ୍ଡୋଙ୍କ ୨୨ କୋଟି ଫଲୋଅର ଅଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ସେ ବିଶ୍ୱର ୧ ନମ୍ବର ଲୋକପ୍ରିୟ ବ୍ୟକ୍ତି। ସେହିପରି ଏହି ତାଲିକାରେ ଆର୍ଜେଣ୍ଟିନା ଫୁଟବଲ ତାରକା ମେସି ଦ୍ୱିତୀୟ ଓ ବ୍ରାଜିଲ ଫୁଟବଲର ନେମାର ତୃତୀୟ ସ୍ଥାନରେ ରହିଛନ୍ତି।

**୫୧ତମ ବିବାହବାର୍ଷିକୀ ଶୁଭେଚ୍ଛା**



ପ୍ରଫୁଲ୍ଲ କୁମାର ମହାନ୍ତି
ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି
ଟିକରପଡ଼ା, ମହାନ୍ତି ସାହି, ପୁରୀ-୨
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବନ୍ଧୁ ଏବଂ ପରିବାରବର୍ଗ।
ଧ-୬୯୦୧୮

## କ୍ଷମା ମାଗିଲେ ଯୁବରାଜ

**ନୂଆଦିଲ୍ଲୀ,୫।୬(ପି.ଟି.):** ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇ ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂ କ୍ଷମା ମାଗିଛନ୍ତି। ଅଜାଣତରେ ଏଭଳି ମନ୍ତବ୍ୟ ଦେଇ ଜନତାଙ୍କ ମନରେ ଆଘାତ ଦେଇଥିଲି ବୋଲି ସେ କହିଛନ୍ତି। ତାରକା ଓପନର ରୋହିତ ଶର୍ମାଙ୍କ ସହ ଲାଇଭ୍ ସେସନ୍‌ରେ ଭାଗନେବା ବେଳେ ସେ ଚହଲଙ୍କ ବିଷୟରେ ଅପମାନ ଜନକ ଶବ୍ଦ ବ୍ୟବହାର କରିଥିଲେ।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଽ ଶହୀଦ ସଂଗ୍ରାମ କେଶରୀ ମାଝୀ (ଚିନ୍ତୁ)
ଆବିର୍ଭାବ: ୦୭।୧୧।୧୯୮୨
ତିରୋଧାନ: ୧୨।୦୬।୨୦୦୬
(ଆଷାଢ଼ କୃଷ୍ଣ ପ୍ରତିପଦା)

ଚିନ୍ତୁ,
ଚାହୁଁ ଚାହୁଁ ଚଉଦ ବର୍ଷ ବିତିଗଲା, ସବୁ କାଲିପରି ଲାଗୁଛି, ପ୍ରତିଟି ମୁହୂର୍ତ୍ତ ତୋର ସ୍ମୃତି ଆଖିରେ ଲୁହ ଏବଂ ଛାତିରେ କୋହ ଭରି ଦେଉଛି। ଏ ମନ ସବୁବେଳେ ଖୋଜୁଛି। ତୋର ଆତ୍ମାର ଶାନ୍ତି ପାଇଁ ଈଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା।
ତୋର ମାମା, ବାବା, ରିନ୍ତୁ, ମୁନ୍ତୁ ଏବଂ ପରିବାରବର୍ଗ।
ଧ-୧୭୪୪୪

## ଆଣ୍ଟୋନି, ମେହେରଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି


ସୌରଭ ମେହେର


ହେଣ୍ଡ୍ରି ଆଣ୍ଟୋନି

ଭୁବନେଶ୍ୱର, ୫।୬(କ୍ରୀଡ଼ା ପ୍ରତିନିଧି)

ହିରୋ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ୭ମ ସଂସ୍କରଣ ପୂର୍ବରୁ ଦୁଇ ଯୁବ ଡିଫେଣ୍ଡର ହେଣ୍ଡ୍ରି ଆଣ୍ଟୋନି ଓ ସୌରଭ ମେହେରଙ୍କ ସହ ଚୁକ୍ତି କରିଛି ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି। ଗତ ଆଇ-ଲିଗ୍ ସିଜନରେ ଉଭୟ ଆଣ୍ଟୋନି ଓ ମେହେର ଇଣ୍ଡିଆନ ଆରୋଜ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। କ୍ୟାରିୟର ପ୍ରାରମ୍ଭରେ ସେମାନେ ଚେନ୍ନାଇନ୍ ଏଫସି ଦଳର ମଧ୍ୟ ସଦସ୍ୟ ଥିଲେ। ୨୦ ବର୍ଷୀୟ ରାଇଟ୍-ବ୍ୟାକ୍ ଆଣ୍ଟୋନି ୨୦୧୭ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପରେ ଭାରତ ପକ୍ଷରୁ ଖେଳିଥିଲେ। ସେହିପରି ସେଣ୍ଟର ବ୍ୟାକ୍ ମେହେରା ମଧ୍ୟ ଭାରତ ବିପକ୍ଷରୁ ଏଜ୍-ଗ୍ରୁପ ପ୍ରତିଯୋଗିତା ଗୁଡ଼ିକରେ ଖେଳିଥିଲେ। ଉଭୟ ଖେଳାଳିଙ୍କୁ ଓଡ଼ିଶା ଏଫସିକୁ ସ୍ୱାଗତ କରିଛନ୍ତି ଓଏଫସି କ୍ଲବ ସଭାପତି ରୋହନ ଶର୍ମା। ଆଣ୍ଟୋନି କହିଛନ୍ତି ଯେ, ମୋତେ ନେବାପାଇଁ ଆଉ କେତେକ କ୍ଲବ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଓଡ଼ିଶା ଏଫସି ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ଦେଉଥିବାରୁ ମୁଁ ଏହାସହ ଚୁକ୍ତିବଦ୍ଧ ହେବାକୁ ନିଷ୍ପତ୍ତି ନେଲି। ମୁଁ ଶିଘ୍ର କ୍ଲବର ଅନ୍ୟ ସଦସ୍ୟଙ୍କୁ ଭେଟିବାକୁ ବ୍ୟଗ୍ର ଏବଂ ଆଗାମୀ ଆଇଏସଏଲ ସିଜନରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରତିଶ୍ରୁତିବଦ୍ଧ''। ସେହିପରି ''ଓଡ଼ିଶା ଏଫସିରୁ ଆଗାମୀ ସିଜନରେ ଆଇଏସଏଲ ଖେଳିବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ଓଡ଼ିଶା ଏଫସିକୁ ଭୁବନେଶ୍ୱରରେ ବହୁତ ସମର୍ଥନ ମିଳିଥାଏ। ସେଠାରେ ଖେଳିବାକୁ ମୁଁ ଆଗ୍ରହର ସହ ଅପେକ୍ଷା କରିଛି'' ବୋଲି ମେହେର ପ୍ରକାଶ କରିଛନ୍ତି।

## ଡୋପିଂ ମାମଲାରେ ନାସେର ସସ୍‌ପେଣ୍ଡ




**ମୋନାକୋ, ୫।୬ (ଏପି):** ଡୋପ୍ ଟେଷ୍ଟ ପାଇଁ ଉପସ୍ଥିତ ନ ରହିବାରୁ ମହିଳା ୪୦୦ ମିଟର ବିଶ୍ୱ ଚାମ୍ପିୟନ ସାଲୱା ଇଦ୍ ନାସେରଙ୍କୁ ଶୁକ୍ରବାର ସାମୟିକ ସସ୍‌ପେଣ୍ଡ କରାଯାଇଛି। ବାହାରିନ୍‌ର ଏହି ସ୍ପ୍ରିଣ୍ଟର ହୋୟାରଏବାଉଟ୍ସ ନିୟମ ଉଲ୍ଲଂଘନ କରିଛନ୍ତି। ନାସେରଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଯଦି ପ୍ରମାଣିତ ହୁଏ ତେବେ ସେ ଆସନ୍ତା ବର୍ଷ ହେବାକୁଥିବା ଅଲିମ୍ପିକ୍ସରେ ଭାଗନେଇ ପାରିବେ ନାହିଁ। ନାସେର ଗତ ଅକ୍ଟୋବରରେ ୪୮.୧୪ ସେକେଣ୍ଡ ଟାଇମିଂରେ ବିଶ୍ୱ ଟାଇଟଲ ଜିତିଥିଲେ। ୧୯୮୫ପରଠାରୁ କୌଣସି ମହିଳା ଆଥଲେଟ୍‌ଙ୍କ ପକ୍ଷେ ଏହା ହେଉଛି ସବୁଠାରୁ ଦ୍ରୁତତମ ସମୟ। ଆଥଲେଟମାନେ ସେମାନଙ୍କ ଅବସ୍ଥିତି ସମ୍ପର୍କରେ ନିୟମିତ ଅବଗତ କରାଇବା ଆବଶ୍ୟକ ଏହାଦ୍ୱାରା ଡୋପିଂ ନିବାରଣ କର୍ତ୍ତୃପକ୍ଷ ପ୍ରତିଯୋଗିତା ବାହାରେ ଆକସ୍ମିକ ଡୋପ୍ ଟେଷ୍ଟ କରାଇ ପାରିବେ। ସୂଚନାଯୋଗ୍ୟ, ଇପିଓ ପାଇଁ ଅଲିମ୍ପିକ ଷ୍ଟିପଲଚେଜ୍ ଚାମ୍ପିୟନ ରୁଥ୍ ଜେବେଟ୍ ଗତ ମାର୍ଚ୍ଚ ମାସରେ ୪ ବର୍ଷ ପାଇଁ ବାସନ୍ଦ ହୋଇଛନ୍ତି। ଅଲିମ୍ପିକ ରନର୍ସଅପ୍ ଇୟୁନିସ୍ କିରୱା ଗତ ବର୍ଷ ୪ ବର୍ଷ ପାଇଁ ବାସନ୍ଦ ହୋଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ